ଉନତ୍ରିଂଶ ବର୍ଷ
ସଂଖ୍ୟା : ୨୮୬
ତିଥି : ଚତୁର୍ଦ୍ଦଶୀ
୨୩ ଜୁଲାଇ ୨୦୨୫, ବୁଧବାର
ସମ୍ବଲପୁର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

# ସମୟ


ସମୟ SAMAYA

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Bhubaneswar | Balasore | Angul | Berhampur | Sambalpur

Vol. - XXIX, No. 286
23 July 2025, Wednesday
Sambalpur
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

# ଧନଖଡଙ୍କ ଅଚାନକ ଇସ୍ତଫା ପଛରେ ଅନେକ ରହସ୍ୟ !



- ଅପରାହ୍ନ ୧ଟାରୁ ୪.୩୦ ମଧ୍ୟରେ କ'ଣ ଘଟିଲା ?
- କଂଗ୍ରେସର ଅଭିଯୋଗ, ପରଦା ପଛରେ ଅନେକ ରହସ୍ୟ
- ଧନଖଡଙ୍କ ଉତ୍ତମ ସ୍ୱାସ୍ଥ୍ୟ କାମନା କଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ, ୨୨।୭ : ଉପ-ରାଷ୍ଟ୍ରପତି ପଦରୁ କାର୍ଯ୍ୟକାଳ ସରିବା ପୂର୍ବରୁ ଜଗଦୀପ ଧନଖଡଙ୍କ ଇସ୍ତଫାକୁ ନେଇ ଏବେ ନାନା ଗୁଞ୍ଜରଣ ଦେଖିବାକୁ ମିଳୁଛି। ୧୦ ଦିନ ତଳେ ୭୪ ବର୍ଷୀୟ ଧନଖଡ କହିଥିଲେ ଯେ ସେ ଠିକ୍ ସମୟ ଅର୍ଥାତ୍ ୨୦୨୭ ଅଗଷ୍ଟରେ ଅବସର ନେବେ । ହେଲେ ୧୦ ଦିନ ପରେ ଅଚାନକ ଢ଼ଙ୍ଗରେ ସେ ଇସ୍ତଫା ଦେଇଛନ୍ତି। ଯାହା ସମସ୍ତଙ୍କୁ ଚକିତ କରିଛି।

ସୋମବାର ମୌସୁମୀ ଅଧିବେଶନ ଆରମ୍ଭ ହେବାମାତ୍ରେ ବିରୋଧୀମାନେ ବିଚାରପତିଙ୍କୁ ବହିସ୍କାର କରିବା ପାଇଁ ପ୍ରସ୍ତାବ ଆଗତ କରିଥିଲେ। ଉକ୍ତ ବିଚାରପତିଙ୍କ ଘରୁ ପୁଳା ପୁଳା ନଗଦ ଟଙ୍କା ଜବତ ହୋଇଥିଲା। ବିରୋଧୀଙ୍କ ଏହି ପ୍ରସ୍ତାବକୁ ଧନଖଡ ଗ୍ରହଣ କରିନେଇଥିଲେ। ଏ ସମ୍ପର୍କରେ ସରକାରଙ୍କୁ ସେ ସୂଚନା ଦେଇନଥିବା କୁହାଯାଉଛି। ଜଷ୍ଟିସ୍ ଯଶୱନ୍ତ ବର୍ମାଙ୍କ ବିରୋଧରେ ଆସିଥିବା ମହାଅଭିଯୋଗ ପ୍ରସ୍ତାବରେ କେବଳ ବିରୋଧୀ ଦଳର ସାଂସଦମାନଙ୍କର ସ୍ୱାକ୍ଷର ଥିଲା। ରାଜ୍ୟସଭା ଅଧ୍ୟକ୍ଷ ଭାବେ ଧନଖଡ ଏହାକୁ ଗ୍ରହଣ କରିନେଇଥିଲେ। ମାତ୍ର ସେ ଏ ସମ୍ପର୍କରେ ଶାସକ ଦଳକୁ ସୂଚନା ଦେଇନଥିଲେ। କିଛିଦିନ ପୂର୍ବରୁ ବିରୋଧୀ ଦଳ ମଧ୍ୟ ଶ୍ରୀ ଧନଖଡଙ୍କ ବିରୋଧରେ ମହାଅଭିଯୋଗ ପ୍ରସ୍ତାବ ଆଣିଥିଲେ। ଏବେ ତାଙ୍କ ଇସ୍ତଫା ପରେ ବିରୋଧୀ ତାଙ୍କୁ ସମର୍ଥନ କରିବା ନେଇ ସମସ୍ତଙ୍କୁ ଆଶ୍ଚର୍ଯ୍ୟ ଚକିତ କରିଛି। କଂଗ୍ରେସ ପକ୍ଷରେ କୁହାଯାଇଛି ଯେ ପରଦା ପଛରେ ଅନେକ କାରଣ ରହିଛି। କଂଗ୍ରେସ ମହାସଚିବ ଜୟରାମ ରମେଶ ଇସ୍ତଫା ଉପରେ ପ୍ରଶ୍ନ ଉଠାଇ କହିଛନ୍ତି ଯେ ସୋମବାର କାର୍ଯ୍ୟ ପରାମର୍ଶଦାତା କମିଟି ବୈଠକରେ ଶ୍ରୀ ଧନଖଡ ଅଧ୍ୟକ୍ଷତା କରିଥାନ୍ତେ। ମାତ୍ର ଏହି ବୈଠକକୁ ଜେପି ନଡ୍ଡା ଓ କିରଣ ରିଜୁ ଆସିନଥିଲେ । ସବୁଠୁ ଆଶ୍ଚର୍ଯ୍ୟ କଥା ହେଉଛି ଉଭୟ ମନ୍ତ୍ରୀ ବୈଠକକୁ ଆସିବେ ନାହିଁ ବୋଲି ପୂର୍ବତନ ଉପ-ରାଷ୍ଟ୍ରପତି (୯ ପୃଷ୍ଠାରେ)

### ଦୁର୍ନୀତି ବିରୋଧରେ ମୁଖ୍ୟମନ୍ତ୍ରୀଙ୍କ କଡ଼ା ଆଭିମୁଖ୍ୟ

# ଦିନକରେ ଦୁଇ ଜଣ ଚାକିରିରୁ ବହିଷ୍କୃତ



ଭୁବନେଶ୍ୱର, ୨୨।୪ (ସବ୍ୟୁ) : ଦୁର୍ନୀତି ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଅନୁଗୋଳ ଜିଲ୍ଲା କଣିହା ବ୍ଲକର ପୂର୍ବତନ ଯୋଗାଣ ନିରୀକ୍ଷକ ବବିଲତା ବେହେରାଙ୍କୁ ଚାକିରୀରୁ ବହିଷ୍କାର କରିଛନ୍ତି । ବବିଲତା ବର୍ତ୍ତମାନ ବାରିପଦା ଜିଲ୍ଲା ଯୋଗାଣ ଅଧିକାରୀଙ୍କ କାର୍ଯ୍ୟାଳୟରେ ଯୋଗାଣ ନିରୀକ୍ଷକ ଭାବେ କାର୍ଯ୍ୟରତ ଅଛନ୍ତି।

ସୂଚନାଯୋଗ୍ୟ ଯେ, କଣିହା ବ୍ଲକରେ କାର୍ଯ୍ୟରତ ଥିବାବେଳେ ଲାଞ୍ଚ ଗ୍ରହଣ କରିଥିବା ଅଭିଯୋଗରେ ଅନୁଗୋଳ ଜିଲ୍ଲା ଭିଜିଲାନ୍ସ ପକ୍ଷରୁ ତାଙ୍କ ବିରୁଦ୍ଧରେ କେଶ୍ ରୁଜୁ ହୋଇଥିଲା । ନିକଟରେ ଅନୁଗୋଳ ଭିଜିଲାନ୍ସ ସ୍ପେସାଲ ଜଜ୍ ତାଙ୍କୁ ଦୋଷୀ ସାବ୍ୟସ୍ତ କରି ଦଣ୍ଡ ବିଧାନ କରିଛନ୍ତି ।

ଦୁର୍ନୀତି ବିରୁଦ୍ଧରେ ଶୂନ୍ୟ ସହନଶୀଳତା ନୀତି ଅବଲମ୍ବନ କରୁଥିବା ମୁଖ୍ୟମନ୍ତ୍ରୀ ଏ ବିଷୟରେ ଅବଗତ ହେବା ପରେ ବବିତା ବେହେରାଙ୍କୁ ତୁରନ୍ତ ଚାକିରୀରୁ ବହିଷ୍କାର କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନାଯୋଗ୍ୟ ଯେ, ଆଜି ଗୋଟିଏ ଦିନରେ ମୁଖ୍ୟମନ୍ତ୍ରୀ ଦୁଇ ଦୁଇ ଜଣ ଦୁର୍ନୀତି (୯ ପୃଷ୍ଠାରେ)

### ସଂଶୋଧିତ ଭୋଟର ତାଲିକା ପ୍ରସଙ୍ଗରେ ବିରୋଧୀଙ୍କ ହଟ୍ଟଗୋଳ

# ଚାଲିପାରିଲାନି ଉଭୟ ଗୃହ

ନୂଆଦିଲ୍ଲୀ, ୨୨।୭ : ସଂସଦରେ ଆରମ୍ଭ ହୋଇଥିବା ମୌସୁମୀ ଅଧିବେଶନର ଦ୍ୱିତୀୟ ଦିନରେ ଉଭୟ ଗୃହ ଅଚଳ ହୋଇଛି। ବିହାରରେ ଚାଲିଥିବା ଭୋଟର ତାଲିକା ସଂଶୋଧନକୁ ନେଇ ବିରୋଧୀ ସଦସ୍ୟମାନେ ପ୍ରତିବାଦ କରିଥିଲେ। କେନ୍ଦ୍ରମନ୍ତ୍ରୀ କିରଣ ରିଜୁ କହିଥିଲେ ଯେ ବିରୋଧୀମାନେ ଦ୍ୱୈତ୍ୟ ଭୂମିକା ଗ୍ରହଣ କରୁଛନ୍ତି। ସଂସଦର ଉଭୟ ଗୃହକୁ ଆଜି ବିରୋଧୀ ମେଣ୍ଟ ଇଣ୍ଡିଆ ବ୍ଲକର ବିରୋଧ ଯୋଗୁ ବନ୍ଦ କରାଯାଇଛି। ବିରୋଧୀ ସଦସ୍ୟମାନେ ସ୍ଲୋଗାନ ଦେବା ସହ ପ୍ଲାକାର୍ଡ ପ୍ରଦର୍ଶନ କରିଥିଲେ। ବିହାର ପ୍ରସଙ୍ଗ ସହ ଅପରେସନ୍ ସିନ୍ଦୂର ସହ ମଧ୍ୟ ଆଲୋଚନା ପାଇଁ ଦାବି କରିଥିଲେ । ଉଭୟ ଗୃହକୁ ଆସନ୍ତାକାଲି ପୂର୍ବାହ୍ନ ୧୧ଟା ଯାଏ ମୁଲତବୀ କରାଯାଇଛି।




କେନ୍ଦ୍ରମନ୍ତ୍ରୀ କିରଣ ରିଜୁ ବିରୋଧୀଙ୍କର ଏହି ଭୂମିକାକୁ ସମାଲୋଚନା କରିଛନ୍ତି। ବିରୋଧୀ ଯାହା ଦାବି କରୁଛନ୍ତି ତାହାର ଆଲୋଚନା ପାଇଁ ସରକାର ରାଜି ଅଛନ୍ତି। ତେବେ କାହିଁକି ସେମାନେ ଗୃହ କାର୍ଯ୍ୟ ଚଳାଇବାକୁ ଦେଉନାହାନ୍ତି। ଏହା ସେମାନଙ୍କର ଦୋମୁହାଁ ନୀତି। ଯଦି ସେମାନେ ଆଲୋଚନା ଚାହୁଁଛନ୍ତି ତେବେ ହଟ୍ଟଗୋଳ ବନ୍ଦ କରନ୍ତୁ। ସରକାର ଆଲୋଚନା ପାଇଁ ପ୍ରସ୍ତୁତ ଥିବା କହିଛନ୍ତି। ଆମେ ଜନସାଧାରଣଙ୍କ ଟଙ୍କାକୁ ଅପଚୟ କରୁଛୁ। ବିରୋଧୀଙ୍କ ପକ୍ଷରୁ ଗୃହର ମଧ୍ୟଭାଗରେ ଆଜି ବିଦ୍ରୋହ ପ୍ରଦର୍ଶନ (୯ ପୃଷ୍ଠାରେ)

### ଏନ୍ଏଚ୍ଆରସିଙ୍କ ଦୁଇଦିନିଆ ଜନଶୁଣାଣି

# ୧୪୪ ମାମଲାରେ ୨୮ ଲକ୍ଷ କ୍ଷତିପୂରଣ ସୁପାରିସ




ଭୁବନେଶ୍ୱର, ୨୨।୭ (ସବ୍ୟୁ): ଭୁବନେଶ୍ୱରରେ ଆଜି ଜାତୀୟ ମାନବାଧିକାର ଆୟୋଗ (ଏନଏଚଆରସି)ଙ୍କ ଜନଶୁଣାଣି ଶିବିର ଉଦଯାପିତ ହୋଇଯାଇଛି। ମାନବାଧିକାର ଆୟୋଗ ଏହି ଶିବିରରେ ହାଜତ ମୃତ୍ୟୁ, ସରକାରୀ ଆଶ୍ରୟ ଗୃହରେ ମୃତ୍ୟୁ, ଡାକ୍ତରଖାନାରେ ଅଗ୍ନିକାଣ୍ଡ ଯୋଗୁଁ ଶିଶୁ ମୃତ୍ୟୁ, ବୁଡ଼ି ଜନିତ ମୃତ୍ୟୁ, ବୁଲା କୁକୁର କାମୁଡ଼ା, ଶିଶୁ ଚାଲାଣ, ମୌଳିକ ମାନବିକ ସୁବିଧାରୁ ବଞ୍ଚିତ ହେବା ମାମଲା, ନାବାଳିକା ଦୁଷ୍କର୍ମ, ଅପରାଧ ସମେତ ନାରୀ ନିର୍ଯାତନା, ନିଖୋଜ ବ୍ୟକ୍ତିଙ୍କ ମାମଲା, ପୁଲିସ ଅତ୍ୟାଚାର, ଆତ୍ମହତ୍ୟା ମୃତ୍ୟୁ, ପୁଲିସ ଦ୍ୱାରା ଏଫଆଇଆର ପଞ୍ଜିକରଣ ନକରିବା, ବିଦ୍ୟୁତ ଆଘାତ ମାମଲା ଇତ୍ୟାଦି ବିଭିନ୍ନ ମାମଲାର ବିଚାର କରିଥିଲେ । ଦୁଇ ଦିନରେ ମୋଟ୍ ୧୪୪ଟି ମାମଲାର ଶୁଣାଣି କରାଯିବା ସହିତ ରାଜ୍ୟରେ ମାନବାଧିକାର ଉଲ୍ଲଂଘନ ପୀଡ଼ିତମାନଙ୍କୁ ୨୮ ଲକ୍ଷ ଟଙ୍କାର ସହାୟତା ପ୍ରଦାନ ନିମନ୍ତେ ସୁପାରିସ କରାଯାଇଛି ବୋଲି ଶିବିରରେ ଜାତୀୟ ମାନବାଧିକାର ଆୟୋଗ (ଏନଏଚଆରସି) ଅଧ୍ୟକ୍ଷ ନ୍ୟାୟମୂର୍ତ୍ତି ଭି. ରାମସୁବ୍ରମଣ୍ୟମ କହିଛନ୍ତି ।

ଶିବିରରେ ଜାତୀୟ ମାନବାଧିକାର ଆୟୋଗ (ଏନଏଚଆରସି) ଅଧ୍ୟକ୍ଷ ନ୍ୟାୟମୂର୍ତ୍ତି ଭି. ରାମସୁବ୍ରମଣ୍ୟମ୍‌ଙ୍କ ସମେତ ସଦସ୍ୟ ନ୍ୟାୟମୂର୍ତ୍ତି (ଡକଟର) ବିଦ୍ୟୁତ ରଞ୍ଜନ ଷଡ଼ଙ୍ଗୀ ଏବଂ ଶ୍ରୀମତୀ ବିଜୟା ଭାରତୀ ସାୟାନି ମାମଲାଗୁଡ଼ିକର ଶୁଣାଣି କରିଥିଲେ । ଏହି ଅବସରରେ ମହାସଚିବ ଭରତ ଲାଲ, ରେଜିଷ୍ଟ୍ରାର (ଆଇନ) ଯୋଗିନ୍ଦର ସିଂହଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀ, ରାଜ୍ୟ ସରକାରଙ୍କ ସମ୍ପୃକ୍ତ ଅଧିକାରୀ ଏବଂ ଅଭିଯୋଗକାରୀ ଉପସ୍ଥିତ ଥିଲେ ।

ଆୟୋଜିତ ସମ୍ବାଦିକ ସମ୍ମିଳନୀରେ ଏନଏଚଆରସି ଅଧ୍ୟକ୍ଷ ରାମସୁବ୍ରମଣ୍ୟମ କହିଥିଲେ। ଅଭିଯୋଗକାରୀ (୯ ପୃଷ୍ଠାରେ)

- କ୍ଷତିପୂରଣ ଯୋଜନା ଅଧୀନରେ ୨୫ ମାମଲାରେ ୧ କୋଟି ଦିଆଗଲା
- ଆୟୋଗ ମୁଖ୍ୟ ସଚିବ, ପୁଲିସ୍ ଡିଜିଙ୍କ ପ୍ରୟାସକୁ କଲେ ପ୍ରଶଂସା
- ଆୟୋଗଙ୍କ ସହିତ ଏନ୍‌ଜିଓ, ମାନବାଧିକାର କର୍ମୀଙ୍କ ଆଲୋଚନା
- ମାନବାଧିକାରୀ କର୍ମୀଙ୍କୁ କ୍ଷେତ୍ରସ୍ତରରେ ସୁରକ୍ଷା ଦେବାକୁ ଦେଲେ ପ୍ରସ୍ତାବ

# ରାଜ୍ୟରେ ୪୦ ଆକାଂକ୍ଷୀ ବ୍ଲକ୍

ଭୁବନେଶ୍ୱର, ୨୨।୭ (ସବ୍ୟୁ) : ଓଡ଼ିଶାର ୧୧ଟି ନୂଆ ବ୍ଲକ ନୀତି ଆୟୋଗ ଦ୍ୱାରା ଆକାଂକ୍ଷୀ ବ୍ଲକ ଯୋଜନାରେ ସାମିଲ ହୋଇଛି। କେନ୍ଦୁଝର ଜିଲ୍ଲାର ୫ଟି ବ୍ଲକ ଓ ମୟୂରଭଞ୍ଜ ଜିଲ୍ଲାର ୬ଟି ନୂଆ ବ୍ଲକ ସାମିଲ ହୋଇଛି। ଏହାଦ୍ୱାରା ବର୍ତ୍ତମାନ ଓଡ଼ିଶାର ସମୁଦାୟ ୪୦ଟି ବ୍ଲକ ଆକାଂକ୍ଷୀ ବ୍ଲକ ରେ ପରିଣତ ହୋଇଛି ।

ସୂଚନାଯୋଗ୍ୟ ଯେ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ବ୍ଲକ ଗୁଡ଼ିକୁ (୯ ପୃଷ୍ଠାରେ)

### ଆଇଏଏସ୍ ସ୍ତରରେ ବଡ ଧରଣର ଅଦଳବଦଳ

# ୪୮ ଆଇଏଏସ୍‌ଙ୍କ ବଦଳି

- ହେମନ୍ତ ଶର୍ମା ଆଇ ଆଣ୍ଡ ପିଆର୍ ଏସିଏସ୍
- ଚଞ୍ଚଳ ରାଣା ବିଏମ୍‌ସି କମିଶନର
- ୧୨ ଜିଲ୍ଲାର ଜିଲ୍ଲାପାଳ ବଦଳିଲେ

ଭୁବନେଶ୍ୱର, ୨୨।୭ (ସବ୍ୟୁ) : ରାଜ୍ୟ ସରକାର ଆଇଏଏସ୍ ସ୍ତରରେ ବଡ ଧରଣର ଅଦଳବଦଳ କରିଛନ୍ତି। ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଏନେଇ ବିଜ୍ଞପ୍ତି ପ୍ରକାଶ ପାଇଛି। ଶିଳ୍ପ ବିଭାଗର ଏସିଏସ୍ ହେମନ୍ତ ଶର୍ମାଙ୍କୁ ସୂଚନା ଓ ଲୋକସମ୍ପର୍କ ବିଭାଗ ଏସିଏସ୍ ଭାବେ ନିଯୁକ୍ତି ଦିଆଯାଇଥିଲାବେଳେ ସଞ୍ଜୀବ କୁମାର ମିଶ୍ରଙ୍କୁ ଅର୍ଥ ବିଭାଗର ପ୍ରମୁଖ ସଚିବ ଭାବେ ନିଯୁକ୍ତି ପାଇଛନ୍ତି।

ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ଏନବିଏସ୍ ରାଜପୁତଙ୍କୁ ସାଧାରଣ ଉଦ୍ୟୋଗ ବିଭାଗର ପ୍ରମୁଖ ସଚିବ ଭାବେ ନିଯୁକ୍ତି ଦିଆଯାଇଥିବାବେଳେ ଭାସ୍କର ଜ୍ୟୋତି ଶର୍ମାଙ୍କୁ ଅବକାରୀ ବିଭାଗର ପ୍ରମୁଖ ସଚିବ ଭାବେ ବଦଳି କରାଯାଇଛି। ରୂପା ରୋଶନ ସାହୁଙ୍କୁ ରାଜ୍ୟପାଳଙ୍କ କମିଶନର ତଥା ସଚିବ ଭାବେ ନିଯୁକ୍ତି ଦିଆଯାଇଥିବାବେଳେ ସଚିବ ରାମଚନ୍ଦ୍ର ଯାଦବଙ୍କୁ କ୍ରୀଡା ଯୁବସେବା ବିଭାଗ କମିଶନ ତଥା ସଚିବ, ଭୁପିନ୍ଦର ସିଂହ ପୁନିଆଙ୍କୁ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ସଚିବ, ବି. ପରମେଶ୍ୱରମଙ୍କୁ ଏସଟି / ଏସସି ବିଭାଗର କମିଶନର ତଥା ସଚିବ, ଗୁହା ପୁନମ ତାପସକୁମାରଙ୍କୁ କେନ୍ଦ୍ରାଞ୍ଚଳ ଆରଡିସି ଭାପେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। (୯ ପୃଷ୍ଠାରେ)

### ଏନ୍‌ସିଇଆର୍‌ଟି ପାଠ୍ୟ ପୁସ୍ତକରୁ ପାଇକ ବିଦ୍ରୋହ ବାଦ୍ ପଡ଼ିବା ପ୍ରସଙ୍ଗ

# ଉଦ୍‌ବେଗ ପ୍ରକାଶ କଲେ ନବୀନ



ଭୁବନେଶ୍ୱର, ୨୨।୭ : ଏନସିଇଆରଟି ପାଠ୍ୟ ପୁସ୍ତକରେ ଓଡ଼ିଶାର ୧୮୧୭ ମସିହାର ପାଇକ ବିଦ୍ରୋହକୁ ବାଦ୍ ଦେବା ଘଟଣାକୁ ନେଇ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଗଭୀର ଚିନ୍ତା ପ୍ରକଟ କରିଛନ୍ତି। ସେ ଉଲ୍ଲେଖ କରିଛନ୍ତି ଯେ ପାଇକ ବିଦ୍ରୋହ ହେଉଛି ଓଡ଼ିଶା ଇତିହାସରେ ପ୍ରଥମ ବ୍ରିଟିଶ ସାମ୍ରାଜ୍ୟ ବିରୋଧରେ ବିଦ୍ରୋହ। ଏଥିରେ ଓଡ଼ିଶାର ପାଇକମାନେ ଅସମ୍ଭବ ସାହସ ଦେଖାଇ ବ୍ରିଟିଶ୍ ସରକାରକୁ ବିରୋଧ କରିବତଲେ ଓ ସେ ୧୮୧୭ ମସିହାରେ ଫେରି ଯାଇଥିଲେ। ତେଣୁ କେନ୍ଦ୍ର ସରକାରଙ୍କ ନିକଟରେ ସେ ପୂର୍ବରୁ ବହୁବାର ଏହାକୁ ସ୍ୱାଧୀନତାର ପ୍ରଥମ ଯୁଦ୍ଧ ଭାବେ ଘୋଷଣା କରିବାକୁ ସେ ଦାବି କରିଥିଲେ।

ପାଇକମାନେ ଏକାଠି ହୋଇ ବିଦେଶୀ ଶକ୍ତି ବିରୋଧରେ ସଂଗ୍ରାମ କରିବା ସହ ଉପନିବେଶ ଶାସନ ବିରୋଧରେ ସାହସିକତାର ସହ ଲଢ଼ିଥିଲେ। ମାତ୍ର ଏନସିଆରଟି ପାଠ୍ୟ ପୁସ୍ତକରେ ଏହାକୁ ବାଦ୍ ଦିଆଯାଇଛି। ୨୦୦ ବର୍ଷ ପରେ ଏହାକୁ ମାନ୍ୟତା ନ ଦେବା ପାଇକମାନଙ୍କ ପ୍ରତି ଅସମ୍ମାନ। ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କୁ ପାଇକ ବିଦ୍ରୋହକୁ ମାନ୍ୟତା ଦେଇ ଓଡ଼ିଶାକୁ ନ୍ୟାୟ ଦେବାପାଇଁ ସେ ଅନୁରୋଧ କରିଛନ୍ତି। ନବୀନ ଆଉଏକ ପୋଷ୍ଟରେ (୯ ପୃଷ୍ଠାରେ)

## ରାଜ୍ୟରେ ବୃଦ୍ଧି ପାଉଛି ମହିଳା ଅତ୍ୟାଚାର

# ମାଲକାନଗିରିରେ ନାବାଳିକାଙ୍କୁ ଗଣଦୁଷ୍କର୍ମ, ୪ ଗିରଫ

ମାଲକାନଗିରି, ୨୨।୭ (ସବ୍ୟୁ): ମାଲକାନଗିରି ସଦର ମହକୁମାରେ ଜଣେ ନାବାଳିକାଙ୍କୁ ଗଣ ଦୁଷ୍କର୍ମ ଘଟଣାରେ ପୋଲିସ ୪ ଜଣଙ୍କୁ ଗିରଫ କରିଛି । ଏନେଇ ଏସପି ବିନୋଦ ପାଟିଲ ଗଣ ମାଧ୍ୟମକୁ ଅବଗତ କରିଛନ୍ତି । ଏସପି କହିଛନ୍ତି ଯେ ଏହା ଏକ ଗଣଦୁଷ୍କର୍ମ ଘଟଣା । ମାଲକାନଗିରି ଠାରୁ ୧୦ କିମି ଦୂର ମାଲକାନଗିରି-ଜୟପୁର ରାସ୍ତାର ବିଜା ଘାଟି ନିକଟରେ ଏହି ଘଟଣା ଘଟିଛି । ମାଲକାନଗିରି ସଦର ଥାନା ଅଞ୍ଚଳର ଜଣେ ନାବାଳିକା ଗତ ରବିବାର ସନ୍ଧ୍ୟାରେ ଜଣେ ସାଙ୍ଗଙ୍କ ଜନ୍ମଦିନ ପାର୍ଟିରେ ଯୋଗ ଦେବାକୁ ଯାଇଥିଲା ବେଳେ ସେ କିନ୍ତୁ ଘରକୁ ଫେରିନଥିଲେ । ବିଳମ୍ବ ହେବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ ମଧ୍ୟ ଝିଅଟିକୁ ପାଇ ନଥିଲେ । ରାତିରେ ବିଜାଘାଟିର ସ୍ଥାନୀୟ ଲୋକେ ଜାତୀୟ ରାଜପଥ-୩୨୬ ନିକଟରେ ନାବାଳିକାଙ୍କୁ ଏକ ଟ୍ରକ ଡ୍ରାଇଭର ସହ ସନ୍ଦେହଜନକ ଅବସ୍ଥାରେ ଦେଖି ପୋଲିସକୁ ଖବର ଦେଇଥିଲେ । ଏହି ଘଟଣାରେ ଆଉ ୩ ଜଣ ଯୁବକ ମଧ୍ୟ ପୀଡ଼ିତ ସହିତ ଦୁଷ୍କର୍ମ କରିଥିଲେ । ସେହି ୩ ଜଣ ଯୁବକ ମାଲକାନଗିରି ସଦର ମହକୁମାର ବୋଲି (୯ ପୃଷ୍ଠାରେ)

## ପୁରୀରେ ନାବାଳିକାଙ୍କୁ ଅସଦାଚରଣ, ୩ ଗିରଫ

ପୁରୀ, ୨୨।୭ (ସବ୍ୟୁ) : ବଳଙ୍ଗା ନାବାଳିକା ପୋଡି ଘଟଣାକୁ ସପ୍ତାହେ ନବିତିଣୁ ପୁଣି ପୁରୀରୁ ଆସିଛି ଅସଦାଚରଣ ଅଭିଯୋଗ । ଯାହାକୁ ନେଇ ପୁରୀ ସହରରେ ଖେଳି ଯାଇଛି ଚାଞ୍ଚଲ୍ୟ।

ପୁରୀ ସଦର ଥାନା ଅଞ୍ଚଳରେ ଅସାମାଜିକ ଯୁବକଙ୍କ ଉତ୍ପାତ ଦେଖିବାକୁ ମିଳିଛି। ଗତକାଲି (ସୋମବାର) ଶ୍ରୀମନ୍ଦିର ଦର୍ଶନ ସାରି ତିନି ଭଉଣୀ ଫେରୁଥିବା ବେଳେ ଅସଦାଚରଣର ଶିକାର ହୋଇଛନ୍ତି। ଏହି ଘଟଣାରେ ସଦର ଥାନା ପୋଲିସ ଦୁଇ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଫେରାର ଥିବା ଅନ୍ୟ ଅସାମାଜିକ ଯୁବକଙ୍କୁ ଖୁବଶୀଘ୍ର ଗିରଫ କରାଯିବ ବୋଲି କହିଛନ୍ତି ପୁରୀ ଏସପି ପିନାକ ମିଶ୍ର।

ସୂଚନା ମୁତାବକ ଗତକାଲି (ସୋମବାର) ସନ୍ଧ୍ୟାରେ ପୁରୀ ସଦର ଥାନା ଅନ୍ତର୍ଗତ କଣ୍ଡପୁର ଗାଁ ନିକଟରେ ଏହି ଘଟଣା ଘଟିଛି । ଅଭିଯୋଗ ଅନୁସାରେ, ତିନି ଭଉଣୀ ଶ୍ରୀମନ୍ଦିରରୁ ଦର୍ଶନ ସାରି ନିଜ ଗାଁକୁ ଫେରୁଥିବା ସମୟରେ ଛଅ ଜଣ ଯୁବକ ତିନି ଜଣ ଭଉଣୀଙ୍କୁ ଘେରିଯାଇ ସେମାନେ ପିନ୍ଧିଥିବା ସୁନା (୯ ପୃଷ୍ଠାରେ)

# ୪୮ ଘଣ୍ଟାରେ ଲଘୁଚାପ : ୨୪ରୁ ଦୁଇଦିନ ବର୍ଷିବ

ଭୁବନେଶ୍ୱର, ୨୨ ।୭ (ସବ୍ୟୁ) : ଆସୁଛି ବଡ଼ ବର୍ଷା । ସାରା ରାଜ୍ୟରେ ବର୍ଷିବ । ଲଘୁଚାପ ପ୍ରଭାବରେ ଆସନ୍ତା ବୁଧବାର ରାତିରୁ ଆରମ୍ଭ ହୋଇ ୨୬ ଯାଏଁ ବର୍ଷା ହେବାର ସମ୍ଭାବନା ରହିଛି । ଗୋଟିଏ କିମ୍ବା ଦୁଇଟି ଜିଲ୍ଲା ନୁହେଁ, ଅଧିକାଂଶ ଜିଲ୍ଲାରେ ପ୍ରବଳ ବର୍ଷା ହେବ । ଏଭଳି ପୂର୍ବାନୁମାନ କରିଛି ପାଣିପାଗ ବିଭାଗ ।

ପାଣିପାଗ ବିଜ୍ଞାନୀ ଉମା ଶଙ୍କର ଦାଶ "ଏକ୍ସ'ରେ କହିଛନ୍ତି, ଆଗାମୀ ୨୪ ଘଣ୍ଟା ମଧ୍ୟରେ ଉତ୍ତର ବଙ୍ଗୋପସାଗର ମଧ୍ୟରୁ ବାତ୍ୟା ଓ୍ୱିଫାର ଅବଶିଷ୍ଟାଂଶ ଏକ ଘୂର୍ଣ୍ଣିବଳୟ ହୋଇ ପ୍ରବେଶ କରିବ । ଏହାର ପ୍ରଭାବରେ ୪୮ ଘଣ୍ଟା ମଧ୍ୟରେ ଉତ୍ତର ବଙ୍ଗୋପସାଗରରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇପାରେ । ଏହା ଅଧିକ ଘନୀଭୂତ ହେବାର ସମ୍ଭାବନା ରହିଛି । ଲଘୁଚାପ ପ୍ରଭାବରେ ଗୁରୁବାର ଅର୍ଥାତ ୨୪ ତାରିଖ ରାତିରୁ ପ୍ରବଳ ବର୍ଷା ହେବା ନେଇ ପୂର୍ବାନୁମାନ କରାଯାଇଛି ।

ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ରର କହିବାନୁଯାୟୀ, ୨୪ ଓ ୨୫ ତାରିଖରେ ମୟୂରଭଞ୍ଜ, ବାଲେଶ୍ୱର, କେନ୍ଦୁଝର, ଭଦ୍ରକ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇପାରେ । ତେବେ ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ଢେଙ୍କାନାଳ, କେନ୍ଦୁଝର, ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, ଦେବଗଡ଼ ଓ ଅନୁଗୁଳ ଜିଲ୍ଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏଥିସହ ଖୋର୍ଦ୍ଧା, ନୟାଗଡ଼, ପୁରୀ, ଗଞ୍ଜାମ, ଗଜପତି, ବରଗଡ଼, (୯ ପୃଷ୍ଠାରେ)

# ସ୍ୱାସ୍ଥ୍ୟକର ଗଜାମୁଗ

**ଫୁଡ କ୍ରେଭିଂ ସମସ୍ତଙ୍କୁ ବିଭିନ୍ନ ସମୟରେ ସମସ୍ୟାରେ ପକାଇଥାଏ । ଏହା କାରଣରୁ କେତେକଙ୍କର ଓଜନ ବଢୁଥିବାବେଳେ କେତେଜଣ ବିଭିନ୍ନ ଗୁରୁତର ସ୍ୱାସ୍ଥ୍ୟ ସମସ୍ୟାରେ ପଡିଥାଆନ୍ତି । ତେବେ ଏହି କ୍ରେଭିଂରୁ ବଞ୍ଚିବା ପାଇଁ ଆମ ପାଖରେ କିଛି ହେଲ୍‌ଦି ଅପସନ ମଧ ରହିଥାଏ । ଯାହାକୁ ଖାଇ ଆମେ ଆମର ଅନହେଲ୍‌ଦି କ୍ରେଭିଂରୁ ଦୂରେଇ ରହିପାରିବା । ତେବେ ଏହି ତାଲିକାରେ ସବୁଠାରୁ ଉପରେ ରହିଛି ସ୍ପ୍ରାଉଟ୍ସ ବା ଗଜାମୁଗ । ଏହାକୁ ପିଆଜ, ଲଙ୍କା, ଟମାଟୋ, ଲେମ୍ବୁ ଦେଇ ଖାଇଲେ ଏହାର ସ୍ୱାଦ ବଢିଯାଇଥାଏ, ଯାହା କୌଣସି ଜଙ୍କଫୁଡର ସ୍ୱାଦ ଭଳି ହୋଇଥାଏ । କେବଳ ସ୍ୱାଦ କାହିଁକି ଏହାର ଅନେକ ସ୍ୱାସ୍ଥ୍ୟକର ଫାଇଦା ମଧ ରହିଛି ।**



**ଓଜନ ନିୟନ୍ତ୍ରଣ–** ଗଜାମୁଗର ସବୁଠାରୁ ଭଲ ଫାଇଦା ହେଲା ଓଜନ ନିୟନ୍ତ୍ରଣ କରିବା । ଏହା ଫାଇବରରେ ହାଇ ଥିବାବେଳେ କ୍ୟାଲୋରୀରେ କମ ହୋଇଥାଏ । ତେଣୁ ଓଜନ ନିୟନ୍ତ୍ରଣରେ ଏହା ବେଶ ସହାୟକ ହୋଇଥାଏ । ଏହାକୁ ସୁପର ଫୁଡ ତାଲିକାରେ ମଧ ଆଗରେ ରଖାଯାଇଥାଏ ।

**ହୃଦରୋଗ ପାଇଁ ସ୍ୱାସ୍ଥ୍ୟକର–** ଏହା ହୃଦରୋଗ ପାଇଁ ବେଶ ସ୍ୱାସ୍ଥ୍ୟକର ହୋଇଥାଏ । ଏଥିରେ ଥିବା ଆଣ୍ଟି ଅକ୍ସିଡାଣ୍ଟ, ଡେଲଫିନାଡିନ୍, ସାୟାନିଡନ୍ ଆଦି ଆମ ରକ୍ତ କଣିକାର ସ୍ୱାସ୍ଥ୍ୟ ଭଲ ରଖିଥାଏ । ଏହା ସହ ଆମର ହୃଦୟକୁ ମଧ ସୁସ୍ଥ ରଖିଥାଏ ।


**ସର୍କରାହାର ନିୟନ୍ତ୍ରଣରେ ରହିଥାଏ–** ଏହାର ସବୁଠାରୁ ଉତ୍ତମ ଫାଇଦା ହେଲା, ଆମର ସର୍କରା ହାରକୁ ନିୟନ୍ତ୍ରଣରେ ରଖିଥାଏ । ଏହାର ସୁଗାର ଲେବେଲକୁ ଖୁବ ଭଲରେ ରେଗୁଲେଟ କରିଥାଏ ।

**ଉତ୍ତମ ମସ୍ତିଷ୍କ ପରିଚାଳନା–** ଏହା ଆମ ମସ୍ତିଷ୍କକୁ ଭଲ ଭାବେ ପରିଚାଳନା କରିଥାଏ । ଏଥିରେ ଥିବା ଭିଟାମିନ୍ସ ବି–୬ ଆମ ବ୍ରେନ ଫଙ୍କସନକୁ ବଢାଇଥାଏ । ଏହା ଆମର ମୁଡ୍‌କୁ ମଧ ଠିକ୍ ରଖିଥାଏ ।

**ପାଚନ ଶକ୍ତି ବଢାଇଥାଏ–** ଏହା ଆମ ପାଚନ ଶକ୍ତି ପାଇଁ ଖୁବ ଲାଭଦାୟକ ହୋଇଥାଏ । ଏହାକୁ ଖାଇବା ଦ୍ୱାରା ଆମ ପେଟ ଠିକ ରହିବା ଦ୍ୱାରା ଆମର ହଜମ ଶକ୍ତି ବଢିଥାଏ ।

## ଆଜି ଜନ୍ମଦିନ

# ଚନ୍ଦ୍ରଶେଖର ଆଜାଦ



ଭାରତର ଜଣେ ଆଗଧାଡିର ସ୍ୱାଧୀନତା ସଂଗ୍ରାମୀ ଭାବେ ଚନ୍ଦ୍ରଶେଖର ଆଜାଦଙ୍କର ରହିଛି ସ୍ୱତନ୍ତ୍ର ପରିଚୟ । ୧୯୦୬ ମସିହା ଜୁଲାଇ ୨୩ ତାରିଖରେ ମଧ୍ୟପ୍ରଦେଶର ଅଲିରାଜପୁରସ୍ଥିତ ଭର୍ବା ଗ୍ରାମରେ ସେ ଜନ୍ମଗ୍ରହଣ କରିଥିଲେ । ଚନ୍ଦ୍ରଶେଖର ଆଜାଦଙ୍କ ମାତା ଚାହୁଁଥିଲେ ଯେ ସେ ଜଣେ ସଂସ୍କୃତ ବିଦ୍ୱାନ ହୁଅନ୍ତୁ, ତେଣୁ ପିତା ତାଙ୍କୁ ବାରାଣସୀର କାଶୀ ବିଦ୍ୟାପୀଠକୁ ପଠାଇଥିଲେ । ୧୯୨୧ମସିହାରେ ଯେତେବେଳେ ମହାତ୍ମାଗାନ୍ଧୀ ଅସହଯୋଗ ଆନ୍ଦୋଳନର ସୂତ୍ରପାତ କଲେ, ୧୫ ବର୍ଷୀୟ ଚନ୍ଦ୍ରଶେଖର ସେଥିରେ ଯୋଗ ଦେଇଥିଲେ । ଯେତେବେଳେ ତାଙ୍କୁ ମାଜିଷ୍ଟ୍ରେଟଙ୍କ ସମ୍ମୁଖକୁ ନିଆଗଲା, ସେ ନିଜ ନାମ ଆଜାଦ, ପିତାଙ୍କ ନାମ ସ୍ୱତନ୍ତ୍ରତା ଏବଂ ନିଜ ଘର ଜେଲ ବୋଲି ଉତ୍ତର ଦେଲେ । ଏଥିରୁ ତାଙ୍କ ଦେଶପ୍ରେମ ଓ ନିର୍ଭୀକତାର ପରିଚୟ ମିଳିଥାଏ । ସେବେଠାରୁ ସେ ଚନ୍ଦ୍ରଶେଖର ଆଜାଦ ନାମରେ ପରିଚିତ । ୧୯୨୪ ମସିହାର ବିସମିଲ ଚାଟାର୍ଜି, ସଚିନ୍ଦ୍ରନାଥ ସାନୟାଲ ଏବଂ ଶଚିନ୍ଦ୍ରନାଥ ବକ୍ସିଙ୍କ ନେତୃତ୍ୱରେ ହିନ୍ଦୁସ୍ଥାନ ରିପବ୍ଲିକାନ ଆସୋସିଏସନ ଗଠିତ ହୋଇଥିଲା । କାକୋରି ରେଳଗାଡ଼ି ଲୁଣ୍ଠନ ପରେ ବ୍ରିଟିଶ ସରକାର ଧୀରେ ଧୀରେ କ୍ରାନ୍ତିକାରୀମାନଙ୍କୁ ଦମନ କରିବାକୁ ଆରମ୍ଭ କରିଥିଲେ । ଚନ୍ଦ୍ରଶେଖର ୧୯୩୧ ମସିହା ଫେବୃୟାରୀ ୨୭ ତାରିଖରେ ଆଲ୍ଲାହାବାଦର ଆଲଫ୍ରେଡ଼ ପାର୍କରେ ମୃତ୍ୟୁବରଣ କରିଥିଲେ ।

# ସକାରାତ୍ମକ ମନ୍ତ୍ର

ଜୀବନରେ ସକାରାତ୍ମକତା ରହିବାର ବେଶ୍ ଆବଶ୍ୟକତା ରହିଛି । ଏହା ଦ୍ୱାରା ଆପଣଙ୍କର ଅନେକ କାର୍ଯ୍ୟ ସହଜ ହୋଇଯାଇଥାଏ । ତେବେ ଏଥିପାଇଁ ନିଜର କିଛି ସ୍ୱଭାବରେ ପରିବର୍ତ୍ତନର ଆବଶ୍ୟକତା ରହିଛି । ଆସନ୍ତୁ ଜାଣିବା ନିଜର କେଉଁ ସ୍ୱଭାବକୁ ବଦଳାଇବା ଦ୍ୱାରା ଆପଣ ଜୀବନରେ ସକାରାତ୍ମକତା ଆଣିପାରିବେ । ପ୍ରଥମେ ଲୋକଙ୍କୁ କ୍ଷମା କରିବା ଶିଖନ୍ତୁ । ଏହା ସକାରାତ୍ମକତାର ପ୍ରଥମ ସିଢି ହୋଇଥାଏ । ଏହି ସ୍ୱଭାବକୁ ଆପଣାଇବା ଦ୍ୱାରା ଆମ ମନରେ ଆତ୍ମ ବିଶ୍ୱାସ ବଢିଥାଏ । ଏହାଦ୍ୱାରା ଆମେ ଉଲ୍ଲସିତ ଓ ଆଶାବାଦୀ ରହିଥାଉ । ସେହିଭଳି ନିଜ ଉପରେ ବିଶ୍ୱାସ ରଖନ୍ତୁ । ନିଜେ ସମସ୍ତ କାର୍ଯ୍ୟ କରିପାରିବେ ବୋଲି ବିଶ୍ୱାସ ରଖିବା ଦ୍ୱାରା ଆପଣଙ୍କ ବିଫଳତାର ହାର କମି ଯାଇଥାଏ । ସେହିଭଳି ଏହି ବିଶ୍ୱାସ ଦ୍ୱାରା ଆପଣ ଖୁବ କମ କାର୍ଯ୍ୟରେ ଅସଫଳ ହୁଅନ୍ତି, ଯେଉଁ କାରଣରୁ ଆପଣଙ୍କ ଜୀବନରେ ସକାରାତ୍ମକତା ବଢିଥାଏ । କେବଳ ଆତ୍ମବିଶ୍ୱାସୀ ନୁହେଁ ଜୀବନରେ ଦାୟିତ୍ୱବୋଧ ହେବାକୁ ପ୍ରାଥମିକତା ଦିଅନ୍ତୁ । କେଉଁ କାର୍ଯ୍ୟ କେତେବେଳେ କରିବାର ଆବଶ୍ୟକତା ରହିଛି, ସେହି ଅନୁଯାୟୀ କରନ୍ତୁ । ଯାହା ଫଳରେ ଜୀବନରେ ସଫଳତା ସହିତ ଶାନ୍ତି ମଧ ଆସିବ । ଏଥିସହିତ ଆତ୍ମବିଶ୍ୱାସ ଓ ସକାରାତ୍ମକତା ମଧ ବଢିବ ।



## ଇତିହାସ

**୧୮୨୯–** ଆମେରିକାର ୱିଲିୟମ୍ ଅଷ୍ଟିନ୍ ବର୍ଟ ଟାଇପୋଗ୍ରାଫ୍‌ର ଉଦ୍ଭାବନ କଲେ । ଏହାପରେ ଟାଇପ୍‌ରାଇଟର୍ ବିକାଶିତ ହେଲା ।

**୧୮୫୬–** ଭାରତୀୟ ଜାତିୟତାବାଦୀ, ଦାର୍ଶନିକ, ଶିକ୍ଷକ ଏବଂ ସ୍ୱାଧୀନତା ସଂଗ୍ରାମୀ ବାଲ ଗଙ୍ଗାଧର ତିଲକଙ୍କ ଜନ୍ମ ।

**୧୮୮୧–** ଅନ୍ତର୍ଜାତୀୟ ଜିମନାଷ୍ଟିକ୍ ସଙ୍ଘ ଦ୍ୱାରା ଖେଳ ପରିସଙ୍ଘର ସ୍ଥାପନା ।

**୧୯୯୩–** ଛତିଶଗଡର ସ୍ୱାଧୀନତା ସେନାନୀ ଲକ୍ଷ୍ମଣ ପ୍ରସାଦ ଦୁବେଙ୍କ ପରଲୋକ ।

**୧୮୯୮–** ଜ୍ଞାନପୀଠ ପୁରସ୍କାରପ୍ରାପ୍ତ ପ୍ରସିଦ୍ଧ ବଙ୍ଗଳା ସାହିତ୍ୟିକ ତାରାଶଙ୍କର ବନ୍ଦୋପାଧ୍ୟାୟଙ୍କ ଜନ୍ମ ।

**୧୯୦୬–** କ୍ରାନ୍ତିକାରୀ ସ୍ୱାଧୀନତା ସଂଗ୍ରାମୀ ଚନ୍ଦ୍ରଶେଖର ଆଜାଦଙ୍କ ଜନ୍ମ ।

**୧୯୯୮–** ସାତଜଣ ଭାରତୀୟ ବୈଜ୍ଞାନିକଙ୍କୁ ଦେଶ ଛାଡିବା ପାଇଁ ସଂଯୁକ୍ତ ରାଷ୍ଟ୍ର ଆମେରିକାର ଆଦେଶ ।

**୨୦୧୨–** ଇରାକ ସିରିଜ୍ ଆକ୍ରମଣରେ ୧୦୩ ଲୋକଙ୍କ ପ୍ରାଣହାନୀ ।

# ପିମ୍ପୁଡିଙ୍କର ବାସ୍ନା

ଆମ ଆଖ ପାଖରେ ବୁଲୁଥିବା ଜୀବଙ୍କ ସମ୍ବନ୍ଧରେ ଏଭଳି କିଛି ତଥ୍ୟ ରହିଛି, ଯାହା ବିଷୟରେ ଆମେ ଖୁବ କମ ଜାଣିଛେ । ବର୍ତ୍ତମାନ ପିମ୍ପୁଡିକୁ ନେଇ ସେହିଭଳି ଏକ ତଥ୍ୟ ସାମନାକୁ ଆସିଛି । ପିମ୍ପୁଡିମାନଙ୍କର ଭିନ୍ନଭିନ୍ନ ନିଜସ୍ୱ ଗନ୍ଧ ରହିଥାଏ । ରିପୋର୍ଟ ଅନୁସାରେ ପିମ୍ପୁଡିଙ୍କର ଦେହର ଗନ୍ଧ ସେମାନଙ୍କ ମୁଡ ଅନୁଯାୟୀ ବଦଳିଥାଏ । ଯେତେବେଳେ ଏହି ପିମ୍ପୁଡିମାନେ ରାଗି ଥାଆନ୍ତି କିମ୍ବା ଡରରେ ରହିଥାଆନ୍ତି ସେତେବେଳେ ବେଶି କଡା ଗନ୍ଧ ଏମାନଙ୍କ ଦେହରୁ ନିର୍ଗତ ହୋଇଥାଏ । ତେବେ ଯେତେବେଳେ ପିମ୍ପୁଡିମାନେ ଚିଡି ଥାଆନ୍ତି, ସେତେବେଳେ ସେମାନଙ୍କ ଦେହରୁ ଚକୋଲେଟ୍ ଭଳି ଗନ୍ଧ ବାହାରିଥାଏ । ସେହିଭଳି କିଛି ପ୍ରଜାତିର ପିମ୍ପୁଡି ଚିଡିବା ସମୟରେ ଦେହରୁ ଲେମ୍ବୁ ଭଳି ବାସ୍ନା ନିର୍ଗତ କରିଥାଆନ୍ତି । ସେହିଭଳି ଓଡୋରୋସ୍ ହାଉସ ପିମ୍ପୁଡି ମାନେ ବ୍ଲୁ ଚିଜ୍ ଭଳି ବାସ୍ନା ହୋଇଥାଆନ୍ତି । ଏହି ଗନ୍ଧ ସେମାନଙ୍କ ଶରୀରରୁ ନିର୍ଗତ କେମିକାଲ୍ସ ଉପରେ ନିର୍ଭର କରିଥାଏ । ପିମ୍ପୁଡିଙ୍କ ଶରୀରରୁ ନିର୍ଗତ ଫର୍ମିକ ଏସିଡ୍ ଖରାପ ଗନ୍ଧ ପାଇଁ ଦାୟୀ ହୋଇଥାଏ । ସେହିଭଳି ପିମ୍ପୁଡି ମରିବା ପରେ ତାଙ୍କ ଶରୀରରୁ ଓଲେଇକ୍ ଏସିଡ୍ ନିର୍ଗତ ହୋଇଥାଏ, ଯାହା ସେମାନଙ୍କୁ ଫ୍ରେସ୍ ସାଲାଡ୍‌ର ବାସ୍ନା ପ୍ରଦାନ କରିଥାଏ । ତେବେ ପିମ୍ପୁଡି ମାନଙ୍କର ଗନ୍ଧ ସବୁବେଳେ ମଣିଷମାନେ ଜାଣିବାରେ ସକ୍ଷମ ହୋଇ ନଥାଆନ୍ତି । ଏମାନଙ୍କ ଶରୀରରୁ ବାହାରୁଥିବା ଗନ୍ଧ ଏତେ ମାତ୍ରାରେ କଡା ହୋଇନଥାଏ ଯାହା ମଣିଷମାନେ ଜାଣି ପାରିବେ । କିଛି ପିମ୍ପୁଡିଙ୍କ ବାସ୍ନା ଆମେ ଜାଣିପାରୁ । ଆମେରିକାର ଏକ ୟୁନିଭର୍ସିଟିର ଗବେଷକଙ୍କ ଗବେଷଣା ଅନୁସାରେ ଏହି ସମ୍ପର୍କରେ ତଥ୍ୟ ମିଳିଛି ।



## ହାହାଃ.. ହାହାଃ..

ଦୋକାନୀ – ମ୍ୟାଡାମ୍ ଆପଣ ସବୁଦିନ ଆସୁଛନ୍ତି, ସୁନା ଗହଣା ଦେଖୁଛନ୍ତି ହେଲେ କିଛି ନଉ ନାହାନ୍ତି ।

ଯୁବତୀ – ମୁଁ ସବୁଦିନ ନେଉଛି ହେଲେ ତୁମେ ଧ୍ୟାନ ଦେଉନ ।



# ବାପା ଚାହୁଁଥିଲେ ସିଙ୍ଗର ହେବା ପାଇଁ



ନିଜ ଅଭିନୟ ପାଇଁ ବେଶ୍ ଚର୍ଚ୍ଚା ସାଉଁଟିଛନ୍ତି ଜାହ୍ନବୀ । ବଲିଉଡ୍‌ରେ ନିଜ ପାଇଁ ଏକ ସ୍ୱତନ୍ତ୍ରସ୍ଥାନ ତିଆରି କରିବାରେ ସଫଳ ହୋଇଛନ୍ତି ଅଭିନେତ୍ରୀ । ହେଲେ ତାଙ୍କ ବାପା ବୋନି କପୁର ଚାହୁଁଥିଲେ ସେ ସିଙ୍ଗର ହୁଅନ୍ତୁ । ଏ ନେଇ ନିଜେ ଜାହ୍ନବୀ ସୂଚନା ଦେଇଛନ୍ତି । ବୋନି କପୁର ଜାହ୍ନବୀଙ୍କୁ ସିଙ୍ଗର କରିବା ପାଇଁ ମ୍ୟୁଜିକ ଟିଚର ମଧ୍ୟ ନିଯୁକ୍ତ କରିଥିଲେ, ହେଲେ ଜାହ୍ନବୀଙ୍କ ଗୀତ ଶୁଣି ଟିଚର ଶିଖାଇବାକୁ ମନା କରିଥିବା ଜାହ୍ନବୀ ପ୍ରକାଶ କରିଛନ୍ତି । ଜାହ୍ନବୀଙ୍କ ଗୀତ ବୋଲିବାର ପ୍ରଣାଳୀ ଖୁବ ଖରାପ ଥିଲା ବୋଲି ଶିକ୍ଷକ ମତ ଦେଇଥିଲେ, ଯାହା ପରେ ବୋନିଙ୍କର ନିଷ୍ପତ୍ତି ବଦଳିଥିଲା ବୋଲି ଏକ ସାକ୍ଷାତକାରରେ ଜାହ୍ନବୀ ପ୍ରକାଶ କରିଛନ୍ତି ।

## ସୋସିଆଲ କୋଟ୍ସ



“ ଜଣେ ସେଲିବ୍ରିଟି ହିସାବରେ ପ୍ରେମିକ ବାଛିବା ଅତି ସହଜ, ହେଲେ ଜୀବନସାଥୀ ଚୟନ ଖୁବ୍ କଷ୍ଟକର । ସାମାନ୍ୟ ତ୍ରୁଟି ସବୁ ଓଲଟପାଲଟ କରିଦେଇପାରେ ।

–ତାରା ସୁତାରିଆ, ବଲିଉଡ୍ ଅଭିନେତ୍ରୀ



“ ଡେବ୍ୟୁ ଏମିତି ହେବ ବୋଲି କେବେ ଭାବି ନ ଥିଲି । ଏହି ସକ୍‌ସେସ୍‌କୁ ନେଇ ଆଗକୁ ବଢ଼ିବା ମୋ ପାଇଁ ନିଶ୍ଚିତ ଚ୍ୟାଲେଞ୍ଜିଂ ହେବ ।

–ଆହାନ ପାଣ୍ଡେ, ବଲିଉଡ୍ ଅଭିନେତା



“ ପ୍ରତିଭା ଜନ୍ମଦତ ହୋଇପାରେ, ଏହାର ବିକାଶ କରିବାକୁ ହେଲେ ଯଥେଷ୍ଟ କଷ୍ଟ ସ୍ୱୀକାର କରିବାକୁ ପଡ଼େ । ଗୋଟିଏ ସୁଯୋଗ ପୂରା ଜୀବନକୁ ବଦଳାଇ ଦେଇପାରେ ।

–ତ୍ରିଧା ଚୌଧାରୀ, ୱେବ୍‌ସିରିଜ୍ ଅଭିନେତ୍ରୀ

# ହେୟାର କଟ୍ ଫୋବିୟା

ବିଭିନ୍ନ ଲୋକଙ୍କ କ୍ଷେତ୍ରରେ ଭିନ୍ନଭିନ୍ନ କଥା ପ୍ରତି ଡର ରହିଥାଏ, ଯାହାକୁ ଡାକ୍ତରୀ ଭାଷାରେ ଫୋବିୟା କୁହାଯାଇଥାଏ । ସେହିଭଳି ଏକ ଫୋବିୟା ହେଲା ହେୟାର କଟ୍ ଫୋବିୟା । ଏହି ସମସ୍ୟାରେ ପୀଡିତ ବ୍ୟକ୍ତି ନିଜର ଚୁଟି କାଟିବାକୁ ଡରିଥାଆନ୍ତି । ସେହିଭଳି ଏକ ଉଦାହରଣ ଦେଖିବାକୁ ମିଳିଛି ୟୁକେର ଜଣେ ବାଳକଙ୍କ କ୍ଷେତ୍ରରେ । ୧୨ ବର୍ଷର ଏହି ବାଳକ ନିଜ କେଶ କାଟିବାକୁ ଡରୁଛନ୍ତି, ଯେଉଁଥିପାଇଁ ତାଙ୍କ କେଶର ଲମ୍ବ ଖୁବ ବଢିଛି । ତେବେ ଏଥିପାଇଁ ତାଙ୍କୁ କେବଳ ଶାରିରୀକ ସମସ୍ୟା ହେଉଛି ତାହା ନୁହେଁ ତାଙ୍କୁ ପାଠ ପଢାରେ ମଧ ବ୍ୟାଘାତ ଦେଖିବାକୁ ମିଳିଛି । ତାଙ୍କୁ ଏଥିପାଇଁ ସ୍କୁଲରୁ ବାହାର କରିଦିଆଯାଇଛି । ସ୍କୁଲକୁ ଡାକ୍ତରଙ୍କ ନୋଟିସ୍ ମିଳିଥିଲେ ମଧ ସ୍କୁଲ କର୍ତ୍ତୁପକ୍ଷ ପିଲାଟିକୁ ସ୍କୁଲରେ ରଖିବାକୁ ନାରାଜ । ଯାହାଫଳରେ ପିଲାର ପାଠପଢା ବ୍ୟାଘାତ ହୋଇଛି । ବାଳକଟି ନିଜ ଚୁଟି ପାଇଁ ସୋସିଆଲ ମିଡିଆରେ ବେଶ୍ ପରିଚିତ, ହେଲେ ବର୍ତ୍ତମାନ ତାର ପରିବାର ସଦସ୍ୟ ଏଥିପାଇଁ ଚିନ୍ତା ପ୍ରକାଶ କରିଛନ୍ତି । କାରଣ ଏହି ଫୋବିୟା ପାଇଁ ପିଲାଟିର ପାଠପଢା ବନ୍ଦ ହେଉଛି ।



### ବିବାହ ପ୍ରତିଶ୍ରୁତି ଦେଇ ପ୍ରତାରଣା : ପ୍ରେମିକ ଗିରଫ

# ସରକାରୀ କର୍ମଚାରୀ କହି ବିଛାଇଥିଲା ପ୍ରେମ ଜାଲ

କଟକ,(ସବ୍ୟୁ): ବିବାହର ପ୍ରତିଶ୍ରୁତି ଦେଇ ଦୁଷ୍କର୍ମ ଓ ଠକେଇ ଅଭିଯୋଗରେ ଚାଉଳିଆଗଞ୍ଜ ଥାନା ପୁଲିସ ଆଜି ଜଣେ ଯୁବକକୁ ଗିରଫ କରିଛି । ଅଭିଯୁକ୍ତ ଜଣକ ହେଉଛି ଭୁବନେଶ୍ୱର ଭରତପୁର ଅଞ୍ଚଳରେ ରହୁଥିବା କେନ୍ଦ୍ରାପଡା ମହାକାଳପଡା ଅଞ୍ଚଳର ସଞ୍ଜିତ ବିଶ୍ୱାସ(୩୨) । କୋର୍ଟ ଚାଲାଣ ପରେ ତାକୁ ଜେଲ ପଠାଇ ଦିଆଯାଇଛି ।

ପୁଲିସ ସୂଚନା ଅନୁସାରେ, ଚାଉଳିଆଗଞ୍ଜ ଅଞ୍ଚଳରେ ମହାକାଳପଡା ଗାଁର ଜଣେ ଯୁବତୀ ନିଜ ମାଆଙ୍କ ସହ ରହୁଛନ୍ତି । ଯୁବତୀ ଜଣକ କଟକର ଏକ ଘରୋଇ ସଂସ୍ଥାରେ ଚାକିରି କରୁଛନ୍ତି । କିଛି ମାସ ପୂର୍ବେ ଯୁବତୀ ଜଣକ ବିବାହ ପାଇଁ ଏକ ଅନ୍‌ଲାଇନ ଆପ୍ଲିକେସନ୍‌ରେ ଆକାଉଣ୍ଟ ଖୋଲିଥିଲେ । ଉକ୍ତ ଆପ୍ଲିକେସନ୍ ମାଧ୍ୟମରେ ତାଙ୍କର ସଞ୍ଜିତ ସହିତ ପରିଚୟ ହୋଇଥିଲା । ସଞ୍ଜିତ ସରକାରୀ ଚାକିରି କରୁଥିବା ନେଇ ନିଜ ପ୍ରୋଫାଇଲରେ ଉଲ୍ଲେଖ କରିଥିଲା । ଉଭୟ ଗୋଟିଏ ଜିଲ୍ଲାର ହୋଇଥିବାରୁ ବିବାହ କଥା ଆଗକୁ ବଢିଥିଲା । ଫୋନ ନମ୍ବର ଦିଆନିଆ ପରେ ଦୁହିଁଙ୍କ ଭିତରେ କଥାବାର୍ତ୍ତା ଆରମ୍ଭ ହୋଇଥିଲା । ସଞ୍ଜିତ୍ ଭୁବନେଶ୍ୱରର ଏକ ସରକାରୀ ବିଭାଗରେ ସ୍ଥାୟୀ ଡ୍ରାଇଭର ଥିବା ଜଣାଇଥିଲା । କିଛି ଦିନ ପରେ ଦୁହିଁଙ୍କ ଭିତରେ ଘନିଷ୍ଠତା ବଢିବା ସହ ପ୍ରେମ ସମ୍ପର୍କ ସ୍ଥାପନ ହୋଇଥିଲା । ସଞ୍ଜିତ ସମୟ ବାହାର କରି କଟକ ଆସି ଯୁବତୀଙ୍କୁ ଦେଖା କରୁଥିଲା । ସେ ବିବାହ କରିବ ବୋଲି ପ୍ରତିଶ୍ରୁତି ଦେଇଥିବାରୁ ଯୁବତୀ ତା' କଥାକୁ ବିଶ୍ୱାସ କରିନେଇଥିଲେ । ଏହି ସୁଯୋଗରେ ସଞ୍ଜିତ ଯୁବତୀଙ୍କ ସହ ବହୁବାର ଶାରୀରିକ ସମ୍ପର୍କ ରଖିଥିଲା । କିଛି ଦିନ ତଳେ ସଞ୍ଜିତ ହଠାତ ଯୁବତୀଙ୍କୁ ଫୋନ କରି ଜଣାଇଲାକି, ମୋ ଘରେ ଭିଜିଲାନ୍ସ ଚଢଉ କରିଛି । ଭିଜିଲାନ୍ସ ଗିରଫ କଲେ ମୋ ଚାକିରି ଚାଲିଯିବ । ଭିଜିଲାନ୍ସ ଅଧିକାରୀଙ୍କୁ କିଛି ଟଙ୍କା ଦେଲେ ମାମଲା ରଫାଦଫା ହୋଇଯିବ ବୋଲି ସେ କହିଥିଲା । ଏହି କଥାରେ ବିଶ୍ୱାସ କରି ଯୁବତୀ ଜଣକ ବିବାହ ପାଇଁ କିଣି ରଖିଥିବା ସମସ୍ତ ସୁନା ଅଳଙ୍କାର ଓ କିଛି ସଞ୍ଚିତ ଅର୍ଥ ସଞ୍ଜିତକୁ ଦେଇ ଦେଇଥିଲେ । ଏହାପରଠୁ ସଞ୍ଜିତ ଧିରେ ଧିରେ ଯୁବତୀଙ୍କ ସହ ମିଳାମିଶା କମ କରିବାକୁ ଲାଗିଥିଲା । ପୂର୍ବଭଳି ଆଉ ଫୋନ୍ କଲ କିମ୍ବା ଦେଖାସାକ୍ଷାତ କରିନଥିଲା । ଯୁବତୀ ବିବାହ କଥା ଉଠାଇବାରୁ ସେ ଧରାଛୁଆଁ ଦେବା ବନ୍ଦ କରିଦେଇଥିଲା । ପରେ ସେ ବିବାହ କରିବନାହିଁ ବୋଲି ରୋକ୍‌ଠୋକ୍ ମନା କରିଦେଇ କେଉଁଆଡେ ଗାଏବ ହୋଇଯାଇଥିଲା । ଏଭଳି ସ୍ଥିତିରେ ପୀଡିତା ଗତ ଜୁନ୍ ମାସରେ ଚାଉଳିଆଗଞ୍ଜ ଥାନାରେ ଏତଲା ଦେଇଥିଲେ । ଅଭିଯୋଗ ଆଧାରରେ ପୁଲିସ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିଲା । ତେବେ ସଞ୍ଜିତ ଫୋନ ନମ୍ବର ବନ୍ଦ କରି ରାଜ୍ୟ ବାହାରେ ଥିବାରୁ ପୁଲିସ ତାକୁ ଠାବ କରିପାରିଲାନାହିଁ । ବିଭିନ୍ନ ସମୟରେ ସେ ମହାରାଷ୍ଟ୍ର ଓ କର୍ଣ୍ଣାଟକ ରାଜ୍ୟରେ ରହୁଥିଲା । ଏହା ଭିତରେ ଆଜି ସୂଚନା ମିଳିଥିଲା ଯେ, ସଞ୍ଜିତ୍ ଭୁବନେଶ୍ୱର ଫେରିଛି । ଏହାପରେ ପୁଲିସ ତୁରନ୍ତ ଭରତପୁର ଜଗନ୍ନାଥ ବସ୍ତି ଅଞ୍ଚଳରେ ଚଢଉ କରି ତାକୁ ଗିରଫ କରିଥିଲା ।

# ରାଜ୍ୟପାଳଙ୍କୁ ସାକ୍ଷାତ କଲେ ରାଜସ୍ୱ ମନ୍ତ୍ରୀ

ଭୁବନେଶ୍ୱର, (ସବ୍ୟୁ): ରାଜଭବନରେ ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍ପାଟିଙ୍କୁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ସୌଜନ୍ୟମୂଳକ ସାକ୍ଷାତ କରିଥିଲେ। ଏହି ସାକ୍ଷାତ ସମୟରେ ଶାସନ, ବିପର୍ଯ୍ୟୟ ପରିଚାଳନା ଏବଂ ରାଜ୍ୟର ସାମଗ୍ରିକ ବିକାଶ ସଂପର୍କରେ ଆଲୋଚନା ହୋଇଥିଲା। ବିପର୍ଯ୍ୟୟ ମୁକାବିଲା ବ୍ୟବସ୍ଥାକୁ ସୁଦୃଢ କରିବା, ଭୂ ଏବଂ ରାଜସ୍ୱ ପ୍ରଶାସନକୁ ସୁବ୍ୟବସ୍ଥିତ କରିବା ଏବଂ ସାଧାରଣ ସେବା ପ୍ରଦାନରେ ଉନ୍ନତି ଆଣିବା ଉପରେ ମଧ୍ୟ ଆଲୋଚନା ହୋଇଥିଲା।

ଏହି ପରିପ୍ରେକ୍ଷୀରେ ମନ୍ତ୍ରୀ ଶ୍ରୀ ପୂଜାରୀ ବିପର୍ଯ୍ୟୟ ପ୍ରସ୍ତୁତିକୁ ସୁଦୃଢ କରିବା, ସେବା ପ୍ରଦାନରେ ଉନ୍ନତି ଆଣିବା ଏବଂ ସମଗ୍ର ଓଡ଼ିଶାରେ ସମାବେଶୀ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବା ପାଇଁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ତରଫରୁ ଗ୍ରହଣ କରାଯାଇଥିବା ପଦକ୍ଷେପ ସଂପର୍କରେ ରାଜ୍ୟପାଳଙ୍କୁ ଅବଗତ କରାଇଥିଲେ।

ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍ପାଟି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ପ୍ରୟାସକୁ ପ୍ରଶଂସା କରିଥିଲେ



ଏବଂ ନାଗରିକମାନଙ୍କ ସୁରକ୍ଷା ଏବଂ କଲ୍ୟାଣ ସୁନିଶ୍ଚିତ କରିବା ପାଇଁ ଆଗୁଆ ଯୋଜନା ଓ ବିଭିନ୍ନ ଏଜେନ୍ସି ମଧ୍ୟରେ ସମନ୍ୱୟ ଉପରେ ଗୁରୁତ୍ୱାରୋପ କରିଥିଲେ।

### ସ୍ୱାଧୀନତା ଦିବସ ପ୍ରସ୍ତୁତି ବୈଠକ

# ରାଜ୍ୟସ୍ତରୀୟ ସ୍ୱାଧୀନତା ଦିବସରେ ଅଭିବାଦନ ଗ୍ରହଣ କରିବେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର(ସବ୍ୟୁ): ୭୯ ତମ ରାଜ୍ୟସ୍ତରୀୟ ସ୍ୱାଧୀନତା ଦିବସରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଜାତୀୟ ପତାକା ଉତ୍ତୋଳନ କରି ଅଭିବାଦନ ଗ୍ରହଣ କରିବେ । ପିଏମଜି ଛକରୁ ମାଷ୍ଟରକ୍ୟାଣ୍ଟିନ୍ ଛକ ପର୍ଯ୍ୟନ୍ତ ମହାତ୍ମା ଗାନ୍ଧୀ ମାର୍ଗରେ ଏହି ବର୍ଣ୍ଣାଢ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ।

ମଙ୍ଗଳବାର ଅତିରିକ୍ତ ମୁଖ୍ୟ ସଚିବ ସତ୍ୟବ୍ରତ ସାହୁଙ୍କ ଅଧ୍ୟକ୍ଷତାରେ ସ୍ୱାଧୀନତା ଦିବସ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି । ବୈଠକରୁ ଜଣାପଡିଛି ଯେ ମୁଖ୍ୟମନ୍ତ୍ରୀ ଅଭିବାଦନ ମଞ୍ଚ ନିକଟରେ ପହଞ୍ଚିବା ମାତ୍ରେ ମୁଖ୍ୟ ସଚିବ ମନୋଜ ଆହୁଜା, ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ପୋଲିସ ମହାନିର୍ଦ୍ଦେଶକ ଓ୍ୱାଇ ବି ଖୁରାନିଆ, ଡିଡିଜି ଏନସିସି, ଭୁବନେଶ୍ୱର ତାଙ୍କୁ ସ୍ୱାଗତ କରିବେ । ମଞ୍ଚ ନିକଟକୁ ମୁଖ୍ୟ ଶାସନ ସଚିବ ଏବଂ ପୋଲିସ ମହାନିର୍ଦ୍ଦେଶକ ପାଛୋଟି ନେବେ । ସକାଳ ୯ଟା ସମୟରେ ମୁଖ୍ୟ ଅତିଥି ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଜାତୀୟ ପତାକା ଉତ୍ତୋଳନ କରାଯିବ । ପୋଲିସ ବ୍ୟାଣ୍ଡ ଦ୍ୱାରା ଜାତୀୟ ସଂଗୀତର ପୂର୍ଣ୍ଣ ସଂସ୍କରଣ ଗାନ କରାଯିବ ଏବଂ ପରେ ମୁଖ୍ୟମନ୍ତ୍ରୀ ପ୍ୟାରେଡରେ ଅଭିବାଦନ ଗ୍ରହଣ କରିବେ । ଚଳିତ ସ୍ୱାଧୀନତା ଦିବସରେ ୪୫ଟି ଦଳ ପ୍ୟାରେଡରେ ଅଂଶଗ୍ରହଣ କରିବେ । ୨୦୨୫ ଅଗଷ୍ଟ ୧୧ ଓ ୧୨ ତାରିଖ ଅପରାହ୍ଣ ୩ଟାରେ ଏବଂ ୧୩ ତାରିଖ ଦିନ ସକାଳ ୯ଟାରେ ଭାଗ ନେଉଥିବା ଦଳମାନେ ପ୍ୟାରେଡ୍ ଅଭ୍ୟାସ କରିବେ । ଯେଉଁ ସ୍କୁଲରେ ବସ୍ ବ୍ୟବସ୍ଥା ରହିଛି, ସେମାନେ ନିଜ ସ୍କୁଲ ବସରେ ପିଲାମାନଙ୍କୁ ଆଣିବେ ଓ ଯେଉଁ ସ୍କୁଲର ନିଜର ବସ୍ ନାହିଁ ସେମାନଙ୍କ ପାଇଁ ଯାତାୟତର ବ୍ୟବସ୍ଥା କରାଯିବ ।

### ବାଲେଶ୍ୱର ଏଫ୍‌ଏମ୍ କଲେଜ ଛାତ୍ରୀ ଆତ୍ମାହୁତି ମାମଲା

# ଜଉମୁଦ ଲଫାପାରେ ତଦନ୍ତ ରିପୋର୍ଟ ଦାଖଲ କଲା କ୍ରାଇମ୍ ବ୍ରାଞ୍ଚ

କଟକ,(ସବ୍ୟୁ): ବହୁ ଚର୍ଚ୍ଚିତ ବାଲେଶ୍ୱର ଏଫ୍‌ଏମ୍ କଲେଜ ଛାତ୍ରୀ ସୌମ୍ୟାଶ୍ରୀ ବିଶି ଆତ୍ମାହୁତି ମାମଲାରେ ରାଜ୍ୟ ସରକାରଙ୍କ ପକ୍ଷରୁ କ୍ରାଇମ୍‌ବ୍ରାଞ୍ଚ୍ ତଦନ୍ତର ଷ୍ଟାଟସ୍ ରିପୋର୍ଟ ଜଉମୁଦ ଲଫାପାରେ ହାଇକୋର୍ଟରେ ଦାଖଲ କରାଯାଇଥିଲା। ଏଥିସହ ଆଡଭୋକେଟ୍ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ ଏହି ଘଟଣାର ବର୍ତ୍ତମାନର ସ୍ଥିତି ରାଜ୍ୟ ସରକାର ଗ୍ରହଣ କରିଥିବା କାର୍ଯ୍ୟାନୁଷ୍ଠାନ ସଂକ୍ରାନ୍ତରେ ହାଇକୋର୍ଟଙ୍କୁ ଅବଗତ କରିଥିଲେ। ଇତିମଧ୍ୟରେ ଏଫ୍‌ଏମ୍ କଲେଜ୍‌ର ଦୁଇ ଅଧ୍ୟାପକଙ୍କୁ ଗିରଫ କରାଯାଇଛି । ସରକାରଙ୍କ ନିର୍ଦ୍ଦେଶକ୍ରମେ କ୍ରାଇମ୍‌ବ୍ରାଞ୍ଚ୍ ଏହି ଘଟଣାର ତଦନ୍ତଭାର ହାତକୁ ନେଇଛି । ଜଣେ ମହିଳା ଆଇଜିଙ୍କ ନେତୃତ୍ୱରେ ଘଟଣାର ତଦନ୍ତ ହେଉଛି ବୋଲି ଶ୍ରୀ ଆଚର୍ଯ୍ୟ କହିଥିଲେ। ପରେ ହାଇକୋର୍ଟ ଏସ୍‌ଆଇଟି ତଦନ୍ତକୁ ଅଗ୍ରାହ୍ୟ କରି ଦେଇଛନ୍ତି। ଅପରପକ୍ଷରେ ସୌମ୍ୟାଶ୍ରୀ ବିଶିଙ୍କ ଆତ୍ମାହୁତି ଘଟଣାରେ ବିରୋଧୀ ଦଳ ବିଜେଡ଼ି ଏବଂ କଂଗ୍ରେସ୍ କିପରି ରାଜନୀତିକରଣ କରି ଆନ୍ଦୋଳନକୁ ଓହ୍ଲାଇଥିଲେ

**ବନ୍ଦ କୁ ନେଇ ବିଜେଡ଼ି ଓ କଂଗ୍ରେସକୁ ହାଇକୋର୍ଟ ମାଗିଲେ ଜବାବ**

ସେ ସଂକ୍ରାନ୍ତରେ ଏଜି ଶ୍ରୀ ଆଚାର୍ଯ୍ୟ ହାଇକୋର୍ଟଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ବିଜେଡ଼ି ପକ୍ଷରୁ ଏମ୍ବରେ ଆମ୍ବୁଲାନ୍ସକୁ ଅଟକାଇ ରୋଗୀସେବାରେ ବ୍ୟାହତ ପହଞ୍ଚା ଯାଇଥିଲା। ଆହୁରିମଧ୍ୟ ଆନ୍ଦୋଳନ ଡାକରା ଦେଇ ସାଧାରଣ ଲୋକଙ୍କ ଯାତାୟତରେ ବହୁ ସମସ୍ୟା ସୃଷ୍ଟି କରିଥିଲେ। ଏହାଦ୍‌ବାରା ସୁପ୍ରିମ୍‌କୋର୍ଟଙ୍କ ଆଦେଶର ଉଲଂଘନ କରିଥିବା ନେଇ ଶ୍ରୀ ଆଚାର୍ଯ୍ୟ ଅଦାଲତରେ ଯୁକ୍ତି ଉପସ୍ଥାପନ କରିଥିଲେ। ଏହାକୁ ଗ୍ରହଣ କରି ହାଇକୋର୍ଟ ଉଭୟ ବିଜେଡ଼ି ଏବଂ କଂଗେସକୁ କାରଣ ଦର୍ଶାଅ ନୋଟିସ୍ ଜାରି କରିଛନ୍ତି। ଆଇନଜୀବୀ ତଥା ମାନବାଧିକାର କର୍ମୀ ଶିବ ଶଙ୍କର ମହାନ୍ତିଙ୍କ ପକ୍ଷରୁ ଆଗତ ମାମଲାର ଶୁଣାଣି କରି ହାଇକୋର୍ଟର ମୁଖ୍ୟ ବିଚାରପତି ହରିଶ୍ ଟଣ୍ଡନ ଏବଂ ଜଷ୍ଟିସ୍ ମାନସ ରଞ୍ଜନ ପାଠକଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ନିର୍ଦ୍ଦେଶ ଦେଇଛନ୍ତି। ତିନି ସପ୍ତାହ ପରକୁ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ସମୟ ହୋଇଛି ।ସୌମ୍ୟାଶ୍ରୀ ବିଶି ଏଫ୍‌ଏମ୍ କଲେଜର ଅଧ୍ୟାପକ ତଥା ବିଭାଗୀୟ ମୁଖ୍ୟଙ୍କ ଦ୍ୱାରା ନିର୍ଯାତନାର ଶିକାର ହୋଇଥିଲେ। ସମ୍ପୃକ୍ତ ଅଧ୍ୟାପକଙ୍କ ବିରୋଧରେ ସେ ବିଭିନ୍ନ ଫୋରମରେ ଅଭିଯୋଗ କରିଥିଲେ। କିନ୍ତୁ ସବୁଠୁ ନିରାଶ ହେବାପରେ ଆତ୍ମାହୁତି ଭଳି ଚରମ ପଦକ୍ଷେପ ନେଇଥିଲେ। ଏହାକୁ ନେଇ ରାଜ୍ୟବ୍ୟାପୀ ପ୍ରତିକ୍ରିୟା ସୃଷ୍ଟି ହୋଇଥିଲା ଅତିସମ୍ବେଦନଶୀଳ ଘଟଣା ହୋଇଥିବାରୁ ଏହାର ଉପଯୁକ୍ତ ତଦନ୍ତ ହେବାର ଆବଶ୍ୟକତା ରହିଛି ଦର୍ଶାଇ ଆବେଦନକାରୀ ଶ୍ରୀ ମହାନ୍ତି ପିଟିସନ୍‌ରେ ଉଲ୍ଲେଖ କରିଥିଲେ। ଏପରି ଅଘଟଣର ଯେପରି ପୁନରାବୃତ୍ତି ନଘଟେ ସେଥିପାଇଁ ଅଦାଲତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହାର ତଦନ୍ତର ଆବଶ୍ୟକତା ରହିଛି। ଅଦାଲତ କିଛି ନିରପେକ୍ଷ ଅଧିକାରୀଙ୍କୁ ନେଇ ଏସ୍‌ଆଇଟି ଗଠନ ଓ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ତଦନ୍ତ ଶେଷ ପାଇଁ ନିର୍ଦ୍ଦେଶ ଦେବାକୁ ଆବେଦନକାରୀ ପିଟିସନ୍‌ରେ ପ୍ରାର୍ଥନା କରିଥିଲେ। ଛାତ୍ରୀଙ୍କୁ କିଭଳି ନିର୍ଯାତନା ଦିଆଯାଇଛି, ଏ-କଲେଜ ପ୍ରଶାସନର ଭୂମିକା, ୟୁଜିସି ଗାଇଡ୍‌ଲାଇନ୍ ଅନୁସାରେ ପଦକ୍ଷେପ ଗ୍ରହଣ କରାଯାଇଥିଲା କି ନା, ଛାତ୍ରୀଙ୍କୁ ଆତ୍ମାହୁତି ପାଇଁ ପ୍ରରୋଚିତ କରାଯିବା ଆଦି ବିଭିନ୍ନ ଦିଗକୁ ତଦନ୍ତ ଲାଗି ଅଦାଲତ ନିର୍ଦ୍ଦେଶ ଦେବାକୁ ଆବେଦନକାରୀ ନିବେଦନ କରିଥିଲେ । ଛାତ୍ରୀମାନଙ୍କ ସୁରକ୍ଷା ପାଇଁ ପ୍ରତି ଉଚ୍ଚଶିକ୍ଷା ଅନୁଷ୍ଠାନରେ ୟୁଜିସି ଗାଇଡ୍‌ଲାଇନ୍ ଆଧାରରେ ଇଣ୍ଟର କମ୍ପ୍ଲେଣ୍ଟସ୍ କମିଟି( ଆଇସିସି) ଗଠନ ବାଧ୍ୟତାମୂଳକ କରିବା ଲାଗି ରାଜ୍ୟ ଉଚ୍ଚଶିକ୍ଷା ବିଭାଗକୁ ନିର୍ଦ୍ଦେଶ ଦିଆଯାଉ ବୋଲି ଆବେଦନକାରୀ କହିଥିଲେ।

### ବରିଷ୍ଠ ସାମ୍ବାଦିକଙ୍କୁ ହତ୍ୟା ଉଦ୍ୟମ ଘଟଣା

# ୨ ଅଭିଯୁକ୍ତଙ୍କୁ ଜେଲ୍ ଓ ଜୋରିମାନା

ପୁରୀ, (ସବ୍ୟୁ): ଗତ ୨୦୦୯ ମସିହାରେ ପୁରୀର ବରିଷ୍ଠ ସାମ୍ବାଦିକ ବିଶ୍ୱଜିତ୍ ମିଶ୍ରଙ୍କୁ ମରଣାନ୍ତକ ଆକ୍ରମଣ ଓ ହତ୍ୟା ଉଦ୍ୟମ ମାମଲାରେ ୨ଜଣ ଅଭିଯୁକ୍ତଙ୍କୁ ୩ବର୍ଷ ଲେଖାଏଁ ସଶ୍ରମ କାରାଦଣ୍ଡ ଓ ୨୫ହଜାର ଟଙ୍କା ଲେଖାଏଁ ଜୋରିମାନା ଦଣ୍ଡରେ ଦଣ୍ଡିତ କରାଯାଇଛି। ଜୋରିମାନା ଅନାଦେୟ ଆସାମୀ ଦ୍ୱୟଙ୍କୁ ଅଧିକ ୬ମାସ ଲେଖାଏଁ ଜେଲ୍ ଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ତଥା ସହକାରୀ ଦୌରାଜଜ୍ ସୁଶାନ୍ତ କୁମାର ମିଶ୍ର ତାଙ୍କ ରାୟରେ ନିର୍ଦ୍ଦେଶ ଦେଇଛନ୍ତି। ଦଣ୍ଡିତ ଅଭିଯୁକ୍ତ ଦ୍ୱୟ ହେଲେ ଟାଉନ ଥାନା ଅଧୀନସ୍ଥ ଜଗନ୍ନାଥବଲ୍ଲଭ ମଠ ପରିସରର ମୋହନ ଦାସଙ୍କ ପୁତ୍ର ଶିବୁନା ଦାସ ଓରଫ ଭୋଇ (୩୭) ଓ ମିଶ୍ର ସାହି ସ୍ଥିତ ଜଗନ୍ନାଥ ବସ୍ତିର ରବି ବେହେରାଙ୍କ ପୁତ୍ର ପୁଅ ଓରଫ ବିଜୟ ବେହେରା (୩୮)। ସରକାରଙ୍କ ପକ୍ଷରୁ ଆଡ଼ଭୋକେଟ ରାଜଶେଖର ପାଢୀ ଏହି ମାମଲା ପରିଚାଳନା କରୁଥିଲେ। ୨୦୦୯ ମସିହା ମେ ମାସ ୧୧ ତାରିଖ ଅପରାହ୍ଣ ୪ଟା ୩୦ମିନିଟ୍‌ରେ ଏହି ମରଣାନ୍ତକ ଆକ୍ରମଣ ଘଟିଥିଲା। ୪ଜଣ ଦୁର୍ବୃତ୍ତ ଗୋପାଳବଲ୍ଲଭ ରୋଡ଼ ସ୍ଥିତ ପୁରୀର ଓଡ଼ିଆ ଲୋକାଲ ନ୍ୟୁଜ୍ ଚ୍ୟାନେଲ ପ୍ରତିଧ୍ୱନି କାର୍ଯ୍ୟାଳୟରେ ପ୍ରବେଶ କରି ପ୍ରତିଧ୍ୱନିର ସାମ୍ବାଦିକ ଶ୍ରୀ ମିଶ୍ରଙ୍କୁ ମରଣାନ୍ତକ ଆକ୍ରମଣ କରିବା ସହ ହତ୍ୟା ଉଦ୍ୟମ କରିଥିଲେ। ଏ ସଂକ୍ରାନ୍ତରେ ଟାଉନଥାନାରେ ଆଇପିସିର ୪୫୨, ୩୪୧, ୨୯୪, ୩୨୫, ୩୦୭, ୫୦୬ ଓ ୩୪ ଦଫାରେ ୯୭/୨୦୦୯ ନମ୍ବର ମାମଲା ରୁଜୁ ହୋଇଥିଲା। ପରେ ଏହା ଜିଆର କେସ୍ ନମ୍ବର ୭୨୩/୨୦୦୯କୁ ରୂପାନ୍ତରିତ ହୋଇଥିଲା। ଏହି ଘଟଣାରେ ପୋଲିସ ତଦନ୍ତ କରି ୨ଜଣ ଆସାମୀଙ୍କୁ ଗିରଫ କରିବା ସହ ପରବର୍ତ୍ତୀ ସମୟରେ ଚାର୍ଜସିଟ୍ ଦାଖଲ କରିଥିଲା। ମାନ୍ୟବର ଅଦାଲତ ଏହି ମାମଲାର ବିଚାର କରି ଆଇପିସିର ୩୨୪ ଦଫାରେ ଉଭୟଙ୍କୁ ୩ବର୍ଷ ସଶ୍ରମ କାରାଦଣ୍ଡ ଓ ୨୫ହଜାର ଟଙ୍କା ଜୋରିମାନା ଏବଂ ଜୋରିମାନା ଅନାଦେୟ ଅଧିକ ୬ମାସ ଜେଲ୍ ଦଣ୍ଡରେ ଦଣ୍ଡିତ କରିଛନ୍ତି। ସେହିଭଳି ୪୫୨ ଦଫାରେ ୩ବର୍ଷ ଜେଲ୍, ୨୫ହଜାର ଟଙ୍କା ଜୋରିମାନା ଓ ଅର୍ଥଦଣ୍ଡ ଅନାଦେୟ ଅଧିକ ୬ମାସ ଜେଲ୍ ଦଣ୍ଡ ଭୋଗିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଆକ୍ରମଣ ଘଟଣାରେ ଶ୍ରୀ ମିଶ୍ରଙ୍କ ମୁଣ୍ଡ, ଗୋଡ଼ ଓ ମୁହଁରେ ଗୁରୁତର ଆଘାତ ଲାଗିବା ସହ ଦାନ୍ତ ଭାଙ୍ଗିଯାଇଥିଲା।

# ଲୁଟେରା ଗିରଫ, ୩ ବାଇକ୍ ଜବତ

ଭୁବନେଶ୍ୱର, (ସବ୍ୟୁ) : ଲକ୍ଷ୍ମୀସାଗର ଥାନା ପୋଲିସ ଜଣେ ବାଇକ୍ ଲୁଟେରାକୁ ଗିରଫ କରିବା ସହ ତା' ନିକଟରୁ ୩ଟି ବାଇକ୍ ଜବତ କରିଛି । ଗିରଫ ଲୁଟେରା ସାଜିଦ୍ ଖାନ୍ ଓରଫ ଟୁକୁନା (୩୪)କୁ ମଙ୍ଗଳବାର କୋର୍ଟ ଚାଲାଣ କରାଯିବା ପରେ ଜାମିନ ନାମଞ୍ଜୁର ହୋଇଯିବାରୁ ତାକୁ ଜେଲ୍ ହାଜତ ପଠାଇ ଦିଆଯାଇଛି ।

ଗଣେଶ ପଣ୍ଡା ଲକ୍ଷ୍ମୀସାଗର ବିଡିଏ କଲୋନୀ ଶ୍ରୀରାମ ମନ୍ଦିରରେ ପୂଜକ ଭାବେ କାର୍ଯ୍ୟ କରନ୍ତି । ଗତ ୯ ତାରିଖ ସନ୍ଧ୍ୟାରେ ସେ ତାଙ୍କର ବାଇକ୍‌କୁ ମନ୍ଦିର ସମ୍ମୁଖରେ ରଖିଥିଲେ । ମନ୍ଦିରରୁ ଫେରି ଦେଖିଥିଲେ ଯେ ତାଙ୍କ ବାଇକ୍ ନାହିଁ । କିଛି ଲୋକଙ୍କୁ ପଚରା ଉଚରା କରିବା ସହ ଖୋଜ ଖବର କରି ନପାଇବାରୁ ଲକ୍ଷ୍ମୀସାଗର ଥାନାରେ ଅଭିଯୋଗ କରିଥିଲେ । ସୋମବାର ସନ୍ଧ୍ୟାରେ ପୋଲିସ ଟୁକୁନାକୁ ଲକ୍ଷ୍ମୀସାଗର କେନାଲ ରୋଡ଼ ନିକଟରୁ ଗିରଫ କରିଥିଲା । ପଚରା ଉଚରା ସମୟରେ ସେ ପୂଜକଙ୍କ ବାଇକ୍, ଜୟଦୁର୍ଗା ନଗର ଓ ଭୁବନେଶ୍ୱର କୋର୍ଟ ପରିସରରୁ ବାଇକ୍ ଚୋରି କରିଥିବା କହିଥିଲା । ପୋଲିସ ତା' ନିକଟରୁ ୩ଟି ବାଇକ୍ ଜବତ କରିବା ପରେ ମଙ୍ଗଳବାର କୋର୍ଟ ଚାଲାଣ କରିଥିଲା ।

TPCODL | TPNODL | TPSODL | TPWODL

(Joint Ventures of Tata Power and Government of Odisha)

**PUBLIC NOTICE**

Installation of smart meters for new electricity connection and replacement of existing meters is in post paid mode by default. Pre-paid mode is optional and enabled only on consumer's request.

For any queries or service requests related to smart meters or other electricity services, please call on 24x7 toll-free number at 1912 or contact your nearest Customer Care Centre.



ପ୍ରୟାଣର ୧୦ମ ବାର୍ଷିକୀ ଶ୍ରଦ୍ଧାଞ୍ଜଳି

ସପ୍ରେମ ସ୍ମୃତିରେ...

ପଦ୍ମିନୀ ରଥ

ଆବିର୍ଭାବ : ତା ୨୬.୧୦.୧୯୬୨
ତିରୋଧାନ : ତା ୧୩.୦୮.୨୦୧୫

'ତୁମ ମାଟି ଦେହ ଗ୍ରାସିଛି ଶ୍ମଶାନ
ମାତ୍ର ଯଶୋଦେହେ ତୁମେ ଆୟୁଷ୍ମାନ'
ତା ୨୩.୦୭.୨୦୨୫ (ବୁଧବାର)
ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଓ ସ୍ମୃତିସଭା
ମୁଖ୍ୟପୁରୋଧା
**ପରମପୂଜ୍ୟ ଶ୍ରୀ ସତ୍ୟାନନ୍ଦ ଦାସ**
ଶ୍ରୀ ଜଗନ୍ନାଥ ସଂସ୍କୃତି ପ୍ରଚାରକ
ପୂର୍ବାହ୍ନ ୧୧.୩୦ ଘଟିକା
ସ୍ଥାନ: ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟ ପରିସର, ଟାଙ୍ଗୀ, କଟକ
ସ୍ମୃତିଚାରଣ କାର୍ଯ୍ୟକ୍ରମ:ସଂଧ୍ୟା ୭.୦୦ ଘଟିକା
ସ୍ଥାନ: ମଙ୍ଗଳା ମନ୍ଦିର ପ୍ରାଙ୍ଗଣ
ରାଜେନ୍ଦ୍ର ନଗର, କଟକ
ଆପଣଙ୍କ ପ୍ରତୀକ୍ଷାରେ
**ରଥ ପରିବାର**
କଏରାପାରୀ, ଟାଙ୍ଗୀ, କଟକ

SRI DURGA CONDEV PVT. LTD. | DRIEMS UNIVERSITY | PADMINI care | PRAMOD HOTELS & RESORTS

## ଗୋଟିଏ ଦିନରେ ଜଗତସିଂହପୁର, ଯାଜପୁର ଓ ମାଲକାନଗିରିରେ ଦୁଷ୍କର୍ମ

# ମହିଳାମାନେ ଘରୁ ଗୋଡ କାଢ଼ିବା ଚାହାଁନ୍ତିନି ରାଜ୍ୟ ସରକାର: ବିଜେଡି

ଭୁବନେଶ୍ୱର, (ସବ୍ୟୁ): ରାଜ୍ୟରେ ଉଦ୍‌ବେଗଜନକ ଭାବେ ବୃଦ୍ଧି ପାଉଥିବା ନାରୀ ନିର୍ଯାତନାକୁ ନେଇ ବିଜୁ ଜନତା ଦଳ ଅଭିଯୋଗ କରିଛି ଯେ, ମହିଳାମାନେ ଘର କୋଣରେ ରୁହନ୍ତୁ ଓ ଘରୁ ଗୋଡ କାଢନ୍ତୁ ନାହିଁ ବୋଲି ବିଜେପି ସରକାର ଚାହେଁ। ଶଙ୍ଖଭବନଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ବିଧାୟକ ପ୍ରଶାନ୍ତ ମୁଦୁଲି, ପୂର୍ବତନ ବିଧାୟକ ଚିରଞ୍ଜୀବ ବିଶ୍ୱାଳ ଏବଂ ଭୁବନେଶ୍ୱର ମେୟର ଶ୍ରୀମତୀ ସୁଲୋଚନା ଦାସ ପ୍ରମୁଖ ଗୋଟିଏ ଦିନରେ ୩ଟି ଜିଲ୍ଲାରେ ଦୁଷ୍କର୍ମ ଓ ଗଣଦୁଷ୍କର୍ମ ସହ ପୁରୀରେ ତିନି ଭଉଣୀଙ୍କୁ ଅସଦାଚରଣ ମାମଲା ଉଲ୍ଲେଖ କରି ବିଜେପି ସରକାରରେ ମହିଳାମାନେ ଘରୁ ଗୋଡ କାଢିବା ଆଉ ସୁରକ୍ଷିତ ନୁହେଁ ବୋଲି ଅଭିଯୋଗ କରିଛନ୍ତି। ଶ୍ରୀ ମୁଦୁଲୀ କହିଛନ୍ତି ଯେ, ଛାତ୍ରୀ ହେଉ ବା ଗୃହିଣୀ ସମାଜରେ ନିଜକୁ ଆତ୍ମନିର୍ଭର କରିବା ପାଇଁ ଘରୁ ବାହାରକୁ ଆସିବାକୁ ପଡିବ କିନ୍ତୁ ଦୁର୍ଭାଗ୍ୟର କଥା ରାଜ୍ୟ ବିଜେପି ସରକାର ମହିଳାଙ୍କୁ ସୁରକ୍ଷା



ଦେବାରେ ସଂପୂର୍ଣ୍ଣ ଅସମର୍ଥ। ଚିରଞ୍ଜୀବ ବିଶ୍ୱାଳଙ୍କ ନେତୃତ୍ୱରେ ପ୍ରଶାନ୍ତ ମୁଦୁଲି, ସୁଲୋଚନା ଦାସ, ମଂଜୁଲତା କହଁର, ଶ୍ରୀମତୀ ପ୍ରୀତୀନନ୍ଦା ରାଉତରାୟ, ଭାରତୀ ସିଂ ଓ ମହାମାୟା ସ୍ୱାଇଁ ପ୍ରମୁଖ ବିଜେଡିର ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ଜଗତସିଂହପୁରରେ ଗଣଦୁଷ୍କର୍ମର ଶୀକାର ହୋଇଥିବା ନାବାଳିକାଙ୍କ ପରିବାରକୁ ଆଜି ଭେଟି ଆଶ୍ୱାସନା ଦେବା ସହ ଦଳର ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ସମବେଦନା ଜଣାଇଥିଲେ। ଚିରଞ୍ଜୀବ ବିଶ୍ୱାଳ କହିଥିଲେ, ମାଲକାନଗିରିରେ ଦୁଇ ଦୁଇଟି ଦୁଷ୍କର୍ମ ଘଟଣାକୁ ନେଇ ବିଜେଡିର ଏକ ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ପୂର୍ବତନ ବିଧାୟକ ତଥା ଜିଲ୍ଲା ସଭାପତି ମାନସ ମାଡକାମୀଙ୍କ ନେତୃତ୍ୱରେ ଏସ୍‌ପିଙ୍କୁ ଭେଟି ଆଲୋଚନା କରିଛନ୍ତି। ଉପାନ୍ତ ଅଞ୍ଚଳରେ ନାବାଳିକା ଓ ମହିଳାଙ୍କୁ ସୁରକ୍ଷା ଦେବାରେ ରାଜ୍ୟ ସରକାର ସଂପୂର୍ଣ୍ଣ ବିଫଳ ହୋଇଛନ୍ତି। ନାବାଳିକାଙ୍କୁ ଗଣଦୁଷ୍କର୍ମ ହୋଇଛି ବୋଲି ନିଜେ ଏସ୍‌ପି ସ୍ୱୀକାର କରିଛନ୍ତି। ଭୁବନେଶ୍ୱର ମେୟର ଶ୍ରୀମତୀ ସୁଲୋଚନା ଦାସ କହିଛନ୍ତି ଯେ, ନବୀନ ପଟ୍ଟନାୟକଙ୍କ ନେତୃତ୍ୱାଧୀନ ବିଜେଡି ସରକାର ମହିଳାଙ୍କୁ ସଶକ୍ତ କରିବା ପାଇଁ ବିଭିନ୍ନ ଯୋଜନାମାନ କାର୍ଯ୍ୟକାରୀ କରିଥିଲେ। କିନ୍ତୁ ରାଜ୍ୟରେ ବିଜେପି ସରକାର ପ୍ରତିଷ୍ଠା ହେବା ଦିନଠାରୁ ମହିଳାମାନେ ନିଜକୁ ସୁରକ୍ଷିତ ମନେ କରୁନାହାନ୍ତି। ଯାଜପୁରରେ ନାବାଳିକା ଗଣଦୁଷ୍କର୍ମ ଘଟଣାରେ ପୂର୍ବତନ ସାଂସଦ ଶର୍ମିଷ୍ଠା ସେଠୀଙ୍କ ନେତୃତ୍ୱରେ ବିଧାୟିକା ସୁଜାତା ସାହୁ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଶ୍ରୀମତୀ ନଳୀନୀପ୍ରଭା ଜେନା, ମ୍ୟୁନିସପାଲିଟି ଅଧ୍ୟକ୍ଷା ମଂଜୁଲତା ହୋତା, ସବିତା ରାଉତ, ଶ୍ରୀମତୀ ମାମିନା ମଲ୍ଲିକ ଓ ଶ୍ରୀମତୀ ତପସ୍ୱୀନୀ ସ୍ୱାଇଁ ପ୍ରମୁଖ ବିଜେଡି ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ପୀଡିତା ପରିବାରଙ୍କୁ ଭେଟି ଆଲୋଚନା କରି ସମବେଦନା ଜଣାଇଥିଲେ। ଗୋଟିଏ ଦିନରେ ତିନୋଟି ଜିଲ୍ଲାରେ ଦୁଷ୍କର୍ମ ଓ ଗଣଦୁଷ୍କର୍ମ ଘଟଣା ରାଜ୍ୟବାସୀଙ୍କୁ ବିଚଳିତ କରିଛି। ପୁରୀରେ ଟ୍ୟୁସନରୁ ଫେରୁଥିଲା ବେଳେ ତିନି ଭଉଣୀଙ୍କୁ ଅସଦାଚରଣ ଘଟଣା ଦୁର୍ଭାଗ୍ୟଜନକ ବୋଲି ଶ୍ରୀମତୀ ଦାସ କହିଥିଲେ। ଉତ୍ସବମୁହାଁ ସରକାର ଯଦି ରାଜ୍ୟରେ ବୃଦ୍ଧି ପାଉଥିବା ମହିଳା ନିର୍ଯାତନାରେ ବିରାମ ନଲଗାଏ, ଆଗାମୀ ଦିନରେ ସମଗ୍ର ରାଜ୍ୟରେ ଆନ୍ଦୋଳନକୁ ତୀବ୍ରତର କରିବ ବୋଲି ଚେତାବନୀ ଦେଇଛି ବିଜେଡି।

# ରାଜ୍ୟରେ ସୃଷ୍ଟି ହେବ ଅଧିକ ୬୩୫୮ ବୁଥ

## ଏଣିକି ଏଜେଣ୍ଟଙ୍କ ଫଟୋ, ମୋବାଇଲ ନମ୍ବର ଦେବା ଜରୁରୀ

ଭୁବନେଶ୍ୱର(ସବ୍ୟୁ): ରାଜ୍ୟରେ ଅଧିକ ୬ହଜାର ୩୫୮ ବୁଥ ସୃଷ୍ଟି ହେବ। ବୁଥସ୍ତରୀୟ ଏଜେଣ୍ଟ (ବିଏଲଏ)ଙ୍କୁ ନିଯୁକ୍ତ ରାଜନୈତିକ ଦଳ ଗୁଡିକର ସଦସ୍ୟଙ୍କୁ କୁହାଯାଇଛି । ଏହାସହ ଏଜେଣ୍ଟମାନେ ଆବେଦନ ଫର୍ମରେ ଫଟୋ ଏବଂ ମୋବାଇଲ ନମ୍ବର ନିଶ୍ଚିତ ଦେବାକୁ ପଡିବ । ଏନେଇ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ) ଆରଏସ୍ ଗୋପାଳନ ବିଭିନ୍ନ ସିକୃତିପ୍ରାପ୍ତ ରାଜନୈତିକ ଦଳ ଗୁଡିକ ସହ ବୈଠକ କରିଛନ୍ତି ।

ଭୋଟରଙ୍କ ସୁବିଧା ତଥା ଭିଡ କମାଇବା ସକାଶେ ପୂର୍ବରୁ ୧୫୦୦ ଭୋଟରଙ୍କୁ ନେଇ ଗଠନ ହେଉଥିବା ବୁଥ ଏଣିକି ୧୨୦୦ ଭୋଟରରେ ସୀମିତ କରାଯିବ । ଏଥି ନିମନ୍ତେ ଅଧିକ ୬୩୫୮ ବୁଥ ସୃଷ୍ଟି ହେବ । ମତଦାନର ସୁଗମ ପରିଚାଳନା ସୁନିଶ୍ଚିତ କରିବା ପାଇଁ ୧୨୦୦ ରୁ ଅଧିକ ଭୋଟର ଥିବା ମତଦାନ କେନ୍ଦ୍ରଗୁଡ଼ିକୁ ଏହି ପ୍ରକ୍ରିୟାରେ ଯୋଡ଼ାଯିବ । ନିର୍ବାଚନ ପୂର୍ବରୁ ଭୋଟରଙ୍କ ପ୍ରବେଶକୁ ସରଳ କରିବା ଏବଂ ମତଦାନ କେନ୍ଦ୍ରରେ ଭିଡ଼ ହ୍ରାସ କରିବା ପାଇଁ ଏହି ପଦକ୍ଷେପ ନିଆଯିବ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ କହିଛନ୍ତି । ସେହିପରି ବୁଥସ୍ତରୀୟ ଏଜେଣ୍ଟ (ବିଏଲଏ)ଙ୍କୁ ନିଯୁକ୍ତ ବେଳେ ଆବେଦନ ଫର୍ମ(ବିଏଲଏ-୨)ରେ ଫଟୋ ଏବଂ ମୋବାଇଲ ନମ୍ବର ଏଣିକି ଦେବାକୁ ପଡିବ । ପୂର୍ବ ନିଯୁକ୍ତ ବୁଥ ସ୍ତରୀୟ ଏଜେଣ୍ଟ ଯେଉଁମାନେ ଆବେଦନ ବେଳେ ଫଟୋ ଏବଂ ମୋବାଇଲ ନମ୍ବର ଦେଇନଥିବେ ସେମାନେ ମଧ ଆବେଦନ ଫର୍ମପୁନଃ ଜମା କରିବେ ବୋଲି ସୂଚନା ଦେଇଛନ୍ତି । ସମସ୍ତ ରାଜନୈତିକ ଦଳଗୁଡିକୁ ବୁଥ ସ୍ତରୀୟ ଏଜେଣ୍ଟଙ୍କୁ ନିଯୁକ୍ତ କରିବାକୁ ସେ ଅନୁରୋଧ କରିଥିଲେ ।

ଏହି ବୈଠକରେ ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ସୁଶାନ୍ତ କୁମାର ମିଶ୍ର , ଉପ ମୁଖ୍ୟ ନିର୍ବାଚନ ଅଧିକାରୀ ଡ଼ ଲକ୍ଷ୍ମୀ ପ୍ରସାଦ ସାହୁ, ଉପ ମୁଖ୍ୟ ନିର୍ବାଚନ ଅଧିକାରୀ ଅନାମିକା ସିଂ ମଧ ଉପସ୍ଥିତ ଥିଲେ । ଏହି ଅବସରରେ ସମସ୍ତ ରାଜନୈତିକ ଦଳ ଗୁଡ଼ିକର ସଦସ୍ୟମାନେ ସାମିଲ ହେବା ନେଇ ସହମତି ପ୍ରକାଶ କରିଥିଲେ ।

## ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନା ଉପରେ ହାଇକୋର୍ଟଙ୍କ ରହିତାଦେଶ

# ରାଜ୍ୟ ସରକାରଙ୍କୁ ନୋଟିସ୍

କଟକ,(ସବ୍ୟୁ): ଗ୍ରାମାଞ୍ଚଳ ଭିତ୍ତିଭୂମିର ବିକାଶ ପାଇଁ ରାଜ୍ୟ ସରକାର ଗତ ଜାନୁଆରୀରେ 'ବିକଶିତ ଗାଁ ବିକଶିତ ଓଡ଼ିଶା' ଯୋଜନା ଆରମ୍ଭକରିଥିଲାବେଳେ ଏହା ଉପରେ ହାଇକୋର୍ଟ ଆଜି ରହିତାଦେଶ ଜାରି କରିଛନ୍ତି । ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ଏହି ଯୋଜନା କାର୍ଯ୍ୟକାରୀ ହୋଇପାରିବ ନାହିଁ ବୋଲି ହାଇକୋର୍ଟ ଆଦେଶରେ ସ୍ପଷ୍ଟ କରିଛନ୍ତି। ଏଥିସହ ହାଇକୋର୍ଟ ରାଜ୍ୟ ସରକାରଙ୍କୁ ଜବାବ ଦାଖଲ ଲାଗି ନୋଟିସ୍ ଜାରି କରିଛନ୍ତି । ଜଣେ ସରପଞ୍ଚ ପ୍ରତାପ ପରିଡ଼ାଙ୍କ ପକ୍ଷରୁ ଆଗତ ମାମଲାର ଶୁଣାଣି କରି ହାଇକୋର୍ଟର ବିଚାରପତି ଜଷ୍ଟିସ୍ ରାଧାକୃଷ୍ଣ ପଟ୍ଟନାୟକ ଏହି ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ଶୁଣାଣି ଆସନ୍ତା ଅଗଷ୍ଟ ୧୨ କୁ ଧାର୍ଯ୍ୟ ହୋଇଛି। ଆବେଦନକାରୀ ଶ୍ରୀ ପରିଡ଼ା ପିଟିସନ୍‌ରେ ଦର୍ଶାଇଛନ୍ତି ଯେ, ଗ୍ରାମାଞ୍ଚଳର ବିକାଶ ପାଇଁ ନୂତନ ସରକାର କ୍ଷମତାକୁ ଆସିବା ପରେ ୨୦୨୫ ଜାନୁଆରୀ ୨୮ରେ ଏହି ଯୋଜନା କାର୍ଯ୍ୟକାରୀ କରିଥିଲେ । ପଞ୍ଚାୟତ ନିୟମ ଅନୁଯାୟୀ ଯେକୌଣସି ଯୋଜନା ପଞ୍ଚାୟତରେ କାର୍ଯ୍ୟକାରୀ ହେବ ସେଥିପାଇଁ ଗ୍ରାମସଭାର ଅନୁମତି ନେବାକୁ ପଡ଼ିବ। ଅର୍ଥାତ ଗ୍ରାମସଭା ଅନୁମତି ବିନା କୌଣସି ଯୋଜନା ପଞ୍ଚାୟତରେ କାର୍ଯ୍ୟକାରୀ ହୋଇପାରିବ ନାହିଁ । ସେହିପରି ଏହି ଯୋଜନାରେ ପଞ୍ଚାୟତରେ ଗୋଟିଏ ଟଙ୍କା ବି ଖର୍ଚ୍ଚ କରିବାର କ୍ଷମତା ସରପଞ୍ଚଙ୍କ ହାତକୁ ଦିଆଯାଇ ନାହିଁ। ଏଥିରେ ସମସ୍ତ କ୍ଷମତା ଜିଲ୍ଲାପାଳଙ୍କ ହାତରେ ରହିଛି। ଜିଲ୍ଲାପାଳଙ୍କ ଅନୁମତିକ୍ରମେ ଏହି ଯୋଜନାର ସମସ୍ତ ଅର୍ଥ ବିଭିନ୍ନ ପଞ୍ଚାୟତରେ ଖର୍ଚ୍ଚ କରାଯିବ ବୋଲି ଯୋଜନାରେ ଦର୍ଶାଯାଇଛି। ଫଳରେ ଏହି ଯୋଜନାରେ ସରପଞ୍ଚଙ୍କ କ୍ଷମତାକୁ ସଙ୍କୁଚିତ କରି ଦିଆଯାଇଛି। ଏହି ଯୋଜନାର ଯେଉଁ ନିୟମାବଳୀ କରାଯାଇଛି ତାହା ପଞ୍ଚାୟତ ଆଇନର ବିରୋଧାଚରଣ କରୁଛି ବୋଲି ଆବେଦନକାରୀ ଦର୍ଶାଇଥିଲେ। ଏହି ନିୟମାବଳୀକୁ ରଦ୍ଦ ପାଇଁ ଆବେଦନକାରୀ ପ୍ରାର୍ଥନା କରିଛନ୍ତି । ହାଇକୋର୍ଟ ଆଜି ଏହି ମାମଲାର ପ୍ରାଥମିକ ଶୁଣାଣି କରି ଉପରୋକ୍ତ ନିର୍ଦ୍ଦେଶ ଦେଇଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ପ୍ରଣୟ କୁମାର ମହାନ୍ତି ମାମଲା ପରିଚାଳନା କରୁଛନ୍ତି।

## ସମ୍ବାଲୁନି ରେଳ ଫାଟକ : ବାରମ୍ବାର ଭାଙ୍ଗୁଛି , ଲୋକେ ହନ୍ତସନ୍ତ

ନିରାକାରପୁର,(ସବ୍ୟୁ): ଦୈନନ୍ଦିନ ହଜାର ହଜାର ସଂଖ୍ୟାରେ ଗାଡିମଟର ଅତିକ୍ରମ କରୁଥିବା ଖୋର୍ଦ୍ଧା ଜିଲ୍ଲା ନୂଆ ଜଗନ୍ନାଥ ସଡ଼କର ନିରାକାରପୁର ସ୍ଥିତ ରେଳ ଫାଟକ ଆଉ ସମ୍ବାଲୁନି ।ବାରମ୍ବାର ଗେଟ ଉଠପଡ ଲାଗି ଏହା ବି ବହୁତ ସମୟରେ ଆପେ ଭାଙ୍ଗି ପଡିଥିବା ଲକ୍ଷ୍ୟ କରାଯାଉଛି । ବହୁ ସଂଖ୍ୟାରେ ଟ୍ରେନ ଯାତାୟାତ କରିଥିବାରୁ ପ୍ରତି ୫ ମିନିଟରେ ଏହି ରେଳ ଫାଟକ ବନ୍ଧ କରିବାକୁ ପଡୁଛି । ଏହାର ରକ୍ଷଣାବେକ୍ଷଣ ପାଇଁ କିଛି ରେଳ ବିଭାଗ କର୍ମଚାରୀ ବି ନିୟୋଜିତ ହୋଇ ରହିଛନ୍ତି । ତଥାପି ଆଜି ସକାଳ ୧୦ ଟା ସମୟରେ ଭାଙ୍ଗି ପଡ଼ିଥିବାରୁ ବହୁ ସମୟ ଯାତ୍ରୀ ମାନେ ଗେଟ ର ଉଭୟ ପାର୍ଶରେ ଛିଡା ହୋଇ ରହିଥିଲେ ।

# ବିବାହ ପ୍ରତିଶ୍ରୁତିରେ ବଳାତ୍କାର, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ବିବାହ ପ୍ରତିଶ୍ରୁତିରେ ଯୁବତୀଙ୍କୁ ବଳାତ୍କାର କରିଥିବା ଅଭିଯୁକ୍ତ ସଂଜୀବ ବେହେରା (୩୫)ଙ୍କୁ ମହିଳା ଥାନା ପୋଲିସ ଗିରଫ କରିଛି । ପୀଡ଼ିତା ଓ ଅଭିଯୁକ୍ତଙ୍କ ସମ୍ପର୍କ ୨୦୧୯ ମସିହାରୁ ଆରମ୍ଭ ହୋଇଥିଲା । ଏକ ଲାଇବ୍ରେରୀରେ ପାଠପଢ଼ା ସମୟରେ ଅଭିଯୁକ୍ତ ସଂଜୀବ ସହ ସମ୍ପର୍କ ହୋଇଥିଲା । ସଂଜୀବ ତାଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖିଥିଲା । ବହୁବାର ଭୁବନେଶ୍ୱରର ବିଭିନ୍ନ ହୋଟେଲରେ ଉଭୟ ମିଳାମିଶା ହୋଇଛନ୍ତି । ପୀଡ଼ିତାଙ୍କ ବିଶ୍ୱାସ ହାସଲ କରିବା ପାଇଁ ୨୦୨୩ ମସିହା ପର୍ଯ୍ୟନ୍ତ ସମ୍ପର୍କ ରଖି ତାଙ୍କ ସହ ଶାରୀରିକ ସମ୍ପର୍କ ରଖୁଥିଲା । ବିବାହ କରିବାକୁ ଅନିଚ୍ଛା ପ୍ରକାଶ କରିବାରୁ ଉଭୟଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା । ପୀଡ଼ିତା ପ୍ରତାରିତ ହେବାପରେ ମାନସିକ ଭାବେ ଭାଙ୍ଗି ପଡ଼ିଥିଲେ । ଉପାୟଶୂନ୍ୟ ହୋଇ ସେ ମହିଳା ଥାନାରେ ଅଭିଯୋଗ କରିବା ପରେ ମଙ୍ଗଳବାର ମଧ୍ୟାହ୍ନରେ ଅଭିଯୁକ୍ତ ସଂଜୀବକୁ ପୋଲିସ ଗିରଫ କରିଛି । ସଂଜୀବ ଚନ୍ଦ୍ରଶେଖର ହାଉସିଂ ବୋର୍ଡ଼ କଲୋନୀରେ ରୁହେ ବୋଲି ପୋଲିସ କହିଛି ।

## ସଚେତନ ଅବସ୍ଥାରେ ଶରୀରରେ ଅତ୍ୟାଧୁନିକ ନ୍ୟୁରୋସର୍ଜରୀ କଲେ ସମ୍ ନ୍ୟୁରୋସର୍ଜନ

ଭୁବନେଶ୍ୱର, (ସବ୍ୟୁ): ପୂର୍ବ ଭାରତରେ ପ୍ରଥମ ଥର ପାଇଁ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ ହସ୍ପିଟାଲର ଡାକ୍ତରୀ ଟିମ୍ ସଫଳତାର ସହ ଏକ ଅତ୍ୟାଧୁନିକ ତଥା ଜଟିଳ ନ୍ୟୁରୋସର୍ଜରୀ ସମ୍ପାଦିତ




କରିଛନ୍ତି। ରୋଗୀଙ୍କୁ ସଚେତନ ଅବସ୍ଥାରେ ରଖି କର୍ଟିକାଲ୍ ଓ ସବ୍‌କର୍ଟିକାଲ୍ ବ୍ରେନ୍ ମ୍ୟାପିଂ ପଦ୍ଧତିରେ ମସ୍ତିଷ୍କର ଜଟିଳ ସ୍ଥାନରେ ଥିବା ବ୍ରେନ୍ ଟ୍ୟୁମରକୁ ଚିହ୍ନଟ କରି ଅସ୍ତ୍ରୋପଚାର କରିବାରେ ଏହି ନ୍ୟୁରୋସର୍ଜନ ସଫଳ ହୋଇଛନ୍ତି।

ମଙ୍ଗଳବାର ସମ୍ ହସ୍ପିଟାଲ୍‌ରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଏହି ଅସ୍ତ୍ରୋପଚାର ସମ୍ପର୍କରେ ସୂଚନା ଦେଇ ନ୍ୟୁରୋସର୍ଜରୀ ବିଭାଗର ଆସୋସିଏଟ ପ୍ରଫେସର ଡାକ୍ତର ଶ୍ରୀକାନ୍ତ କୁମାର ସ୍ୱାଇଁ କହିଛନ୍ତି ଯେ ଜଣେ ୩୭ ବର୍ଷୀୟ ଯୁବକଙ୍କର ମସ୍ତିଷ୍କର ସ୍ୱିଚ୍ ଓ ମୋଟର କଂଟ୍ରୋଲ୍ ଅଂଚଳରେ ଟ୍ୟୁମର ଚିହ୍ନଟ ହୋଇଥିବା ବେଳେ ସେ ସଚେତନ ଥିବା ଅବସ୍ଥାରେ ତାଙ୍କ ଶରୀରରେ ଏହି ଜଟିଳ ଅସ୍ତ୍ରୋପଚାର କରାଯାଇଛି। ଡାକ୍ତର ସ୍ୱାଇଁଙ୍କ ନେତୃତ୍ୱରେ ହସ୍ପିଟାଲ୍‌ର ବିଭିନ୍ନ ବିଭାଗର ଡାକ୍ତର ଏବଂ ଅନ୍ୟ ସଦସ୍ୟମାନେ ମିଳିତ ଭାବେ ଏହି ଜଟିଳ ଅସ୍ତ୍ରୋପଚାରକୁ ସଫଳ କରିବାରେ ସକ୍ଷମ ହୋଇଛନ୍ତି। ଏହି ଟିମ୍‌ରେ ନ୍ୟୁରୋଲଜି ବିଭାଗର ଆସୋସିଏଟ ପ୍ରଫେସର (ଡାକ୍ତର) ଶ୍ରୀମନ୍ତ ପଟ୍ଟନାୟକ ଏବଂ ନ୍ୟୁରୋ ଆନେସ୍‌ଥେସିଷ୍ଟ ଡାକ୍ତର ଦେବୀ ପ୍ରସାଦ ମହାପାତ୍ର ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇଥିଲେ। ପ୍ରକ୍ରିୟା ସମ୍ପର୍କରେ ତଥ୍ୟ ପ୍ରଦାନ କରି ଡାକ୍ତର ସ୍ୱାଇଁ କହିଥିଲେ ଯେ କର୍ଟିକାଲ୍ ଏବଂ ସବକର୍ଟିକାଲ୍ ବ୍ରେନ୍ ମ୍ୟାପିଂ ଦ୍ୱାରା ମସ୍ତିଷ୍କର ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟଧାରା ଗୁଡ଼ିକୁ ସୁରକ୍ଷିତ ରଖାଯାଇ ଜୀବନ ପ୍ରତି ବିପଦ ଥିବା ଟ୍ୟୁମରଗୁଡ଼ିକୁ ବାହାର କରାଯାଇଥାଏ।

ଡାଇରେକ୍ଟ ବ୍ରେନ୍ ଷ୍ଟିମୁଲେସନ୍ ଦ୍ୱାରା ଅସ୍ତ୍ରୋପଚାର ସମୟରେ ଅତ୍ୟାଧୁନିକ ପ୍ରକ୍ରିୟା ମାଧ୍ୟମରେ ଡାକ୍ତରୀ ଟିମ୍ ମସ୍ତିଷ୍କର ବିଭିନ୍ନ ଅଂଶ ଯାହାକି ଶରୀରର ବିଭିନ୍ନ ସ୍ଥାନର କାର୍ଯ୍ୟଧାରାରେ ସହାୟତା କରିଥାଏ ସେସବୁକୁ ଚିହ୍ନଟ ଏବଂ ପୃଥକ କରିବାରେ ସଫଳ ହୋଇଥାନ୍ତି ବୋଲି ସେ କହିଛନ୍ତି।

# କଳକୀ ଦରବାର ମଞ୍ଚରେ ଦଶାବତାର କଥାମୃତ ଉଦ୍‌ଘାଟିତ




କଟକ, (ସବ୍ୟୁ): ବିଶ୍ୱ ସତ୍ୟ-ସନାତନ-ଧର୍ମ ପ୍ରଚାରିଣୀ ମହାସଂଘ କଳକୀ ସେନା ପକ୍ଷରୁ ଦଶାବତାର କଥାମୃତ ପ୍ରସିଦ୍ଧ ଶୈବକ୍ଷେତ୍ର ଶ୍ରୀ ଶ୍ରୀ ଗଡ଼ଗଡ଼େଶ୍ୱର ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ଦଶାବତାର ସ୍ତୋତ୍ର, ଜଗନ୍ନାଥାଷ୍ଟକ ଓ କଳକୀ ଭଜନ ଗାନ କରାଯିବା ପରେ ମନ୍ଦିରର ମୁଖ୍ୟ ପୂଜକ ପଣ୍ଡିତ ହୃଷିକେଶ ପଣ୍ଡା ମଙ୍ଗଳାଷ୍ଟକ ଆବୃତ୍ତି କରିଥିଲେ । କଳକୀ ସେନାର କେନ୍ଦ୍ରୀୟ ସଭାପତି ବିଶିଷ୍ଟ ଶିକ୍ଷାବିତ ତଥା ମାଳିକା ଗବେଷକ ପ୍ରଫେସର ଡକ୍ଟର ଜ୍ଞାନଗୁରୁ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସତସଙ୍ଗରେ ବିଶିଷ୍ଟ ପାଲାଗାୟକ ଯୋଗେନ୍ଦ୍ରନାଥ ମାର୍ଥା ପ୍ରବକ୍ତା ଭାବେ ଯୋଗଦେଇ କହିଲେ, ସଦଗୁରୁଙ୍କ ଉଦ୍ୟମରେ ପ୍ରତିବର୍ଷ ଦଶାବତାର କଥାମୃତ ପରିଚାଳିତ ହେବା ସନାତନ ଧର୍ମର ଅନନ୍ୟ ଉଦାହରଣ । ପ୍ରଫେସର ପ୍ରଭାକର ମିଶ୍ର ସ୍ୱାଗତ ଭାଷଣ ଦେବା ସହିତ ମୀନ ଅବତାର ଉପରେ ପରାୟଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସର୍ବଶ୍ରୀ ନିବାସଚନ୍ଦ୍ର ମିଶ୍ର, ବେତାର କଣ୍ଠଶିଳ୍ପୀ ଅଖିଳ ମୋହନ ଦାସ, ପଣ୍ଡିତ ଦେବାଶିଷ ପଣ୍ଡା ଓ ପଣ୍ଡିତ ବିଶ୍ୱନାଥ କର ପ୍ରମୁଖ ଭକ୍ତମାନେ ଅବତାରବାଦ ଉପରେ ଆଧ୍ୟାତ୍ମିକ ଆଲୋଚନା କରିଥିଲେ ! ଶେଷରେ ପଣ୍ଡିତ ରାଜେନ୍ଦ୍ର ପଣ୍ଡା ଧନ୍ୟବାଦ ଦେଇଥିଲେ ।

# ସୋଫିଆଙ୍କ କୁଶ ପୁତ୍ତଳିକା ଦାହ କଲା ଜିଲ୍ଲା ବିଜେପି

କଟକ, (ସବ୍ୟୁ):ଭାରତୀୟ ଜନତା ପାର୍ଟି କଟକ ବି.ଜେ.ପି ଜିଲ୍ଲା ସଭାପତି ଶ୍ରୀ ସୁକାନ୍ତ ବିଶ୍ୱାଳ ଙ୍କ ନେତୃତ୍ୱରେ ବାରବାଟି କଟକ କଂଗ୍ରେସ ବିଧାୟିକା ରାଜ୍ୟ ର ଜନପ୍ରିୟ ଲୋକାଭିମୁଖୀ ମୋହନ ସରକାର ଙ୍କ ବିରୁଦ୍ଧରେ ସଦା ବିଷୋଦଗାର କରୁଥିବା ବେଳେ ସମ୍ପ୍ରତି ରାଜ୍ୟ ଛାତ୍ର କଂଗ୍ରେସ ସଭାପତି ଙ୍କ ଘୃଣ୍ୟ କାର୍ଯ୍ୟ କୁ ନିନ୍ଦା କରିବା ବଦଳରେ ଛାତ୍ର ନେତା ଙ୍କ ଏତାଦୃଶ କାର୍ଯ୍ୟ ପ୍ରତି ନିରବ ସମର୍ଥନ ବିରୁଦ୍ଧରେ ଆଜି ଅପରାହ୍ନ ୬ ଘଟିକାରେ ବକ୍ସିବଜାର ଛକରେ ଭାଜପା କଟକ ଜିଲ୍ଲା ତରଫରୁ କଂଗ୍ରେସ ର ଦୋମୁହାଁ ନୀତି ର ମୁଖା ଖୋଲିବା ପାଇଁ ଏକ ପଥପ୍ରାନ୍ତ ସଭା ଏବଂ ବାରବାଟି କଟକ ର ବିଧାୟିକା ଙ୍କ କୁଶ ପୁତ୍ତଳିକା ଦାହ କରାଯାଇଥିଲା । ଏହି ସଭାରେ ବରିଷ୍ଠ ନେତା ଶ୍ରୀ ନୟନ କିଶୋର ମହାନ୍ତି, ଲଲାଟେନ୍ଦୁ ବଡୁ,ରବି ମିଶ୍ର, ଭାଗିରଥି ଦଳେଇ,ରତନ ମହାନ୍ତି, ନମିତା ମିଶ୍ର, ଚିରଞ୍ଜିବୀ ଖଣ୍ଡାୟତରାୟ,ଦିପକ ଦାସ, ଲକ୍ଷ୍ମୀଧର ବେହେରା, ମହମ୍ମଦ ସବୀର,ଦିପ୍ତି ସ୍ୱାଇଁ, ମଧୁସ୍ମିତା ପ୍ରଧାନ, ପ୍ରମୋଦ ସାହୁ, ସ୍ୱାଧୀନ ମହାନ୍ତି,ସୂରଜ ଦାସ,ଶୁଭମ ସ୍ୱାଇଁ, ସ୍ମୃତି ରଞ୍ଜନ ମିଶ୍ର, ଅମ୍ବିକା ସାମଲ,ମିଲନ୍ ରାଉତରାୟ, କଳ୍ପନା ବେହେରା,ମନଜିତ୍ ଦାସ, ସୁକାନ୍ତି ମିଶ୍ର, ପ୍ରଶାନ୍ତ ଦାସ,ହରିପ୍ରିୟା ଧଳ,ସଞ୍ଜିବ ରଣା, ପୁଷ୍ପଲତା ଲେଙ୍କା, ସୋମ୍ୟରଞ୍ଜନ ପଲେଇ , ଜଗଦାନନ୍ଦ ତ୍ରିପାଠୀ, ଅଶୋକ ସାହୁ,ଶରତ ଧଳ, ହରିଚନ୍ଦନ ନାୟକ,ଶିଳ୍ପା ଗୋସ୍ୱାମୀ, ଅନୀଲ ଦଳେଇ, ଆଶିଷ ମହାନ୍ତି, ସୁନୀତା ଦେବତା, ମନୋରଞ୍ଜନ ସାହୁ, ରଶ୍ମିତା ବାଲି, ସ୍ୱର୍ଣ୍ଣଲତା ସେଠୀ,ପୃଥିରାଜ ସ୍ୱାଇଁ, ଧୀର ମହାନ୍ତି, ସୁଶାନ୍ତ ପାତ୍ର, ସଞ୍ଜୟ ସାଓ, ଜଗନ୍ନାଥ ପରିଡ଼ା, ଚନ୍ଦନ ସିଂ, ସୂର୍ଯ୍ୟ ସ୍ନାନ ବିଶ୍ୱାଳ, ସତ୍ୟଜିତ ଦାସ, ରାକେଶ ଦଳେଇ, କାମାକ୍ଷା ମିଶ୍ର, ବିଶ୍ୱଜିତ ପ୍ରଧାନ, ସତ୍ୟଜିତ ସାହୁ ଏବଂ ମାନସ ମହାନ୍ତି ଉପସ୍ଥିତ ଥିଲେ।

# ବରିଷ୍ଠ ନାଗରିକ ଘନ ବେହେରାଙ୍କ ପରଲୋକ

ଖୋର୍ଦ୍ଧା (ସବ୍ୟୁ) : ଜଣାଶୁଣା ସମାଜ ସେବି ତଥା ବରିଷ୍ଠ ନାଗରିକ ଘନ ବେହେରା ( ଟନିଆ) ଙ୍କ ପରଲୋକ ଘଟିଛି। ସାଗୁଆନ ବଗିଚାସ୍ଥିତ ନିଜ ବାସଭବନରେ ଟନିଆଙ୍କ ମୃତ୍ୟୁ ଘଟିଥିବା ବେଳେ ମୃତ୍ୟୁ ବେଳକୁ ତାଙ୍କୁ ୮୫ ବର୍ଷ ହୋଇଥିଲା। ଟନିଆଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି। ସେ ସ୍ଥାନୀୟ ଅଞ୍ଚଳର ଜଣେ ମୁରବି ଶ୍ରେଣୀୟ ଓ ପରୋପକାରୀ ବ୍ୟକ୍ତି ଥିଲେ । ଅନ୍ୟ ସହଯୋଗୀଙ୍କ ସହ ମିଶି ବିଭିନ୍ନ ଅଞ୍ଚଳରେ ନ୍ୟାୟ ନିଶାପରେ ଯୋଗଦେଇ ସାଇ ବିବାଦ , ମନ ମାଳିନ, ବିଭିନ୍ନ ସମସ୍ୟାର ସମାଧାନ କରି ଲୋକଙ୍କୁ ନ୍ୟାୟ ଯୋଗାଇ ଦେଇ ଆସୁଥିଲେ। ଏଥି ସହିତ ସାଗୁଆନ ବଗିଚା ସଂକୀର୍ତ୍ତନ ମଣ୍ଡଳି, ଅଷ୍ଟପ୍ରହରି ଆଦି କମିଟିରେ ବରିଷ୍ଠ ସଦସ୍ୟ



ରହି ସ୍ୱର୍ଗତ ବେହେରା ସୁଚାରୁ ରୁପେ କାର୍ଯ୍ୟ ସମ୍ପାଦନ କରି ସମସ୍ତଙ୍କ ପ୍ରିୟ ଭାଜନ ଥିଲେ । ସ୍ୱର୍ଗତ ଟନିଆଙ୍କ ମୃତ୍ୟୁ ଖବର ପାଇଁ ପୂର୍ବତନ ବିଧାୟକ ଜିତୁମିତ୍ର ,ପୂର୍ବତନ ବିଧାୟକ ରାଜେନ୍ଦ୍ର କୁମାର ସାହୁ, ପ୍ରକାଶ ଦାସ, ଉତ୍ତର ଓଡ଼ିଶାର ପୂର୍ବତନ କୁଳପତି ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି ,ସମାଜ ସେବୀ ଜିତେନ୍ଦ୍ର ପ୍ରଧାନ (ରାଜା) ଦିପୁ ହୋତା ,ସମ୍ବାଦିକ ଲଳିତ ମୋହନ ମହାପାତ୍ର ,ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି । ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କର ତିନି ପୁଅ ସୁଧାକର, ପ୍ରଭାକର, ଜଗନ୍ନାଥ ବେହେରା ( ଯୋଗିଆ) ,ଝିଅ, ଜ୍ୱାଇଁଙ୍କ ସମେତ ପରିବାରବର୍ଗ ଉପସ୍ଥିତ ଥିଲେ ସ୍ଥାନୀୟ ବରୁଣେଇସ୍ଥିତ ହାଡ ଗାଡ଼ିଆ ମଶାଣୀରେ ସ୍ୱର୍ଗତ ଟନିଆଙ୍କ ଶବ ସତ୍କାର କରାଯାଇଥିବାବେଳେ ବଡ଼ପୁଅ ସୁଧାକର ମୁଖାଗ୍ନି ଦେଇଥିଲେ।

## ସର୍ବାଧିକ ସପିଙ୍ଗ ସହ ସଫଳ ହୋଇଛି ଆମାଜନର ପ୍ରାଇମ ଡେ' ୨୦୨୫

ଭୁବନେଶ୍ୱର, (ସବ୍ୟୁ): ଚଳିତ ବର୍ଷର ପ୍ରାଇମ ଡେ' ସେଲ୍ ଆମାଜନ ଇଣ୍ଡିଆର ସବୁଠାରୁ ଅଧିକ ସପିଂ କରାଯାଇଥିବା ପ୍ରାଇମ ଡେ' ଇଭେଂଟରେ ପରିଣତ ହୋଇଛି। ଭାରତରେ ପୂର୍ବର ସମସ୍ତ ପ୍ରାଇମ ଡେ ଇଭେଂଟ ତୁଳନାରେ ଚଳିତ ଥର ଅଧିକ ପ୍ରାଇମ ସଦସ୍ୟ ସପିଂ କରିଛନ୍ତି। ପ୍ରାଇମ ସଦସ୍ୟମାନେ ଏକ ମିନିଟ ମଧ୍ୟରେ ୧୮୦୦୦ରୁ ଅଧିକ ଅର୍ଡର ପ୍ଲେସ କରିଥିଲେ ଯାହା ଗତବର୍ଷର ଏହି ଇଭେଂଟ ତୁଳନନାରେ ୫୦% ଅଧିକ ଅଟେ। ଚଳିତ ବର୍ଷର ପ୍ରାଇମ ଡେ ଇଭେଂଟରେ ଟିୟର ୨ ଓ ଟିୟର ୩ ସହର ଓ ଟାଉନଗୁଡିକରୁ ପୂର୍ବର ଇଭେଂଟ ତୁଳନାରେ ୭୦% ଅଧିକ ନୂଆ ପ୍ରାଇମ ସାଇନ-ଅପ୍ ଦେଖିବାକୁ ମିଳିଛି। ପ୍ରାଇମ ଡେ ୨୦୨୫ ଭାରତର କ୍ଷୁଦ୍ର ଓ ମଧ୍ୟମ ବ୍ୟବସାୟ (ଏସଏମଇ) ଗୁଡିକ ପାଇଁ ମଧ ଏକ ଉଲ୍ଲେଖନୀୟ ସଫଳତା ଥିଲା। ଇଭେଂଟରେ ସାମିଲ ହୋଇଥିବା ୬୮%ରୁ ଅଧିକ ଏସଏମବି ଟିୟର ୨ ଓ ୩ ସହରର ହୋଇଥିବା ବେଳେ ସର୍ବାଧିକ ସଂଖ୍ୟକ ଏସଏମବି ଉଲ୍ଲେଖନୀୟ ବିକ୍ରି ଅଭିବୃଦ୍ଧି ହାସଲ କରିଥିଲେ। ପ୍ରାଇମ ଡେ' ସମୟରେ ଆମାଜନ ବିଜ୍‌ନେସ୍ ବଲ୍କ ଅର୍ଡରରେ ୭ ଗୁଣ ବୃଦ୍ଧି ପରିଲକ୍ଷିତ କରିଥିଲା। ଏହି ସମୟରେ ଟେଲିଭିଜନରେ ୧୩ ଗୁଣ, ରୋବୋଟିକ ଭାକ୍ୟୁମ କ୍ଲିନରରେ ୮ଗୁଣ, ଟାବଲେଟରେ ୯ ଗୁଣ, ଫ୍ରିଟରରେ ୭.୫ଗୁଣରୁ ଅଧିକ ଓ ଲାପଟପରେ ୫ଗୁଣରୁ ଅଧିକ ବିକ୍ରି ବୃଦ୍ଧି ଘଟିଥିଲା। ସେହିପରି ୫୦%ରୁ ଅଧିକ ଗ୍ରାହକ 'ଆମାଜନ ପେ ଲାଟର'ର ବ୍ୟବହାର କରିଥିଲେ।

# ଶାନ୍ତିସ୍ତୁପଠାରେ ଚାରୁକଳା ମହାବିଦ୍ୟାଳୟର ସ୍ୱାଗତିକା ଉତ୍ସବ

ଭୁବନେଶ୍ୱର, (ସବ୍ୟୁ): ଶାନ୍ତିସ୍ତୁପ ପାଦଦେଶରେ ଅବସ୍ଥିତ ଧଉଳି ଚାରୁକଳା ମହାବିଦ୍ୟାଳରେ ଆୟୋଜିତ ହୋଇଯାଇଛି ସ୍ୱାଗତିକା ଉତ୍ସବ । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ମହାବିଦ୍ୟାଳୟର ସଦସ୍ୟା କମଳିନୀ ରଥ ଓ ରଣପୁର ବ୍ଲକ ରିଶୋର୍ସ ଟିଚର ସନ୍ତୋଷ କୁମାର ମହାପାତ୍ର କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। କଠିନ ପରିଶ୍ରମ ଓ ସାଧନା ଛାତ୍ର ଛାତ୍ରୀମାନଙ୍କୁ ଲକ୍ଷ୍ୟ ସ୍ଥଳରେ ପହଞ୍ଚାଇଥାଏ ବୋଲି ମୁଖ୍ୟ ଅତିଥି ମତପ୍ରକାଶ କରିଥିଲେ। ଅତିଥିମାନେ ଅନୁଷ୍ଠାନର ସୃଜନଶୀଳ ଦିଗ ଓ ଅଗ୍ରଗତି ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଅଧ୍ୟକ୍ଷ ଡ.ପଞ୍ଚାନନ ସାମଲ ଅତିଥି ପରିଚୟ ପ୍ରଦାନ ପୂର୍ବକ ସ୍ୱାଗତ ଭାଷଣ ଦେଇଥିଲେ । ଉତ୍ସବ ଅବସରରେ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ନବାଗତ ଛାତ୍ର ଓ ଛାତ୍ରୀମାନଙ୍କୁ ସ୍ୱାଗତ କରିବା ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ମହାବିଦ୍ୟାଳୟର ୩ ୟ ବର୍ଷର ଛାତ୍ର ଓ ଛାତ୍ରୀଙ୍କ ଦ୍ୱାରା କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ଏହି ଅବସରରେ ଉପାଧ୍ୟକ୍ଷ ଚନ୍ଦନ କୁମାର ସାମଲ, ଅଧାପକ ରାମଶଙ୍କର ସାହୁ,ଯାନିତା ପ୍ରିୟଦର୍ଶିନୀ,ଭୂପତିଭୂଷଣ ପଣ୍ଡା ,ସୁବାସ ମୁଦୁଲି,ଲକ୍ଷ୍ମୀଧର ସ୍ୱାଇଁ ଓ ସୋଫିୟା ଜସ୍ମିନ ପ୍ରମୁଖ ଛାତ୍ର ଛାତ୍ରୀମାନଙ୍କୁ କଳାର ବିଭିନ୍ନ ଦିଗ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ।



# ପ୍ରଦେଶ କଂଗ୍ରେସ ପକ୍ଷରୁ ରମାଦେବୀଙ୍କ ଶ୍ରାଦ୍ଧ ଦିବସ ପାଳିତ

ଭୁବନେଶ୍ୱର,(ସବ୍ୟୁ):- ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ମଙ୍ଗଳବାର ରମାଦେବୀଙ୍କ ଶ୍ରାଦ୍ଧ ଦିବସ ଭୁବନେଶ୍ୱର କଂଗ୍ରେସ ଭବନ ଠାରେ ପାଳିତ ହୋଇଯାଇଛି । ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ମୁଖ୍ୟ ଅତିଥିଭାବେ ପିସିସି ସଭାପତି ଭକ୍ତ ଚରଣ ଦାସ ଯୋଗଦେଇ ତାଙ୍କର ବ୍ୟକ୍ତିଗତ ଅନୁଭୂତି ଏବଂ ସାକ୍ଷାତ ରମାଦେବୀଙ୍କ ସାଥିରେ ସ୍ମରଣ କରିଥିଲେ । ସେ କହିଥିଲେ ସ୍ୱାଧୀନତା ସଂଗ୍ରାମର ମହାନ ନେତ୍ରୀଥିଲେ ରମାଦେବୀ । ବହୁବାର ଜେଲ ଯାଇଥିଲେ, ଗାନ୍ଧୀଜୀଙ୍କ ସହିତ ପଦଯାତ୍ରା କରିଥିଲେ ।



ସ୍ୱାଧୀନତା ପରେ ନାରୀର ଶିକ୍ଷା, ମର୍ଯ୍ୟାଦା ଓ ସ୍ୱାଧୀନତା ପାଇଁ ଲଢ଼େଇ କରିଥିଲେ । ଦଳିତ, ଆଦିବାସୀ, ପତିତ ଏବଂ ସଂଖ୍ୟାଲଘୁଙ୍କ ଅଧିକାର ପାଇଁ ଲଢ଼େଇ କରିଥିଲେ । ଆଜିର ସାମ୍ପ୍ରତିକ ପରିସ୍ଥିତରେ ଦେଶର ମୂଲ୍ୟବୋଧର ଯେଉଁ ଅବକ୍ଷୟ ହେଉଛି, ରମାଦେବୀଙ୍କ ଜୀବନ ହେଉଛି ଆଜିର ସମାଜପାଇଁ ଦିଗଦର୍ଶନ । ସ୍ୱାଧୀନତାର ମୂଲ୍ୟବୋଧ ଆର୍ଦଶକୁ ବଂଚାଇ ରଖିବା ପାଇଁ ଏବଂ ନାରୀଙ୍କ ଉପରେ ଯେଉଁ ଅତ୍ୟାଚାର ହେଉଛି ଏବଂ ସରକାର ନିରବଦ୍ରଷ୍ଟା ହୋଇଛନ୍ତି ଏହାର ବିରୋଧରେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସାଲିସ ବିହୀନ ଲଢ଼େଇ ଜାରି ରଖିବ ବୋଲି ନିଜ ବକ୍ତବ୍ୟରେ ଶ୍ରୀ ଦାସ ପ୍ରକାଶ କରିଥିଲେ ।

ସେହିପରି ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ଜଗନ୍ନାଥ ପଟ୍ଟନାୟକ, ସୁରେଶ କୁମାର ରାଉତରାୟ, ବିଧାୟକ ସୋଫିଆ ଫିର୍ଦ୍ଦୋଶ ପ୍ରମୁଖ ସମ୍ମାନୀତ ଅତିଥିଭାବେ ଯୋଗଦେଇ ରମାଦେବୀଙ୍କ ସ୍ମୃତି ଚାରଣ କରିଥିଲେ । ସଭା ପ୍ରାରମ୍ଭରେ ପିସିସି ସଭାପତିଙ୍କ ସମେତ ଶ୍ରୀକାନ୍ତ ଜେନା, ପ୍ରସାଦ ହରିଚନ୍ଦନ, ଅନନ୍ତ ପ୍ରସାଦ ସେଠୀ, ନଗେନ୍ଦ୍ର ପ୍ରଧାନ ପ୍ରମୁଖ ନେତୃବୃନ୍ଦ ରମାଦେବୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ ।

ଶେଷରେ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ବିଶ୍ୱଜିତ ଦାଶ ଧନ୍ୟବାଦ ଅର୍ପଣ କରିଥିବା ବେଳେ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସେବାଦଳ ଅଧ୍ୟକ୍ଷ ଶୁଭେନ୍ଦୁ ମହାନ୍ତି, ଗିରିବାଳା ବେହେରା, ଶୈଳବାଳା ଜେନା ପ୍ରମୁଖ ଅଂଶଗ୍ରହଣ କରିଥିଲେ ।

# ମୋବାଇଲ ଚୋରିକୁ ନେଇ ଜଣଙ୍କ ଜୀବନ ଗଲା, ୫ ଗିରଫ

ବୁଗୁଡ଼ା, (ସବ୍ୟୁ): ବୁଗୁଡ଼ା ଥାନା ବାଲିପଦର ଫାଣ୍ଡି ଅନ୍ତର୍ଗତ ପ୍ରତାପ ଧନଞ୍ଜୟପୁର ଶାସନ ଗ୍ରାମରେ ମୋବାଇଲ ଚୋରୀକୁ ନେଇ ଲଙ୍କାକାଣ୍ଡ ଘଟି ଜଣଙ୍କ ଜୀବନ ଚାଲିଯାଇଥିବା ବେଳେ ଏହି ଘଟଣାରେ ସମ୍ପୃକ୍ତ ପୋଲିସ ୫ ଜଣଙ୍କୁ ପୋଲିସ୍ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାଯାଇଛି । ମୃତକ ଜଣକ ହେଲେ ସେହି ଗ୍ରାମର ସିମାଞ୍ଚଳ ରଥ (୫୭) । ଗିରଫମାନେ ହେଲେ ଅଜୟ ଷଡଙ୍ଗୀ (୬୦)ଙ୍କ ସମେତ ତାଙ୍କର ଦୁଇ ପୁଅ ପ୍ରୟାଗ ଷଡଙ୍ଗି (୨୮) ଓ ପ୍ରଭାସ ଷଡଙ୍ଗି (୨୨) ଏବଂ ମୃତ ସିମାଞ୍ଚଳଙ୍କ ଦୁଇ ପୁଅ ରଞ୍ଜନ ରଥ(୨୦) ଓ ଶିବରାମ ରଥ (୨୪) ।

ଏନେଇ ଉଭୟ ପକ୍ଷର ଅଭିଯୋଗ କ୍ରମେ ଥାନାରେ କେସ୍ ନଂ ୪୫୫/୨୫ ଏବଂ ୪୫୭/୨୫ରେ ଦୁଇଟି ପୃଥକ୍ ମାମଲା ରୁଜୁ ହୋଇଥିବା ଆଇଆଇସି ସୀତାଂଶୁ ଶେଖର ମାନ୍ଧାତାଙ୍କ ଠାରୁ ପ୍ରକାଶ ପାଇଛି । ପ୍ରକାଶ ଯେ, କିଛି ଦିନ ତଳେ ସେହି ଗ୍ରାମର ତୀର୍ଥବାସୀ ଖାଡ଼ଙ୍ଗାଙ୍କ ପତ୍ନୀଙ୍କର ମୋବାଇଲ ଚୋରି ହୋଇଯାଇଥିଲା । ଏନେଇ ସେ ବାଲିପଦର ଫାଣ୍ଡିରେ ଅଭିଯୋଗ କରିବା ସହ ସିମାଞ୍ଚଳଙ୍କ ପୁଅ ରଞ୍ଜନ ମୋବାଇଲ ଚୋରି କରିଥାଇପାରେ ବୋଲି ସନ୍ଦେହ ପ୍ରକଟ କରିଥିଲେ । ଅଭିଯୋଗ ପାଇ ପୋଲିସ ଗ୍ରାମକୁ ଆସି ତଦନ୍ତ କରିବା ସହ ରଞ୍ଜନକୁ ତାଗିଦ୍ କରିଥିଲେ ।

ତେବେ ରବିବାର ସକାଳେ କେହି ଚୁପକିନା ଆସି ଚୋରି ଯାଇଥିବା ମୋବାଇଲଟି ତୀର୍ଥବାସୀଙ୍କ ଗ୍ରିଲ ଭିତରେ ପକାଇ ଦେଇ ପଳାଇଥିଲା । ଏହାର କିଛି ସମୟ ପରେ ରଞ୍ଜନ ତୀର୍ଥବାସୀଙ୍କ ଘର ସାମନାକୁ ଆସି ଗାଳିଗୁଲଜ କରିଥିଲେ । ଏ ଘଟଣା ତୀର୍ଥବାସୀଙ୍କ ସ୍ତ୍ରୀ ମୋବାଇଲରେ ରେକର୍ଡ କରି ପରେ ଗ୍ରାମବାସୀଙ୍କୁ ଶୁଣାଇଥିଲେ । ଯେଉଁଥିରେ ଗୋଟିଏ ପରିବାରକୁ ରଞ୍ଜନ ଗାଳି କରିଥିବା ଶୁଣା ଯାଇଥିଲା । ଏଥିରେ ଉତକ୍ଷିପ୍ତ ହୋଇ ପ୍ରୟାଗ ଷଡଙ୍ଗୀ ଓ ପ୍ରଭାସ ଷଡଙ୍ଗୀ ରବିବାର ସକାଳେ ସିମାଞ୍ଚଳଙ୍କ ଘରକୁ ଯାଇ ପାଟିତୁଣ୍ଡ କରିଥିଲେ । ଏ ସମୟରେ ରଞ୍ଜନର ମାଡରେ ପ୍ରୟାଗର ମୁଣ୍ଡ ଫାଟି ଯାଇଥିଲା ଏବଂ ଭାଇକୁ ମାଡ଼ ହେବା ଦେଖି ପ୍ରୟାଗର ସାନଭାଇ ପ୍ରଭାସ ଏକ ଇଟାଗଡି ମାରି ଦେବା ଫଳରେ ତାହା ସିମାଞ୍ଚଳଙ୍କ ତଳି ପେଟରେ ବାଜିଥିଲା ଏବଂ ପୂର୍ବରୁ ରୋଗାକ୍ରାନ୍ତ ଥିବା ସିମାଞ୍ଚଳ ଗୁରୁତର ହୋଇ ପଡ଼ିଥିଲେ । ତାଙ୍କୁ ତୁରନ୍ତ ବ୍ରହ୍ମପୁର ମେଡିକାଲକୁ ନିଆଯାଇଥିଲା ବେଳେ ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା । ଫଳରେ ପୋଲିସ ତଦନ୍ତ କରି ମୋବାଇଲ ଚୋରିକୁ ନେଇ ଘଟିଥିବା ଲଙ୍କାକାଣ୍ଡରେ ସମ୍ପୃକ୍ତ ୫ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା ।

## ଯୁବତୀଙ୍କୁ ବଳାତ୍କାର ଉଦ୍ୟମ, ଯୁବକ ଗିରଫ

ବ୍ରହ୍ମପୁର, (ସବ୍ୟୁ): ଜନୈକା ଯୁବତୀଙ୍କୁ ବଳାତ୍କାର ଉଦ୍ୟମ କରିଥିବା ଅଭିଯୋଗରେ ବୈଦ୍ୟନାଥପୁର ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି । ଅଭିଯୁକ୍ତ ଜଣଙ୍କ ହିଂଜିଳିକାଟୁର ଜୀବନ ମିଶ୍ର(୨୯) । ଉଭୟ ପିଡ଼ିତା ଓ



ଅଭିଯୁକ୍ତଙ୍କ ଡାକ୍ତରୀ ମାଇନା କରାଯାଇଥିଲା । ମାମଲା ନଂ ୩୭୦/୨୫ ରେ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି । ଉଭୟଙ୍କ ମୋବାଇଲ, ପୋଷାକ ଜବତ ହୋଇଛି । ଉଭୟଙ୍କ ପୋଷାକ କେମିକାଲ ପରୀକ୍ଷା ପାଇଁ ଭୁବନେଶ୍ୱରର ରସଲଗୁଡ ଏସଏଫଏସଏଲକୁ ପଠାଯିବ ବୋଲି ପୋଲିସ କହିଛି ।

ଘଟଣାରୁ ପ୍ରକାଶ ଯେ, ଜୀବନ ମିଶ୍ର ଆୟୁଷ ଆସିଷ୍ଟାଣ୍ଟ ଭାବେ ରାଲବରେ କାମ କରନ୍ତି । ଅନ୍ୟପଟେ ଯୁବତୀ ଜଣଙ୍କ ସହ ଇନଷ୍ଟଗ୍ରାମରେ ଜୀବନଙ୍କ ସମ୍ପର୍କ ଗଢ଼ିଉଠିଥିଲା । ନିକଟରେ ଯୁବତୀ ଜଣଙ୍କୁ ଏକ ଘରୋଇ ଶିକ୍ଷାନୁଷ୍ଠାନରେ ଠିକା ସଂସ୍କୃତ ଶିକ୍ଷକ ଭାବେ ନିଯୁକ୍ତି ମିଳିଥିଲା । ସେ ହଷ୍ଟେଲରେ ରହିବା ପାଇଁ ତାଙ୍କ ବନ୍ଧୁ ଜୀବନ ମିଶ୍ରର ସହାୟତା ନେଇଥିଲେ । ଯୁବତୀଙ୍କୁ ସ୍କୁଟିରେ ଆଣି ଉଭୟ ବଡବଜାର ଯାଇଥିଲେ । ସେଠାରେ କିଛି ଘରକରଣା ସାମଗ୍ରୀ କ୍ରୟ କରିବା ପରେ ଯୁବତୀଙ୍କୁ ନେଇ ଜୀବନ ତାଙ୍କ ମାଉସୀ ଘରକୁ ଆସିଥିଲେ । ସେଠାରେ ସେ ତାଙ୍କୁ ବଳାତ୍କାର ଉଦ୍ୟମ କରିଥିଲେ । ପରେ ତାଙ୍କୁ ବିବାହ କରିବି ବୋଲି କହି ପ୍ରତାରଣା କରିଥିଲେ ବୋଲି ଯୁବତୀ ଜଣଙ୍କ ଥାନାରେ ଅଭିଯୋଗ କରିଥିଲେ । ପୋଲିସ ଘଟଣାର ତଦନ୍ତ କରି ଅଭିଯୁକ୍ତଙ୍କୁ ଗିରଫ କରିଛି ।

## ବାତ୍ସଲ୍ୟ ପ୍ରି-ସ୍କୁଲ କୁନି ପିଲାଙ୍କୁ ନେଇ ବୃକ୍ଷରୋପଣ କାର୍ଯ୍ୟକ୍ରମ




ବାରିପଦା, (ସବ୍ୟୁ) : ବାଘଡାରୋଡ ସ୍ଥିତ ବାତ୍ସଲ୍ୟ ପ୍ରିସ୍କୁଲର କୁନି କୁନି ପିଲାଙ୍କୁ ନେଇ ମଙ୍ଗଳବାର ବାରିପଦା ସହର ଭିତରେ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କଥାରେ ଅଛି ବୃକ୍ଷ ହିଁ ଜୀବନ, ଗଛ ବଞ୍ଚିଲେ ଆମେ ବଞ୍ଚିବା, ବୃକ୍ଷ ଅମ୍ଳଜାନ ଦେଉଥିବା ବେଳେ ମଣିଷ ନିର୍ଗତ କରୁଥିବା ଅଙ୍ଗାରକାମ୍ଳକୁ ଗ୍ରହଣ କରିନିଏ । ଯୋଉଁଥି ପାଇଁ ପରିବେଶ ସନ୍ତୁଳନ ରହିବାରେ ସହାୟକ ହୋଇଥାଏ । ପ୍ରତ୍ୟେକ ବର୍ଷ ଅଧିକରୁ ଅଧିକ ଗଛ ଲଗାଇବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ 'ମା ପାଇଁ ଗଛ ଟିଏ ସନ୍ଦେଶ ଦେଇ ବୃକ୍ଷରୋପଣ ପାଇଁ ଆହ୍ୱାନ କରିଥିବାବେଳେ ଆଜିର ନେତା, ମନ୍ତ୍ରୀ, ସମାଜସେବୀଠୁ ଆରମ୍ଭ କରି ସାଧାରଣ ନାଗରିକ ଗଛ ଲଗେଇବା ପାଇଁ ବ୍ୟସ୍ତ ରହିଥିବା ବେଳେ ବାତ୍ସଲ୍ୟ ପ୍ରିସ୍କୁଲରେ ପଢୁଥିବା କୁନିକୁନି ପିଲାମାନେ ମଧ ଏଥିରୁ ବାଦ ପଡ଼ିନାହାନ୍ତି । ଆଜିର ସମାଜରେ ପ୍ରତ୍ୟେକ ନାଗରିକଙ୍କୁ ଏକ ସଚେତନ ବାର୍ତ୍ତା ଦେବାର ଛୋଟ ପ୍ରୟାସ । ବୃକ୍ଷ ବଞ୍ଚିଲେ ମଣିଷ ବଞ୍ଚିବାରେ ଗୋଟେ ବୃକ୍ଷର ମହତ୍ତ୍ୱକୁ କୁନି ପିଲାମାନେ ଏହି ବୟସରୁ ଜାଗୃତ ହେଲେ ଭବିଷ୍ୟତରେ ନିଜେ ନିଜେ ଜଣେ ଜଣେ କର୍ତ୍ତବ୍ୟ ପରାୟଣ ହୋଇ ବୃକ୍ଷରୋପଣ କରିବାରେ ସହାୟକ ହୋଇ ପାରିବେ । ଆଜିର କାର୍ଯ୍ୟକ୍ରମରେ ବାତ୍ସଲ୍ୟ ପ୍ରି-ସ୍କୁଲର ନିର୍ଦ୍ଦେଶୀକା ଗୀତାଞ୍ଜଳି ମହାପାତ୍ର ଶିକ୍ଷୟତ୍ରୀ ବନ୍ଦନା ମାଝୀ, ଜାହ୍ନବୀ ପଲେଇ, ସୁମିତା ନନ୍ଦ ଏବଂ ଗ୍ଲୋବାଲ ନୀମ ପ୍ଲାଣ୍ଟେସନ ପ୍ରତିଷ୍ଠାତା ଅଜିତ କୁମାର କବାଟ, ପ୍ରକୃତି ବନ୍ଧୁ ବିମ୍ବାଧର ସାହୁ, ଭାସ୍ୱତୀ ପଣ୍ଡା, ନିରୋଜ ପୁଥାଳ ସମସ୍ତେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିବାରେ ସହାୟକ କରିଥିଲେ ।

# ସାଧାରଣ ଲୋକଙ୍କ ଦିଗନ୍ତକୁ ପ୍ରେରଣା ଦେଇଛି ଭାରତର ମହାକାଶ ଯାତ୍ରା

ଏହା ଫାଲକନ୍-୯ ବୁଷ୍ଟରର ପ୍ରେସର ଫିଡଲାଇନ୍‌ର ୱେଲ୍ଡ ପାର୍ଶ୍ୱରେ ରହିଥିବା ଏକ ଦୃଶ୍ୟମାନ ଫାଟ ସହିତ ଆରମ୍ଭ ହୋଇଥିଲା। ଏହା ମହାକାଶ ଉଡ଼ାଣର ବିଶାଳ ଯନ୍ତ୍ରପାତିରେ ଏକ ଛୋଟ ତ୍ରୁଟି ହୋଇପାରେ। କିନ୍ତୁ ଭାରତ ପାଇଁ, ଏହା ଏକ ନିର୍ଣ୍ଣାୟକ ମୁହୂର୍ତ୍ତ ଥିଲା। ଇସ୍ରୋରେ ଆମର ସଚେତନ ବୈଜ୍ଞାନିକମାନେ ଉତ୍ତର ଦାବି କରିଥିଲେ । ସେମାନେ ଉନ୍ନତିକରଣ ଅପେକ୍ଷା ମରାମତି ଉପରେ ଜୋର ଦେଇଥିଲେ ଏବଂ ଏପରି କରି ସେମାନେ କେବଳ ଏକ ମିଶନ ନୁହେଁ ବରଂ ଏକ ସ୍ୱପ୍ନର ରକ୍ଷା କରିଥିଲେ। ସେହି ସ୍ୱପ୍ନ ୨୫ ଜୁନ୍, ୨୦୨୫ ରେ ସାକାର ହୋଇଥିଲା, ଯେତେବେଳେ ଭାରତୀୟ ବାୟୁସେନା ଅଧିକାରୀ ଏବଂ ଇସ୍ରୋ-ପ୍ରଶିକ୍ଷିତ ମହାକାଶଚାରୀ, ଗ୍ରୁପ୍ କ୍ୟାପ୍ଟେନ୍ ଶୁଭାଂଶୁ ଶୁକ୍ଳା ଆକ୍ସିୟମ-୪ ମିଶନରେ କକ୍ଷପଥରେ ପହଞ୍ଚିଥିଲେ। ଗୋଟିଏ ଦିନ ପରେ ଅନ୍ତର୍ଜାତୀୟ ମହାକାଶ ଷ୍ଟେସନ (ଆଇଏସଏସ)ରେ ଯୋଗଦାନ କରି, ସେ ଭାରତର ପରବର୍ତ୍ତୀ ବଡ଼ ଲକ୍ଷ୍ୟ ପାଇଁ ପ୍ରସ୍ତୁତ ହୋଇଗଲେ - କେବଳ ମହାକାଶରେ ନୁହେଁ, ବରଂ ମାନବ-କେନ୍ଦ୍ରିକ ବିଜ୍ଞାନ, ଔଷଧ ଏବଂ ପ୍ରଯୁକ୍ତିବିଦ୍ୟାର ଭବିଷ୍ୟତରେ । ଏହା କୌଣସି ଆନୁଷ୍ଠାନିକ ଗସ୍ତ ନଥିଲା। ଏହା ଏକ ବୈଜ୍ଞାନିକ ଧର୍ମଯୁଦ୍ଧ ଥିଲା। ଶୁକ୍ଳା ତାଙ୍କ ସହିତ ସାତଟି ମାଇକ୍ରୋଗ୍ରାଭିଟି ପରୀକ୍ଷଣ କରିଥିଲେ। ଏହି ପରୀକ୍ଷଣଗୁଡ଼ିକ ପ୍ରତ୍ୟେକ ଭାରତୀୟ ଗବେଷକଙ୍କ ଦ୍ୱାରା ସତର୍କତାର ସହ ଡିଜାଇନ୍ କରାଯାଇଥିଲା ଯାହା କେବଳ ମହାକାଶଚାରୀମାନଙ୍କ ପାଇଁ ନୁହେଁ, ବରଂ ଆମ ଦେଶର ଚାଷୀ, ଡାକ୍ତର, ଇଞ୍ଜିନିୟର ଏବଂ ଛାତ୍ରମାନଙ୍କ ପାଇଁ ମଧ ଗୁରୁତ୍ୱପୂର୍ଣ୍ଣ । ମହାକାଶରେ ମେଥି ଏବଂ ମୁଗ ବିହନ ଗଜା କରିବା ବିଷୟରେ ବିଚାର କରନ୍ତୁ। ଏହା ସରଳ, ପ୍ରାୟ କବିତା ପରି ଶୁଣାଯାଏ। କିନ୍ତୁ ଏହାର ପ୍ରଭାବ ଗଭୀର। ଏକ ମହାକାଶଯାନର ସୀମିତ ସ୍ଥାନରେ, ଯେଉଁଠାରେ ପ୍ରତ୍ୟେକ ଗ୍ରାମ ପୋଷକ ଗୁରୁତ୍ୱପୂର୍ଣ୍ଣ, ମାଇକ୍ରୋଗ୍ରାଭିଟିରେ ଭାରତୀୟ ଫସଲ କିପରି ଆଚରଣ କରେ ତାହା ବୁଝିବା ଦୀର୍ଘକାଳୀନ ମିଶନ ପାଇଁ କ୍ରୁ ଡାଏଟ୍ ପୁନଃ ପରିଭାଷିତ କରିପାରିବ। ଅଧିକ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏହା ପୃଥିବୀରେ ଭୂଲମ୍ବ କୃଷି ଏବଂ ହାଇଡ୍ରୋପୋନିକ୍ସରେ ଉଦ୍ଭାବନକୁ ପ୍ରେରଣା ଦେଇପାରେ, ବିଶେଷକରି ମାଟି ଅବକ୍ଷୟ ଏବଂ ଜଳ ଅଭାବର ସମ୍ମୁଖୀନ ହେଉଥିବା ଅଞ୍ଚଳ ଗୁଡ଼ିକରେ। ଏହା ସହିତ ଭାରତୀୟ ଟାର୍ଡିଗ୍ରେଡ୍ -ସେମାନଙ୍କର ଦୃଢ଼ତା ପାଇଁ ଜଣାଶୁଣା ଜୀବାଣୁ-ସୁପ୍ତ ଅବସ୍ଥାରୁ ଜାଗ୍ରତ ହେବା ଏବଂ ମହାକାଶରେ ସେମାନଙ୍କର ବଞ୍ଚିବା, ପ୍ରଜନନ ଏବଂ ଜେନେଟିକ୍ ପର୍ଯ୍ୟବେକ୍ଷଣ କରିବାର ଅଧ୍ୟୟନ ମଧ ଅନ୍ତର୍ଭୁକ୍ତ। ସେମାନଙ୍କର ଆଚରଣ ଜୈବିକ ସ୍ଥିରତାର ରହସ୍ୟକୁ ଉନ୍ମୋଚନ କରିପାରିବ, ଯାହା ଟିକା ବିକାଶ ଠାରୁ ଆରମ୍ଭ କରି ଜଳବାୟୁ-ସ୍ଥାୟୀ କୃଷି ପର୍ଯ୍ୟନ୍ତ ସବୁକିଛିରେ ସାହାଯ୍ୟ କରିପାରିବ। ଶୁକ୍ଳା ଏକ ମାୟୋଜେନେସିସ୍ ପରୀକ୍ଷଣ ମଧ କରିଥିଲେ ଯାହା ମାନବ ମାଂସପେଶୀ କୋଷଗୁଡ଼ିକ ମହାକାଶ ପରିସ୍ଥିତି ଏବଂ ପୋଷକ ପଦାର୍ଥ ପ୍ରତି କିପରି ପ୍ରତିକ୍ରିୟା ପ୍ରକାଶ କରନ୍ତି ତାହା ପରୀକ୍ଷା କରିଥିଲା ।



**ଡକ୍ଟର ଜିତେନ୍ଦ୍ର ସିଂହ**
କେନ୍ଦ୍ର ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା ରାଷ୍ଟ୍ରମନ୍ତ୍ରୀ
(ସ୍ୱାଧୀନ ଦାୟିତ୍ୱ)

ଏହି ଫଳାଫଳଗୁଡ଼ିକ ମାଂସପେଶୀ ଆଟ୍ରୋଫିର ଚିକିତ୍ସାରେ ଉଲ୍ଲେଖନୀୟ ପରିବର୍ତ୍ତନ ଆଣିପାରେ, ଯାହା କେବଳ ମହାକାଶଚାରୀ ନୁହେଁ ବରଂ ବୟସ୍କ ରୋଗୀ ଏବଂ ଆଘାତରୁ ସୁସ୍ଥ ହେଉଥିବା ଲୋକଙ୍କୁ ମଧ ଲାଭ ଦେଇଥାଏ। ଅନ୍ୟାନ୍ୟ ଚାଲୁଥିବା ପରୀକ୍ଷଣରେ ସାଇନୋବ୍ୟାକ୍ଟେରିଆର ବୃଦ୍ଧି ଅନ୍ତର୍ଭୁକ୍ତ -ଏକ ଜୀବ ଯାହା କୌଣସି ଦିନ ମହାକାଶରେ ଜୀବନ-ସହଯୋଗ ପ୍ରଣାଳୀକୁ ସହାୟତା କରିପାରେ - ଏବଂ ଭାରତୀୟ ଫସଲର ବିହନ ଯେପରିକି ଧାନ, ଝୁଡୁଙ୍ଗ, ରାଶି, ବାଇଗଣ ଏବଂ ଟମାଟୋର ବିହନକୁ ମାଇକ୍ରୋଗ୍ରାଭିଟିରେ ସଂସ୍ପର୍ଶରେ ଆଣିବା ଅନ୍ତର୍ଭୁକ୍ତ। ବଂଶାନୁକ୍ରମିକ ପରିବର୍ତ୍ତନ ଅଧ୍ୟୟନ କରିବା ପାଇଁ ଏହି ବିହନଗୁଡ଼ିକୁ ପିଢ଼ି ପରେ ପିଢ଼ି ଚାଷ କରାଯିବ, ଯାହା ସମ୍ଭାବ୍ୟ ଭାବରେ ଅତ୍ୟନ୍ତ ପରିବେଶ ସହିତ ଅନୁକୂଳିତ ନୂତନ ଫସଲ କିସମର ବିକାଶ ହୋଇପାରିବ। ଏପରିକି ମାନବ-ଯନ୍ତ୍ର ପାରସ୍ପରିକ କ୍ରିୟା ମଧ ପରୀକ୍ଷିତ ହୋଇଥିଲା। ଶୁକ୍ଳା ଇଲେକ୍ଟ୍ରୋନିକ୍ ପ୍ରଦର୍ଶନ ସହିତ ପାରସ୍ପରିକ କ୍ରିୟା କରିବାର ଆମର କ୍ଷମତାକୁ କିପରି ପ୍ରଭାବିତ କରେ ତାହା ବୁଝିବା ପାଇଁ ୱେବ୍-ଆଧାରିତ ମୂଲ୍ୟାଙ୍କନ କରିଥିଲେ - ଭବିଷ୍ୟତର ମହାକାଶ ଷ୍ଟେସନ ଏବଂ ମହାକାଶଯାନ ପାଇଁ ଅନ୍ତର୍ନିହିତ ଇଣ୍ଟରଫେସ୍ ଡିଜାଇନ୍ କରିବା ପାଇଁ ଏକ ପ୍ରମୁଖ ପଦକ୍ଷେପ। ଏଗୁଡ଼ିକ ସାଧାରଣ ପ୍ରୟାସ ନୁହେଁ। ଏଗୁଡ଼ିକ ସମାଜ ପାଇଁ ଭାରତୀୟ ବିଜ୍ଞାନ ନୀତିରେ ଗଭୀର ଭାବରେ ନିହିତ। ଆକ୍ସିଅମ୍-୪ ଉପରେ ପ୍ରତ୍ୟେକ ପରୀକ୍ଷଣ ପୃଥିବୀର ଜୀବନକୁ ପ୍ରଭାବିତ କରିବାର ସମ୍ଭାବନା ରଖେ - ସେ ଓଡ଼ିଶାର ଜଣେ ଆଦିବାସୀ ଚାଷୀ, ଶିଲଂର ଜଣେ ସ୍କୁଲ ପିଲା, କିମ୍ବା ଲଦାଖର ଜଣେ ଆଗଧାଡ଼ିର ଡାକ୍ତର ହୋଇ ପାରନ୍ତି । ଏହି ମିଶନ ବିଶ୍ୱ ମହାକାଶ କୂଟନୀତିରେ ଭାରତର ବଢୁଥିବା ପ୍ରତିଷ୍ଠାକୁ ମଧ ପ୍ରଦର୍ଶନ କରିଥିଲା। ସୁରକ୍ଷା ପ୍ରୋଟୋକଲ ଉପରେ ଆମର ଗୁରୁତ୍ୱ ସ୍ପେସଏକ୍ସକୁ ଏକ ସମ୍ଭାବ୍ୟ ବିପର୍ଯ୍ୟୟକାରୀ ତ୍ରୁଟି ଚିହ୍ନଟ ଏବଂ ସମାଧାନ କରିବାରେ ସାହାଯ୍ୟ କରିଥିଲା। ନାସା, ଇଏସଏ ଏବଂ ଆକ୍ସିୟମ ସ୍ପେସ୍ ସହିତ ଆମର ସହଯୋଗ ସମାନ ସହଭାଗୀତାର ଏକ ନୂତନ ଯୁଗକୁ ଚିହ୍ନିତ କରୁଛି, ଯେଉଁଠାରେ ଭାରତ କେବଳ ଅଂଶଗ୍ରହଣ କରୁନାହିଁ, ବରଂ ନେତୃତ୍ୱ ମଧ ନେଉଛି ।

ସମ୍ପୂର୍ଣ୍ଣ ମିଶନ ସମୟରେ, ଇସ୍ରୋ ଫ୍ଲାଇଟ୍ ସର୍ଜନମାନେ ଶୁକ୍ଳାଙ୍କ ସ୍ୱାସ୍ଥ୍ୟ ଉପରେ ନଜର ରଖିଥିଲେ, ତାଙ୍କ ଶାରୀରିକ ଏବଂ ମାନସିକ ସୁସ୍ଥତା ସୁନିଶ୍ଚିତ କରିଥିଲେ। ସେ ଉତ୍ସାହରେ ପରିପୂର୍ଣ୍ଣ ରହିଥିଲେ ଏବଂ ଲକ୍ଷ୍ନୌରୁ ତ୍ରିଭେନ୍ଦ୍ରମ, ବାଙ୍ଗାଲୋରରୁ ଶିଲଙ୍ଗ ପର୍ଯ୍ୟନ୍ତ ଭାରତର ଛାତ୍ରଛାତ୍ରୀମାନଙ୍କ ସହିତ ଆଲୋଚନା କରିଥିଲେ ଏବଂ ବିଜ୍ଞାନ ତଥା ମହାକାଶର ସମ୍ଭାବନା ବିଷୟରେ ଯୁବ ମନକୁ ଉତ୍ସାହିତ କରିଥିଲେ।

ଶୁକ୍ଳା ଏବେ ଫେରି ଆସିଛନ୍ତି, ତାଙ୍କ ସହିତ ଅନେକ ତଥ୍ୟ, ନମୁନା ଏବଂ ଅନ୍ତର୍ଦୃଷ୍ଟି ଆଣିଛନ୍ତି ଯାହା ଭାରତର ଆଗାମୀ ଗଗନଯାନ ମିଶନ ଏବଂ ଭାରତ ମହାକାଶ ଷ୍ଟେସନକୁ ଶକ୍ତି ପ୍ରଦାନ କରିବ। ଏହା କେବଳ ଜଣେ ମହାକାଶଚାରୀଙ୍କ ବିଷୟରେ ନୁହେଁ। ଏହା ଏକ ରାଷ୍ଟ୍ରର ଉଦୟ ବିଷୟରେ। ଏହା ମହାକାଶ ବିଜ୍ଞାନକୁ ସାର୍ବଜନୀନ ସେବାରେ ପରିଣତ କରିବା ବିଷୟରେ। ଏହା ସୁନିଶ୍ଚିତ କରିବା ବିଷୟରେ ଯେ ମାଇକ୍ରୋଗ୍ରାଭିଟି ଗବେଷଣାର ଲାଭ ଭାରତର ପ୍ରତ୍ୟେକ କୋଣରେ ପହଞ୍ଚିବ - ଦୂରଦୂରାନ୍ତ ଗାଁରେ ସାଟେଲାଇଟ୍ ଇଣ୍ଟରନେଟ୍ ଠାରୁ ସହରାଞ୍ଚଳ ଡାକ୍ତରଖାନାରେ ଔଷଧ ପର୍ଯ୍ୟନ୍ତ। ଆମ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଭାଷାରେ, ଗଗନଯାନ ହେଉଛି ଭାରତୀୟ ସମ୍ବଳରେ ଜଣେ ଭାରତୀୟଙ୍କୁ ମହାକାଶରେ ପହଞ୍ଚାଇବା। ଆକ୍ସିଅମ୍-୪ ହେଉଛି ଏକ ଅଭ୍ୟାସ, ଅବଧାରଣାର ପ୍ରମାଣ, ଆକାଂକ୍ଷା ଏବଂ ସଫଳତା ମଧ୍ୟରେ ଏକ ସେତୁ। ଏବଂ ଯେତେବେଳେ ଆମେ ତାରାମାନଙ୍କୁ ଦେଖୁ, ଆମେ କେବଳ ଆଶ୍ଚର୍ଯ୍ୟ ସହିତ ସେମାନଙ୍କୁ ଦେଖୁନାହୁଁ, ଆମେ ସେମାନଙ୍କୁ ଉଦ୍ଦେଶ୍ୟ ସହିତ ଦେଖୁ। କାରଣ ଭାରତ ପାଇଁ, ଆକାଶ ସୀମା ନୁହେଁ ବରଂ ପ୍ରୟୋଗଶାଳା ।

* * *

## ଗଜପତି ଜିଲ୍ଲାରୁ ପୋଷ୍ୟ ସନ୍ତାନ ଗ୍ରହଣ କଲେ କଟକ ଜିଲ୍ଲା ଦମ୍ପତି

ପାରଳାଖେମୁଣ୍ଡି, (ସବ୍ୟୁ): ଗଜପତି ଜିଲ୍ଲାରୁ ୭୨ତମ ଶିଶୁଙ୍କୁ ଅତିରିକ୍ତ ଜିଲ୍ଲାପାଳ ଫାଲଗୁନି ମାଝୀ ପୋଷ୍ୟ ସନ୍ତାନ ଭାବେ କଟକ ଜିଲ୍ଲାର ଏକ ଦମ୍ପତିଙ୍କୁ ହସ୍ତାନ୍ତର କରିଛନ୍ତି। ପିତୃମାତୃହୀନ ଏହି ଶିଶୁଙ୍କୁ, ଶିଶୁ ମଙ୍ଗଳ ସମିତିଙ୍କ ନିର୍ଦ୍ଦେଶ କ୍ରମେ ଯତ୍ନ ଓ ସୁରକ୍ଷା ନିମନ୍ତେ ଉତ୍କଳ ବାଳାଶ୍ରମ ଶିଶୁ ଯତ୍ନ ଅନୁଷ୍ଠାନ, ପାରଳାଖେମୁଣ୍ଡି ଠାରେ ରଖି ଯତ୍ନ ଓ ସୁରକ୍ଷା ପ୍ରଦାନ କରାଯାଉଥିଲା। ପରବର୍ତ୍ତି ମୁହୂର୍ତ୍ତରେ ଶିଶୁ ମଙ୍ଗଳ ସମିତି, ଗଜପତି ଶିଶୁଟିକୁ ଆଇନତଃ ମୁକ୍ତ ଭାବେ ଘୋଷଣା କରିଥିଲେ ଏବଂ ଏହାପରେ ଶିଶୁଟିର ତଥ୍ୟ କେନ୍ଦ୍ରୀୟ ପୋଷ୍ୟ ସନ୍ତାନ ଗ୍ରହଣ ପୋର୍ଟାଲ୍‌ରେ ଅପଲୋଡ୍ କରାଯାଇଥିଲା । ଯାହାଦ୍ୱାରା ଶିଶୁଟି ପୋଷ୍ୟ ସନ୍ତାନ ଭାବେ ଯେକୌଣସି ଦମ୍ପତିଙ୍କ ପାଖକୁ ଯାଇପାରିବ । ତାହା ସମସ୍ତଙ୍କୁ ପୋର୍ଟାଲ୍ ମାଧ୍ୟମରେ ଜଣାଇ ଦିଆଯାଇଥିଲା। ପୋଷ୍ୟ ସନ୍ତାନ ଗ୍ରହଣ ନିମନ୍ତେ ପ୍ରାୟ ୨ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଅନଲାଇନ୍ ମାଧ୍ୟମରେ ଦରଖାସ୍ତ ଦେଇ ଅପେକ୍ଷା କରି ରହିଥିବା ଉକ୍ତ ଦମ୍ପତିଙ୍କୁ କେନ୍ଦ୍ରୀୟ ପୋଷ୍ୟ ସନ୍ତାନ ସମ୍ବଳ କେନ୍ଦ୍ର ଅନୁମୋଦନ କରିଥିଲେ। ଉପରୋକ୍ତ ଦମ୍ପତି ଶାରିରୀକ ସ୍ତରରେ ଶିଶୁଟିକୁ ପସନ୍ଦ କରି ନେବାପାଇଁ ସ୍ଥିର କରିଥିଲେ। ତାପରେ ଆବଶ୍ୟକ ହେଉଥିବା ଦସ୍ତାବିଜ ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ର ଏବଂ ଜିଲ୍ଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟ, ଗଜପତି ପ୍ରସ୍ତୁତ କରିଥିଲେ । ସମସ୍ତ ଦସ୍ତାବିଜକୁ ଅତିରିକ୍ତ ଜିଲ୍ଲାପାଳ ଯାଞ୍ଚ କରିବା ପରେ ଆଜି ଶିଶୁଟିକୁ ଉକ୍ତ ଦମ୍ପତିଙ୍କୁ ହସ୍ତାନ୍ତର କରିଥିଲେ। ଶିଶୁଟିର ବୟସ ୧୨ ବର୍ଷ, ଶିଶୁପୁତ୍ର ହୋଇଥିବାବେଳେ, ଶିଶୁଟିକୁ ପାଇ ଉକ୍ତ ଦମ୍ପତି ବେଶ ଖୁସି ଥିବା ଲକ୍ଷ୍ୟ କରାଯାଇଥିଲା। ହସ୍ତାନ୍ତର ସମୟରେ ଶିଶୁ ମଙ୍ଗଳ ସମିତି ଅଧ୍ୟକ୍ଷ ଅଶ୍ୱିନୀ କୁମାର ମହାପାତ୍ର, ଶିଶୁ ମଙ୍ଗଳ ସମିତି ସଦସ୍ୟା ମମତା ଶତପଥି, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଅରୁଣ କୁମାର ତ୍ରିପାଠୀ, ଉତ୍କଳ ବାଳାଶ୍ରମ ଶିଶୁ ଯତ୍ନ ଅନୁଷ୍ଠାନ ଓ ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ରର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ସଂଘବଦ୍ଧ ଆକ୍ରମଣ ଅଭିଯୋଗ: ଜଣେ ଗିରଫ

ବ୍ରହ୍ମପୁର, (ସବ୍ୟୁ): ବଡବଜାର ଥାନା ଅନ୍ତର୍ଗତ ସାର୍ଗୁଣା ସାହି ତ୍ରିନାଥ ମନ୍ଦିର ନିକଟରେ ଜଣେ ବ୍ୟକ୍ତିଙ୍କୁ ଖଣ୍ଡା ଓ କାତିରେ ସଂଘବଦ୍ଧ ଆକ୍ରମଣ କରିବା ସହ ଟଙ୍କା ଓ ମୋବାଇଲ ଛଡାଇ ନେବା ଅଭିଯୋଗରେ ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି।

ସେ ହେଲେ ଗୁରୁମୂର୍ତ୍ତିପେଣ୍ଟ ସାହିର ଉଜ୍ଜଳ ପଣ୍ଡା(୨୬) । ସୂଚନାପ୍ରକାରେ, ଧୋବାବନ୍ଧ ହୁଡାର ରବିନ୍ଦ୍ର ସାହୁ ୨୦ ତାରିଖରେ ନିଜ ଘରକୁ ଫେରୁଥିବା ବେଳେ ଅଭିଯୁକ୍ତ ଉଜ୍ଜଳ ପଣ୍ଡା ଓ ତାଙ୍କର ୪ ଜଣ ସହଯୋଗୀ ରବିନ୍ଦ୍ରଙ୍କୁ ଅଟକାଇ ଗାଳିଗୁଲଜ କରିବା ସହ ଖଣ୍ଡା ଓ କାତିରେ ସଂଘବଦ୍ଧ ଆକ୍ରମଣ କରିଥିଲେ । ଏଥିରେ ରବିନ୍ଦ୍ର ଗୁରୁତର ହୋଇ ତଳେ ପଡିଯିବା ପରେ ଅଭିଯୁକ୍ତମାନେ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ । ପରିବାର ଲୋକେ ରବିନ୍ଦ୍ରଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ଘଟଣାକୁ ନେଇ ରବିନ୍ଦ୍ରଙ୍କ ସ୍ତ୍ରୀ' ମାଳତୀ ବଡବଜାର ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ ତଦନ୍ତ କରିଥିଲା। ଅଭିଯୁକ୍ତ ଉଜ୍ଜଳକୁ ଗିରଫ କରାଯାଇଥିବା ବେଳେ ଘଟଣାରେ ସଂପୃକ୍ତ ଅନ୍ୟ ଅଭିଯୁକ୍ତଙ୍କୁ ଖୁବଶୀଘ୍ର ଗିରଫ କରାଯିବ ବୋଲି ପୋଲିସ କହିଛି ।

## ୫୩ନଂ ୱାର୍ଡରେ ୩୦ ଲକ୍ଷ ଟଙ୍କା ପ୍ରକଳ୍ପର ଶିଳାନ୍ୟାସ



କଟକ, (ସ୍ୱପ୍ର): ସିଏମସି ଅନ୍ତର୍ଗତ ୫୩ନଂ ୱାର୍ଡରେ ୩୦ଲକ୍ଷ ଟଙ୍କା ପ୍ରକଳ୍ପର ଶିଳାନ୍ୟାସ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ୱାର୍ଡ କର୍ପୋରେଟର ଅରବିନ୍ଦ ଜେନାଙ୍କ ଉପସ୍ଥିତିରେ ୩ଗୋଟି ପ୍ରକଳ୍ପକୁ ଚୌଦ୍ୱାର କଟକ ବିଧାୟକ ସୌଭିକ ବିଶ୍ୱାଳ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିଳାନ୍ୟାସ କରିଥିଲେ । ସେଥିମଧ୍ୟରେ ଆର ଏଣ୍ଡ ବି ପକ୍ଷରୁ ୧୯ଲକ୍ଷ ଟଙ୍କା ବ୍ୟୟରେ ଦରଖାପାଟଣା ସ୍ଥିତ କୁସୁମଦେବୀ ମହିଳା ମହାବଦ୍ୟାଳୟର ୮ଶହ ବର୍ଗଫୁଟ ପରିମିତ ଜାଗାରେ ସାଇକେଲ ଷ୍ଟାଣ୍ଡ ଓ ପାଠାଗାର ନିର୍ମାଣ, ସିଏମସି ପକ୍ଷରୁ ୧୦ଲକ୍ଷ ଟଙ୍କା ବ୍ୟୟରେ ନିୟୁ କଲୋନୀର କୈଳାଶ ଚନ୍ଦ୍ର ଦାସଙ୍କ ଘର ଠାରୁ କମଳ ଦଳେଇଙ୍କ ଘର ପର୍ଯ୍ୟନ୍ତ ପେଭର ବ୍ଲକ ରାସ୍ତା ଓ ଢ଼ଳେଇ ଡ୍ରେନ ଏବଂ ଏକ ଲକ୍ଷ ଟଙ୍କା ବ୍ୟୟରେ ରଂଜନ କୁମାର ଭଟ୍ଟଙ୍କ ଗଳିରେ ପେଭର ବ୍ଲକ ରାସ୍ତା ଆଦି ନିର୍ମାଣ କରାଯିବ।

ଏହି ଶିଳାନ୍ୟାସ ଉତ୍ସବରେ କୁସୁମଦେବୀ ମହାବିଦ୍ୟାଳୟର ଅଧ୍ୟକ୍ଷା ଡଃ ଶାନ୍ତିଲତା ମହାପାତ୍ର, ୱାର୍ଡ ସଭାପତି ସାରଙ୍ଗପାଣି ଷଢ଼ଙ୍ଗୀ, ମୁରବୀ ରଜନୀକାନ୍ତ ପରିଜା, ଅମର ସାମନ୍ତରାୟ, ବିଜୟାନନ୍ଦ ସାହୁ, ସଦାନନ୍ଦ ସାହୁ, ସଂଜୀବ ଜେନା, ବ୍ୟୋମକେଶ କାନୁନଗୋ, ଅଧୀର ବେଉରା, ସୁଜନ ସ୍ୱାଇଁ, ନଗେନ ଦାସ, ସୁଧାରଂଜନ ନାୟକ, ବିଦୁଲତା ସ୍ୱାଇଁ, ରାକେଶ ସାହୁ, ସମ୍ବିତ କୁମାର ଶ୍ରୀଚନ୍ଦନ ଏବଂ ଆରଏଣ୍ଡବିର ସହକାରୀ ଯନ୍ତ୍ରୀ ବଳରାମ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

## ପୋଲିଙ୍ଗ ବୁଥ ନାମ, ସ୍ଥାନ ଓ ନୂତନ ବୁଥ ସୃଷ୍ଟି ସମ୍ପର୍କରେ

# ବିଭିନ୍ନ ରାଜନୈତିକ ଦଳ ପ୍ରତିନିଧିମାନଙ୍କୁ ନେଇ ଜିଲ୍ଲାପାଳଙ୍କ ବୈଠକ

ବାରିପଦା, (ସବ୍ୟୁ) : ମୟୂରଭଞ୍ଜ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଜିଲ୍ଲାପାଳ ହେମକାନ୍ତ ସୟଙ୍କ ସଭାପତିତ୍ୱରେ ପୋଲିଙ୍ଗ ବୁଥ ମାନଙ୍କର ଯୁକ୍ତିଯୁକ୍ତକରଣ ତଥା ନାମ, ସ୍ଥାନ ଓ ନୂତନ ବୁଥ ସୃଷ୍ଟି ସମ୍ପର୍କରେ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। । ପ୍ରାରମ୍ଭରେ ଜିଲ୍ଲାପାଳ ଉପସ୍ଥିତ ସମସ୍ତଙ୍କୁ ସ୍ୱାଗତ କରିବା ସହ ଆଜିର ବୈଠକର ମୂଳ ଲକ୍ଷ୍ୟ ହେଉଛି ଜିଲ୍ଲାରେ ୧୨୦୦ରୁ ଊର୍ଦ୍ଧ୍ୱ ମତଦାତା ଥିବା ବୁଥ ଗୁଡିକର ଯୁକ୍ତିଯୁକ୍ତକରଣ ସହ ଆବଶ୍ୟକ ସ୍ଥଳେ ନୂତନ ବୁଥ ସୃଷ୍ଟି କରିବା ଓ ଗୋଟିଏ ମତଦାନ କେନ୍ଦ୍ର ଗୋଟିଏ ଗ୍ରାମ ପଞ୍ଚାୟତରେ ସୀମିତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଏଥିରେ ଜିଲ୍ଲାର ସମସ୍ତ ନିର୍ବାଚନ ପଞ୍ଜିକରଣ ଅଧିକାରୀ ମାନେ ବୁଥସ୍ତରୀୟ ଅଧିକାରୀ ଓ ସୁପଭାଇଜର ମାନଙ୍କୁ ସଂଶ୍ଳିଷ୍ଟ କରି ୧୨୦୦ ରୁ ଅଧିକ ମତଦାତା ଥିବା ୨୪୯ଟି ବୁଥ ର ଯୁକ୍ତିଯୁକ୍ତକରଣ କରିବା ପାଇଁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ । ଅନୁଷ୍ଠିତ ବୈଠକରେ ଅତିରିକ୍ତ ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ, ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ, ଅତିରକ୍ତ ଜିଲ୍ଲାପାଳ ଈଶ୍ୱର ଚନ୍ଦ୍ର ନାଏକ, ବାରିପଦା ଉପଜିଲ୍ଲାପାଳ ଡଃ ଦୟାସିନ୍ଧୁ ପରିଡା ଓ ଡେପୁଟି କଲେକଟର କ୍ରିସେନସିଆ ତୀର୍କୀ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିକାଶ ରଞ୍ଜନ ମହାନ୍ତି ପ୍ରମୁଖ ଯୋଗ ଦେଇଥିବା ବେଳେ ବିଜେପି ଦଳର କାନ୍ହା ସୋରେନ, ପ୍ରବୀଣ କୁମାର ପାତ୍ର, ଇଣ୍ଡିଆନ ନ୍ୟାସନାଲ କଂଗ୍ରେସ ଦଳରୁ ଅଶୋକ କୁମାର ଗିରି, ମୋତି ପ୍ରକାଶ ଦାଶ, ଆମ ଆଦମୀ ପାର୍ଟିରୁ ଶକର୍ଷଣ ମିଶ୍ର ଓ କମୁନିଷ୍ଟ ପାର୍ଟି, ଇଣ୍ଡିଆ (ଏମ) ରୁ ଗିରେନ୍ଦ୍ର କୁମାର ଗୋସ୍ୱାମୀ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।



## ନୀଳକଣ୍ଠନଗର ସରସ୍ୱତୀ ଡିଗ୍ରୀ ବିଦ୍ୟା ମନ୍ଦିର

# ଯୁକ୍ତ ତିନି ପ୍ରଥମ ବର୍ଷ ଛାତ୍ରଛାତ୍ରୀଙ୍କ ପାଇଁ ସ୍ୱାଗତ ଓ ସମ୍ବର୍ଦ୍ଧନା ଉତ୍ସବ

ବ୍ରହ୍ମପୁର, (ସବ୍ୟୁ): ମଙ୍ଗଳବାର ଦିନ ସରସ୍ୱତୀ ଡିଗ୍ରୀ ବିଦ୍ୟା ମନ୍ଦିର, ନୀଳକଣ୍ଠନଗର ପ୍ରାଙ୍ଗଣରେ ଯୁକ୍ତ ତିନି ପ୍ରଥମ ବର୍ଷ ଛାତ୍ରଛାତ୍ରୀମାନଙ୍କୁ ସ୍ୱାଗତ ଓ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଭେଷଜ ମହାବିଦ୍ୟାଳୟର ରେଜିଷ୍ଟ୍ରାର୍ ସଂଗ୍ରାମ ଶେଖର ପଣ୍ଡା ଉପସ୍ଥିତ ରହି ଭବିଷ୍ୟତ ନିର୍ମାଣ ପାଇଁ ଛାତ୍ରଛାତ୍ରୀମାନେ ନିଜକୁ କିପରି ପ୍ରସ୍ତୁତ କରିବେ, ସେ ସମ୍ପର୍କରେ ଏକ ସାରଗର୍ଭକ ବକ୍ତବ୍ୟ ଉପସ୍ଥାପନ କରିବା ସହ ଛାତ୍ରଛାତ୍ରୀମାନଙ୍କ ପାଇଁ ଶିକ୍ଷା, ଦିକ୍ଷା ଏବଂ ସଂସ୍କାରର ସମ୍ପର୍କ ଏବଂ ଆଶବ୍ୟକତା ସମ୍ପର୍କରେ ଆଲୋକପାତ କରିଥିଲେ ।




ଏହି ପରିପ୍ରେକ୍ଷୀରେ ଅନୁଷ୍ଠାନର ପରିଚାଳନା ସମିତିର ସମ୍ପାଦକ ନାରାୟଣ ପଣ୍ଡା ନିଜ ଉଦ୍‌ବୋଧନରେ ଛାତ୍ରଛାତ୍ରୀମାନଙ୍କ ପାଇଁ ପ୍ରେରଣାଦାୟୀ ଉପଦେଶ ଦେବା ସହିତ ଉତ୍ସାହିତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ସୁବ୍ରତ କୁମାର ପାଣିଗ୍ରାହୀ ପରିଚାଳନା କରିବା ସହିତ ଉପସ୍ଥିତ ମଞ୍ଚାସୀନ ଏବଂ ଆମନ୍ତ୍ରିତ ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲେ। ମହାବିଦ୍ୟାଳୟର ଡିନ୍ ଡ. ବିବେକାନନ୍ଦ ପଣ୍ଡା ନବାଗତ ସମସ୍ତ ଛାତ୍ରଛାତ୍ରୀମାନଙ୍କୁ ବିଦ୍ୟାଳୟର ଶୃଙ୍ଖଳା, ନିୟମ, ଶିକ୍ଷା ପଦ୍ଧତି, ସଂସ୍କାର, ପରୀକ୍ଷା ପଦ୍ଧତି, ସମୟାନୁବର୍ତିତା ଏବଂ ବିଦ୍ୟାଳୟରେ ଅନୁଷ୍ଠିତ ହେଉଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସମ୍ୟକ୍ ଭାବେ ଅବଗତ କରାଇଥିଲେ। ଏହି ଅବସରରେ ମହାବିଦ୍ୟାଳୟର ଯୁକ୍ତ ୩ ତୃତୀୟ ବର୍ଷ ଛାତ୍ରୀମାନଙ୍କ ଦ୍ୱାରା ପ୍ରାରମ୍ଭିକ ସ୍ୱାଗତ ସଂଗୀତ ପରିବେଷଣ କରାଯାଇଥିଲା। ୩ ଦ୍ୱିତୀୟ ଏବଂ ତୃତୀୟ ବର୍ଷର ଛାତ୍ରଛାତ୍ରୀମାନେ ପ୍ରଥମ ବର୍ଷର ଛାତ୍ରଛାତ୍ରୀମାନଙ୍କୁ ସ୍ୱାଗତ କରିବା ସହ ଅନୁଷ୍ଠାନର ନୀତି ନିୟମ ସମ୍ପର୍କରେ ନବାଗତ ମାନଙ୍କୁ ଅବଗତ କରାଇଥିଲେ। ଏହି ଅବସରରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯଥା ପରିଚାଳନା ସମିତିର ଯୁଗ୍ମ ସମ୍ପାଦକ ନୀଳକଣ୍ଠ ସାହୁ, କୋଷାଧ୍ୟକ୍ଷ ସୋମନାଥ ନନ୍ଦ, ପରିଚାଳନା ସମିତିର ପରାମର୍ଶଦାତା ହରେକୃଷ୍ଣ ପାଢ଼ୀ, ଭେଙ୍କେଟ୍ ରାଓ, ପ୍ରାଧ୍ୟାପକ ରାଜେନ୍ଦ୍ର କୁମାର ଡାକୁଆ, ଶୈକ୍ଷିକ ପରାମର୍ଶଦାତା ଉମାଧବ ମହାନ୍ତି ଏବଂ ଉଚ୍ଚ ବିଦ୍ୟାଳୟର ଅଧ୍ୟକ୍ଷ ଏସ୍.ମୋହନ ରାଓ, ମଞ୍ଚାସୀନ ରହି ସମସ୍ତଙ୍କୁ ଉତ୍ସାହିତ କରିଥିଲେ। ମହାବିଦ୍ୟାଳୟର ଉପାଧ୍ୟକ୍ଷ ଡ. ଚିତରଞ୍ଜନ ପଣ୍ଡା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଧୂଳିମୟ ରାସ୍ତା ସମସ୍ୟା ନିରୀକ୍ଷଣ କଲେ ଅଧିକାରୀ

# ରାସ୍ତାରେ ଚଲାଇ ଚଲାଇ ନେଲେ ଉତ୍ୟକ୍ତ ଲୋକେ



ରେଢ଼ାଖୋଲ,(ସବ୍ୟୁ): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହରର ଭୀମଭୋଇ ଛକଦେଇ ବୌଦ୍ଧ ଜିଲ୍ଲାକୁ ଯାଇଥିବା ଜାତୀୟ ରାଜପଥ ଏନ୍‌ଏଚ୍ ୧୫୩ବି ସମ୍ପୂର୍ଣ୍ଣ ଖାଲଖମାରେ ଭର୍ତ୍ତି ହୋଇ ପଡି ରହିଛି । ଫଳରେ ଧୂଳି ଉଡୁ ଥିବାରୁ ଜନସାଧାରଣ ନାହିଁ ନ ଥିବାର ସମ୍ମୁଖୀନ ହେଉଛନ୍ତି । ଏହି ରାସ୍ତା ଧୂଳି ମୟ ଯୋଗୁଁ ଅଞ୍ଚଳ ବାସୀ ପ୍ରଶାସନ ଠାରେ ବାରମ୍ବାର ଦାବି କରି ଆସୁଥିଲେ । ହେଲେ ପ୍ରଶାସନ ଆଦୌ ଶୁଣୁ ନ ଥିଲା । ତେବେ ମଙ୍ଗଳବାର ଦିନ ରେଢ଼ାଖୋଲ ଉପଜିଲ୍ଲାପାଳ ରଶ୍ମିରଞ୍ଜନ ମହନ୍ତ, ଜାତୀୟ ରାଜପଥ ଏସଡିଓ ଶ୍ୟାମସୁନ୍ଦର ପ୍ରଶାଦ ରାମ, ତହସିଲଦାର ପ୍ରଭାତ ବିଶ୍ୱାଳ, ପୋଲିସ ଏସଡିପିଓ ପ୍ରଶାନ୍ତ ମେହେର ରାସ୍ତା ସମସ୍ୟା ଦେଖିବାକୁ ଯାଇ ଥିଲେ ହେଲେ ଉତ୍ୟକ୍ତ ସହରବାସୀ ସେମାନଙ୍କୁ ସେହି ଧୂଳି ରାସ୍ତାରେ ଚଲେଇ ଚଲେଇ ଭୀମଭୋଇ ଛକରୁ ପୋଷ୍ଟ ଅଫିସ ପର୍ଯ୍ୟନ୍ତ ନେଇଥିଲେ । ଏହି ରାସ୍ତାରେ ହଜାର ହଜାର ଗାଡି ପ୍ରତ୍ୟହ ଯିବା ଆସିବା କରୁଛି । ଏହି ରାସ୍ତାରେ ପ୍ରତିଦିନ ଛୋଟ ବଡ ଦୁର୍ଘଟଣା ଘଟୁଛି । ରେଢ଼ାଖୋଲ ଉପଜିଲ୍ଲାପାଳ ଏହି ରାସ୍ତା ଅନୁଧ୍ୟାନ କରି ସମସ୍ୟା ୭ ଦିନ ଭିତରେ କାମ ସରିବ ବୋଲି ପ୍ରକାଶ କରିଛନ୍ତି ।

## ନାବାଳିକା ପିଡିତା ପରିବାରକୁ ଭେଟିଲେ କଂଗ୍ରେସ ତଥ୍ୟ ଅନୁସନ୍ଧାନ କମିଟି

କୋକସରା,(ସବ୍ୟୁ): କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ଆମପାଣି ପଞ୍ଚାୟତ କୁଟ୍ରୁ ଗ୍ରାମର ଜଣେ ପଛୁଆ ବର୍ଗର ନାବାଳିକା ଦୁଷ୍କର୍ମର ଶିକାର ହୋଇଥିବା ବେଳେ ଆମପାଣି ଥାନାରେ ପିଡିତା ପକ୍ଷରୁ ଅଭିଯୋଗ ପରେ ପୋଲିସ ଅଭିଯୁକ୍ତ କୁଟ୍ରୁ ଗ୍ରାମ ବାଘଝରନ ପଡାର ଯୁବକ ନକୁଳ ବେହେରାକୁ ଗିରଫ କରି ଏହି ଘଟଣାରେ କୋର୍ଟ ଚାଲାଣ କରିଛି । ତେବେ ଏହି ସମ୍ବେଦନଶୀଳ ଘଟଣାକୁ ନେଇ ମହିଳା ଓ ନାବାଳିକାଙ୍କ ଉପରେ ବୃଦ୍ଧି ପାଉଥିବା ଯୌନ ଉତ୍ପୀଡ଼ନକୁ ରାଜ୍ୟ କଂଗ୍ରେସ ଦଳ ପକ୍ଷରୁ ତୀବ୍ର ନିନ୍ଦା କରିବା ସହ ପିଡିତାଙ୍କ ପ୍ରତି ରାଜ୍ୟ ସରକାରଙ୍କ ଅବହେଳାକୁ ନେଇ ତୁମ୍ବି ତୋଫାନ ଜାରି ରହିଛି । ଏହି ପରିପ୍ରେକ୍ଷୀରେ ଜିଲ୍ଲା କଂଗ୍ରେସ କମିଟିର ନିର୍ଦ୍ଦେଶରେ ମଙ୍ଗଳବାର କଳାହାଣ୍ଡି ଜିଲ୍ଲା କଂଗ୍ରେସର ତଥ୍ୟ ଅନୁସନ୍ଧାନ କମିଟିର ଅଧ୍ୟକ୍ଷା ଦ୍ରୋପଦି ମାଝୀଙ୍କ ନେତୃତ୍ୱରେ କର୍ମକର୍ତ୍ତା ମାନେ କୁଟ୍ରୁ ଗ୍ରାମ ରେ ପହଞ୍ଚି ନାବାଳିକା ପୀଡ଼ିତା ପରିବାରଙ୍କୁ ସାକ୍ଷାତ କରିବା ସହ ପରିବାର ପ୍ରତି ସମବେଦନା ପ୍ରକାଶ କରିବା ସହ କଂଗ୍ରେସ ଦଳ ସବୁବେଳେ ପିଡିତାଙ୍କୁ ନ୍ୟାୟ ପ୍ରଦାନ ଦାବିରେ ରାଜ୍ୟ ସରକାରଙ୍କୁ ଟାର୍ଗେଟ କରିବା ସହ ଦୋଷୀଙ୍କୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ପିଡିତ ପରିବାର ସହ ରହିଛି ବୋଲି ଆଶ୍ୱାସନା ଦେଇଥିଲେ ।

ପ୍ରତିନିଧି ଦଳରେ ଜ୍ୟୋସ୍ନାମୟୀ ବଗର୍ତ୍ତି, ମନ୍ଦାକିନି ବାଣୁଆ, ମାଣିକ୍ୟ ସୁନା, ବ୍ଲକ ସଭାପତି ଲିଙ୍ଗରାଜ ବେହେରା, ରାଜ୍ୟ ଯୁବ କଂଗ୍ରେସ ସାଧାରଣ ସମ୍ପାଦକ ବେଣୁପାଣି ଦୁର୍ଗା, ଯୋନ ସଭାପତି ଆମପାଣି ହରିଶ୍ଚନ୍ଦ୍ର ନାଏକ, ତ୍ରିଭୁବନ ନାଏକ, ଅରୁଣ କୁମାର ମାଝୀ, ଟିକିଚନ୍ଦ୍ର ଧଙ୍ଗଡା ମାଝୀ, ଅଜୟ କୁମାର ପଣ୍ଡା, ମନୋରଞ୍ଜନ ବାଣୁଆ ପ୍ରମୁଖ ସାମିଲ ଥିଲେ ।

## ସିଆଇଏସସିଇ ଜୋନାଲ ହ୍ୟାଣ୍ଡବଲ ପ୍ରତିଯୋଗିତା



ଝାରସୁଗୁଡା,(ସବ୍ୟୁ): ବେଲପାହାଡ଼ ସ୍ଥିତ ବେଲପାହାଡ଼ ଇଂଲିଶ ମିଡିୟମ ବିଦ୍ୟାଳୟରେ ସୋମବାର କାଉନସିଲ ଫର ଇଣ୍ଡିଆନ ସାର୍ଟିଫିକେଟ ଏଗଜାମିନେଶନ (ସିଆଇଏସ ସିଇ) ଜୋନାଲ ହ୍ୟାଣ୍ଡ ବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛ । ପ୍ରତିଯୋଗୀତାରେ ଝାରସୁଗୁଡା ଜୋନ ଅନ୍ତର୍ଗତ ଆଇସିଏସି ବିଦ୍ୟାଳୟ ର ମୋଟ ୯୦ ଜଣ ଖେଳାଳୀ ଭାଗ ନେଇଥିଲେ । ୧୪ ବର୍ଷରୁ କମ୍ ଓ ୧୭ ବର୍ଷରୁ କମ୍ ବିଭାଗରେ ଉଭୟ ବାଳିକା ଓ ବାଳକ ମାନଙ୍କର ହ୍ୟାଣ୍ଡ ବଲ ପ୍ରତିଯୋଗିତା ହୋଇ ଯାଇଛି । ଉଦଘାଟନୀ ଉତ୍ସବରେ ବିଇଏମ ବିଦ୍ୟାଳୟର ଅଧ୍ୟକ୍ଷ ସଞ୍ଜୟ କୁମାର ମିଶ୍ର ମୁଖ୍ୟ ଅତିଥି ଭାବରେ ଯୋଗଦେଇ ପ୍ରତିଯୋଗିତାକୁ ଉଦଘାଟନ କରିଥିଲେ । ଶାରୀରୀକ ଶିକ୍ଷା ଶିକ୍ଷକ ହମିଦ କୁମାର ମହାପାତ୍ର ମଞ୍ଚ ପରିଚାଳନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟର ଉପ ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ମହାପାତ୍ର, ଉପାଧ୍ୟକ୍ଷ ବିଜୟ କୁମାର ଗୌଡ଼ ଉପସ୍ଥିତ ଥିଲେ । ୧୪ ବର୍ଷରୁ କମ୍ ବାଳକ ଓ ବାଳିକା ବର୍ଗରେ ବେଲପାହାଡ଼ ଇଂଲିଶ ମିଡିୟମ ବିଦ୍ୟାଳୟ ର ଦଳ ଚମ୍ପିଅନ ଆଖ୍ୟା ଅର୍ଜନ କରିଛନ୍ତି । ୧୭ ବର୍ଷରୁ କମ୍ ବାଳକ ଓ ବାଳିକା ବର୍ଗରେ ମଧ୍ୟ ବିଇଏମ ବିଦ୍ୟାଳୟ ବିବେକାନନ୍ଦ ଇଣ୍ଟର ନେସନାଲ ବିଦ୍ୟାଳୟକୁ ଫାଇନାଲରେ ପରାସ୍ତ କରି ଚାମ୍ପିଅନ ହୋଇଛନ୍ତି । ଉତ୍କୃଷ୍ଟ କ୍ରୀଡ଼ା ପ୍ରଦର୍ଶନ କରିଥିବା ଖେଳାଳୀ ମାନେ ଅଗଷ୍ଟ ମାସରେ ବ୍ରହ୍ମପୁରରେ ହେବାକୁ ଥିବା ରାଜ୍ୟ ସ୍ତରୀୟ ହ୍ୟାଣ୍ଡବଲ ପ୍ରତିଯୋଗିତାରେ ଭାଗ ନେବା ପାଇଁ ମନୋନୀତ କରାଯାଇଛି। ଆଜିର ପ୍ରତିଯୋଗିତାକୁ ଶାରୀରିକ ଶିକ୍ଷା ଶିକ୍ଷକ ହମିଦ କୁମାର ମହାପାତ୍ର, ଅଭିଲାଶ ସାହୁ, ଶାନ୍ତି ନାୟକ, ନେହା ଠାକୁର ପରିଚାଳନା କରିଥିଲେ । ବିଦ୍ୟାଳୟର ଶିକ୍ଷକ ଅଶୋକ ଧିର ସାମନ୍ତ, ସୁନନ୍ତ କୁମାର ପଣ୍ଡା, ମନୋଜ ବିନ୍ଧାଣୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

## ବିବାହର ପ୍ରତିଶୃତି ଦେଇ ପ୍ରତାରଣା

# ୮ ଦିନ ଗଡିଗଲା ଯୁବକର ଟେର ପାଉନି ପୋଲିସ

ନୂଆପଡ଼ା,(ସବ୍ୟୁ): ନୂଆପଡ଼ା ଜିଲ୍ଲା ଖଡ଼ିଆଳ ଥାନାରେ ଜଣେ ଯୁବତୀଙ୍କୁ ବିବାହର ମିଥ୍ୟା ପ୍ରତିଶ୍ରୁତି ଦେଇ ଯୁବକ ପ୍ରତାରଣା କରିଥଲା । ଏନେଇ ଏଫଆଇଆର ରୁଜୁ ହୋଇଥିଲା । ହେଲେ ଯୁବତୀ ଜଣକ ନ୍ୟାୟ ନପାଇବାରୁ ପୁନଃ ଜିଲ୍ଲା ଯୁଗ୍ମ ଅଭିଯୋଗ ଶୁଣାଣୀ ଶିବିର କୋମନା ଠାରେ ଜିଲ୍ଲା ଏସପିଙ୍କୁ ସାକ୍ଷାତ କରି ନ୍ୟାୟ ଭିକ୍ଷା କରିଥିଲା । କିନ୍ତୁ ଅଭିଯୁକ୍ତ ଏବେ ବି ବୁଲୁଛି । ଯୁବତୀ ଭାଗ୍ୟକୁ ଆଦରି ଅନାଇ ରହିଛି ନ୍ୟାୟ ଦେବ କିଏ । ଖବରରୁ ପ୍ରକାଶ ଯେ, ଖଡିଆଲ୍ ଥାନା ଅନ୍ତର୍ଗତ ବାରେଶ ବାହାଲି ଗ୍ରାମର ଜଣେ ଯୁବତୀଙ୍କୁ ବିବାହର ମିଥ୍ୟା ପ୍ରତିଶ୍ରୁତି ଦେଇ ଉପରୋକ୍ତ ଗ୍ରାମର ଯୁବକ ଶଶି ଭୋଇ ନିବିଡ ପ୍ରେମ ସମ୍ପର୍କର ଆଳରେ ମିଥ୍ୟା ବିବାହ ପ୍ରତିଶ୍ରୁତି ଦେଇ ପୁଣି ଶାରୀରିକ ସମ୍ପର୍କ ରଖି ଗର୍ଭବତୀ କରି ବର୍ତ୍ତମାନ ବିବାହ କରିବାକୁ ମନାକରି ଦେଇ ମାନସିକ ନିର୍ଯାତନା ଦେଉଛି । ଯୁବକ ଶ୍ରୀ ଭୋଇ ୩୧ ମେ ୨୦୨୫ ଦିନ ବିବାହ କରିବା ପାଇଁ ପ୍ରତିଶ୍ରୁତି ଦେଇ କୁଆଡେ ଗର୍ଭ ନଷ୍ଟ କରିବାକୁ ଯୁବତୀଙ୍କୁ ଔଷଧ ଖାଇବାକୁ ଦେଇଥିବା ଉଲ୍ଲେଖ ଅଛି । ଯୁବକ୍ ଗର୍ଭ ନଷ୍ଟ ହେବା ପରେ ଗ୍ରାମରୁ ଫେରାର ହୋଇ ଯାଇଥିବା ଖବର ପାଇ ପୀଡିତ ଯୁବତୀ ଯୁବକ ଶଶି ଘରେ ଯାଇ ସବୁ କଥା କହିବା ପରେ ଘର ଲୋକେ ତାକୁ ଧମକ ଚମକ ଦେଇ ଘଉଡାଇ ଦେଇଥିଲେ । ଏ ସଂପର୍କରେ ଉକ୍ତ ଯୁବତୀ ଲିଖିତ ଏଫ.ଆଇ.ଆର. ଖଡ଼ିଆଳ ଥାନାରେ ଦେଇଛି ଓ କେଶ ରେଜିଷ୍ଟ୍ରେସନ୍ ମଧ୍ୟ ହୋଇଛି, ଖଡ଼ିଆଳ ପୋଲିସ କାର୍ଯ୍ୟାନୁଷ୍ଠାନ ନେଉ ନାହାନ୍ତି ବୋଲି ଅଭିଯୋଗ ହୋଇଛି । ଏ ସମ୍ପର୍କରେ କୋମନା ଠାରେ ଗତ ୧୪ ଜୁଲାଇ ୨୦୨୫ ଦିନ ଅନୁଷ୍ଠିତ ଜିଲ୍ଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣୀ ଶିବିରରେ ଯୁବତୀ ନୂଆପଡ଼ା ଜିଲ୍ଲାପାଳ ଓ ଜିଲ୍ଲା ଏସପିଙ୍କୁ ସାକ୍ଷାତ କରି ଲିଖିତ ଜଣାଇ ନ୍ୟାୟ ଭିକ୍ଷା କରିଛନ୍ତି । ଉପରୋକ୍ତ କେଶ ସମ୍ପର୍କରେ ଖଡ଼ିଆଳ ଆଇଆଇସି ଦିଲୀପ କୁମାର ସାହୁଙ୍କୁ ପଚାରିବାରୁ ଖୋଜାଖୋଜି ଚାଲିଛି । ଏକ ପୋଲିସ ଟିମ ଫେରାର ଯୁବକ ଶଶିକୁ ଧରିବା ପାଇଁ ତାଙ୍କ ମୋବାଇଲ୍ ଲୋକେଶ ଠିକଣାକୁ ଯାଇଥିବା କହିଥିଲେ । ଖବର ଲେଖା ହେବା ଯାଏଁ ଶଶି ଭୋଇ ଧରାପଡ଼ି ନାହିଁ ।

## କୁମ୍ଭକର୍ଣ୍ଣ ନିଦ୍ରାରେ ସୋନପୁର ଅବକାରୀ ବିଭାଗ !

ସୋନପୁର,(ସବ୍ୟୁ): ସୋନପୁର ସହର ଦେଇ ଗଞ୍ଜେଇ ଚୋରା ଚାଲାଣ ହେଉଛି । ଅନେକ ସ୍ଥାନରେ ବେଆଇନ ମଦ ବିକ୍ରି ହେଉଥିବା ଖବର ସୋନପୁର ଜନ ସାଧାରଣଙ୍କୁ ବ୍ୟଥିତ କରିଛି । ପ୍ରତିଦିନ ବିଭିନ୍ନ ଯାନ ବାହନରେ କୋଟି କୋଟି ଟଙ୍କା ମୂଲ୍ୟର ଗଞ୍ଜେଇ ଚୋରା ଚାଲାଣ ହେଉଛି । ଏ ଅଞ୍ଚଳରେ ଅନ୍ତଃ ରାଜ୍ୟ ଗଞ୍ଜେଇ ମାଫିଆ ସକ୍ରିୟ ଥିବା ଜଣାପଡିଛି । ପୋଲିସ ବିଭାଗ କିଛି ମାତ୍ରାରେ ଧରିବାରେ ସକ୍ଷମ । ମାତ୍ର ଅବକାରୀ ବିଭାଗ ଜାଣି ଚୁପ୍ ହୋଇ ଯାଇଛି । ସୁବର୍ଣ୍ଣପୁର ଜିଲ୍ଲା ଅବକାରୀ ଅଧିକ୍ଷକ ପ୍ରବୀର କୁମାର ସାମଲଙ୍କ କହିବା ମୁତାବକ ରାସ୍ତା ପ୍ରଶସ୍ତି କରଣ ହୋଇଥିବା ଯୋଗୁଁ ଓ ଷ୍ଟାଫ୍ କମ୍ ଥିବାରୁ ଅବକାରୀ ବିଭାଗ ଗଞ୍ଜେଇ ଧରିବାରେ ଅସମର୍ଥ । ଗତ ମାସ ମଦ ଓ ଗଞ୍ଜେଇ ବାବଦରେ ୬୦ କେସ ହୋଇଥିବା ବେଳେ ସର୍ବାଧିକ ୪ କ୍ୱିଣ୍ଟାଲ ଓଜନର ଗଞ୍ଜେଇ ଧରି ଓ୍ୱା ଓ୍ୱା ନେଇ ଗଣ ମାଧ୍ୟମରେ ପ୍ରତିକ୍ରିୟା ରଖିଛନ୍ତି ସୁବର୍ଣ୍ଣପୁର ଜିଲ୍ଲା ଅବକାରୀ ଅଧିକ୍ଷକ ଶ୍ରୀ ସାମଲ । ଚଳିତ ବର୍ଷ ଜିଲ୍ଲାରୁ ଯେତିକି ଗଞ୍ଜେଇ ଧରାପଡିଛି ତାହାର ସିଂହ ଭାଗ ପୁଲିସ ବିଭାଗ ଧରିଛି । ଅନ୍ୟପକ୍ଷରେ ଅବକାରୀ ବିଭାଗ ତାହାର କାର୍ଯ୍ୟ ଠିକ ଭାବରେ ତୁଲାଉନଥିବାରୁ ବେଆଇନ ଗଞ୍ଜେଇ ଚାଲାଣରେ ଅବକାରୀ ବିଭାଗ କିପରି ତାର କାର୍ଯ୍ୟ ସମ୍ପାଦନ କରୁଛି ତାହା ବୁଦ୍ଧିଜୀବୀ ମହଲ ରେ ଚିନ୍ତା ବଢ଼େଇଛି । ବୌଦ୍ଧ ଜିଲ୍ଲାର ବିଭିନ୍ନ ବ୍ଲକରୁ ପ୍ରତିଦିନ ଗଞ୍ଜେଇ ଚାଲାଣ ହେଉଥିବା କଥା ନିଜେ ଅବକାରୀ ଅଧିକ୍ଷକ ଗଣମାଧ୍ୟମ ସମ୍ମୁଖରେ ପ୍ରତିକ୍ରିୟା ରଖିଥିବା ବେଳେ ରାସ୍ତା ପ୍ରଶସ୍ତ ଥିବା ଓ ଅବକାରୀ କର୍ମଚାରୀ କମ୍ ଥିବା ଆଳ ଦେଖେଇ ଧରି ପାରୁ ନ ଥିବା ଖୋଦ୍ ଅବକାରୀ ଅଧିକ୍ଷକ ଶ୍ରୀ ସାମଲ ଗଣ ମାଧ୍ୟମ ରେ ପ୍ରତିକ୍ରିୟା ରଖିଛନ୍ତି । ସହର ମଧ୍ୟରେ ପ୍ରାୟେ ସମସ୍ତ ଛକରେ ମଦ ବିକ୍ରି ହେଉଥିବାରୁ ସହର ରେ ଏବେ ଚୋରି, ଡକାୟତି, ବାଇକ୍ ଚୋରି, ଡିକି ଭାଙ୍ଗି ଲୁଟ୍, ମାର ପିଟ ବଢ଼ି ଯାଇଥବାରୁ ପରୋକ୍ଷରେ ସୁବର୍ଣ୍ଣପୁର ଜିଲ୍ଲା ଅବକାରୀ ବିଭାଗର ବିଫଳତା ସୋନପୁର ଜନ ସାଧାରଣରେ ଚର୍ଚ୍ଚା ଚାଲିଛି ।

## ନାବାଳିକା ଦୁଷ୍କର୍ମ ମାମଲା, ଦୋଷୀକୁ ୧୫ବର୍ଷ କାରାଦଣ୍ଡ

ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟ ବିଚାରପତି ଅଭିଳାଶ ସେନାପତି ଏକ ନାବାଳିକା ଦୁଷ୍କର୍ମ ମାମଲାର ବିଚାର କରି ମଙ୍ଗଳବାର ରାୟ ପ୍ରଦାନ କରିଛନ୍ତି। ମହୁଲପାଲି ଥାନା ଅନ୍ତର୍ଗତ ବିଲେଇଗଡ ଗ୍ରାମର ଅଭିଯୁକ୍ତ ଟେକଚାନ୍ଦ ରୋହିଦାସ(୨୩)କୁ ୧୫ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୫୦ହଜାର ଟଙ୍କା ଜରିମାନା କରିଥିବା ବେଳେ ଅର୍ଥ ଅନାଦେୟ ଦେଲେ ଅଧିକ ୧ବର୍ଷ ଦଣ୍ଡାଦେଶ ରହିଛି। ସେହିପରି କ୍ଷତିପୂରଣ ବାବଦକୁ ୭ଲକ୍ଷ ଟଙ୍କା ପୀଡିତାକୁ ଦେବା ପାଇଁ ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟ, ନାବାଳିକା ଜଣକ ଗତ ୧୭ସେପେଟମ୍ବର, ୨୦୧୮ ତାରିଖ ସଂନ୍ଧ୍ୟାରେ ନିଜ ଘର ପାଖରେ ଖେଳୁଥିଲା। ଏହି ସମୟରେ ଟେକଚାନ୍ଦ ଗାଁରେ ହେଉଥିବା ଗଣେଷ ପୂଜା ଦେଖାଇବାକୁ ନାବାଳିକାକୁ ସାଇକଲରେ ବସାଇ ନେଇଥିଲା। ପୂଜା ମଣ୍ଡପ ବଦଳରେ ତାକୁ ନଦୀପଠାକୁ ନେଇ ବଳପୂର୍ବକ ଦୁଷ୍କର୍ମ କରିଥିଲା। ତେବେ ଅଭିଯୋଗକାରୀଙ୍କ ଖୁଡି ଶୌଚ ପରେ ନଦୀରୁ ଫେରୁଥିବା ବେଳେ ଏହା ଦେଖିଥିଲା। ପୀଡିତାକୁ ଉଦ୍ଧାର କରି ଘରକୁ ନେଇ ଆସିଥିଲା। ଏ ସମ୍ପର୍କରେ ପୀଡିତା ନାବାଳିକାର ବାପାମାଆଙ୍କୁ ଜଣାଇଥିଲା। ଘଟଣାର ଦିନକ ପରେ ପରିବାର ଲୋକେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ମହୁଲପାଲି ଥାନା ପୋଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତ ଟେକଚାନ୍ଦଙ୍କୁ ଗିରଫ କରିଥିଲା। ତତ୍‌କାଳୀନ ଥାନା ଅଧିକାରୀ ଏହି ଘଟଣାର ତଦନ୍ତ କରି ଅଭିଯୁକ୍ତ ବିରୁଦ୍ଧରେ ଚାର୍ଜସିଟ୍ ଦାଖଲ କରିଥିଲେ। ମୋଟ ୧୭ଜଣ ସାକ୍ଷ୍ୟ ବୟାନକୁ ଭିତ୍ତି କରି କୋର୍ଟ ଏହି ରାୟ ପ୍ରଦାନ କରିଛନ୍ତି। ଏହି ମାମଲାକୁ ସ୍ୱତନ୍ତ୍ର ପିପି ସନ୍ତୋଷ କୁମାର ପଣ୍ଡା ପରିଚାଳନା କରିଥିଲେ।

## ଧନକଉଡା ବ୍ଲକର ବିଭିନ୍ନ ବିକାଶ ମୂଳକ କାର୍ଯ୍ୟର ସମୀକ୍ଷା




ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଧନକଉଡା ବ୍ଲକର ବିଭିନ୍ନ ବିକାଶ ମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି। କଳାମାଟି ଗ୍ରାମର ଡ୍ରାଗନ ଫଳଚାଷ ଗୋଡଭଗା ଯୁକ୍ତ ୩କଲେଜ, ବସନ୍ତପୁର ଗ୍ରାମ ପଞ୍ଚାୟତ ସାହାଜବାହାଲ ଗ୍ରାମର ଟେରାକୋଟା କଳାକୃତି ଘର ପରିଦର୍ଶନ, ଆୟୁଷ ଆରୋଗ୍ୟ କେନ୍ଦ୍ର ଆଦି ପରିଦର୍ଶନ କରିବା ସହ ସମୀକ୍ଷା କରିଥିଲେ। ଡ୍ରାଗନ ଚାଷକୁ ପ୍ରୋତ୍ସାହିତ କରିବାକୁ କ୍ଲଷ୍ଟର ଆଧାରିତ ପ୍ରଣାଳୀ ଗଠନ ଓ କୃଷି ପର୍ଯ୍ୟଟନ ଉନ୍ନତି ପାଇଁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ। ଓଡିଶା ଜୀବିକା ମିଶନ ଏବଂ ଓଡିଶା ରୁରାଲ ଡିଭେଲପମେଣ୍ଟ ଏଣ୍ଡ ମାର୍କେଟିଂ ସୋସାଇଟିର ମିଳିତ ଉଦ୍ୟମରେ ଏହାର ଉନ୍ନତି କରାଯାଇପାରିବ। ସେହିପରି ଗୋଡଭଗା କଲେଜର ବିକାଶ ମୂଳକ କାମ ତୁରନ୍ତ ଶେଷ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଟେରାକୋଟା କଳାକୃତି ଘର ପରିଦର୍ଶନ କରି ସ୍ଥାନୀୟ କାରିଗର ମାନଙ୍କର ଉନ୍ନତ ପ୍ରଶିକ୍ଷଣ ସୁବିଧା ପାଇଁ ପ୍ରସ୍ତାବ ଦେଇଥିଲେ। ଏଥିସହ ଗ୍ରାମରେ ସମସ୍ତ ସୁବିଧା ଯୋଗାଇ ଦେବାକୁ ମଧ୍ୟ ନିର୍ଦ୍ଦେଶ ଦେଇଥିଲେ। ବିଶେଷ କରି ଗ୍ରାମବାସୀଙ୍କୁ ମୌଳିକ ସୁବିଧା ଯୋଗାଇ ଦେବାକୁ ବ୍ଲକ ଉନ୍ନୟନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।

## ସାର କଳା ବାଜାରି ଧରପଗଡ

ନୂଆପଡ଼ା,(ସବ୍ୟୁ): ସାର କଳାବଜାରୀ, ରାସାୟନିକ ସାରର କୃତ୍ରିମ ଅଭାବ ଓ ଚଢ଼ା ଦରରେ ସାର ବିକ୍ରୟକୁ ରୋକିବା ପାଇଁ ନୂଆପଡ଼ା ଜିଲା କୋମନା ବ୍ଲକ ଅଞ୍ଚଳରେ ଥିବା ବିଭିନ୍ନ ସାର ବିକ୍ରୟକେନ୍ଦ୍ରକୁ କୃଷି ବିଭାଗ ପକ୍ଷରୁ ଯାଞ୍ଚ କରାଯାଇଛି । ବ୍ଲକ କୃଷି ଅଧିକାରୀ ସୁଧାଂଶୁ ମେହେରଙ୍କ ନେତୃତ୍ୱରେ କୃଷି ବିଭାଗର ସ୍ୱତନ୍ତ୍ର ଟିମ୍ ବ୍ଲକର ଉଦ୍ୟାନବନ୍ଧ, ବୁଢ଼ିକୋମନା, ପଣ୍ଡରାପଥର, କୋମନା, ପେଣ୍ଡରାବନ ଆଦି ସ୍ଥାନରେ ଯାଞ୍ଚ କରିଥିଲା । ଏହି ସମୟରେ ସାର ଗୋଦାମର ଷ୍ଟକ ଓ ଫିଜିକାଲ ଷ୍ଟକ ମଧ୍ୟରେ ତୁଳନାତ୍ମକ ଯାଞ୍ଚ ସହ କେଉଁ ସାର କେତେ ଦାମରେ ବିକ୍ରି ହେଉଛି ସେ ନେଇ ଅନୁଧ୍ୟାନ କରାଯାଇଥିଲା । ଗୋଦାମରେ କେତେ ସାର ଉପଲବ୍ଧ ଅଛି, କଳାବଜାରୀ ହେଉଛି ନା ନାହିଁ ସେ ନେଇ ତଥ୍ୟ ସଂଗ୍ରହ କରାଯାଇଥିଲା । ସେହିପରି ସାର ବିକ୍ରୟ କେନ୍ଦ୍ରରେ ରେଜିଷ୍ଟର ଠିକ ଭାବରେ ପରିଚାଳନା କରାଯାଉଛି କି ନାହିଁ ତାହା ତଦାରଖ କରାଯାଇଥିଲା । ଟିମ୍ ସଦସ୍ୟ ଛ'ଟି ସାର ବିକ୍ରୟ କେନ୍ଦ୍ର ଯାଞ୍ଚ କରି ଦୁଇ ଜଣ ବିକ୍ରେତାଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି । ଏହି ଟିମରେ ଅତିରିକ୍ତ କୃଷି ଅଧିକାରୀ ସଙ୍ଗୀତା ମେହେର, ଗୋଷ୍ଠୀ ବୈଷୟିକ ପରିଚାଳକ ଆଶିଷ ପଟେଲ ପ୍ରମୁଖ ସାମିଲ ଥିଲେ ।

## ପଶ୍ଚିମ ଓଡିଶାରେ ଦ୍ରୁତ ଶିଳ୍ପାୟନର ପ୍ରଭାବ' ଶୀର୍ଷକ ଆଲୋଚନାଚକ୍ର

# ନୂଆଁ କାରଖାନା ଖୋଲିବାକୁ ଅନୁମତି ନଦେବାକୁ ଦାବି




ସମ୍ବଲପୁର, (ସବ୍ୟୁ): ପଶ୍ଚିମ ଓଡିଶାରେ ବହୁ ସଂଖ୍ୟକ ଶିଳ୍ପାନୁଷ୍ଠାନ ଗଢି ଉଠିଥିବାରୁ ଆଉ ନୂଆଁ କାରଖାନା ଖୋଲିବାକୁ ସରକାର ଅନୁମତି ଦିଅନ୍ତୁ ନାହିଁ । ସେହିପରି ରାଜ୍ୟରେ ନୂତନ ଖଣିଭିତ୍ତିକ କାରଖାନା ପରିବର୍ତ୍ତେ ପ୍ରଦୂଷଣ ବିହୀନ ତଥା ନିଯୁକ୍ତି ସୃଷ୍ଟିକାରୀ କାରଖାନା ଖୋଲିବା ଉପରେ ସରକାର ଗୁରୁତ୍ୱାରୋପ କରନ୍ତୁ ବୋଲି ନୃସିଂହ ଗୁରୁ ସ୍ମୃତି ସମିତି ପକ୍ଷରୁ ସମ୍ବଲପୁରରେ ଅନୁଷ୍ଠିତ "ପଶ୍ଚିମ ଓଡିଶାରେ ଦ୍ରୁତ ଶିଳ୍ପାୟନର ପ୍ରଭାବ' ଶୀର୍ଷକ ଆଲୋଚନାଚକ୍ରରେ ମତ ପ୍ରକାଶ ପାଇଛି । ସ୍ମୃତି ସମିତିର ସଭାପତି ତଥା ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଆଦିତ୍ୟ ପ୍ରସାଦ ପାଢୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରକୁ ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ ସଚିନ ରାମଚନ୍ଦ୍ର ଯାଦବ ଉ'ାଟନ କରିଥିଲେ । ଉ'ାଟନୀ ଉତ୍ସବରେ ଆଇଆଇଏମ୍ ସମ୍ବଲପୁରର ନିର୍ଦ୍ଦେଶକ ପ୍ରଫେସର ମହାଦେବ ଜୟସ୍ୱାଲ, ସମ୍ବଲପୁର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ବିଦ୍ଯୁଭୂଷଣ ମିଶ୍ର, ଓଡିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଶ୍ୟାମସୁନ୍ଦର ପଟ୍ଟନାୟକ, ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଦୀପକ କୁମାର ସାହୁ ଓ ସମ୍ବଲପୁର ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଦୀପକ କୁମାର ବେହେରା ଅତିଥି ଭାବେ ଯୋଗ ଦେଇଥିଲେ । ପୂର୍ବତନ ସାଂସଦ ଭବାନୀ ଶଙ୍କର ହୋତା ଆଲୋଚନାଚକ୍ରର ଉଦ୍ଦେଶ୍ୟ ଜ୍ଞାପନ କରିଥିବାବେଳେ ସ୍ମୃତି ସମିତିର ଉପ-ସଭାପତି ତଥା ଶିକ୍ଷାବିତ ଅରବିନ୍ଦ ମହାପାତ୍ର ନୃସିଂହ ଗୁରୁଙ୍କ ଜୀବନୀ ସମ୍ପର୍କରେ ଆଲୋକପାତ କରିଥିଲେ । ସ୍ମୃତି ସମିତିର ସମ୍ପାଦକ ହେମନ୍ତ କୁମାର ମହାପାତ୍ର ସ୍ୱାଗତ ଭାଷଣ ଦେଇଥିଲେ ।

ଆଲୋଚନାଚକ୍ରର ପ୍ରଥମ ବୈଷୟିକ ଅଧିବେଶନକୁ ସମ୍ବଲପୁର ବିଶ୍ୱବିଦ୍ୟାଳୟର ଅର୍ଥନୀତି ବିଭାଗ ମୁଖ୍ୟ ପ୍ରଫେସର ସଂଯୁକ୍ତା ଦାସ ସଂଯୋଜନା କରିଥିଲେ । ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ ଅଧ୍ୟାପିକା ଡକ୍ଟର ଦୀପ୍ତିମୟୀ ଦାଶ, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଡେପୁଟି ରେଜିଷ୍ଟ୍ରାର ଉମାଚରଣ ପତି, ସମ୍ବଲପୁର ବିଶ୍ୱବିଦ୍ୟାଳୟର ବାୟୋଟେକ୍ନୋଲୋଜି ଓ ବାୟୋଇନ®ର୍ମେଟିକ୍ସ ବିଭାଗ ପ୍ରଫେସର ଅମୀୟ ପଟେଲ ପ୍ରମୁଖ ଶିଳ୍ପାୟନର ବିଭିନ୍ନ ଦିଗ ଉପରେ ବକ୍ତବ୍ୟ ରଖିଥିଲେ । ସେହିପରି ଆଦିତ୍ୟ ଆଲୁମିନିୟମର ପୂର୍ବତନ ଉପସଭାପତି ଇଂ ସୁଶାନ୍ତ ଗୁରୁଙ୍କ ସଂଯୋଜନାରେ ହୋଇଥିବା ଦ୍ୱିତୀୟ ବୈଷୟିକ ଅଧିବେଶନରେ ଜେଏସଡ଼ବ୍ଲ୍ୟୁ । ଷ୍ଟିଲ ଓଡିଶା ମୁଖ୍ୟ ଇଂ ଅଶେଷ ପାଢୀ, ଓଡିଶା ରାଜ୍ୟ ପ୍ରଦୂଷଣ ନିଗମ ବୋର୍ଡର ଅବସରପ୍ରାପ୍ତ ଆଞ୍ଚଳିକ ଅଧିକାରୀ ଡକ୍ଟର ହାଡିବନ୍ଧୁ ପାଣିଗ୍ରାହୀ, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଗବେଷଣା ଅଧିକାରୀ ଡକ୍ଟର ଚନ୍ଦନ ସାହୁ, ଭିସୁଟର ପ୍ରଫେସର ରାକେଶ ରୋଶନ ଦାସ, ଝାରସୁଗୁଡା ପରିବେଶ ସୁରକ୍ଷା ସମିତିର ଆବାହକ ସତ୍ୟନାରାୟଣ ରାଓ, ପରିବେଶ କର୍ମୀ ପିତାମ୍ବର ମିଶ୍ର, ପରିବେଶ ବିଜ୍ଞାନ ବିଭାଗର ଅବସରପ୍ରାପ୍ତ ପ୍ରଫେସର ସଞ୍ଜୟ କୁମାର ପଟ୍ଟନାୟକ ଏବଂ ସମ୍ବଲପୁର ବିଶ୍ୱବିଦ୍ୟାଳୟର ପରିବେଶ ବିଜ୍ଞାନ ବିଭାଗ ମୁଖ୍ୟ ପ୍ରଫେସର ମଳୟ କୁମାର ମହାନନ୍ଦ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ । କାର୍ଯ୍ୟକ୍ରମରେ ଲଜପତ ରାୟ ଆଇନ ମହାବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ବିଜୟାନନ୍ଦ ବେହେରା, ଜିଏମ୍ ମହାବିଦ୍ୟାଳୟ ପୂର୍ବତନ ଉପାଧ୍ୟକ୍ଷ କାମଦେବ ସାହୁ, ସ୍ତମ୍ଭକାର ବିମଳ ପାଣ୍ଡିଆ, ଅବସରପ୍ରାପ୍ତ ଜିଲ୍ଲା ଶିକ୍ଷାଧିକାରୀ ଡକ୍ଟର ପ୍ରମୋଦ ପଣ୍ଡା, ବରିଷ୍ଠ ନାଗରିକ ବେଣୁଧର ତ୍ରିପାଠୀଙ୍କ ସମେତ ବିଭିନ୍ନ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ଯୋଗ ଦେଇଥିଲେ ।

## କର୍ମକ୍ଷେତ୍ରରେ ମହିଳାଙ୍କ ପ୍ରତି ଯୌନ ନିର୍ଯାତନା ଘଟଣା

# ପୋଲିସ-ଜିଲ୍ଲା ମାଜିଷ୍ଟ୍ରେଟଙ୍କ ସମନ୍ୱୟ ବୈଠକ



ସମ୍ବଲପୁର,(ସବ୍ୟୁ): ସ୍ଥାନୀୟ ତପସ୍ୱିନୀ ଜିଲ୍ଲା ପ୍ରେକ୍ଷାଳୟ ଠାରେ ପୋଲିସ ଓ ଜିଲ୍ଲା ମାଜିଷ୍ଟ୍ରେଟଙ୍କ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। କର୍ମକ୍ଷେତ୍ରରେ ନାରୀମାନଙ୍କ ପ୍ରତି ଯୌନ ନିର୍ଯାତନାରୁ ସୁରକ୍ଷା, ନିଷେଧ ଓ ପୁନଃସନ୍ଧାନ ପାଇଁ ଘୋଷିତ ପୋକ୍‌ସୋ ଆଇନ ୨୦୧୩ ସମ୍ପର୍କରେ ଆଲୋଚନା ହୋଇଥିଲା। ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଅଧ୍ୟକ୍ଷତାରେ ସଭା ହୋଇଥିଲା। ସେ ଏହି ଅବସରରେ କହିଥିଲେ ଯେ, ଏପରି ସମ୍ବେଦନଶୀଳ ମାମଲାରେ ଦୃଶ୍ୟମାନ ଓ ସମୟୋପଯୁକ୍ତ କାର୍ଯ୍ୟାନୁଷ୍ଠାନ ଅତ୍ୟାବଶ୍ୟକ। ଏଥିସହ ନିର୍ଦ୍ଧାରିତ ସମୟ ମଧ୍ୟରେ ଅନୁଧ୍ୟାନ କରିବା ପାଇଁ ସମସ୍ତ କାର୍ଯ୍ୟାଳୟ ଓ ସଂସ୍ଥାନରେ ସିସିଟିଭି ଉପକରଣ ସଚଳ ଅବସ୍ଥାରେ ରହିବା ଦରକାର। ଆରକ୍ଷୀ ଅଧିକ୍ଷକ ମୁକେଶ ଭାମୁ ଯୋଗ ଦେଇ ଏପରି ସମ୍ବେଦନଶୀଳ ମାମଲାରେ ଅଧକାରୀ ମାନେ ଦାୟିତ୍ୱବୋଧ ଓ ନିଷ୍ଠାର ସହ କାର୍ଯ୍ୟ କରିବା ଦରକାର। ଅନୁସନ୍ଧାନ ପ୍ରକ୍ରିୟା ନିରପେକ୍ଷ ଓ ପାରଦର୍ଶୀ ହେବା ଉଚିତ୍ ବୋଲି କହିଥିଲେ। ସମ୍ବଲପୁର ମହାନଗର ନିଗମ କମିଶନର ବେଦଭୂଷଣ, ଅତିରିକ୍ତ ଜିଲ୍ଲାପାଳ ଅଶୋକ କୁମାର ଭୋଇ, ସଦର ଉପଜିଲ୍ଲାପାଳ ଡା. ପୁଷ୍ପାଞ୍ଜଳି ପଣ୍ଡା, ଭିସୁଟ କୁଳପତି ପ୍ରଫେସର ଦୀପକ କୁମାର ସାହୁ, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଭାରପାପ୍ତ କୁଳପତି ପ୍ରଫେସର ସୁଶାନ୍ତ କୁମାର ଦାସ, ସମ୍ବଲପୁର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ବିଧୁଭୂଷଣ ମିଶ୍ର ଯୋଗ ଦେଇ ମହିଳାଙ୍କ ସୁରକ୍ଷା ସମ୍ପର୍କରେ ଆଲୋଚନା କରିଥିଲେ। ମହିଳାଙ୍କ ସୁରକ୍ଷା ପାଇଁ ୧୦ରୁ ଅଧିକ ସଦସ୍ୟଙ୍କୁ ନେଇ ଆଇସିସି ଗଠନ, ସଦସ୍ୟମାନଙ୍କ ପାଇଁ ସମ୍ବେଦନଶୀଳତା ଓ କ୍ଷମତା ବୃଦ୍ଧି ସମ୍ପର୍କରେ ତାଲିମ, ସମୟ ସୀମିତ ଅନୁସନ୍ଧାନ ଓ ପୁନଃସନ୍ଧାନ ପ୍ରକ୍ରିୟା ନିମିତ୍ତ ନିୟମ, ବାର୍ଷିକ ରିପୋର୍ଟ ଏବଂ ପ୍ରତିପାଦନରେ ସ୍ୱଷ୍ଟତା ରଖିବା ଆଦି ବିଷୟରେ ଆଲୋଚନା ହୋଇଥିଲା।

## ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଭବାନୀପାଟଣା, (ସବ୍ୟୁ): କଳାହାଣ୍ଡି ଜିଲ୍ଲା ଉକ୍ରେଲା କ୍ଲଷ୍ଟର ଅଧୀନ କୋକୋମୁଣ୍ଡା ପ୍ରାଥମିକ ବିଦ୍ୟାଳୟର ପ୍ରଦାନ ଶିକ୍ଷୟିତ୍ରୀ ସୁଚିତ୍ରା ଦେଇଙ୍କ ଅବସରକାଳିନ ସଭା ଅନୁଷ୍ଠିତ ହୋଇଥିଲା। ପ୍ରଧାନ ଶିକ୍ଷୟିତ୍ରୀ ଦୀପ୍ତିପ୍ରଭା ପାତ୍ର ଏଥିରେ ସଭାପତିତ୍ୱ କରିଥିଲେ। କେସିଙ୍ଗା ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧରକାରୀ ସମ୍ପତି ଛୁରା ଏବଂ କେସିଙ୍ଗା ପ୍ରାଥମିକ ଶିକ୍ଷକ ସଂଘର ସଭାପତି ସୁରେନ୍ଦ୍ର ଦୋରା ଅତିଥି ଭାବେ ଯୋଗ ଦେଇଥିଲେ। ଶୁଭଶ୍ରୀ ମିଶ୍ର, ଗୀତାଞ୍ଜଳି ସାହୁ, ସ୍ୱପ୍ନାମୟୀ କର୍ଷ, ଭୋଦେବ ମାଝୀ, ବିପିନ ମାଝୀ, ମିନତୀ ଲେଙ୍କା, ଭାର୍ଗବୀ ମାଝୀ, ମୋହନ ଭୋଇ, ଲୋଚନ ଭାଟି, ସିଆରସିସି ଭୀଷ୍ମରଥି ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ପରିତ୍ୟକ୍ତ ସ୍ୱର୍ଗଦ୍ୱାର ପାଲଟିଛି ଗୋରୁଙ୍କ ଆଶ୍ରୟସ୍ଥଳୀ

ରାଜଗାଙ୍ଗପୁର,(ସବ୍ୟୁ): ସୁନ୍ଦରଗଡ଼ ଜିଲ୍ଲା ରାଜଗାଙ୍ଗପୁର ସ୍ଥିତ ୱାର୍ଡ ନଂ ୬ ବଗିଚାପଡା ଠାରେ ୨୦୧୬ରେ ୭ ଲକ୍ଷ ଟଙ୍କା ବିନିମୟରେ ପୌର ପାଳିକା ପକ୍ଷରୁ ସ୍ୱର୍ଗଦ୍ୱାର ନିର୍ମାଣ କରାଯାଇଥିଲା । ଉକ୍ତ ସ୍ୱର୍ଗଦ୍ୱାର କାର୍ଯ୍ୟ ୨୦୧୭ ରେ ସମ୍ପୂର୍ଣ୍ଣ ପରେ ତତକାଳୀନ ମନ୍ତ୍ରୀ ଉଦଘାଟନ କରିଥିଲେ । ଦୁଃର୍ଭାଗ୍ୟ ଉକ୍ତ ସ୍ୱର୍ଗଦ୍ୱାରଟି ସ୍ଥାନୀୟ ଲୋକଙ୍କ ଗାଇ ଓ ଗୃହ ପାଳିତ ପଶୁଙ୍କର ଆଶ୍ରୟସ୍ଥଳୀ ପାଲଟିଛି । ଯାହା କି ଏକ ଅସ୍ୱାସ୍ଥ୍ୟକର ପରିବେଶ ମଧ୍ୟରେ ରହିଛି । ରାଜ୍ୟ ସରକାରଙ୍କ ଦ୍ୱାରା ଲକ୍ଷ ଲକ୍ଷ ଟଙ୍କା ବିନିଯୋଗ କରାଯାଇ ଜନସାଧାରଙ୍କ ଉଦ୍ଦେଶ୍ୟ ସାଧିତ ହୋଇପାରିଲା ନାହିଁ । ପୌରପାଳିକା ପକ୍ଷରୁ ଠିକ୍ ଭାବେ ରକ୍ଷଣା ବେକ୍ଷଣ ହୋଇ ପାରୁନି । ଉକ୍ତ ସ୍ୱର୍ଗଦ୍ୱାର



ପରିଚାଳନାକୁ ଅଣଦେଖା କରା ଯାଉଥିବା ସ୍ଥାନୀୟ ଲୋକେ ଅଭିଯୋଗ କରୁଛନ୍ତି । ସହରରେ ଆଉ ମଧ ବହୁ ଜନ ହିତକର ଯୋଜନା ଗୁଡିକ ଅଧପାନ୍ତରିଆ ହୋଇ ପଡି ରହିଛି । ଫଳରେ ସେଗୁଡିକ ନଷ୍ଟ ହେବାରେ ଲାଗିଛି । ଅନେକ ସ୍ଥାନରେ ପୌର ପାଳିକା ପକ୍ଷରୁ ଜନସାଧାରଣଙ୍କ ପାଇଁ ଶୌଚାଳୟ ନିର୍ମାଣ ହୋଇଛି ହେଲେ ସେଗୁଡିକ ମଧ ଅଚଳ ଓ ପରିତ୍ୟକ୍ତ ଅବସ୍ଥାରେ ପଡ଼ି ରହିଛି । ସେହି ଶୌଚାଳୟ ମାନଙ୍କରେ କେଉଁଠି ପାଣି ନାହିଁ ତ କେଉଁଟି ଲାଗିଥିବା ଟାଇଲସ ଗୁଡିକ ଉଠି ଯାଇ ସାରିଲାଣି । ଶୌଚାଳୟ ଗୁଡିକରେ ନିୟମିତ ସଫା ସୁତରା ନ ହେବା ଦ୍ୱାରା ଶୌଚାଳୟର ପରିବେଶ ବହୁ କଦର୍ଯ୍ୟ ହୋଇ ରହିଛି । ପୌର କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ଏହା ଉପରେ ପ୍ରଶ୍ନ କଲେ ସେ ବର୍ତ୍ତମାନ କାର୍ଯ୍ୟରେ ନୂଆ ଯୋଗଦେବା କଥା କହି କଥାକୁ ଏଡ଼ାଇ ଦେଉଛନ୍ତି । ରାଜଗାଙ୍ଗପୁର ପୌର ପାଳିକାରେ ଯେଉଁ ପରି ପ୍ରତ୍ୟେକ ଯୋଜନା କାର୍ଯ୍ୟରତ ଏବଂ ଅଧୁରା ହୋଇ ପଡି ରହିଥିବା ଯୋଜନା ଗୁଡିକୁ ପ୍ରଶାସନ ପକ୍ଷରୁ ତଦନ୍ତ କରି ଜନହିତ କାର୍ଯ୍ୟ ଗୁଡିକ ପୂର୍ଣ୍ଣାଙ୍ଗ ରୂପ ଦେବା ପାଇଁ ସାଧାରଣରେ ଦାବୀ ହେଉଛି ।

## ବ୍ରାଉନସୁଗାର ସହ ଧରାପଡିଲେ ଦମ୍ପତି

ବରଗଡ଼,(ସବ୍ୟୁ): ବରଗଡ଼ରେ ଦମ୍ପତିଙ୍କ ଠାରୁ ବ୍ରାଉନସୁଗାର ଜବତ କରିବାରେ ସକ୍ଷମ ହୋଇଛି ପୋଲିସ । ବରଗଡ଼ ପୋଲିସ ସେମାନଙ୍କୁ ଗିରଫ କରିଥିବା ବେଳେ ସେମାନେ ବରଗଡ଼ ବିଶିପଡା ୱାର୍ଡ ନମ୍ବର ୫ ର ଦୁଇ ସ୍ୱାମୀ– ସ୍ତ୍ରୀ ସୁକାନ୍ତ ସୁନା ଓ ରୋଜି ସୁନା ବୋଲି ଅତିରିକ୍ତ ଏସପି ସୂଚନା ଦେଇଛନ୍ତି । ଗିରଫ ସ୍ୱାମୀ– ସ୍ତ୍ରୀଙ୍କ ଠାରୁ ପୋଲିସ ୭୦ ଗ୍ରାମ ବ୍ରାଉନସୁଗାର, ନଗଦ ୧ ଲକ୍ଷ ଚାରି ହଜାର ଟଙ୍କା ଜବତ କରିଛି । ଗିରଫ ଅଭିଯୁକ୍ତମାନେ ସମ୍ବଲପୁର ଅଞ୍ଚଳରୁ ବ୍ରାଉନସୁଗାର ଆଣୁଥିବାବେଳେ ଘରୋଇ ବସଷ୍ଟାଣ୍ଡ ନିକଟରେ ବରଗଡ଼ ପୋଲିସ ସେମାନଙ୍କୁ ଗିରଫ କରିବାରେ ସକ୍ଷମ ହୋଇଥିଲା । ଜବତ ବ୍ରାଉନସୁଗାରର ଆନୁମାନିକ ମୂଲ୍ୟ ୫ ଲକ୍ଷ ଟଙ୍କା ହେବ ବୋଲି ସୂଚନା ମିଳିଛି । ଏ ନେଇ ବରଗଡ଼ ଟାଉନ ଥାନାରେ ମାମଲା ରୁଜୁ ହୋଇଥିବା ଅତିରିକ୍ତ ଏସପି ଇନ୍ଦୁରେଖା ପଶ୍ଚିମକବାଟ ସୂଚନା ଦେଇଛନ୍ତି । ସେହିପରି ବିଗତ ଦିନରେ ଅବକାରୀ ବିଭାଗ ତରଫରୁ ଜଣେ ମହିଳାଙ୍କ ଠାରୁ ୧୨.୩ ଗ୍ରାମ ବ୍ରାଉନସୁଗାର ଜବତ କରିଥିଲା । ଅନୁରୂପ ଭାବେ ଚଳିତ ମାସ ୧୮ ତାରିଖରେ ବରଗଡ଼ ପୋଲିସ ୩ ଜଣଙ୍କୁ ଗିରଫ କରିବା ସହ ସେମାନଙ୍କ ଠାରୁ ୫୦ ଗ୍ରାମ ବ୍ରାଉନସୁଗାର ଜବତ କରିଥିଲା । ଗତ କିଛି ଦିନ ହେବ ବରଗଡ଼ରେ ଲଗାତାର ଭାବେ ବ୍ରାଉନସୁଗାର ଜବତ ଘଟଣାକୁ ନେଇ ସାଧାରଣରେ ଆଶ୍ଚର୍ଯ୍ୟ ପ୍ରକାଶ ପାଇଛି ।

## ମହିଳାଙ୍କ ଆତ୍ମହତ୍ୟା

ହରଭଙ୍ଗା,(ସବ୍ୟୁ): ହରଭଙ୍ଗା ବ୍ଲକ ପୁରୁଣାକଟକ ଥାନା ଅର୍ନ୍ତଗତ ଭବାନୀପୁର ଗ୍ରାମରେ ମଙ୍ଗଳବାର ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି । ଘରେ କେହି ନଥିବାବେଳେ ଜନୈକ ମହିଳା ବେକରେ ଦଉଡି ଲଗାଇ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି । ତାଙ୍କୁ ମଙ୍ଗଳବାର ସକାଳେ ପରିବାର ଲୋକେ ମୁମୂର୍ଷୁ ଅବସ୍ଥାରେ ପୁରୁଣାକଟକ ମେଡିକାଲ ନେଇଥିଲେ। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ । ମୃତ ମହିଳା ଜଣଙ୍କ ହେଉଛନ୍ତି ଭବାନୀପୁର ଗ୍ରାମର ସଂଜୟ ସାହୁଙ୍କ ପତ୍ନୀ କୁନି ସାହୁ (୪୫) ବୋଲି ସୂଚନା ମିଳିଛି । ଖବର ପାଇ ପୁରୁଣାକଟକ ପୁଲିସ ମୃତ ଦେହ ଜବତ କରି ବ୍ୟବଛେଦ ପାଇଁ ବୌଦ୍ଧ ପଠାଇଛି । ଏ ନେଇ ପୁରୁଣାକଟକ ଥାନା ପକ୍ଷରୁ ଏକ ଅପମୃତ୍ୟୁ ମାମଲା ରୁଜୁକରାଯାଇ ପୁଲିସ ଅଧିକ ତଦନ୍ତ ଜାରିରଖିଛି । ଶବ ବ୍ୟବଛେଦ ରିପୋର୍ଟ ଆସିବା ପରେ ଘଟଣାର ସତ୍ୟାସତ୍ୟ ଜଣାପଡିବ ବୋଲି ପୁରୁଣାକଟକ ଆଇଆଇସି ଅରୁଣ ସିଂ ସୂଚନା ଦେଇଛନ୍ତି ।

## ସମ୍ବଲପୁର ନାଟ୍ୟକଳା ପରିଷଦର ନିର୍ବାଚନ
## ସୁରୁବାବୁ ସଭାପତି, ସିଦ୍ଧାର୍ଥ ସମ୍ପାଦକ

ସମ୍ବଲପୁର, (ସବ୍ୟୁ): ସମ୍ବଲପୁର ନାଟ୍ୟକଳା ପରିଷଦର ନିର୍ବାଚନ ବରିଷ୍ଠ ସଦସ୍ୟ ନାଟ୍ୟବିତ ଭବାନୀ ଶଙ୍କର ଦାଶଙ୍କ ପରିଚାଳନା ଓ ସଦସ୍ୟ ଅଶୋକ କୁମାର ମିଶ୍ରଙ୍କ ସହଯୋଗିତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଡ. ସୁରୁବାବୁ ମେହେର ସଭାପତି, ମାହେଶ୍ୱରୀ ପ୍ରସାଦ ପାଣିଗ୍ରାହୀ ଉପସଭାପତି, ଡ.ସିଦ୍ଧାର୍ଥ ପଣ୍ଡା ସମ୍ପାଦକ, ବିରୂପାକ୍ଷ ପ୍ରଧାନ ସହ ସମ୍ପାଦକ ଓ ପୂର୍ଣ୍ଣଚନ୍ଦ୍ର ଦାଶ କୋଷାଧକ୍ଷ ଭାବେ ମନୋନୀତ ହୋଇଛନ୍ତି। ସେହିପରି କାର୍ଯ୍ୟକାରିଣୀ ସଦସ୍ୟ ଭାବେ ଗୋରେଖଲାଲ ଦାସ, ପ୍ରଶାନ୍ତ ମହାରଣା, ଦୀନବନ୍ଧୁ ପଣ୍ଡା, ଶିରିଷ ପୂଜାରୀ, ଯୋଗେଶ କୁମାର ନନ୍ଦ, ତାପସ ରଞ୍ଜନ ସାହୁ ଓ ଗାୟତ୍ରୀ ବହିଦାର ମନୋନୀତ ହୋଇଛନ୍ତି ।

## ମସିଣାଗୋରା ଶିଶୁ ମନ୍ଦିରରେ ବିଜ୍ଞାନ ମେଳା, ୩୮ ପ୍ରକଳ୍ପ ପ୍ରଦର୍ଶିତ

କନ୍ଧମାଳ,(ସବ୍ୟୁ):କନ୍ଧମାଳ ବ୍ଲକ ଖୁଣ୍ଟିଗୋରା ପଞ୍ଚାୟତ ଅନ୍ତର୍ଗତ ମସିଣାଗୋରା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ପ୍ରଧାନ ଆଚାର୍ଯ୍ୟ ସୁଶାନ୍ତ ସାହୁଙ୍କ ଅଧକ୍ଷତାରେ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି । ଶିକ୍ଷା ବିକାଶ ସମିତି,ଓଡିଶାର ବୌଦ୍ଧ ଜିଲ୍ଲା ପ୍ରମୁଖ କାର୍ତ୍ତିକେଶ୍ୱର ବେହେରା ମୁଖ୍ୟଅତିଥି ଓ ପୂର୍ବତନ କୋଷାଧକ୍ଷ ମନ୍ଦରଧର ବେହେରା ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଉଦ୍ଘାଟନ କରିବା ସହ ବିଜ୍ଞାନ ଉପରେ ଛାତ୍ରଛାତ୍ରୀ ମାନଙ୍କୁ ମାର୍ଗ ଦର୍ଶନ କରିଥିଲେ ।ଏଥିରେ ବିଜ୍ଞାନ ଶିକ୍ଷକ କୃଷ୍ଣଚନ୍ଦ୍ର ପ୍ରଧାନ ଓ ସ୍ମାରକ ସାହୁ ବିଚାରକ ଭାବେ ମୂଲ୍ୟାଙ୍କନ କରିଥିଲେ । ପ୍ରଧାନ ଆଚାର୍ଯ୍ୟ ସୁଶାନ୍ତ ସାହୁ ଅତିଥି ପରିଚୟ ଓ ବୌଦ୍ଧିକ ପ୍ରମୁଖ ସନ୍ଧ୍ୟାରାଣୀ ମନହିରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରଦର୍ଶନୀରେ ମୋଟ ୩୮ଟି ପ୍ରକଳ୍ପ ଓ ବିଜ୍ଞାନ ପ୍ରଶ୍ନମଞ୍ଚ, ଗଣିତ ପ୍ରଶ୍ନମଞ୍ଚ, ସଂସ୍କୃତି ବୋଧ ପ୍ରଶ୍ନମଞ୍ଚ, ନିବନ୍ଧ ପ୍ରତିଯୋଗିତା ଆଦି ପାଇଁ ୧୪୫ଜଣ ପ୍ରତିଯୋଗୀ ଭାଗ ନେଇଥିଲେ । ପ୍ରତିଯୋଗିତାର କୃତି ଭାଇଭଉଣୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା । ଶେଷରେ ସମ୍ପାଦକ ଭକ୍ତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଆଚାର୍ଯ୍ୟ ଶ୍ରୀକାନ୍ତ କୁଦେଇ, ବିକାଶ ସାହୁ, ନେପାଳ ପ୍ରଧାନ, ଆଶିଷ କୁମାର ମହାରଣା, ଆଚାର୍ଯ୍ୟା ଖିରବତି ଭୋଇ, ମମିତା ରଣା, ବେଦମତି କୁଦେଇ, ରାଜକୁମାର ରଣା, ସୁରୁସୂତା ଭୋଇ, ଅଙ୍କିତାଶ୍ରୀ ମହାରଣା, ସାଇବାନୀ ପାତ୍ର ପ୍ରମୁଖ ସହଯୋଗ କରିଥିଲେ । ପରିଚାଳନା ସମିତି କାର୍ଯ୍ୟକର୍ତ୍ତା ବନ୍ଧୁ ଭଗିନୀ ଉପସ୍ଥିତ ଥିଲେ ।

# ମନ୍ଦିର ଉନ୍ନୟନ ପ୍ରକଳ୍ପ ନେଇ ବିଧାୟକଙ୍କ ସମୀକ୍ଷା
## ଟୁରିଜମ ସର୍କିଟ ଯୋଜନା

ବଲାଙ୍ଗିର,(ସବ୍ୟୁ): ପୂର୍ବ ସରକାର ଅମଳରେ ଆସିଥିବା ବିଭିନ୍ନ ମନ୍ଦିର ଉନ୍ନୟନ ପ୍ରକଳ୍ପ କାମ ଆରମ୍ଭ ହୋଇପାରୁନାହିଁ । ତେଣୁ ଏହି ପ୍ରକଳ୍ପ କାମକୁ ଆରମ୍ଭ କରିବା ତଥା ତ୍ୱରାନ୍ୱିତ କରିବାକୁ ମଙ୍ଗଳବାର ବଲାଙ୍ଗିର ସଦର ବିଧାୟକ କଳିକେଶ ନାରାୟଣ ସିଂଦେଓ ବିଭିନ୍ନ ବିଭାଗକୁ ନେଇ ସମୀକ୍ଷା କରିଥିଲେ । ମୁଖ୍ୟତଃ ସମଲେଶ୍ୱରୀ ମନ୍ଦିର ଉନ୍ନୟନ କାମ ଆରମ୍ଭ ହେଉନଥିବାରୁ ତୁରନ୍ତ ସମସ୍ୟାର ସମାଧାନ କରି କାମ ଆରମ୍ଭ କରିବାକୁ ବିଧାୟକ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି । ପାଟଣେଶ୍ୱରୀ ମନ୍ଦିର,ଗୋପାଳଜୀ ମନ୍ଦିରର ଉନ୍ନୟନ କାମକୁ ତ୍ୱରାନ୍ୱିତ କରାଯାଇ ସାରିବାକୁ ବିଭାଗୀୟ ଅଧିକାରୀ ଓ ଠିକାସଂସ୍ଥାକୁ ବିଧାୟକ ନିର୍ଦ୍ଦେଶ ଦେଇଥିଲେ । ଏହା ସହିତ ବଲାଙ୍ଗିର ସହରରେ ପର୍ଯ୍ୟଟନର ବିକାଶ କରିବାକୁ ପଦକ୍ଷେପ ନେବାକୁ ଜିଲ୍ଲା ପ୍ରଶାସନକୁ ପରାମର୍ଶ ତଥା ପ୍ରସ୍ତାବ ଦେଇଛନ୍ତି ।ସେଥିରେ ବଲାଙ୍ଗିର ସହରରେ ଥିବା ରାଜୁଡ଼ ଅମଳର ସମଲେଶ୍ୱରୀ,ପାଟଣେଶ୍ୱରୀ,ଗୋପାଳଜୀ ମନ୍ଦିର ସହିତ କରଙ୍ଗାକଟାବନ୍ଧ ଓ ରାଣୀବନ୍ଧକୁ ନେଇ ଏକ ଟୁରିଜମ ସର୍କଟ ପାଇଁ



ରାଜ୍ୟସରକାରଙ୍କୁ ପ୍ରସ୍ତାବ ପଠାଇବାକୁ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି । ସମଲେଶ୍ୱରୀମନ୍ଦିରର ବିକାଶ ପାଇଁ ୩କୋଟି ଟଙ୍କା ଆସିଥିବାରୁ ଏଠାରେ ଥିବା ଷ୍ଟଲଗୁଡିକୁ ହଟାଯାଇ ମନ୍ଦିର ବେଢାକୁ ପ୍ରସସ୍ତ କରାଯିବାକୁ ସମଲେଶ୍ୱରୀ ପୂଜାକମିଟି ପ୍ରସ୍ତାବ ଦେଇଥିଲେ । ଏହି କମିଟିର କାହ୍ନା ଶତପଥି,ବିକାଶ ସା,ସାମ୍ବାଦିକ ନୂତନ ମିଶ୍ର ପ୍ରମୁଖ ସମଲେଶ୍ୱରୀମନ୍ଦିରର ଉନ୍ନୟନ ନେଇ ବିଧାୟକ ତଥା ପ୍ରଶାସନିକ ଅଧିକାରୀମାନଙ୍କ ଆଗରେ ପ୍ରସ୍ତାବ ରଖିଥିଲେ। ସେହିପରି ସମଲେଶ୍ୱରୀ ମନ୍ଦିରର ପୂଜକଙ୍କ ପାଇଁ ନବନିର୍ମିତ ଗୃହକୁ ପୂଜକଙ୍କୁ ସ୍ଥାନାନ୍ତରିତ କରାଯାଇ ଏଠାରେ ଥିବା ଘରକୁ ଭଙ୍ଗାଯାଇ ମନ୍ଦିର ବେଢାକୁ ବଡ କରାଯାଉ ବୋଲି ଯୁବକମାନେ ପ୍ରସ୍ତାବ ଦେଇଥିଲେ । ଠିକ ସେହିପରି ଲକ୍ଷ୍ମୀନାରାୟଣମନ୍ଦିର ଜମିର ତୁରନ୍ତ ମାପଚୁପ କରାଯାଇ ଉନ୍ନୟନ କାମ ଆରମ୍ଭ କରାଯିବାକୁ ବିଧାୟକ ନିର୍ଦ୍ଦେଶ ଦେଇଥିଲେ । ବୈଠକରେ ବିଧାୟକ କଳିକେଶ ନାରାୟଣ ସିଂଦେଓଙ୍କ ସହିତ ପୌରାଧକ୍ଷା ଲିକା ସାହୁ,ପିଡି ଡୁଡା ତରଣୀ ସୁନା,ଉପଜିଲ୍ଲାପାଳ ଆଲୋକ ପଟେଲ,ପୌର ନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ବେହେରା ପ୍ରମୁଖଙ୍କ ସମେତ ଅଧିକାରୀଗଣ ଯୋଗଦେଇଥିଲେ ।

## ମହିଳା ଡ଼ିଗ୍ରୀ କଲେଜରେ ବନ ମହୋତ୍ସବ

ପଦ୍ମପୁର,(ସବ୍ୟୁ): ମହିଳା ଡ଼ିଗ୍ରୀ ମହାବିଦ୍ୟାଳୟ,ପଦ୍ମପୁର ପରିସରରେ ଯୁବ ରେଡ଼କ୍ରସ ଓ ରେଡ଼ରିବନ କ୍ଲବ ପକ୍ଷରୁ ବନ ମହୋତ୍ସବ ପାଳିତ ହୋଇଯାଇଛି । ଅଧକ୍ଷା କଳ୍ପନାରାଣୀ ନାଥଙ୍କ ସଭାପତିତ୍ୱ ଅଭିଭାଷଣରେ ବୃକ୍ଷରୋପଣର ଯଥାର୍ଥତା ବିଷୟରେ କହିଥିଲେ । କାର୍ଯ୍ୟକ୍ରମରେ ପରିବେଶ ପ୍ରେମୀ ପ୍ରକୃତି ବନ୍ଧୁ ମୀନକେତନ ସାହୁ ମୁଖ୍ୟଅତିଥି ଭାବରେ ଯୋଗଦେଇ ଜଳବାୟୁ ପରିବର୍ତ୍ତନର ଭୟାବହତା



ବିଷୟରେ କହି ଏହାର ପ୍ରତିକାର ବିଷୟରେ ସଚେତନ କରିଥିଲେ ।ଏହି ପରାମର୍ଶ ଛାତ୍ରୀ, ଅଧ୍ୟାପକ ଓ ଅଧ୍ୟାପିକାଙ୍କ ମନରେ ଗଭୀର ପ୍ରଭାବ ପକାଇଥିଲା । ପରିବେଶ ପ୍ରେମୀ ଓମ ପ୍ରକାଶ ଅଗ୍ରୱାଲଙ୍କ ଦ୍ୱାରା ଯୋଗାଇ ଦିଆଯାଇଥିବା ଅଶୋକ, ବଉଳ, ଅଁଳା, ପିଜୁଳି, ଦେବଦାରୁ ଇତ୍ୟାଦି ଚାରାଗୁଡ଼ିକୁ ସମସ୍ତେ ଖୁସି ମନରେ ରୋପଣ କରିଥିଲେ । ରେଡ଼କ୍ରସ କାଉନସିଲର ସଂଗୀତା ଗୌନ୍ତିଆ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀଙ୍କ ସହାୟତାରେ କାର୍ଯ୍ୟକ୍ରମଟି ସଫଳ ହୋଇଥିଲା । ଶେଷରେ ଅନ୍ୟତମ ରେଡ଼କ୍ରସ କାଉନସିଲର କାଦମ୍ବିନୀ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ ।

## ବିଧାୟକ ସ୍କୁଲରେ ବସି ଗଣିତ ପାଠ ପଢ଼ା ଅନୁଧ୍ୟାନ କଲେ

ରାୟଗଡା,(ସବ୍ୟୁ): ରାୟଗଡ଼ା ବିଧାୟକ କାଡ୍ରାକା ଆପାଲସ୍ୱାମୀ ରାଜ୍ୟର ସୀମାନ୍ତ ଗାଁ କେରେଡା ସରକାରୀ ଉଚ୍ଚ ଏସ ଏସ ଡି ବିଦ୍ୟାଳୟକୁ ଯାଇ ଗଣିତ ପାଠ ପଢିଛନ୍ତି। ଶ୍ରେଣୀ ଗୃହରେ ୨୫ ମିନିଟ ଧରି ଛାତ୍ରଛାତ୍ରୀ ଗହଣରେ ବସି ଗଣିତ ପାଠର ସରଳରେଖା ଉପରେ ପିଲାମାନଙ୍କ ସହ ପାଠ ପଢିଛନ୍ତି। ହଠାତ ସ୍କୁଲ ମାନଙ୍କର ଶିକ୍ଷା ବ୍ୟବସ୍ଥା କିଭଳି ରହିଛି ତାହା ପରଖିବା ପାଇଁ ବିଧାୟକ କାଡ୍ରାକା ଆପଲାସ୍ୱାମୀ ପହଞ୍ଚି ଥିଲେ ଆନ୍ଧ୍ର ପ୍ରଦେଶର ସୀମାନ୍ତ ଗାଁ କେରେଡା ସ୍କୁଲରେ । ରାୟଗଡା ସହର ଠାରୁ ୨୬



କିଲୋମିଟର ଦୂରରେ ଥିବା ବେଳେ ରାସ୍ତା ପାର୍ଶ୍ୱରେ ରହିଥିବା ବିଦ୍ୟାଳୟ ସ୍ଥିତି ପରଖିଥିଲେ। ସିଧାସଳଖ ଯାଇ ୧୦ମ ଶ୍ରେଣୀ ଗୃହକୁ ଯାଇଥିଲେ । ପିଲାମାନଙ୍କୁ କିଭଳି ଶିକ୍ଷା ଦାନ ଚାଲିଛି ସେ ବିଷୟରେ ନିଜେ ଛାତ୍ରୀଛାତ୍ରଙ୍କ ସହ ପଛଧାଡିର ବେଞ୍ଚ ଉପରେ ବସି ୨୫ ମିନିଟ ଧରି ଶୁଣି ଥିଲେ।

ଶ୍ରେଣୀରେ ଶିକ୍ଷକ ରାଧାକାନ୍ତ ପାଣିଗ୍ରାହୀ ଶିକ୍ଷା ଦାନ କରୁଥିଲେ। ଶିକ୍ଷକ ଆଗକୁ ଆସି ବସିବା ପାଇଁ କହିଥିଲେ ମଧ ସେ ପଛ ଧାଡିରେ ବସି ଶିକ୍ଷା ଦାନକୁ ଏହି ଆଦିବାସୀ ଅଧୁଷିତ ଜିଲ୍ଲାର ପିଲାମାନେ କିଭଳି ଗ୍ରହଣ କରୁଛନ୍ତି ତାହା ଅନୁଧ୍ୟାନ କରିଥିଲେ। ସରଳରେଖା ଉପରେ ଶିକ୍ଷକ ଅତି ଉତ୍ତମ ଢଙ୍ଗରେ ପଢାଉଥିବା ନିଜେ ବିଧାୟକ ଅନୁଭବ କରିଥିବା କହିଛନ୍ତି। ବିଡମ୍ବନା ବିଷୟ ଯେଉଁ ଶିକ୍ଷକ ଗଣିତ ପଢାଉଥିଲେ ଓଡ଼ିଆ ମାତୃଭାଷା ଶିକ୍ଷକ । ଯେହେତୁ ବିଜ୍ଞାନ ଶିକ୍ଷକ ନଥିବାରୁ ବାଧ ହୋଇ ଗଣିତ ପାଠ ପଢାଉଥିଲେ। ପରେ ପ୍ରଧାନ ଶିକ୍ଷକଙ୍କ କାର୍ଯ୍ୟାଳୟରେ ବସି ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କ ସହ ଆଲୋଚନା କରିଥିଲେ। ସ୍କୁଲରେ ଶିକ୍ଷକ ମାନେ ବିନା ଲେସନ ପ୍ଲାନ କରୁନଥିବା ସେ ଅନୁଧ୍ୟାନ କରିଛନ୍ତି। ଅର୍ଥାତ ପୂର୍ବ ପ୍ରସ୍ତୁତି ପ୍ରଣାଳୀ ପ୍ରତ୍ୟେକ ମାସରେ କେଉଁ କେଉଁ ବିଷୟରେ ପାଠପଢା ଯିବ ଏହା ନିର୍ଦ୍ଧାରିତ ହୋଇଥାଏ। ଏହି ଲେସନ ପ୍ଲାନରେ ସୁଧାର ଆଣିବା ପାଇଁ ପ୍ରଧାନ ଶିକ୍ଷକ ବିବିଷଣ ଚିଟୁଆନଙ୍କୁ ପରାମର୍ଶ ଦେଇଥିଲେ। ସେହିପରି ସ୍କୁଲ ପ୍ରବେଶ ଦ୍ୱାରରେ ପ୍ରବେଶ ପୁସ୍ତିକା ରହିବା କଥା ଯାହା ଛାତ୍ରୀଛାତ୍ରଙ୍କ ପରିବାର ଲୋକ ହୁଅନ୍ତୁ ବା ବାହାର ଲୋକ ଆସିଲେ ପ୍ରବେଶ ପୁସ୍ତିକାରେ ଦସ୍ତଖତ କରି ଭିତରକୁ ଯିବା ବିଧାନ ରହିଛି ପାଳନ କରିବାକୁ ପରାମର୍ଶ ଦେଇଥିଲେ। ବିଦ୍ୟାଳୟରେ ଛାତ୍ରୀ ୧୮୦ ଛାତ୍ର ୧୮୫ ରହିଥିବା ବେଳେ ସେହି ଅନୁପାତରେ ପୁଣି ୫ଜଣ ଶିକ୍ଷକ ଅଭାବ ରହିଛି। ଯାହା ବିଜ୍ଞାନ, ଉଚ୍ଚ ଶ୍ରେଣୀ ପଢାଉଥିବା ସିଟି ଶିକ୍ଷକ, ମେଟ୍ରିକ୍ ସିଟି ଦୁଇ ଜଣ ଶିକ୍ଷକ ଏବଂ ଖେଳ ଶିକ୍ଷକ ଅଭାବ ରହିଛି ବୋଲି ଅନୁଭବ କରିଛନ୍ତି। ପିଲାଙ୍କ ସହ ଆଲୋଚନା ବେଳେ ଶିକ୍ଷକ ଅଭାବ କଥା ମଧ ଛାତ୍ରଛାତ୍ରୀ କହିଛନ୍ତି। ଏଠାରେ ବିଜ୍ଞାନ ଶିକ୍ଷକ ନଥିବା ହେତୁ ପିଲାମାନେ କେତେ ପାରଦର୍ଶିତା ହେବେ ଏଥିପ୍ରତି ପ୍ରଶାସନ ଏବଂ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଅପରପକ୍ଷରେ ୩୬୫ ଛାତ୍ରଛାତ୍ରୀ ଥିବା ବେଳେ ବର୍ତ୍ତମାନ ଶୌଚାଳୟ ମରାମତି କାର୍ଯ୍ୟ ଚାଲୁଛି। ଏନେଇ ପିଲାମାନେ ଅସୁବିଧା ସମ୍ମୁଖୀନ ହେଉଛନ୍ତି। ଯାହାକି ସ୍କୁଲର ଛୁଟି ପୂର୍ବରୁ ମରାମତି କାର୍ଯ୍ୟ ସମ୍ପୂର୍ଣ୍ଣ ହେବାର ଥିଲା କାହିଁକି ବର୍ତ୍ତମାନ ସୁଦ୍ଧା ସମ୍ପୂର୍ଣ୍ଣ ହୋଇନାହିଁ । ଏହା ତ୍ୱରାନ୍ୱିତ କରିବା ପାଇଁ ପରାମର୍ଶ ଦେଇଛନ୍ତି। ଏହା ସହିତ ଏକ ମାସ ହେଲା ବ୍ଲକ ମଙ୍ଗଳ ଅଧିକାରୀ ପରିଦର୍ଶନ କରିନଥିବା ପରିଦର୍ଶନ ପୁସ୍ତିକା ପ୍ରମାଣିତ କରୁଛି। ଏହି ସମସ୍ତ ସ୍ଥିତି ସମ୍ପର୍କରେ ଜିଲ୍ଲା ପ୍ରଶାସନ ଏବଂ ମଙ୍ଗଳ ବିଭାଗ ସହିତ ଆଲୋଚନା କରି ସୁଧାର ଆଣିବାର ବ୍ୟବସ୍ଥା ପାଇଁ ପରାମର୍ଶ ଦେବେ।

## ୧୨ ମାସ ହେଲା ଦରମା ପାଇ ନାହାନ୍ତି କର୍ମଚାରୀ ଆନ୍ଦୋଳନ ପାଇଁ ସଜବାଜ

ଜମନକିରା,(ସବ୍ୟୁ): ସମ୍ବଲପୁର ଜିଲ୍ଲା ଜମନକିରା ବ୍ଲକରେ ଗତ ୨୦୨୧ ମସିହାରୁ ବିଡିଏସପି (ବିଜିନେସ ଡାଭଲପ ସର୍ଭିସ ପ୍ରୋଭାଇଡାର) ଭାବରେ ମହିଳା ମାନେ କାମ କରୁଥିଲେ । ସେମାନେ ପ୍ରାୟ ୩ ବର୍ଷ ସୁଚାରୁ ରୂପେ ଛୋଟ ଛୋଟ ବ୍ୟବସାୟୀ ମାନଙ୍କୁ ଋଣ ପ୍ରଦାନରେ ସହଯୋଗ କରି ସ୍ୱାବଲମ୍ବୀ କରେଇ ପାରିଥିଲେ। ବେକାରୀ ସମସ୍ୟା ଦୂର କରିବା ପାଇଁ କିଛି ବେକାର ଯୁବକ ଯୁବତୀ ମାନଙ୍କୁ ବ୍ୟବସାୟ କରିବା ପାଇଁ ଋଣ ପ୍ରଦାନରେ ସହଯୋଗ କରି ଆସୁଥିଲେ। ଉକ୍ତ ବିଡିଏସପି ମହିଳା ମାନଙ୍କୁ ସ୍କିଲ ଡଭଲପମେଣ୍ଟ ପାଇଁ ବିଭାଗ ପକ୍ଷରୁ ଅନେକ ସମୟରେ ପ୍ରଶିକ୍ଷଣ ମଧ ଦିଆଯାଇଥିଲା। ମାତ୍ର ଗତ ୨୦୨୫ ଏପ୍ରିଲ୍ ଓ ମେ ରେ ମାସାଧିକାଳ ସମ୍ବଲପୁର ଜିଲ୍ଲା ସ୍ଥିତ ନୀଳ ଡୁଙ୍ଗୁରିରେ ଆବାସିକ



କରେଇ ଜିଲ୍ଲାର ଯୁଯୁମୁରା, କୁଚିଣ୍ଡା, ବାମରା ସମେତ ଜମନକିରା ବ୍ଲକ ଅଧୀନରେ କାର୍ଯ୍ୟରତ ବିଡିଏସପି ମାନଙ୍କୁ ଟ୍ରେନିଂ ଦିଆଯାଇଥିଲା। ତେବେ ଗତ ୧୨ ମାସରୁ ଉର୍ଦ୍ଧ ସମୟ ବିତିଯାଇଥିଲେ ସୁଦ୍ଧା ଅଦ୍ୟାବଧି ସେମାନଙ୍କ ଦରମା ପ୍ରଦାନ କରାଯାଇ ନାହିଁ। ଦରମା ଆଶାରେ ବିଡିଏସପି ମାନେ ନିଜର ପରିବାରର ଅସୁବିଧାକୁ ଛାଡ଼ି ଏହି କାର୍ଯ୍ୟରେ ନିଜକୁ ନିୟୋଜିତ କରିଥିଲେ। କେବଳ କିଛି ଟଙ୍କା ରୋଜଗାର କଲେ ପିଲା ଛୁଆ ମାନେ ଟିକିଏ ଆର୍ଥିକ ସ୍ଥିତିରୁ ସୁରକ୍ଷା ପାଇବେ। ହେଲେ ଅସୁବିଧା ଦୂର ହେବ କ'ଣ, ଆହୁରି ବୋଝ ଉପରେ ନଳିତା ବିଡା ସଦୃଶ୍ୟ ୧୨ ମାସରୁ ଅଧିକ ଦିନ ହେଲା ବିନା ଦରମାରେ କାର୍ଯ୍ୟ କରି ଚାଲିଛନ୍ତି। ଏ ସମସ୍ୟା ସମ୍ପର୍କରେ ବିଡିଏସପି ମାନେ ବାରମ୍ବାର ଜମନକିରା ଓଡ଼ିଶା ଜୀବିକା ମିଶନ ବିପିଏମ ଦାୟିତ୍ୱରେ ଥିବା ଅଧିକାରୀ ସରୋଜ ମିଶ୍ର ଏବଂ ସମ୍ବଲପୁର ଡିପିଏମ ସଞ୍ଜୟ ମହାପାତ୍ରଙ୍କୁ ବାରମ୍ବାର ଦାବି ଜଣାଇ ଆସୁଥିଲେ ମଧ ସେମାନେ ଟାଳଟୁଳ ନୀତି ଅବଲମ୍ବନ କରୁଥିବା ବିଡିଏସପି ମାନେ ଅଭିଯୋଗ କରିଛନ୍ତି। ଯଦି ଅଧିକାରୀ ମାନେ ଜାଣିଥିଲେ ପ୍ରୋଜେକ୍ଟ ସରିବାକୁ ଥିଲା, ତାହେଲେ କ'ଣ ପାଇଁ ଟ୍ରେନିଂ ଓ କାମ କରିବାକୁ ବିଭାଗ ଅଧିକାରୀ ମାନେ ତାଗିଦ୍ କରୁଥିଲେ ବୋଲି ବିଡିଏସପି ମାନେ ଅଧିକାରୀଙ୍କୁ ପ୍ରଶ୍ନ କରିଛନ୍ତି। ତେବେ ଆସନ୍ତା ୧ ମାସ ମଧ୍ୟରେ ବିଧିବଦ୍ଧ ଭାବେ ଦାୟିତ୍ୱ ପ୍ରଦାନ ସହ ଦରମା ପ୍ରଦାନ ଆଦି ଦାବି ପୁରଣ ନକଲେ ଆନ୍ଦୋଳନ କରାଯିବ ବୋଲି ବିଡିଏସପି ମାନେ ଖବରଦାତା ଆଗରେ ପ୍ରକାଶ କରିଛନ୍ତି। ଏମାନଙ୍କ ସହ ସ୍ୱାବଲମ୍ବି ହୋଇ ସାରିଥିବା ଏବଂ ସ୍ୱାବଲମ୍ବି ପାଇଁ ଆଶାୟୀ ଥିବା ଯୁବକ ଯୁବତୀ ମାନେ ମଧ କହିଛନ୍ତି କି, ଯେଉଁ ଯୋଜନାରେ ଏତେ ଉତ୍ତମ ବ୍ୟବସ୍ଥା ରହିଛି, ସେହି ଯୋଜନାକୁ କାହିଁକି ବନ୍ଦ କରାଯାଉଛି। ପୂର୍ବ ସରକାର ଏହି ଯୋଜନାକୁ ଗୁରୁତର ସହିତ ବିଚାରକୁ ନେଇ ଛୋଟ ଛୋଟ ବ୍ୟବସାୟୀ ମାନଙ୍କୁ ବ୍ୟବସାୟ କରିବା ପାଇଁ ଉତ୍ସାହିତ କରୁଥିବା ବେଳେ ଏହି ସରକାର କଣ ପାଇଁ ଅଣଦେଖା କରୁଛନ୍ତି। ପୁନର୍ବାର ଉକ୍ତ ଯୋଜନାକୁ ଆରମ୍ଭ କରାଯାଉ ଏବଂ କାର୍ଯ୍ୟରେ ନିୟୋଜିତ ଥିବା ବିଡିଏସପି ମାନଙ୍କୁ ଦାୟିତ୍ୱ ପ୍ରଦାନ କରାଯାଉ ବୋଲି ଦାବି କରୁଥିବା ସହ ସରକାର ଏହି ଯୋଜନାକୁ ଶୀଘ୍ର କାର୍ଯ୍ୟକାରୀ କରନ୍ତୁ ବୋଲି ଦାବି କରୁଛନ୍ତି।ଏ ସଂକ୍ରାନ୍ତରେ ସମ୍ବଲପୁର ଜିଲ୍ଲା ଡିପିଏମ ସଞ୍ଜୟ ମହାପାତ୍ରଙ୍କୁ ଫୋନ କରାଯାଇଥିଲା, ସେ ଫୋନ ନଉଠେଇବାରୁ ତାଙ୍କ ମତାମତ ନିଆଯାଇ ପାରିନଥିଲା। ପରେ ବିଭାଗର ଭୁବନେଶ୍ୱର ସିଇଓ ବବିତା ମହାପାତ୍ରଙ୍କୁ ଯୋଗାଯୋଗ କରାଯାଇଥିବା ବେଳେ ସେ ଏ ବାବଦରେ କ୍ଲାରିଫିକେଶନ ମଗାଯାଇଛି, ବୁଧବାର ଜଣେ ବିଡିଏସପି ନେତ୍ରୀଙ୍କୁ କୁହନ୍ତୁ ମୋ ସହିତ କଥାହେବେ ବୋଲି କହିଥିଲେ।

## ପ୍ରି ସୁବ୍ରତ କପ ଫୁଟବଲ ଆଜି

ଝାରସୁଗୁଡା,(ସବ୍ୟୁ): ସ୍ଥାନୀୟ ୨ୟ ଓଏସଏପି ମିନି ଷ୍ଟାଡିୟମରେ ବୁଧବାର ଠାରୁ ସିଆଇଏସସଇ ସ୍କୁଲ ସମୁହର ୧୭ରୁ କମ ବାଳକ ବୟସ ବର୍ଗର ପ୍ରି ସୁବ୍ରତ କପ ଫୁଟବଲ ଆରମ୍ଭ ହେଉଛି। ଏହି ପ୍ରତିଯୋଗିତାର ୧୩ଟି ରାଜ୍ୟ ଯଥା ନର୍ଥ ଇଣ୍ଡିଆ, ତେଲେଙ୍ଗାନା,ତାମିଲନାଡୁ, କେରଳ, ଓଡିଶା, ଛତିଶଗଡ, ୟୁପି,ନର୍ଥ ରିଜନ, ବେଙ୍ଗଲ,ବିହାର ,ଝାରଖଣ୍ଡ, ଉତ୍ତରାଖଣ୍ଡ,କର୍ଣାଟକ , ମହାରାଷ୍ଟ୍ର ରାଜ୍ୟର ସର୍ବଶ୍ରେଷ୍ଠ ସ୍କୁଲ ର ଚମ୍ପିଆନ ଫୁଟବଲ ଦଳ ମାନେ ଅଂଶ ଗ୍ରହଣ କରିଛନ୍ତି। ଏହା ୨ୟ ଓ.ଏସ.ଏପି ପ୍ୟାରେଡ ପଡିଆରେ ମଧ୍ୟ ମ୍ୟାଚ ଗୁଡିକ ଅନୁଷ୍ଠିତ ହେବ । ସେଣ୍ଟ ଥୋମାସ ସ୍କୁଲର ଆୟୋଜକ ତଥା ସଞ୍ଚାଳକ ଏସ.ଡାନିଏଲ ଅପରାହ୍ନରେ୨ୟ ଓ.ଏସ.ଏପି ମିନି ଷ୍ଟାଡିୟମରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି। ସାମ୍ବାଦିକ ସମ୍ମିଳନୀରେ ପ୍ରି ସୁବ୍ରତକପ ଫୁଟବଲର ସ୍ଥାନିୟ ସେନଟ୍ ଥୋମାସ ସ୍କୁଲର ଖେଳ ଆୟୋଜକ ସଂଜୟ କୁମାର ପାଢ଼ି,ଅଧକ୍ଷା ଶିବା ଡାନିଏଲ୍, ଉପ–ଅଧିକ୍ଷକ ନବୀନ ଏସ.ଡାନିଏଲ,ମଚଂାଧିନ ଥିଲେ। ସମସ୍ତ ଦଳର ଟିମ ମ୍ୟାନେଜର ଓ କୋଚ ମାନେ ସମ୍ମିଳନୀରେ ଉପସ୍ଥିତ ରହି ପରିଚାଳନା ବିଷୟରେ କମିଟି ଠାରୁ ଅବଗତ ହୋଇ ଥିଲେ। ଝାରସୁଗୁଡା କ୍ରୀଡା ସଂଘର ବରିଷ୍ଠ କର୍ମକର୍ତା ମାନେ ଉପସ୍ଥିତ ଥିଲେ।ା ।

## ବିଶ୍ୱବିଦ୍ୟାଳୟ କ୍ୟାମ୍ପସ ସଫେଇ ଅଭିଯାନ
## ପ୍ଲାଷ୍ଟିକ ମୁକ୍ତ କରିବା ପାଇଁ ଆହ୍ୱାନ

ଭବାନୀପାଟଣା,(ସବ୍ୟୁ): ମାଁ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ଠାରେ ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା କ୍ୟାମ୍ପସ ସଫେଇ ଅଭିଯାନ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି । ଛାତ୍ର ନେତା ଚୈତନ୍ୟ ବାଗଙ୍କ ନେତୃତ୍ୱରେ ବିଶ୍ୱବିଦ୍ୟାଳୟ କ୍ୟାଣ୍ଟିନ ପାର୍ଶ୍ୱରେ ଥିବା ଅଳିଆ ଆବର୍ଜ୍ଜନାକୁ ସଫା କରାଯାଇଛି । ପ୍ରତି ସପ୍ତାହରେ ବିଶ୍ୱବିଦ୍ୟାଳୟର ବିଭିନ୍ନ ସ୍ଥାନ, ହଷ୍ଟେଲ ଓ ମୁଖ୍ୟ ଫାଟକ ନିକଟକୁ ସଫା କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଏହା ସହିତ ବିଶ୍ୱବିଦ୍ୟାଳୟକୁ ତମାଖୁ ଓ ପ୍ଲାଷ୍ଟିକ ମୁକ୍ତ କରିବା ପାଇଁ ପ୍ରୟାସ ଜାରି ରହିବ ବୋଲି ଛାତ୍ର ନେତା ମାନେ କହିଛନ୍ତି। କାର୍ଯ୍ୟକ୍ରମରେ ଛାତ୍ର ନେତା ଚୈତନ୍ୟ ବାଗ, ମାନସ ରଞ୍ଜନ ସିନ୍ଧୂର, ଆଶୁତୋଷ ପୁଜାରୀ, ଅଂଶୁମାନ ନାଗ, ରୋହନ ମହାପାତ୍ର, ସୁରଜ ହରପାଲ, କୈଳାସ ଚନ୍ଦନ, ଆଦିତ୍ୟ ରାଉତ, ସୁମିତ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ପୂର୍ବତନ ଛାତ୍ର ସଂସଦ ସଭାପତି ଅବିନାଶ ଠାକୁର ଓ ମ୍ୟୁନିସିପାଲଟି ୱାର୍ଡ ନଂ ୨ ର କାଉନସିଲର ଉତ୍ପଳ ଦାସ ସହଯୋଗ କରିଥିଲେ।

# ଦୁଇଟି ପ୍ରକଳ୍ପର ଶିଳାନ୍ୟାସ ସହ ପୋଷଣ କିଟ୍ ବଣ୍ଟନ କଲେ ଉପ ମୁଖ୍ୟମନ୍ତ୍ରୀ

ଖପ୍ରାଖୋଲ,(ସବ୍ୟୁ): ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ମଙ୍ଗଳବାର ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ବ୍ଲକ୍ ଗସ୍ତ କରିଥିଲେ। ଏହି ଅବସରରେ ସ୍ଥାନୀୟ ପ୍ରାଥମିକ କୃଷି ସମବାୟ ସମିତି ଠାରେ ଗୋଦାମ ଘରର ଶିଳାନ୍ୟାସ କରିବା ସହିତ ବ୍ଲକ୍ ସଭା ଗୃହର ଉପର ମହଲାର ଶିଳାନ୍ୟାସ କରିଥିଲେ। ଏହି ଅବସରରେ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ପୋଷଣ କିଟ୍ ବଣ୍ଟନ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ସମ୍ମାନୀତ ଅତିଥି ପାଟଣାଗଡ ଉପ ଜିଲ୍ଲାପାଳ ସୁନୀଲ କୁମାର ମେହେର,



ବିଡ଼ିଓ ବିବେକାନନ୍ଦ ଷଡ଼ଙ୍ଗୀ, ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ଅମିତା ପଣ୍ଡା,ପାଟଣାଗଡ ଏସଡ଼ିପିଓ ସଦାନନ୍ଦ ପୁଝାରୀ,ତହସିଲଦାର ସତ୍ୟ ସୁନ୍ଦର ରାଉତରାୟ, ଉପ ମୁଖ୍ୟମନ୍ତ୍ରୀଙ୍କ ବ୍ଲକ ପ୍ରତିନିଧି ପଦ୍ମ କୁମାର ସିଂ ବରିହା ଯୋଗଦେଇଥିଲେ। ପ୍ରଧାନ ମନ୍ତ୍ରୀଙ୍କ ପୋଷଣ ମୁକ୍ତ ଭାରତ ବର୍ଷର ସ୍ୱପ୍ନ ସାକାର ପାଇଁ ପ୍ରୟାସ ଜାରି ରଖିଥିବା ବେଳେ ଖପ୍ରାଖୋଲ ବ୍ଲକ୍‌ରେ ଆନି କେଆର ଫାଉଣ୍ଡେସନ ତରଫରୁ ଗର୍ଭବତୀ ମାଁ, ପ୍ରସୂତି ମାଁ, ସାମ, ମାମ ଓ ଏସୟୁଏମ ଶିଶୁ ସମୁଦାୟ ୫୮୫୦ ଜଣଙ୍କୁ ପୋଷଣ କିଟ୍ ବଣ୍ଟନ ପାଇଁ ଶୁଭାରମ୍ଭ କରାଯାଇଥିଲା। ସେହିପରି ୨୦ ଜଣ ଭୂମିହୀନ ପରିବାର ଓ ବିଦ୍ୟାଳୟକୁ ଉପ ମୁଖ୍ୟମନ୍ତ୍ରୀ ପଟ୍ଟା ବଣ୍ଟନ କରିଥିଲେ। ଏହି ଅବସରରେ ବ୍ଲକର ବିଭିନ୍ନ ବିଭାଗର ଅଧିକାରୀ, ଅଙ୍ଗନବାଡ଼ି କର୍ମୀ, ମାଁ, ଶିଶୁ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଡ. ଅଭୟ ତ୍ରିପାଠୀ ପରିଚାଳନା କରିଥିଲେ।

## ବୁଣାକାରଙ୍କ ସମସ୍ୟା ନେଇ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କଲେ ସାଂସଦ

ପଦ୍ମପୁର,(ସବ୍ୟୁ): ଓଡିଶାର ସମ୍ବଲପୁରୀ ବସ୍ତ୍ର ସାରା ଦେଶ ତଥା ବିଦେଶ ରେ ପ୍ରସିଦ୍ଧି ଲାଭ କରିଛି । ସମ୍ବଲପୁରୀ ବସ୍ତ୍ର ଓ ହସ୍ତତନ୍ତକୁ ବଜାୟ ରଖିବା ପାଇଁ ବୁଣାକାର ମାନଙ୍କ ଲାଗି ବିଭିନ୍ନ ସୁବିଧା ସୁଯୋଗ କରାଯିବା ନେଇ କେନ୍ଦ୍ର ହସ୍ତତନ୍ତ୍ର ଓ ବୟନ ଶିଳ୍ପ ମନ୍ତ୍ରୀ ଗିରିରାଜ ସିଂଙ୍କ ସହ ବରଗଡ ସାଂସଦ ପ୍ରଦୀପ ପୁରୋହିତ ଆଲୋଚନା କରିଛନ୍ତି । ପଦ୍ମପୁରରେ ଏକ ସ୍ଥାୟୀ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ପାଇଁ ସେ ଦାବି କରିଛନ୍ତି । ସମ୍ବଲପୁରୀ ବସ୍ତ୍ରର ପ୍ରଚାର ଓ ପ୍ରସାର ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେବା ପାଇଁ ସେ କେନ୍ଦ୍ରମନ୍ତ୍ରୀଙ୍କ ସହ ଆଲୋଚନା କରିଛନ୍ତି । ପୂର୍ବରୁ ପଦ୍ମପୁର ସ୍ଥିତ ମହୁଲପାଲି ବୁଣାକାର କେନ୍ଦ୍ରକୁ ନିକଟସ୍ଥ ସୋନପୁର, ସମ୍ବଲପୁର, ବରଗଡ ପରି ଅନ୍ୟ ଜିଲ୍ଲାର ବୁଣାକାର ମାନେ ବ୍ୟବସାୟ କରିବା ପାଇଁ ସପ୍ତାହକୁ ଥରେ ଆସୁଥିଲେ । କିନ୍ତୁ ପରବର୍ତ୍ତୀ ସମୟରେ ସେହି କେନ୍ଦ୍ର ବର୍ତ୍ତମାନ ବନ୍ଦ ହେବା ଅବସ୍ଥାରେ ରହିଛି। ତେଣୁ ବୁଣାକାର ଓ ବ୍ୟବସାୟୀଙ୍କ ସ୍ଥାୟୀ ବ୍ୟବସ୍ଥା କରାଯିବା ନେଇ ସାଂସଦ ଶ୍ରୀ ପୁରୋହିତ କେନ୍ଦ୍ର ହସ୍ତତନ୍ତ୍ର ଓ ବୟନ ଶିଳ୍ପ ମନ୍ତ୍ରୀ ଗିରିରାଜ ସିଂଙ୍କ ସହ ବିଶେଷ ଆଲୋଚନା କରିଛନ୍ତି ।

**AFFIDAVIT**

I SANJIB PANIGRAHI, S/O PURANDAR PANIGRAHI, AGED ABOUT 54 YEARS OLD, R/O-GULUNDA, P/O-MANESWAR, P/S- DHAMA, DIST-SAMBALPUR, ODISHA DECLARE BY THIS AFFIDAVIT NO. 4178 DATED 21.07.2025 THAT SANJIB KUMAR PANIGRAHI AND SANJIB PANIGRAHI ARE THE NAMES OF ONE AND SAME PERSON I.E. ME AND NONE ELSE.

SANJIB KUMAR PANIGRAHI

(ଶ୍ରୀମଦ୍‌ଭଗବଦ୍ ଗୀତା ୧୭/୨୪)

-ଶ୍ରଦ୍ଧାତ୍ରୟ ବିଭାଗ ଯୋଗ-

(ଶ୍ରୀଭଗବାନୁବାଚ)

**ତସ୍ମାଦୋମିତ୍ୟୁଦାହୃତ୍ୟ ଯଜ୍ଞଦାନତପଃକ୍ରିୟାଃ**
**ପ୍ରବର୍ତ୍ତନ୍ତେ ବିଧାନୋକ୍ତାଃ ସତତଂ ବ୍ରହ୍ମବାଦିନାମ୍ ।।୨୪।।**

(ଇଦାନୀଂ ପ୍ରତ୍ୟେକମୋଁକାରାଦୀନାଂ ପ୍ରଶସ୍ତ୍ୟଂ ଦର୍ଶୟିଷ୍ୟନ୍ ଓଁକାରସ୍ୟ ତଦେବାହ)
ତସ୍ମାତ୍ ଓଁ ଇତି ଉଦାହୃତ୍ୟ (ଉଚ୍ଚାର୍ଯ୍ୟ) (କୃତାଃ) ବ୍ରହ୍ମବାଦିନାଂ (ବେଦବାଦିନାଂ)
ବିଧାନୋକ୍ତାଃ (ଶାସ୍ତ୍ରୋକ୍ତାଃ) ଯଜ୍ଞଦାନତପଃକ୍ରିୟାଃ ସତତଂ ( ସର୍ବଦା, ଅଙ୍ଗବୈକଲେଽପି)
ପ୍ରବର୍ତ୍ତନ୍ତେ ( ପୂର୍ଣ୍ଣାଙ୍ଗାଃ ଭବନ୍ତି ।। ୨୪।

# କାର୍ଯ୍ୟକାଳ ସରିବା ପୂର୍ବରୁ ଉପ-ରାଷ୍ଟ୍ରପତିଙ୍କ ଇସ୍ତଫା

**ସମ୍ପାଦକୀୟ**

ସଂସଦର ବର୍ଷାକାଳୀନ ଅଧିବେଶନ ଆରମ୍ଭ ହେବା ଦିନ, ଅର୍ଥାତ୍ ଗତ ୨୧ ଜୁଲାଇ, ୨୦୨୫ରେ ଆମ ରାଷ୍ଟ୍ରର ଉପ-ରାଷ୍ଟ୍ରପତି ଜଗଦୀଶ ଧନକଡ଼ ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇ ତାଙ୍କ ପଦବୀରୁ ହଠାତ୍ ଇସ୍ତଫା ପ୍ରଦାନ କରିବା ଘଟଣା ରାଜନୀତିକ ଓ ଜାଣିବା ଶୁଣିବା ମହଲରେ ଆଲୋଡ଼ନ ସୃଷ୍ଟି କରିଛି । ଭାରତୀୟ ସଂବିଧାନର ଧାରା ୬୭ (କ) ଅନୁଯାୟୀ ସେ ରାଷ୍ଟ୍ରପତିଙ୍କୁ ତାଙ୍କର ଇସ୍ତଫା ପତ୍ର ପ୍ରଦାନ କରିଛନ୍ତି । ତେଣୁ ତାଙ୍କ ଇସ୍ତଫା ପତ୍ର ଆଉ ଅଟକିବାର ନାହିଁ । ସେହି ଇସ୍ତଫା ପତ୍ରରେ ସେ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଓ ମନ୍ତ୍ରିମଣ୍ଡଳର ସହଯୋଗ ଲାଗି ଧନ୍ୟବାଦ ଜଣାଇଛନ୍ତି । ସାଂସଦମାନଙ୍କ ସହଯୋଗକୁ ମଧ୍ୟ ସେ ଉଲ୍ଲେଖ କରିଛନ୍ତି ।

ଜଣେ ରାଜନୀତିଜ୍ଞ ଓ ଆଇନଜୀବୀ ଭାବରେ ସେ ଉପ-ରାଷ୍ଟ୍ରପତି ହେବା ପୂର୍ବରୁ କୃତିତ୍ୱ ଅର୍ଜନ କରିଥିଲେ । ଶ୍ରୀ ଧନକଡ଼ଙ୍କୁ ଏବେ ୭୪ ବର୍ଷ । ୨୦୨୨ ଅଗଷ୍ଟ ୧୧ରୁ ସେ ଉପ-ରାଷ୍ଟ୍ରପତି ଭାବେ ଦାୟିତ୍ୱ ତୁଲାଇ ଆସୁଥିଲେ । ସେ ଆଗାମୀ ଅଗଷ୍ଟ ୨୦୨୭ ପର୍ଯ୍ୟନ୍ତ ସେହି ପଦବୀରେ ରହିଥା'ନ୍ତେ । ମାତ୍ର ତିନି ବର୍ଷ ନ ପୂରୁଣୁ ସେ କାହିଁକି ଇସ୍ତଫା ପ୍ରଦାନ କଲେ ? ସେ ଉଲ୍ଲେଖ କରିଛନ୍ତି ଯେ ସ୍ୱାସ୍ଥ୍ୟଗତ କାରଣରୁ ସେ ଇସ୍ତଫା ଦେଇଛନ୍ତି । ତେବେ ଏହି କାରଣ ପଛରେ ଆଉ କିଛି ରହସ୍ୟ ଅଛି କି ନାହିଁ ? ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ତାଙ୍କ ସ୍ଥାନରେ ଆଉ କାହାକୁ ତୁରନ୍ତ ବାଛିବେ ନା ରାଜ୍ୟସଭା ଉପ-ସଭାପତି କିମ୍ବା ପାନେଲରେ ଥିବା ସଦସ୍ୟମାନଙ୍କୁ ନେଇ କାମ ଚଳାଇବେ ?

କାହିଁକି ଏପରି ହେଲା ? ଶ୍ରୀ ଧନକଡ଼ ଉପ-ରାଷ୍ଟ୍ରପତି ଭାବେ ମନୋନୀତ ହେବା ପୂର୍ବରୁ ଗତ ୨୦୧୯ରୁ ୨୦୨୨ରେ ସେ ଉପ-ରାଷ୍ଟ୍ରପତି ହେବା ପର୍ଯ୍ୟନ୍ତ ପଶ୍ଚିମବଙ୍ଗର ରାଜ୍ୟପାଳ ଥିବା ସମୟରେ ଚର୍ଚ୍ଚା ମଧ୍ୟକୁ ଆସିଥିଲେ । ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ସୁଶ୍ରୀ ମମତା ବାନାର୍ଜୀ ଓ ତାଙ୍କ ମଧ୍ୟରେ ବହୁ ବିବାଦ ମୁଣ୍ଡ ଟେକିଥିଲା । ୧୯୮୯ରୁ ୧୯୯୧ ପର୍ଯ୍ୟନ୍ତ ସେ ଲୋକସଭାର ସାଂସଦ ମଧ୍ୟ ଥିଲେ । ତା' ପରେ ସେ ପ୍ରଧାନମନ୍ତ୍ରୀ ଚନ୍ଦ୍ରଶେଖରଙ୍କ ମନ୍ତ୍ରିମଣ୍ଡଳରେ ସଂସଦୀୟ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ମଧ୍ୟ ଥିଲେ । ପ୍ରଥମେ ସେ ୧୯୭୯ରେ ଜଣେ ଆଇନଜୀବୀ ଭାବେ ରାଜସ୍ଥାନରୁ ଓକିଲାତି ଆରମ୍ଭ କରିଥିଲେ । ୧୯୯୩ରୁ ୧୯୯୮ ପର୍ଯ୍ୟନ୍ତ ସେ ରାଜସ୍ଥାନ ବିଧାନସଭାର ବିଧାୟକ ମଧ୍ୟ ଥିଲେ ।

ଏକ ଦୈନିକ ଇଂରାଜୀ ସମ୍ବାଦପତ୍ରର ବିବରଣୀ ଅନୁଯାୟୀ ଶ୍ରୀ ଧନକଡ଼ ଗତ ମାର୍ଚ୍ଚ ମାସରେ ନୂଆଦିଲ୍ଲୀର ଏମ୍ସରେ କିଛି ଦିନ ପାଇଁ ହୃଦରୋଗରେ ପୀଡ଼ିତ ହୋଇ ଚିକିତ୍ସାଧୀନ ଥିଲେ । ତେଣୁ ସ୍ୱାସ୍ଥ୍ୟଗତ କାରଣରୁ ସେ ଇସ୍ତଫା ପ୍ରଦାନ କରିଥିବା ମଧ୍ୟ ଅନୁମାନ କରାଯାଉଛି । ଉପ-ରାଷ୍ଟ୍ରପତି ପରି ଏକ ସାମ୍ବିଧାନିକ ପଦବୀରେ କିଏ ଏଣିକି ରହିବେ ଓ ରାଜ୍ୟସଭାର ଅଧ୍ୟକ୍ଷ ଦାୟିତ୍ୱ ତୁଲାଇବେ ସେ ନେଇ ମଧ୍ୟ ଚର୍ଚ୍ଚା ଚାଲିଛି । ଏଥିପାଇଁ ଅନେକ ଯୋଗ୍ୟ ବ୍ୟକ୍ତି ମଧ୍ୟ ଅଛନ୍ତି । ଯୋଗ୍ୟ ବ୍ୟକ୍ତିଙ୍କ ଭାଗ୍ୟରେ ଏପରି ସାମ୍ବିଧାନିକ ପଦବୀ ହୁଏତ କାହାକୁ ମିଳିପାରେ ଆଉ କାହାକୁ ମିଳି ବି ନ ପାରେ । ସେ ଯାହା ହେଉ ଆମ ସମ୍ବିଧାନରେ ଉପ-ରାଷ୍ଟ୍ରପତିଙ୍କର କେତେକ ଆଳଙ୍କାରିକ ପଦବୀ ବ୍ୟତୀତ ବିଶେଷ କିଛି ଗୁରୁତ୍ୱପୂର୍ଣ୍ଣ କର୍ତ୍ତବ୍ୟ (ରାଜ୍ୟସଭାରେ ଅଧ୍ୟକ୍ଷତା କରିବା ବ୍ୟତୀତ) ପ୍ରାୟ ନଥାଏ । ରାଜ୍ୟସଭାର ଅଧ୍ୟକ୍ଷ ପଦବୀ ସମ୍ଭାଳିବା ବ୍ୟତୀତ ସେ ରାଷ୍ଟ୍ରଦୂତମାନଙ୍କୁ ସାକ୍ଷାତ କରିବା, ବିଦେଶ ଗସ୍ତ କରି ସେଠାରେ ଆମ ରାଷ୍ଟ୍ର ପକ୍ଷରୁ ବିଦେଶୀ ରାଷ୍ଟ୍ରର ଗୁରୁତ୍ୱପୂର୍ଣ୍ଣ ପଦବୀରେ ଥିବା ବ୍ୟକ୍ତିବିଶେଷଙ୍କୁ ଭେଟିବା ପରି କେତେକ କାର୍ଯ୍ୟ ତାଙ୍କୁ କରିବାକୁ ହୋଇଥାଏ । କିନ୍ତୁ ଅଚାନକ ରାଷ୍ଟ୍ରପତି ପଦ ଖାଲି ପଡ଼ିଲେ, ଉପ-ରାଷ୍ଟ୍ରପତିଙ୍କର ଦାୟିତ୍ୱ ବଢ଼ିଯାଏ । ସମ୍ବିଧାନର ଧାରା ୬୫ ଅନୁଯାୟୀ ରାଷ୍ଟ୍ରପତି ପ୍ରାଣତ୍ୟାଗ କଲେ, ଇସ୍ତଫା ପ୍ରଦାନ କଲେ କିମ୍ବା ଅସୁସ୍ଥତାବଶତଃ ରାଷ୍ଟ୍ରପତି ତାଙ୍କ କାର୍ଯ୍ୟ ତୁଲାଇ ନ ପାରିଲେ, ରାଷ୍ଟ୍ରପତିଙ୍କ ଦାୟିତ୍ୱରେ ଉପ-ରାଷ୍ଟ୍ରପତି ରହିଥା'ନ୍ତି । ପୁଣି ସମ୍ବିଧାନର ଧାରା ୬୪ ଅନୁଯାୟୀ ରାଷ୍ଟ୍ରପତି ଦାୟିତ୍ୱ ଯଦି ଉପ-ରାଷ୍ଟ୍ରପତି ବହନ କରିବେ, ତେବେ ସେ ରାଜ୍ୟସଭାର ଅଧ୍ୟକ୍ଷ ଦାୟିତ୍ୱ ଆଉ ସମ୍ଭାଳି ପାରିବେ ନାହିଁ ।

ରାଜ୍ୟସଭାରେ ଅଧ୍ୟକ୍ଷ ଦାୟିତ୍ୱ ତୁଲାଉଥିବା ବେଳେ ଶ୍ରୀ ଧନକଡ଼ଙ୍କ ବିରୋଧରେ କଂଗ୍ରେସର ଇଣ୍ଡି ମେଣ୍ଟ ଆନାସ୍ଥା ପ୍ରସ୍ତାବ ନୋଟିସ ଗତ ବର୍ଷ ୨୦୨୪ଡିସେମ୍ବର ୧୦ରେ ଦେଇଥିଲେ ମଧ୍ୟ ତାହା ଫଳପ୍ରଦ ହୋଇପାରି ନଥିଲା । ଶ୍ରୀ ଧନକଡ଼ ତାଙ୍କର କାର୍ଯ୍ୟକାଳ ସରିବାର ପ୍ରାୟ ତିନି ବର୍ଷରୁ ଅଧିକ ସମୟ ଥିଲେ ମଧ୍ୟ ସେ ଇସ୍ତଫା ଦେଇଥିବାରୁ ହୁଏତ କଂଗ୍ରେସର ଇଣ୍ଡିମେଣ୍ଟ ଓ ମମତା ବାନାର୍ଜୀଙ୍କ ସମର୍ଥକମାନେ ହୁଏତ ଖୁସି ହେଉଥିବେ । ମାତ୍ର ଧନକଡ଼ଙ୍କ ପରି ଜଣେ ଉପ-ରାଷ୍ଟ୍ରପତି, ଅଦ୍ୱିତୀୟ ବ୍ୟକ୍ତି ଥିଲେ ବୋଲି କୁହାଯାଇ ପାରିବ ।

**ସଙ୍କଳ୍ପ**

**ନିଜ ସୁଖ ପାଇଁ, ଜାତ ନୁହେଁ ହିନ୍ଦୁବିଶ୍ୱହିତେ ହିନ୍ଦୁ,ପ୍ରତି ରକ୍ତବିନ୍ଦୁ ।**

**ଗୋପବନ୍ଧୁ ଦାସ**

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ)
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ଶିକ୍ଷାନୀତି ଓ ନୀତିଶିକ୍ଷା



**ମନୋରଞ୍ଜନ ମହାନ୍ତି**

ଭାରତରେ 'ସମଗ୍ର ଶିକ୍ଷା ଯୋଜନା' କାର୍ଯ୍ୟକାରୀ ହେବ ୨୦୨୧ରୁ ୨୦୨୬ ବର୍ଷ ମାର୍ଚ୍ଚ ମାସ ପର୍ଯ୍ୟନ୍ତ, ଯାହାର ବଜେଟ୍ ପ୍ରାୟ ୩ଲକ୍ଷ କୋଟି ଟଙ୍କା । ସେଥିରୁ କେନ୍ଦ୍ରର ଅଂଶ ରହିବ ପ୍ରାୟ ୨ଲକ୍ଷ କୋଟି । ବିଦ୍ୟାଳୟ ଶିକ୍ଷା କ୍ଷେତ୍ରରେ ଅଭିନବ ଅଧ୍ୟାୟର ଆରମ୍ଭ, ପ୍ରାକ୍ ବିଦ୍ୟାଳୟ ବା ଅଙ୍ଗନୱାଡ଼ି ଶିକ୍ଷା ୩ବର୍ଷ, ବିଦ୍ୟାଳୟ ଶିକ୍ଷା ପ୍ରଥମରୁ ଦ୍ୱାଦଶ ଶ୍ରେଣୀଯାଏଁ ୧୨ବର୍ଷ । ଛାତ୍ରମାନେ ପଢ଼ିବେ ଅଙ୍ଗନୱାଡ଼ିରେ ୩ବର୍ଷ ଓ ପ୍ରଥମ, ଦ୍ୱିତୀୟ ଶ୍ରେଣୀରେ ୨ବର୍ଷ ଏପରି ସମୁଦାୟ ୫ବର୍ଷ । ତୃତୀୟ, ଚତୁର୍ଥ, ପଞ୍ଚମ ଶ୍ରେଣୀରେ ୩ବର୍ଷ । ଷଷ୍ଠ, ସପ୍ତମ, ଅଷ୍ଟମ ଶ୍ରେଣୀରେ ୩ବର୍ଷ । ନବମ, ଦଶମ ଶ୍ରେଣୀ, ଯୁକ୍ତଦୁଇ ପ୍ରଥମ ବର୍ଷ ଓ ଦ୍ୱିତୀୟ ବର୍ଷ ଏପରି ୪ବର୍ଷ । ଯେଉଁ ପଦ୍ଧତିକୁ କୁହାଯାଉଛି ୫ଯୁକ୍ତ ୩ଯୁକ୍ତ ୩ଯୁକ୍ତ ୪ । ଛାତ୍ରମାନେ ଯେପରି ତୃତୀୟ, ଚତୁର୍ଥ, ପଞ୍ଚମ ଶ୍ରେଣୀରେ ଠିକ୍ ଭାବରେ ପଢ଼ିପାରିବେ, ଲେଖିପାରିବେ, ହିସାବ କରିପାରିବେ ସେ ଦିଗରେ ପ୍ରତ୍ୟେକ ଛାତ୍ର ଓ ଦାୟିତ୍ୱରେ ଥିବା ଶିକ୍ଷକଙ୍କ ପାଇଁ ଖର୍ଚ୍ଚବହୁଳ ମାନୁଆଲ୍ ଯୋଗାଇ ଦିଆଯିବ । ଷଷ୍ଠ ଶ୍ରେଣୀରୁ ଧନ୍ଦାମୂଳକ ଶିକ୍ଷାର ବ୍ୟବସ୍ଥା ଅଛି । ବିଦ୍ୟାଳୟର ଭିତ୍ତିଭୂମି ବିକାଶ, ଡିଜିଟାଲ୍ ବ୍ୟବସ୍ଥା, ଛାତ୍ରମାନଙ୍କର ୟୁନିଫର୍ମ, ପାଠ୍ୟପୁସ୍ତକ, କ୍ରୀଡ଼ା ଓ ଶାରୀରିକ ଶିକ୍ଷା, ଛାତ୍ରାବାସ, ଛାତ୍ରୀମାନଙ୍କର ଆତ୍ମରକ୍ଷା ପ୍ରଶିକ୍ଷଣ, ଶିକ୍ଷାନୁଷ୍ଠାନର ସୋସିଆଲ୍ ଅଡିଟ୍ ବ୍ୟବସ୍ଥା, ଛାତ୍ରମାନେ କିପରି ସ୍କୁଲ ଛାଡ଼ି ଯିବେ ନାହିଁ ଅର୍ଥାତ୍ ଶିକ୍ଷା ଗ୍ରହଣରେ ଆଗ୍ରହୀ ହେବେ, ଅନୁସୂଚିତ ଜାତି ଓ ଜନଜାତିର ପିଲାଙ୍କ ପାଇଁ ସ୍ୱତନ୍ତ୍ର ଆର୍ଥିକ ବ୍ୟବସ୍ଥା ଏପରି ଆହୁରି ଅନେକ ଦିଗ ପ୍ରତି ପ୍ରଶାସନର ବିଶେଷ ଧ୍ୟାନ ରହିବ ।

ଶିକ୍ଷାର ଗୋଟିଏ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ହେଉଛି, ଛାତ୍ର ଅନ୍ତଃରାଷ୍ଟ୍ରୀୟ ଭାଷା ଇଂରାଜୀ ସମେତ ଯେକୌଣସି ଭାଷା ଶିକ୍ଷାକଲେ ବି ନିଜର ମାତୃଭାଷାରେ ଦକ୍ଷ ହୋଇ ପାରିବା । ନିଜ ରାଜ୍ୟର ଓ ନିଜ ରାଷ୍ଟ୍ରର ସାଂସ୍କୃତିକ ଐତିହ୍ୟ, କଳାତ୍ମକ ଉତ୍କର୍ଷ, ସାହିତ୍ୟିକ ଅଭିବ୍ୟକ୍ତି ସହିତ ପରିଚିତ ହେବା ପ୍ରତ୍ୟେକ ଛାତ୍ରର କର୍ତ୍ତବ୍ୟ । ଦୃଷ୍ଟାନ୍ତ ସ୍ୱରୂପ କୁହାଯାଇପାରେ ମହାବିଦ୍ୟାଳୟ ସ୍ତରୀୟ ସ୍ନାତକ ଶ୍ରେଣୀରେ ଇଂରାଜୀ ସମ୍ମାନର ଛାତ୍ର ବାଇବେଲ୍, ସେକ୍ସପିୟର୍‌ଙ୍କ ନାଟକ, ଟମାସ୍ ହାର୍ଡ଼ିଙ୍କ ଉପନ୍ୟାସ, ଟଲଷ୍ଟୟଙ୍କ ଗଳ୍ପ, ଚାର୍ଲ୍ସ ମର୍ଗାନ୍‌ଙ୍କ ସାହିତ୍ୟ ସମାଲୋଚନା ପଢ଼ିବା ସହିତ ବେଦ, ବ୍ୟାସଦେବଙ୍କ କାବ୍ୟ, କାଳିଦାସଙ୍କ ନାଟକ, ଗୋପୀନାଥ ମହାନ୍ତିଙ୍କ ଉପନ୍ୟାସ, ରବୀନ୍ଦ୍ରନାଥ ଠାକୁରଙ୍କ ଗଳ୍ପ ଓ ବିଶ୍ୱନାଥ କବିରାଜଙ୍କ 'ସାହିତ୍ୟ ଦର୍ପଣ' ଇତ୍ୟାଦିର ଇଂରାଜୀ ଅନୁବାଦକୁ ପାଠ୍ୟପୁସ୍ତକ ଭାବରେ ପଢ଼ିବା ଏକ ଶୁଭ ସୂଚନା । ବିଦ୍ୟାଳୟରୁ ଆରମ୍ଭ କରି ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ପ୍ରତ୍ୟେକ ଛାତ୍ରର ମନରେ ନିଜର ମାତୃଭାଷା ସମେତ ପ୍ରାଦେଶିକ ଓ ରାଷ୍ଟ୍ରୀୟ ସଂସ୍କୃତି ପ୍ରତି ଆଦର ଭାବ ଜାଗ୍ରତ କରିବା ଶିକ୍ଷାର ଏକ ପ୍ରମୁଖ ଦିଗ ।

ଅନ୍ୟ ଯେଉଁ ଚାରୋଟି ସୋପାନକୁ ଶିକ୍ଷା ସ୍ପର୍ଶ କରିବାର କଥା, ତାହାହେଲା ବିବେକାନୁମୋଦିତ ଚିନ୍ତନ, ବିଜ୍ଞାନସମ୍ମତ ଚେତନା, ସର୍ଜନଶୀଳ କଳ୍ପନା ଓ ନୈତିକ ମୂଲ୍ୟବୋଧ । ଚିନ୍ତନ ବିବେକ ଦ୍ୱାରା ଅନୁମୋଦିତ ହେଲେ, ମଣିଷ ସତ୍ ମାର୍ଗରେ ଗତିଶୀଳ ହେବ, ଚେତନା ବିଜ୍ଞାନସମ୍ମତ ହେଲେ ସେ ରୋଗର ଉପଶମ ପାଇଁ ଗୁଣିଗାରେଡ଼ି ପ୍ରୟୋଗ କରିବ ନାହିଁ କି ଡାହାଣି ସନ୍ଦେହରେ କାହାର ଜୀବନ ନାଶ କରିବ ନାହିଁ । ବିଜ୍ଞାନ କ୍ଷେତ୍ରରେ ନିଉଟନ୍, ଗାଲିଲିଓ, ଫାରାଡ଼େ, ଆଇନ୍‌ଷ୍ଟାଇନ୍, ସି.ଭି. ରମଣ, ଅବଦୁଲ୍ କଲାମ୍‌ଙ୍କର ସର୍ଜନଶୀଳତା ଆଜିକାଲି ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାରେ ଶିକ୍ଷା ଗ୍ରହଣ କରୁଥିବା ଛାତ୍ରମାନଙ୍କର ପ୍ରଣିଧାନର ଯୋଗ୍ୟ ।

ଛାତ୍ର ଓ ସେମାନଙ୍କ ଅଭିଭାବକମାନେ ଅନୁଭବ କରିବା କଥା ଯେ କେବଳ ପାଠ୍ୟପୁସ୍ତକଗୁଡ଼ାକୁ ଶୁଆ ଭଳି ଘୋଷି ବିଦ୍ୟାଳୟ, ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟ ପରୀକ୍ଷାରେ ଶତ ପ୍ରତିଶତ ନମ୍ବର ରଖିବା ଓ ବର୍ଷକୁ କୋଟି କୋଟି ଟଙ୍କା ପ୍ୟାକେଜ୍‌ରେ ଚାକିରି କରିବା ଦ୍ୱାରା ଶିକ୍ଷାର ଅସଲ ଉଦ୍ଦେଶ୍ୟ ପୂରଣ ହୁଏ ନାହିଁ । ଶିକ୍ଷା ଗ୍ରହଣ କରୁଥିବା ପ୍ରତ୍ୟେକ ଛାତ୍ର ତା'ର ମସ୍ତିଷ୍କକୁ ଉଦ୍ଭାବନକ୍ଷମ ଅର୍ଥାତ୍ ନବ ନବ ରଚନାତ୍ମକ ଚିନ୍ତନର ଚାରୁଶାଳା ଓ ସମାଜକୁ ସେହି ଚିନ୍ତନଗୁଡ଼ିକର ପ୍ରୟୋଗଶାଳା କରିବାର କଥା । ଡିପ୍ଲୋମା ଡିଗ୍ରୀପ୍ରାପ୍ତ ପଦାଧିକାରୀ ମଣିଷ ନୈତିକ ମୂଲ୍ୟବୋଧଯୁକ୍ତ ହେଲେ କଳାଟଙ୍କା ରୋଜଗାର କରିବାକୁ ଇଚ୍ଛା କରିବ ନାହିଁ, ଦୁର୍ବଳକୁ ଦୁର୍ବ୍ୟବହାର କରିବା ପାଇଁ ମନ ବଳାଇବ ନାହିଁ ।

ଶିକ୍ଷାର ବିକାଶ ପାଇଁ ବଜେଟ୍‌ରେ ବିପୁଳ ଅର୍ଥ ବ୍ୟବସ୍ଥା ହେବା ଏକ ଅତି ଉତ୍ତମ ପଦକ୍ଷେପ । ଯୋଜନାକୁ କାର୍ଯ୍ୟକାରୀ କରି ବିକାଶ-ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ସଂପୃକ୍ତ ସମସ୍ତଙ୍କର ଶକ୍ତିଶାଳୀ ଇଚ୍ଛା, ଅନ୍ତଃକରଣର ପ୍ରେରଣା, ସାଧୁ ଓ ସ୍ୱଚ୍ଛ କର୍ମାନୁଷ୍ଠାନର ଆବଶ୍ୟକତା ରହିଛି । ବ୍ୟକ୍ତି ଶିକ୍ଷିତ ହୋଇ ଶିକ୍ଷାର ମୂଳଧର୍ମ ବିବେକକୁ ସକଳ କ୍ଷେତ୍ରରେ ପ୍ରୟୋଗ କରି ନିଜର ନୈତିକ ଚରିତ୍ରକୁ ନିଜେ ଗଢ଼ିବାର ଉଦ୍ୟମ ଅବ୍ୟାହତ ରଖିଲେ, ଜାତୀୟ ଚରିତ୍ର ଉନ୍ନତ ହେବ । ବ୍ୟକ୍ତିର ଆତ୍ମୋନ୍ନତି ଉଦ୍ଦେଶ୍ୟରେ ବହୁ ପୁସ୍ତକ ରଚନା କରିଥିବା ପ୍ରସିଦ୍ଧ ଲେଖକ ସାମୁଏଲ୍ ସ୍ମାଇଲ୍ସ ୧୯୧୦ ମସିହାରେ ପ୍ରକାଶିତ ତାଙ୍କର 'କ୍ୟାରେକ୍ଟର୍' ପୁସ୍ତକରେ ଲେଖିଛନ୍ତି, 'ଜୀବନର ମୁକୁଟ ଓ ଗୌରବ ହେଉଛି ଚରିତ୍ର । ଚରିତ୍ର ମଣିଷର ମହତ୍ତମ ସଂପଦ, ଯାହା ନିଜେ ଏକ 'ପଦ', ସର୍ବଜନୀନ ସଦିଚ୍ଛାର ଏକ ସାମ୍ରାଜ୍ୟ, ଏବଂ ଯାହା ମଣିଷର ପ୍ରତି ପଦକ୍ଷେପକୁ ମର୍ଯ୍ୟାଦାବନ୍ତ କରେ, ସମାଜରେ ମଣିଷର ସ୍ଥିତିକୁ ଊର୍ଦ୍ଧ୍ୱକୁ ଉତ୍ତୋଳିତ କରେ ।'

ଚରିତ୍ର ପ୍ରଦୂଷିତ ହେଲେ ଲାଳସା, ଲୋଭ, ପ୍ରଲୋଭନଗ୍ରସ୍ତ ହୋଇ ମଣିଷର ଅଧଃପତନ ହୁଏ । ଫ୍ରାନ୍ସର ଦାର୍ଶନିକ ବ୍ଲାଇସ୍ ପାସ୍କାଲ୍ କହନ୍ତି, 'କେବଳ କାମନା, ଅହଂକାର ମଣିଷକୁ କ୍ଷମତା, ପଦ, ସମ୍ପଦ ଆଡ଼କୁ ଆକର୍ଷିତ କରେ, ନୀତିଚ୍ୟୁତ କରେ ।' ଉନ୍ନତ ଚରିତ୍ର ବଳରେ ମଣିଷ ନମ୍ର, ନୀତିନିଷ୍ଠ, ଦୃଢ଼ମନା, ସଦାଚାରୀ, ଅନ୍ୟର ବିଶ୍ୱାସଯୋଗ୍ୟ ହୁଏ, ଅନ୍ୟ ପ୍ରତି ସମ୍ମାନଜନକ ବ୍ୟବହାର ପ୍ରଦର୍ଶନ କରେ ।'

ଲେଖକ ଡାଭିଡ୍ ଆଇକ୍‌ମ୍ୟାନ୍ ତାଙ୍କର ଏକ ଲେଖାରେ କେତେକଙ୍କ ଚାରିତ୍ରିକ ବୈଶିଷ୍ଟ୍ୟର ବିଶ୍ଳେଷଣ କରି କହନ୍ତି, ଗାନ୍ଧିଜୀ ନିଜର ସଂକଳ୍ପ, ସାଧନା ବଳରେ ଗୋଟିଏ ବୃହଦାକାୟ ଉପମହାଦେଶ ପାଇଁ ସ୍ୱରାଜ୍ୟ ହାସଲ କଲେ, ଆବ୍ରାହାମ୍ ଲିଙ୍କନ୍ ବହୁ ଲୋକଙ୍କ ବିରୋଧ ସତ୍ତ୍ୱେ ଦାସପ୍ରଥାର ବିଲୋପ କଲେ, ବିଲ୍ଲି ଗ୍ରାହାମ୍ କୋଟି କୋଟି ଲୋକଙ୍କ ପ୍ରାଣରେ ଈଶ୍ୱରୀୟ ପ୍ରେମ ଓ ଆଶାର ସଂଚାର କଲେ, ମଦର୍ ଟେରେସା ସାରା ପୃଥିବୀର ଦୁଃସ୍ଥ-ଦରିଦ୍ରମାନଙ୍କ ପ୍ରତି କରୁଣାର ଭାବ ପ୍ରଦର୍ଶନ କଲେ, ଶୋଲ୍‌ଝେନିତ୍‌ସିନ୍ ନିଜର ନୈତିକ ଶକ୍ତି ଓ ସତ୍ୟ ପ୍ରତି ଅଙ୍ଗୀକାରବଦ୍ଧତା ବଳରେ କମ୍ୟୁନିଜମ୍ ବିରୋଧରେ ସଂଗ୍ରାମ କଲେ ଓ ନେଲ୍‌ସନ୍ ମାଣ୍ଡେଲା ତାଙ୍କ ଶତ୍ରୁମାନଙ୍କୁ, ଯେଉଁମାନେ ତାଙ୍କୁ ୨୭ବର୍ଷ ଧରି କାରାରୁଦ୍ଧ କରି ରଖିଥିଲେ, ସେମାନଙ୍କୁ କ୍ଷମା କରିଦେଲେ ।

୨୦୨୧ ବର୍ଷ ଅଗଷ୍ଟ ୧୫ ତାରିଖରେ କିଛି ଜାତୀୟ ସମ୍ବାଦପତ୍ରରେ ପ୍ରକାଶିତ ଖବର ଅନୁଯାୟୀ, ୩୮ବର୍ଷ ବୟସ୍କ ଶଙ୍କର ରାମଚନ୍ଦାନୀ ନିଜ ଜନ୍ମସ୍ଥାନ ବରଗଡ଼ ଜିଲ୍ଲା ପଦ୍ମପୁରରେ ମ୍ୟାଟ୍ରିକ୍ ଓ ଯୁକ୍ତଦୁଇ ଶିକ୍ଷା ସମାପ୍ତ କରିଥିଲେ । ପରେ ଡାକ୍ତରୀ ପାଠ ପଢ଼ି ଏବେ ମେଡିସିନ୍ ବିଭାଗର ସହକାରୀ ପ୍ରଫେସର୍ ବୀର ସୁରେନ୍ଦ୍ର ସାଏ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ୍ ରିସର୍ଚ୍ଚ ପ୍ରତିଷ୍ଠାନରେ ଯେଉଁଠି ପ୍ରତିଦିନ ନିଜର କର୍ତ୍ତବ୍ୟ ସଂପାଦନ ପରେ ସମାଜର ଦରିଦ୍ର, ଦୁର୍ବଳ, ନିଃସ୍ୱ, ବୟସ୍କ, ଭିନ୍ନକ୍ଷମମାନଙ୍କୁ ଚିକିତ୍ସା ସହାୟତା ଯୋଗାଇଦେବା ପାଇଁ ୨୦୨୧ ବର୍ଷ ଫେବୃଆରୀ ୧୨ ତାରିଖରେ ବୁର୍ଲାଠାରେ ଆରମ୍ଭ କଲେ '୧ ଟଙ୍କିଆ କ୍ଲିନିକ୍ ।' ମାତ୍ର ୧ଟଙ୍କା ଦେଇ ବହୁ ସଂଖ୍ୟାରେ ରୋଗୀ ସେଠାରେ ଚିକିତ୍ସିତ ହେଲେ । ରୋଗୀମାନଙ୍କ ଠାରୁ ସଂଗୃହୀତ ୬,୩୧୮ଟଙ୍କାକୁ ସେ ଦାନ କରିଦେଲେ ବୁର୍ଲାର ଜଣେ ଗରିବ ଛାତ୍ରକୁ ପାଠ ପଢ଼ିବା ପାଇଁ । ପୁଣି ୨୦୨୧ ବର୍ଷ ଅଗଷ୍ଟ ୧୫ ତାରିଖରେ ନିଜ ଜନ୍ମସ୍ଥାନ ପଦ୍ମପୁରର କଚେରି ଛକରେ ଏକ ଘର ଭଡ଼ା ନେଇ ସେଠି ଆରମ୍ଭ କଲେ ଆଉ ଗୋଟିଏ '୧ ଟଙ୍କିଆ କ୍ଲିନିକ୍', ଯାହା ପ୍ରତି ମାସରେ ଦୁଇଦିନ ଖୋଲା ରହିବ । ତାଙ୍କ ବାପାଙ୍କର ଇଚ୍ଛା ଥିଲା ସେ ଡାକ୍ତର ହୋଇ ଦୁଃସ୍ଥ ଦରିଦ୍ର ରୋଗୀମାନଙ୍କର ସେବା କରନ୍ତୁ, ଯାହା ଆଜି ସଫଳ ହୋଇଛି । ପ୍ରକାଶିତ ଖବର ସହିତ ସଂଯୋଜିତ ଏକ ଚିତ୍ରରେ ଡ. ରାମଚନ୍ଦାନୀ ନିଜର ଦୁଇ ହାତରେ ଜଣେ ରୋଗୀକୁ ବୋହି ନେଉଛନ୍ତି ସମ୍ବଲପୁର କୁଷ୍ଠ କଲୋନିରୁ ନିଜ କାର୍ ନିକଟକୁ, ହସ୍ପିଟାଲ୍‌କୁ ନେଇ ଚିକିତ୍ସା କରାଇବା ଉଦ୍ଦେଶ୍ୟରେ । ଇଏ ହେଉଛି ପ୍ରକୃତ ନୀତିଶିକ୍ଷା ଯାହା ପ୍ରତିଫଳିତ ହୋଇଛି ଡ. ରାମଚନ୍ଦାନୀଙ୍କ ଜୀବନରେ ।

ସତରେ, ଶିକ୍ଷାନୀତିକୁ ସାରା ଦେଶରେ କାର୍ଯ୍ୟକାରୀ କରିବାକୁ ସରକାରଙ୍କୁ ବିପୁଳ ସମ୍ପଦ ବିନିଯୋଗ କରିବାକୁ ହୁଏ, ଅଥଚ ନୀତିଶିକ୍ଷାକୁ ନିଜ ଜୀବନରେ କାର୍ଯ୍ୟକାରୀ କରିବାକୁ ପ୍ରତି ବ୍ୟକ୍ତିକୁ ବିପୁଳ ସାଧନା ଉପଯୋଗ କରିବାକୁ ହୋଇଥାଏ । ଶିକ୍ଷାନୀତି ସହିତ ନୀତିଶିକ୍ଷାର ସମନ୍ୱୟ ଠିକ୍ ଅର୍ଥ ସହିତ ପରମାର୍ଥର ସମନ୍ୱୟ ଭଳି ।

**ଅବସରପ୍ରାପ୍ତ ଇଂରାଜୀ ପ୍ରାଧ୍ୟାପକ**
**ଧର୍ମଶାଳା, ଯାଜପୁର**
**ମୋ-୯୮୫୩୨୮୨୯୬୨**

# ସ୍ୱାଧୀନତା ସଂଗ୍ରାମୀ ବାଳଗଙ୍ଗାଧର ତିଳକ



**ଉମାଶଙ୍କର ପ୍ରସାଦ**

୧୮୯୬ ମସିହାର କଥା । ସେତେବେଳେ ମହାରାଷ୍ଟ୍ରରେ ଭୟଙ୍କର ଦୁର୍ଭିକ୍ଷ ଦେଖାଦେଇଥିଲା । ଅନାହାରରେ ବହୁ ଲୋକଙ୍କର ମୃତ୍ୟୁ ଘଟିଲା। କିନ୍ତୁ ସେତେବେଳେ ସରକାର ସମ୍ପୂର୍ଣ୍ଣ ଉଦାସୀନ ରହିଲେ । ଏହି ଘୋର ଦୁର୍ଦ୍ଦିନରେ ଜନସାଧାରଣଙ୍କୁ ସାହାଯ୍ୟ କରିବା ପାଇଁ ଯେଉଁ ବ୍ୟକ୍ତି ଜଣକ ଆଗେଇ ଆସି 'ସ୍ୱେଚ୍ଛାସେବକ' ଦଳ ଗଢ଼ିବା ସହ ଦୁର୍ଭିକ୍ଷ ପ୍ରପୀଡ଼ିତ ଲୋକଙ୍କୁ ସାହାଯ୍ୟ କରିଥିଲେ ସେ ଆଉ କେହି ନୁହଁନ୍ତି, ସେ ଥିଲେ ଅନନ୍ୟ ଦେଶସେବକ ବାଲଗଙ୍ଗାଧର ତିଳକ । ସେହି ଦେଶସେବକ କର୍ମଯୋଗୀଙ୍କର ମହାରାଷ୍ଟ୍ରର ରତ୍ନଗିରିରେ ୧୮୫୬ ମସିହା ଜୁଲାଇ ୨୩ ତାରିଖରେ ଜନ୍ମ ହୋଇଥିଲା । ପିତାଙ୍କ ନାମ ଥିଲା ଗଙ୍ଗାଧର ପନ୍ଥ । ସେ ରତ୍ନଗିରି ଜିଲ୍ଲାର ଗୋଟିଏ ମରାଠି ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଥିଲେ । ଜଣେ ଜାତୀୟତାବାଦୀ ବ୍ୟକ୍ତି ଭାବରେ ସେ ବେଶ ଜଣାଶୁଣା ଥିଲେ । ୧୮୫୭ ମସିହାରେ ଘଟିଥିଲା ସିପାହୀ ବିଦ୍ରୋହ ଓ ଗଙ୍ଗାଧର ଭାବିଥିଲେ ଏ ବିଦ୍ରୋହ ସଫଳ ହେଲେ ଇଂରେଜମାନେ ଆମ ଦେଶ ଛାଡ଼ି ଚାଲିଯିବେ, ମାତ୍ର ସେପରି ହେଲାନାହିଁ । ଫଳରେ ଗଙ୍ଗାଧରଙ୍କ ମନରେ ବ୍ରିଟିଶ ସରକାର ପ୍ରତି କ୍ରୋଧ ଓ ଘୃଣାଭାବ ଆସିଥିଲା। ବାଲ ଗଙ୍ଗାଧର ତିଳକ ପିଲାଦିନେ ପିତାଙ୍କ ବ୍ରିଟିଶ ସରକାର ପ୍ରତି ମନର କ୍ରୋଧକୁ ଅନୁଭବ କରିପାରୁଥିଲେ । ପିଲାଟି ଦିନରୁ ବ୍ରିଟିଶ ଶାସନର ଅନ୍ତ କେବେ ବୋଲି ସଦାବେଳେ ତାଙ୍କ ମନରେ ପ୍ରଶ୍ନ ଉଙ୍କି ମାରୁଥିଲା । ନିଜର ବନ୍ଧୁମାନଙ୍କ ମନରେ ସେ ଇଂରେଜ ସରକାର ପ୍ରତି ବିଦ୍ୱେଷର ଭାବ ସୃଷ୍ଟି କରିପାରୁଥିଲେ । ତାଙ୍କର ଅଦମ୍ୟ ସାହସ ଓ ଆତ୍ମବିଶ୍ୱାସ ଦେଖି ବନ୍ଧୁମାନେ ତାଙ୍କୁ ନିଜଦଳର ଦଳପତି ବୋଲି ଚୟନ କରିଥିଲେ । ଏହି ସମୟରେ ହଠାତ୍ ତାଙ୍କ ପିତାଙ୍କ ବଦଳି ପୁନେକୁ ହୋଇଥିଲା । ତାଙ୍କୁ ସେତେବେଳେ ମାତ୍ର ଦଶ ବର୍ଷ । ନିଜର ବନ୍ଧୁମାନଙ୍କ ଠାରୁ ବିଚ୍ଛେଦ ହେବାର ଦୁଃଖରେ ସେ ଭାଙ୍ଗି ପଡ଼ିଥିଲେ । କିନ୍ତୁ ବାପାଙ୍କ ସହିତ ସେ ପୁନେ ଯିବାପାଇଁ ବାଧ୍ୟ ହେଲେ । ପୁନେର ବୃହତ୍ତର ପରିବେଶ ତାଙ୍କୁ କ୍ରମେ ଭଲ ଲାଗିଲା ଏବଂ ନୂଆ ବନ୍ଧୁମାନଙ୍କୁ ସେ ଆଦରରେ ଗ୍ରହଣ କଲେ । ଏଭଳି ସମୟରେ ତାଙ୍କର ଜନନୀଙ୍କ ବିୟୋଗ ପରିବାର ପାଇଁ ଏକ ଦାରୁଣ ଧକ୍‌କା ଥିଲା । କିନ୍ତୁ ପିତା ଗଙ୍ଗାଧର ପନ୍ଥ ତାଙ୍କୁ ଉଭୟ ମାତା ପିତାର ସ୍ନେହ ଦେଇ ପରିସ୍ଥିତିକୁ ହାଲୁକା କରି ଦେଇଥିଲେ । ପନ୍ଦର ବର୍ଷ ବୟସରେ ତାଙ୍କର ବିବାହ ସତ୍ୟଭାମାଙ୍କ ସହିତ ସମ୍ପନ୍ନ ହୋଇଥିଲା । ଏହି ବିବାହର କିଛିଦିନ ପରେ ତାଙ୍କ ପିତାଙ୍କ ବିୟୋଗ ଘଟିଥିଲା । ମାତ୍ର ୧୧ ବର୍ଷ ବୟସରେ ସତ୍ୟଭାମା ନିଜଶ୍ୱଶୁର ଘରର ସମସ୍ତ ଦାୟିତ୍ୱ ନିର୍ବାହ କରିଥିଲେ ।

ତିଳକ ୧୮୭୨ ମସିହାରେ ମାଟ୍ରିକ୍ୟୁଲେସନ୍ ପାଶ କଲେ କିନ୍ତୁ ମାତ୍ର ୧୬ ବର୍ଷ ବୟସରେ ସେ ଡେକାନ କଲେଜରୁ ୧୮୭୬ ମସିହାରେ ଗଣିତ ଶାସ୍ତ୍ରରେ ପ୍ରଥମ ଶ୍ରେଣୀରେ ବିଏ ପାଶ କରିଥିଲେ । ଧନୀ ହୋଇ କ୍ଷମତା ଉପଭୋଗ କରିବା ତାଙ୍କ ଜୀବନର ଲକ୍ଷ୍ୟ ନଥିଲା, ତାଙ୍କର ମୂଳ ଲକ୍ଷ୍ୟ ଥିଲା ବିଦେଶୀ କବଳରୁ ଦେଶ କିପରି ସ୍ୱାଧୀନତା ଲାଭ କରିବ । ସେ ଭାବୁଥିଲେ ଭାରତର ଦୁର୍ଦ୍ଦଶାର ମୂଳ କାରଣ ଅଶିକ୍ଷା ଓ କୁସଂସ୍କାର । ତେଣୁ ସେ ଭାରତୀୟମାନଙ୍କୁ ଆଧୁନିକ ଶିକ୍ଷାଲାଭ ଦେବା ପାଇଁ ଚେଷ୍ଟା କରିଥିଲେ, ଯାହା ସାମାଜିକ କୁସଂସ୍କାରରୁ ମୁକ୍ତିଦେବ । କଲେଜ ବେଳର ବନ୍ଧୁ ଅଗରକରଙ୍କ ସହ ମିଶି ଏହି ଉଦ୍ଦେଶ୍ୟକୁ ଚିରତାର୍ଥ କରିବା ପାଇଁ ୧୮୮୦ ମସିହାରେ ଗୋଟିଏ ବିଦ୍ୟାଳୟ ସ୍ଥାପନ କରିଥିଲେ । ଏହି ଅନୁଷ୍ଠାନର ନାମକରଣ ହୋଇଥିଲା 'ନିୟୁ ଇଂଲିସ ସ୍କୁଲ', ଯାହା 'ଡେକାନ ଏଡୁକେଶନ ସୋସାଇଟି' ସହିତ ସଂଯୁକ୍ତ ହୋଇଥିଲା । ଏହି ବିଦ୍ୟାଳୟର ଖ୍ୟାତି ଦିନକୁ ଦିନ ବଢିବାକୁ ଲାଗିଲା ଓ ଶହ ଶହ ଛାତ୍ର ଆସି ଏଠାରେ ଅଧ୍ୟୟନ କଲେ । ଫଳରେ ଅନୁଷ୍ଠାନର ଆୟ ବଢିବାକୁ ଲାଗିଲା । ଏଇ ଭିତରେ ତିଳକ ଲକ୍ଷ୍ୟ କଲେ ତାଙ୍କର ବନ୍ଧୁମାନଙ୍କ ମଧ୍ୟରୁ ଅନେକ ଅର୍ଥଲୋଭୀ ହୋଇଗଲେଣି । ସେମାନେ ଅନୁଷ୍ଠାନର ଆଦର୍ଶକୁ ଜଳାଞ୍ଜଳି ଦେଇ ସ୍ୱାର୍ଥପରାୟଣ ହୋଇଗଲେ ଫଳରେ ତିଳକ ସେମାନଙ୍କୁ ସମାଲୋଚନା କରିବାକୁ ତିଳେମାତ୍ର ସଙ୍କୋଚ ବୋଧ କରିନଥିଲେ । ତାଙ୍କ ବନ୍ଧୁମାନେ ତାଙ୍କୁ ତ୍ୟାଗ କଲେ, ଅଗରକରଙ୍କ ସହିତ ତାଙ୍କ ସମ୍ପର୍କ ତିକ୍ତ ହୋଇଉଠିଲା । ଗୋପାଳକୃଷ୍ଣ ଗୋଖଲେ ତାଙ୍କ ଉପରେ ଅସନ୍ତୁଷ୍ଟ ହେଲେ ଫଳରେ ୧୮୯୦ ମସିହାରେ ସେ ନିଜ ହାତରେ ଗଢିଥିବା ଅନୁଷ୍ଠାନରୁ ଇସ୍ତଫା ଦେଲେ । ସେ ନିଜ ଜୀବଦ୍ଦଶାରେ ଦୁଇଟି ପତ୍ରିକା କାଢ଼ିଥିଲେ ଯାହାହେଲା ମରାଠୀ ଭାଷାରେ 'ମରାଠା' ଓ ଇଂରାଜୀ ଭାଷାରେ 'କେଶରୀ'। ଡେକାନ ସୋସାଇଟି ସହ ସମ୍ପର୍କ ଛିନ୍ନ ହେବା ପରେ ସେ ପୂର୍ଣ୍ଣ ସମୟ ପତ୍ରିକା କର୍ଯ୍ୟରେ ନିଜକୁ ନିୟୋଜିତ କରିଥିଲେ । ଏହି ପତ୍ରିକା ମାଧ୍ୟମରେ ସେ ଜନସାଧାରଣଙ୍କ ମଧ୍ୟରେ ରାଜନୈତିକ ଚେତନା ସୃଷ୍ଟି କରିବା ସହ ଇଂରେଜ ସରକାର ବିରୁଦ୍ଧରେ ସ୍ୱର ଉତ୍ତୋଳନ, ସାମାଜିକ କୁସଂସ୍କାର ଦୂରକରିବା ଉପରେ ଗୁରୁତ୍ୱ ଦେଇଥିଲେ । ରାଜା ଓ ଜମିଦାରଙ୍କ ଦାଉରୁ କୃଷକମାନେ କିପରି ଉଦ୍ଧାର ପାଇବେ ସେ ସେହି ପତ୍ରିକା ମାଧ୍ୟମରେ ଜନସଚେତନତା ସୃଷ୍ଟି କରିଥିଲେ ।

ଜଣେ ବିଦ୍ୱାନ ବ୍ୟକ୍ତି ଭାବରେ ସେ ବେଦ, ଉପନିଷଦ୍ ଓ ଭଗବତ୍ ଗୀତା ପ୍ରଭୃତିକୁ ଗଭୀର ଭାବରେ ଅଧ୍ୟୟନ କରିବା ସହ ସାଂସ୍କୃତିକ ଜାଗରଣ ଓ ଦେଶଭକ୍ତିର ପ୍ରସାର ପାଇଁ 'ଗଣପତି ଉତ୍ସବ' ଓ 'ଶିବାଜୀ ଜୟନ୍ତୀ' ଆରମ୍ଭ କରିଥିଲେ। ଜଣେ ଜନସେବକ ଭାବରେ ୧୮୯୭ ମସିହାରେ ପୁନେଠାରେ ବ୍ୟାପିଥିବା ପ୍ଲେଗ ରୋଗକୁ ସରକାର ସେତେଟା ଗୁରୁତ୍ୱ ଦେଇନଥିଲେ । ସେ ସମୟରେ ସେଠାରେ 'ର୍ୟାଣ୍ଡ' ନାମକ ଜଣେ ପୋଲିସ୍ କମିଶନରଙ୍କୁ ପ୍ଲେଗ ନିରାକରଣ ସମିତିର ମୁଖ୍ୟ ଭାବରେ ସରକାର ଦାୟିତ୍ୱ ଦେଇଥିଲେ । ର୍ୟାଣ୍ଡ ଜଣେ ନିଷ୍ଠୁର, ଅତ୍ୟାଚାରୀ ପ୍ରକୃତିର ଲୋକ ଥିଲେ । ସେ ରୋଗୀମାନଙ୍କୁ ସାହାଯ୍ୟ କରିବା ବଦଳରେ ତାଚ୍ଛଲ୍ୟ କରୁଥିଲେ । ପୋଲିସ କର୍ମଚାରୀମାନେ ସ୍ୱଚ୍ଛତା ନାଁରେ ଘରେ ପଶି ମହିଳାମାନଙ୍କୁ ଖରାପ ବ୍ୟବହାର କରୁଥିଲେ । ଏଭଳି ଅତ୍ୟାଚାରର ଶିକାର ହୋଇ ଜଣେ ଯୁବକ ଉତ୍ୟକ୍ତ ହୋଇ ର୍ୟାଣ୍ଡଙ୍କୁ ଗୁଳିକରି ହତ୍ୟା କଲା । ଇଂରେଜମାନେ ଭାବିଲେ ତିଳକଙ୍କ ଉତ୍ତେଜନାମୂଳକ ଲେଖା ଯୁବକମାନଙ୍କୁ ପ୍ରଭାବିତ କରିବାରୁ ଜଣେ ଯୁବକ ଅଫିସରଙ୍କୁ ଗୁଳିକରି ହତ୍ୟା କଲା । ଏହା ପୂର୍ବରୁ ତିଳକ ନିଜର 'କେଶରୀ' ପତ୍ରିକାରେ ର୍ୟାଣ୍ଡଙ୍କୁ ସମାଲୋଚନା କରି ଲେଖିଥିଲେ ଯାହା ଥିଲା **"A dubious, mad,racist, arrogant and abusive officer like Rand has been let loose on the people by the Bombay Government."**

ଏଣୁ ସରକାର ଭାବିନେଲେ ଯେ ଏହି ହତ୍ୟାକାଣ୍ଡ ପାଇଁ ତିଳକ ଦାୟୀ। ତେଣୁ ଦେଶଦ୍ରୋହ ଅଭିଯୋଗରେ ତାଙ୍କୁ ଗିରଫ କରାଗଲା ଏବଂ ତାଙ୍କର ବିଚାର ୧୮୯୭ ସେପ୍ଟେମ୍ବର ୯ ତାରିଖରୁ ଆରମ୍ଭ ହେଲା ଏବଂ ତିଳକଙ୍କୁ ୧୮ ମାସର ଜେଲଦଣ୍ଡର ରାୟ ଘୋଷଣା ହେଲା । ଜନସାଧାରଣ ଉତ୍ତେଜିତ ହୋଇଉଠିଲେ, ଏହା ବିରୁଦ୍ଧରେ ସର୍ବତ୍ର ପ୍ରତିବାଦର ସ୍ୱର ଶୁଣାଗଲା । ତିଳକଙ୍କ ମୁକ୍ତିପାଇଁ 'ତିଳକ ଫଣ୍ଡ' ଗଠନ କରାଗଲା। ଜର୍ମାନ ପ୍ରଫେସର ମାକ୍ସମୁଲାର ଓ ବିଶିଷ୍ଟ ନେତା ଦାଦାଭାଇ ନାରୋଜୀ ପ୍ରଭୃତି ଇଂଲଣ୍ଡର ରାଣୀଙ୍କୁ ତିଳକଙ୍କ ମୁକ୍ତିପାଇଁ ସ୍ମାରକପତ୍ର ପ୍ରଦାନ କରିଥିଲେ । ପ୍ରବଳ ଚାପ ପଡିବାରୁ ଚାପର ବଶବର୍ତ୍ତୀ ହୋଇ ୧୮୯୮ ସପ୍ଟେମ୍ବର ମାସ ୬ ତାରିଖରେ ନିଃସର୍ତ୍ତ ଭାବରେ ତିଳକଙ୍କୁ ଖଲାସ କରାଗଲା । ୧୮୯୮ ମସିହାରେ ତିଳକ ଜାତୀୟ କଂଗ୍ରେସରେ ଯୋଗ ଦେଇଥିଲେ । କିନ୍ତୁ ସେ ଥିଲେ ଜଣେ ଚରମପନ୍ଥୀ ନେତା । **'ବାଲ, ପାଲ ଲାଲ' ଅର୍ଥାତ ବାଲଗଙ୍ଗାଧର ତିଳକ, ବିପିନ ବିହାରୀ ପାଲ ଓ ଲାଲା ଲଜପତ ରାୟ ଥିଲେ ଚରମପନ୍ଥୀ ଗୋଷ୍ଠୀର । ସେମାନେ ଚାହୁଁଥିଲେ ପୂର୍ଣ୍ଣ ସ୍ୱରାଜ୍ୟ ଏବଂ ଇଂରେଜ ସରକାର ବିରୁଦ୍ଧରେ ସାଲିସ ବିହୀନ ସଂଗ୍ରାମ । ୧୯୦୫ ମସିହାରେ ଯେତେବେଳେ ବଙ୍ଗ ବିଭାଜନ ହେଲା ସେତେବେଳେ ଦେଶବାସୀ ଇଂରେଜ ସରକାର ବିରୁଦ୍ଧରେ ଅଧିକ ଉଗ୍ର ହୋଇ ଉଠିଥିଲେ । ତିଳକ ଥିଲେ ସେମାନଙ୍କ ପାଇଁ ପ୍ରେରଣାର ଉତ୍ସ ।**

ବାଲ ଗଙ୍ଗାଧର ତିଳକ ଭାରତବର୍ଷର ସାମାଜିକ, ରାଜନୈତିକ ଓ ସାଂସ୍କୃତିକ ଭଳି ବିଭିନ୍ନ କ୍ଷେତ୍ରରେ ପ୍ରଭାବ ବିସ୍ତାର କରିଥିଲେ । ତାଙ୍କର ରାଜନୈତିକ ବିଚାରଧାରା ଇଂରେଜ ସରକାରଙ୍କୁ ବିଚଳିତ କରିଦେଇଥିଲା। ଇଂରେଜ ସରକାର ସ୍ଥିର କଲେ ଯେ ତିଳକଙ୍କ ବିରୁଦ୍ଧରେ କଠୋର ପଦକ୍ଷେପ ନେବାକୁ ପଡିବ । ଠିକ୍ ଏହି ସମୟରେ ଜଣେ ନିଷ୍ଠୁର ବ୍ରିଟିଶ ଅଧିକାରୀକୁ ମାରିବା ପାଇଁ କିଛି ଯୁବକ ବୋମା ଫିଙ୍ଗିଥିଲେ ମାତ୍ର ଦୁର୍ଭାଗ୍ୟକୁ ଦୁଇଜଣ ଇଂରେଜ ମହିଳାଙ୍କ ମୃତ୍ୟୁ ଘଟିଥିଲା । ଏଥିପାଇଁ ଖୁଦିରାମ ଫାସୀ ପାଇଥିଲେ । କିନ୍ତୁ ସରକାର ଅନୁଭବ କଲେ ତିଳକଙ୍କ ଚିନ୍ତାଧାରା ଏବଂ ତାଙ୍କ ଦ୍ୱାରା ପ୍ରକାଶିତ ପତ୍ରିକାରେ ବିଭିନ୍ନ ଲେଖା ବିଶେଷତଃ ଯୁବକମାନଙ୍କୁ ଉତ୍ତେଜିତ କରୁଛି । ତେଣୁ ଦେଶଦ୍ରୋହ ଅଭିଯୋଗରେ ତାଙ୍କୁ ୧୯୦୮ ମସିହା ଜୁଲାଇ ୨୪ ତାରିଖ ଦିନ ଗିରଫ କରି 'ଡଙ୍ଗ୍ରି' ଜେଲରେ ରଖାଗଲା । ତାଙ୍କୁ ଜାମିନ ପ୍ରଦାନ ପାଇଁ ଏମ.ଏ.ଜିନ୍ନା ବିଚାରପତି ଡାଭରଙ୍କ ପାଖରେ ଦରଖାସ୍ତ କରିଥିଲେ । ମାତ୍ର ଭାଗ୍ୟର ବିଡମ୍ବନା ଏହି ଯେ ଡାଭର ଓକିଲ ଥିଲାବେଳେ ତିଳକଙ୍କ ଜାମିନ୍ ପାଇଁ ଆଗରୁ ଥରେ ଦରଖାସ୍ତ ଦେଇଥିଲେ ।

ତିଳକଙ୍କ ବିଚାର ପାଇଁ ଯେଉଁ ଜୁରୀ ଗଠନ କରା ଯାଇଥିଲା ସେଥିରେ ୭ ଜଣ ୟୁରୋପୀୟାନ୍ ଏବଂ ଦୁଇଜଣ ପାର୍ଶୀ ଥିଲେ । ତିଳକ ନିଜ ମକଦ୍ଦମା ନିଜେ ଲଢୁଥିଲେ । ତିଳକଙ୍କ 'କେଶରୀ' ପତ୍ରିକା ପ୍ରକାଶିତ ଦୁଇଟି ସମ୍ପାଦକୀୟ ଯାହାହେଲା **'The misfortune of the country'** ଅନ୍ୟଟି ଥିଲା **'These Remedies are not lasting'** ସେଥିପାଇଁ ତିଳକ ଦଣ୍ଡ ପାଇବା ଦରକାର ବୋଲି ସରକାରୀ ଓକିଲ ଯୁକ୍ତି ବାଢିଥିଲେ । ତିଳକ ନିଜ ସପକ୍ଷରେ ବଳିଷ୍ଠ ପ୍ରମାଣ ଦେଇଥିଲେ । ସେ ସମ୍ମାନ ଓ ମର୍ଯ୍ୟାଦାର ସହ ଯୁକ୍ତି ବାଢିଥିଲେ ତାଙ୍କର ବକ୍ତବ୍ୟ ନିଜ ପାଇଁ ନୁହେଁ ଦେଶବାସୀଙ୍କ ପାଇଁ । ତେବେ ବିଚାର ନିରପେକ୍ଷ ନଥିଲା, ତିଳକଙ୍କୁ ଦୋଷୀ ସାବ୍ୟସ୍ତ କରାଗଲା । କଣ ରାୟ ମିଳିବ ତିଳକ ଆଗରୁ ଜାଣିଥିଲେ , ତେଣୁ ସେ ତାଙ୍କର ବନ୍ଧୁମାନଙ୍କୁ କହିଥିଲେ 'ଆସନ୍ତୁ ଆଜି ଏକାଠି ବସି ଚା' ପିଇବା, ମୁଁ ଜାଣିଛି ମୋତେ ଜେଲ ଜିବାକୁ ପଡିବ । ତିଳକଙ୍କୁ ଯେତେବେଳେ ବିଚାରପତି ପଚାରିଥିଲେ ତାଙ୍କର କିଛି କହିବାର ଅଛି କି? ତିଳକ ଏହାର ଉତ୍ତରରେ କହିଥିଲେ " ମୁକ୍ତି ବରିବାଠାରୁ ନିର୍ଯାତନା ଭୋଗ କରିବାକୁ ଚାହେଁ ବୋଲି କହିଥିଲେ ।". ତିଳକ ଜଣେ ନିର୍ଭୀକ ବ୍ୟକ୍ତି ଥିଲେ । ଜିନ୍ନା ତାଙ୍କର ଓକିଲ ହୋଇ ମୋକଦ୍ଦମା ଲଢ଼ିବାକୁ ଚାହିଁଥିଲେ ମାତ୍ର ତିଳକ ଏହାକୁ କୋର୍ଟରେ ପ୍ରତ୍ୟାଖାନ କରିଥିଲେ । କୋର୍ଟରେ ଦେଶବାସୀଙ୍କ ଭାବାବେଗକୁ ସମର୍ଥନ କରି ସେ କହିଥିଲେ, 'ଯେ ପର୍ଯ୍ୟନ୍ତ ଦେଶ ସ୍ୱାଧୀନତା ଲାଭ ନକରିଛି, ସେ ପର୍ଯ୍ୟନ୍ତ ଏଭଳି ହିଂସାତ୍ମକ କାଣ୍ଡ ଘଟିବା ସ୍ୱାଭାବିକ ।' ତିଳକଙ୍କ ପ୍ରତି ଗାନ୍ଧିଜୀଙ୍କର ମଧ୍ୟ ଗଭୀର ଭକ୍ତି ଥିଲା ।

**ଖୋର୍ଦ୍ଧା, ମୋ-୮୮୯୫୫ ୪୭୪୯୦**

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଧନଖଡଙ୍କ...

ଜଗଦୀପ ଧନଖଡଙ୍କୁ ବ୍ୟକ୍ତିଗତ ଭାବେ କୁହାଯାଇନଥିଲା। ଯାହା ତାଙ୍କୁ ଖରାପ ଲାଗିଥାଇପାରେ ବୋଲି କୁହାଯାଉଛି। ତେବେ ଅପରାହ୍ନ ୧ ଟାରୁ ୪.୩୦ ମିନିଟ୍ ମଧ୍ୟରେ କ'ଣ ଘଟିଲା ତାହା ଉପରେ ଏବେ ଚର୍ଚ୍ଚା ଆରମ୍ଭ ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶ୍ରୀ ଧନଖଡଙ୍କ ଇସ୍ତଫା ଉପରେ ନିଜର ପ୍ରତିକ୍ରିୟା ସୋସିଆଲ ମିଡିଆରେ ଉଲ୍ଲେଖ କରିଛନ୍ତି। ସେ ଉଲ୍ଲେଖ କରିଛନ୍ତି ଯେ ଶ୍ରୀ ଧନଖଡଙ୍କୁ ଦେଶର ସେବା କରିବା ପାଇଁ ଅନେକ ସୁଯୋଗ ବିଭିନ୍ନ ପଦପଦବୀ ମାଧ୍ୟମରେ ଦିଆଯାଇଛି। ସେ ମଧ୍ୟ ଭାରତର ଉପ-ରାଷ୍ଟ୍ରପତି ଥିଲେ। ମୁଁ ତାଙ୍କର ଉତ୍ତମ ସ୍ୱାସ୍ଥ୍ୟ କମନା କରୁଛି।

ଆଉ ଏକ ଆଲୋଚନା ଅନୁଯାୟୀ ବିରୋଧୀଙ୍କ ପକ୍ଷରୁ ଦିଆଯାଇଥିବା ଜଷ୍ଟିସ୍ ବର୍ମାଙ୍କ ବିରୋଧରେ ଦିଆଯାଇଥିବା ମହାଅଭିଯୋଗ ପ୍ରସ୍ତାବ ଆଲୋଚନା ହୋଇଥିଲେ ସରକାରଙ୍କୁ ବିରୋଧୀ ଘେରିବାକୁ ସୁଯୋଗ ପାଇଥାନ୍ତେ । ଯାହା ତାଙ୍କ ଇସ୍ତଫାର ଅନ୍ୟ ଏକ କାରଣ ବୋଲି କୁହାଯାଉଛି। କଂଗ୍ରେସ ପକ୍ଷରୁ କୁହାଯାଇଛି ଯେ ସେ ସମ୍ପୂର୍ଣ୍ଣ ସୁସ୍ଥ ଅଛନ୍ତି ଏବଂ ରାଜ୍ୟସଭାକୁ ଏକ ସୁସ୍ଥ ମାନସିକ ସ୍ଥିତି ନେଇ ଆସିଥିଲେ। ମାତ୍ର ଅପରାହ୍ନରେ ଯାହା ଘଟିଲା ତାହା ତାଙ୍କୁ ବାଧିଥିଲା ବୋଲି କଂଗ୍ରେସ ସାଂସଦ ବିବେକ ଟାଙ୍କା କହିଛନ୍ତି। କାର୍ଯ୍ୟ ପରାମର୍ଶଦାତା କମିଟିକୁ ଦୁଇ ମନ୍ତ୍ରୀ ନ ଆସିବା ଓ ତାଙ୍କୁ ଆଗୁଆ ସୂଚନା ନ ଦେବା ହୁଏତ ତାଙ୍କ ପଦବୀର ପ୍ରତିଷ୍ଠାକୁ ବାଧିଥାଇପାରେ ବୋଲି କୁହାଯାଉଛି। ଆଉ କେତେକଙ୍କ ମତରେ ରାଜ୍ୟସଭାରେ ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନେ ଖଡଗେଙ୍କୁ ସେ କହିବାକୁ ସୁଯୋଗ ଦେଇଥିଲେ। ଯାହା ଉପରେ କେନ୍ଦ୍ରମନ୍ତ୍ରୀ ଜେପି ନଡ୍ଡା ପ୍ରତିକ୍ରିୟା ରଖିଥିଲେ। ସେ ସ୍ପଷ୍ଟଭାବେ କହିଥିଲେ ଯେ ଯିଏ ଯାହା କହୁଛି ରେକର୍ଡ ହେବନାହିଁ। କେବଳ ମୋରି କଥା ରେକର୍ଡ ହେବ। ଏଭଳି କହିବା ଅଧିକାର ତାଙ୍କର ନାହିଁ। ଏ ନିଷ୍ପତ୍ତି ରାଜ୍ୟସଭା ଅଧ୍ୟକ୍ଷଙ୍କର ବୋଲି ଚର୍ଚ୍ଚା ହେଉଛି।

## ଦିନକରେ...

ଖୋର୍ ସରକାରୀ ଅଧିକାରୀଙ୍କୁ ଚାକିରୀରୁ ବହିଷ୍କାର କରିଛନ୍ତି। ଏହା ପୂର୍ବରୁ ଆଜି ଯାଜପୁର ଜିଲ୍ଲା ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ପୂର୍ବତନ ମେଡିକାଲ ଅଫିସର ଡାକ୍ତର କରୁଣାକର ରାଉତଙ୍କୁ ବହିଷ୍କାର କରିଥିଲେ ।

## ୧୪୪ ମାମଲାରେ...

ଏବଂ ସମ୍ପୃକ୍ତ ଅଧିକାରୀଙ୍କ ଶୁଣାଣି ପରେ ଆୟୋଗ ୩୮ଟି ମାମଲା ବନ୍ଦ କରିଛନ୍ତି । ଏହା ସହିତ, ଆୟୋଗଙ୍କ ସୁପାରିସ ଅନୁଯାୟୀ ସମ୍ପୃକ୍ତ ଅଧିକାରୀମାନେ ଦେୟ ପ୍ରମାଣ ସହିତ ଅନୁପାଳନ ରିପୋର୍ଟ ଦାଖଲ କରିବା ପରେ ତିନୋଟି ମାମଲା ବନ୍ଦ କରାଯାଇଛି । "ପିଡ଼ିତ କ୍ଷତିପୂରଣ ଯୋଜନା' ଅଧୀନରେ ୨୫ଟି ମାମଲାରେ ୧ କୋଟି ଟଙ୍କାର କ୍ଷତିପୂରଣ ରାଶି ବାକି ରହିଛି ବୋଲି ଆୟୋଗ ଜାଣିବାକୁ ପାଇଥିଲେ । ଏନେଇ ରାଜ୍ୟ ଆଇନ ସେବାର ସଦସ୍ୟ ସଚିବଙ୍କ ସହ ଆଲୋଚନା କରାଯାଇଥିଲା ଏବଂ କ୍ଷତିପୂରଣ ପ୍ରଦାନ ପରେ ମାମଲାଗୁଡ଼ିକର ସମାଧାନ ସୁନିଶ୍ଚିତ ହୋଇଥିଲା ।

ବିଭିନ୍ନ ମାମଲାରେ ଉପଯୁକ୍ତ ନିର୍ଦ୍ଦେଶ ଦିଆଯାଇଥିଲା । ସାମାଜିକ କଲ୍ୟାଣ ଯୋଜନା ଅଧୀନରେ ଜଣେ ବରିଷ୍ଠ ଆଦିବାସୀ ମହିଳାଙ୍କୁ ଭତ୍ତା, ୧୫,୦୦୦ ଟଙ୍କାର ମଧ୍ୟବର୍ତ୍ତୀକାଳୀନ ସହାୟତା ଏବଂ ଅନ୍ୟାନ୍ୟ ସାମାଜିକ କଲ୍ୟାଣ ସୁବିଧା ପ୍ରଦାନ କରିବାକୁ ଆୟୋଗ ନିର୍ଦ୍ଦେଶ ଦେଇଥିଲେ । ବିଭିନ୍ନ ମାମଲାରେ ପୁଲିସ ତଦନ୍ତ ତ୍ୱରାନ୍ୱିତ କରିବା ଏବଂ କୋର୍ଟରେ ଚାର୍ଜସିଟ୍ ଦାଖଲ କରିବାକୁ କୁହାଯାଇଥିଲା । ଗୋଟିଏ ବିପଦପୂର୍ଣ୍ଣ ବାଣ କାରଖାନାରେ କାମ କରୁଥିବା ସମୟରେ ମୃତ୍ୟୁବରଣ କରିଥିବା ପାଞ୍ଚ ଜଣ ଶ୍ରମିକଙ୍କ ନିକଟ ସମ୍ପର୍କୀୟଙ୍କୁ ୪ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ ଲାଗି ମଧ୍ୟ ନିର୍ଦ୍ଦେଶ ଦିଆଯାଇଥିଲା ।

ଶୁଣାଣି ପରେ ଆୟୋଗ ରାଜ୍ୟର ମୁଖ୍ୟ ସଚିବ, ପୁଲିସ ମହାନିର୍ଦ୍ଦେଶକ ଏବଂ ଓଡ଼ିଶା ସରକାରଙ୍କ ବରିଷ୍ଠ ଅଧିକାରୀଙ୍କ ସହିତ ମାନବାଧିକାରର ବିଭିନ୍ନ ଦିଗ ଉପରେ ଏକ ବୈଠକ କରିଥିଲେ । ମାନସିକ ସ୍ୱାସ୍ଥ୍ୟ, ଗୋଡି ଖଟିବା, ଖାଦ୍ୟ ଓ ସୁରକ୍ଷା ଅଧିକାର ଇତ୍ୟାଦି ପ୍ରସଙ୍ଗରେ ଆୟୋଗଙ୍କ ଦ୍ୱାରା ଜାରି କରାଯାଇଥିବା ବିଭିନ୍ନ ପରାମର୍ଶ ଉପରେ କାର୍ଯ୍ୟାନୁଷ୍ଠାନ ରିପୋର୍ଟ ଦାଖଲ କରିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । ମାନବାଧିକାର ଉଲ୍ଲଂଘନର ପୀଡିତମାନଙ୍କୁ ନ୍ୟାୟ ପ୍ରଦାନ କରିବା ପାଇଁ ଆୟୋଗଙ୍କ ନିକଟରେ ସମୟସୀମା ମଧ୍ୟରେ ରିପୋର୍ଟ ଦାଖଲ କରିବାକୁ ସେମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । ମୁଖ୍ୟ ସଚିବ ଏହାର ପୂର୍ଣ୍ଣ ଅନୁପାଳନ ପାଇଁ ପ୍ରତିଶ୍ରୁତି ଦେଇଥିଲେ ।

ଶେଷରେ ଆୟୋଗ ନାଗରିକ ସମାଜର ପ୍ରତିନିଧି, ଏନଜିଓ ଏବଂ ମାନବାଧିକାର କର୍ମୀ ଓ ରକ୍ଷାକାରୀ ସଂସ୍ଥାଗୁଡ଼ିକର ପଦାଧିକାରୀଙ୍କ ସହିତ ମଧ୍ୟ ଆଲୋଚନା କରିଥିଲେ । ମାନବାଧିକାର ଶିକ୍ଷା, ପୁଲିସ ସଂସ୍କାର, ଶିକ୍ଷା ଓ ପରିଚୟ ପତ୍ର ସମସ୍ୟା ସମ୍ପର୍କରେ ତୃତୀୟ ଲିଙ୍ଗଙ୍କ ସମସ୍ୟା ଇତ୍ୟାଦି ବିଭିନ୍ନ ପ୍ରସଙ୍ଗ ଉପରେ ମାନବାଧିକାର କର୍ମୀମାନେ ଆଲୋକପାତ କରିଥିଲେ । ଏନଏଚଆରସି ଅଧ୍ୟକ୍ଷ ନ୍ୟାୟମୂର୍ତ୍ତି ଶ୍ରୀ ଭି. ରାମସୁବ୍ରମଣ୍ୟନ୍ କହିଥିଲେ, ଆୟୋଗ ସହିତ ଏନଜିଓ ଏବଂ ମାନବାଧିକାର ରକ୍ଷାକାରୀ ସଂସ୍ଥାଗୁଡ଼ିକର ନିରନ୍ତର ସହଭାଗୀତା ଦେଶରେ ମାନବାଧିକାରକୁ ସୁଦୃଢ଼ କରିବାରେ ବହୁତ ସାହାଯ୍ୟ କରିବ । ସେମାନଙ୍କୁ ଏହା ମଧ୍ୟ ସୂଚନା ଦିଆଯାଇଥିଲା ଯେ ସେମାନେ ଅନଲାଇନ୍ ମାଧ୍ୟମରେ ମାନବାଧିକାର ଉଲ୍ଲଂଘନର ଅଭିଯୋଗ ଦାଖଲ କରିପାରିବେ । କ୍ଷେତ୍ରସ୍ତରରେ ମାନବାଧିକାରୀଙ୍କୁ ଆକ୍ରମଣ ପ୍ରସଙ୍ଗ ଉଠାଇଥିବା ବେଳେ ଏହାକୁ ଗ୍ରହଣ କରିଥିଲେ ଆୟୋଗ । ରାଜ୍ୟରେ ସେମାନଙ୍କର କାର୍ଯ୍ୟକୁ ପ୍ରଶଂସା କରିବା ସହିତ ଭୟ କିମ୍ବା ପକ୍ଷପାତିତା ବିନା ଏପରି କରିବାକୁ ସେମାନଙ୍କୁ ଉତ୍ସାହିତ କରିଥିଲେ ।

## ଚାଲିପାରିଲାନି...

କରାଯାଇଥିଲା। ବିରୋଧୀ ଏହାକୁ ଜାରି ରଖିଥିଲେ। ଲୋକସଭାର ମଧ୍ୟଭାଗରେ ବିରୋଧୀ ସଦସ୍ୟମାନେ ବିହାରର ଏସଆଇଆର ପ୍ରକ୍ରିୟାକୁ ନେଇ ଆଲୋଚନା ଦାବି କରିଥିଲେ। ଚଳିତବର୍ଷ ନିର୍ବାଚନ ଥିବାରୁ ନିର୍ବାଚନ କମିଶନ କାହିଁକି ଏଭଳି କଲେ ବୋଲି ସେମାନେ ପ୍ରଶ୍ନ କରିଥିଲେ। ଫଳରେ ଗୃହକୁ ମୁଲତବୀ ରଖାଯାଇଥିଲା। କେନ୍ଦ୍ର ଆଇନମନ୍ତ୍ରୀ ଅର୍ଜୁନରାମ ମେଘୱାଲ କହିଛନ୍ତି ଯେ ବାଚସ୍ପତି ନିୟମ ଅନୁଯାୟୀ ଆଲୋଚନା ଲାଗି ଅନୁମତି ଦେଇଛନ୍ତି। ତେଣୁ ବିରୋଧୀ ସଦସ୍ୟମାନେ ନିଜ ନିଜ ଆସନକୁ ଯାଆନ୍ତୁ। ହଟ୍ଟଗୋଳ ଜାରି ରହିବାରୁ ଗୃହକୁ ମୁଲତବୀ ରଖାଯାଇଛି।

## ୧୧ ବ୍ଲକ୍..

ସାମିଲ କରିବା ପାଇଁ ନୀତି ଆୟୋଗକୁ ଅନୁରୋଧ କରିଥିଲେ । ମୁଖ୍ୟମନ୍ତ୍ରୀଙ୍କ ଅନୁରୋଧକୁ ଗ୍ରହଣ କରି ନୀତି ଆୟୋଗ ଏହି ବ୍ଲକ ଗୁଡିକୁ ଆକାଂକ୍ଷୀ ଯୋଜନାରେ ସାମିଲ କରିଛି ।

ଯେଉଁ ନୂତନ ବ୍ଲକ ଗୁଡ଼ିକ ଆକାଂକ୍ଷୀ ଯୋଜନାରେ ସାମିଲ ହେଲା, ସେଗୁଡ଼ିକ ହେଉଛି କେନ୍ଦୁଝର ଜିଲ୍ଲାର ଚମ୍ପୁଆ, ଝୁମ୍ପୁରା, କେନ୍ଦୁଝରସଦର, ପାଟଣା ଓ ତେଲକୋଇ ଏବଂ ମୟୂରଭଞ୍ଜ ଜିଲ୍ଲାର ବହଳଦା, ବିଜାତଳା, ଜାମଡ଼ା, କୁସୁମୀ, ରାଇରଙ୍ଗପୁର ଓ ତିରିଙ୍ଗ । ନୀତି ଆୟୋଗ ପକ୍ଷରୁ ଏ ସମ୍ପର୍କିତ ବିଜ୍ଞପ୍ତି ଆଜି ପ୍ରକାଶ ପାଇଛି । ସୂଚନାଯୋଗ୍ୟ ଯେ, ଆକାଂକ୍ଷୀ ବ୍ଲକ କାର୍ଯ୍ୟକ୍ରମରେ କେନ୍ଦ୍ର ଓ ରାଜ୍ୟ ଯୋଜନା ଗୁଡ଼ିକ ସମ୍ମିଳିତ ଭାବେ କାର୍ଯ୍ୟକାରୀ କରାଯାଇ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିକାଶ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରାଯାଉଛି। ସାମାଜିକ ଓ ଅର୍ଥନୈତିକ କ୍ଷେତ୍ରର ବିଭିନ୍ନ ସୂଚକାଙ୍କରେ ବ୍ଲକମାନଙ୍କ ମଧ୍ୟରେ ର୍‍ୟାଙ୍କିଙ୍ଗ କରାଯାଇ ବିକାଶ ପାଇଁ ପ୍ରତିଯୋଗୀତାମୂଳକ ପରିବେଶ ସୃଷ୍ଟି କରାଯାଉଛି। ଏହାଦ୍ୱାରା ଏହି ଅଞ୍ଚଳ ଗୁଡ଼ିକରେ ବିକାଶ ତ୍ୱରାନ୍ୱିତ ହୋଇପାରୁଛି ।

## ୪୮ ଆଇଏଏସ୍‌ଙ୍କ...

ସେହିଭଳି ଡି ପ୍ରଶାନ୍ତ କୁମାର ରେଡ୍ଡୀଙ୍କୁ କ୍ଷୁଦ୍ର ଓ ମଧ୍ୟମ ଶିଳ୍ପର କମିଶନର ତଥା ସଚିବ ଭାବେ ନିଯୁକ୍ତି ଦିଆଯାଇଥିବାବେଳେ ଇନ୍ଦ୍ରମଣି ତ୍ରିପାଠୀଙ୍କୁ ଫ୍ୟାକ୍ଟ୍ରି ଆଣ୍ଡ ବଏଲରର ଅତିରିକ୍ତ ଦାୟିତ୍ୱ ମିଳିଛି। ମନୀଶ ଅଗ୍ରୱାଲାଙ୍କୁ ଏସଆରସି ଭାବେ ନିଯୁକ୍ତି ଦିଆଯାଇଥିବାବେଳେ ସଂଗ୍ରାମ କେଶରୀ ମହାପାତ୍ରଙ୍କୁ ଦକ୍ଷିଣାଞ୍ଚଳ ଆରଡିସି, ଦେବେନ କୁମାର ପ୍ରଧାନଙ୍କୁ ଓଏସବିସିଏଲର ଏମଡି, ବିଜୟ କୁମାର ଦାସଙ୍କୁ ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ସଚିବ, ସ୍ମୃତି ରଞ୍ଜନ ପ୍ରଧାନଙ୍କୁ ଜଙ୍ଗଲ ଓ ପରିବେଶ ବିଭାଗର ଅତିରିକ୍ତ ସଚିବ ଭାବେ ନିଯୁକ୍ତି ଦିଆଯାଇଛି। ରଘୁରାମ ଆର ଆୟରଙ୍କୁ କେନ୍ଦ୍ରାପଡା ଜିଲ୍ଲାପାଳ ଭାବେ ନିଯୁକ୍ତି ଦିଆଯାଇଥିବାବେଳେ ଚଞ୍ଚଳ ରାଣାଙ୍କୁ ଭୁବନେଶ୍ୱର ମହାନଗର ନିଗମର କମିଶନର ଭାବେ ନିଯୁକ୍ତି ମିଳିଛି। ସିଦ୍ଧାର୍ଥ ଶେଖର ସ୍ୱାଇଁଙ୍କୁ ପଞ୍ଚାୟତିରାଜ ନିର୍ଦ୍ଦେଶକ ଭାବେ ନିଯୁକ୍ତି ମିଳିଥିବାବେଳେ ଚକ୍ରବର୍ତ୍ତୀ ସିଂହ ରାଠୋରଙ୍କୁ ଓଡମାସର ସିଇଓ ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ଡ. ଏଦୁଲା ବିଜୟଙ୍କୁ କ୍ରୀଡା ବିଭାଗର ନିର୍ଦ୍ଦେଶକ ଭାବେ ନିଯୁକ୍ତି ଦିଆଯାଇଥିବାବେଳେ ଏନ୍ ପଟ୍ଟନାୟକଙ୍କୁ ଉଚ୍ଚଶିକ୍ଷା ବିଭାଗ ନିର୍ଦ୍ଦେଶକ, ଡ. ମହେଶ୍ୱର ସ୍ୱାଇଁଙ୍କୁ ନବରଙ୍ଗପୁର ଜିଲ୍ଲାପାଳ, ପରୁଲ ପଟାୱାରୀଙ୍କୁ ଏସଏସଇପିଡିର ନିର୍ଦ୍ଦେଶକ, ଏ ସୁନିଲ ନାରଭାଣେଙ୍କୁ ଶିଳ୍ପ ବିଭାଗ ନିର୍ଦ୍ଦେଶକ, ଅମ୍ରିତ ରତୁରାଜଙ୍କୁ ଖୋର୍ଦ୍ଧା ଜିଲ୍ଲାପାଳ, ମଧୁମିତା ରଥଙ୍କୁ ଗଣଶିକ୍ଷା ବିଭାଗର ଅତିରିକ୍ତ ସଚିବ, ସୁବ୍ରତ କୁମାର ପଣ୍ଡାଙ୍କୁ ମୃର୍ତ୍ତିକା ସଂରକ୍ଷଣର ନିର୍ଦ୍ଦେଶକ, ପ୍ରତାପ ଚନ୍ଦ୍ର ହୋତାଙ୍କୁ ହସ୍ତତନ୍ତ ଓ ବୟନ ବିଭାଗ ଅତିରିକ୍ତ ସଚିବ, ସାଗରିକା ହୋତାଙ୍କୁ ଅର୍ଥ ବିଭାଗର ଅତିରିକ୍ତ ସଚିବ, ଦିବ୍ୟଜ୍ୟୋତି ପଣ୍ଡାଙ୍କୁ ପୁରୀ ଜିଲ୍ଲାପାଳ ଓ ସୋମେଶ କୁମାର ଉପାଧ୍ୟାୟଙ୍କୁ ମାଲକାନଗିରି ଜିଲ୍ଲାପାଳ ଭାବେ ନିଯୁକ୍ତି ମିଳିଛି।

ପି. ଅନଭେଶ ରେଡ୍ଡୀଙ୍କୁ ଯାଜପୁର ଜିଲ୍ଲାପାଳ ଭାବେ ନିଯୁକ୍ତି ଦିଆଯାଇଥିବାବେଳେ ଆଶିସ୍ ଇଶ୍ୱର ପାଟିଲଙ୍କୁ ଢ଼େଙ୍କାନାଳ ଜିଲ୍ଲାପାଳ, ଡ. ଶୁଭଙ୍କର ମହାପାତ୍ରଙ୍କୁ ସୁନ୍ଦରଗଡ ଜିଲ୍ଲାପାଳ, କୀର୍ତ୍ତିବେଶନ ଘିଙ୍କୁ ଗଞ୍ଜାମ ଜିଲ୍ଲାପାଳ, ଅନ୍ୟା ଦାସଙ୍କୁ ସ୍ୱାସ୍ଥ୍ୟ ବିଭାଗର ଉପ-ସଚିବ, ମନୋଜ ସତ୍ୟବାନ ମହାଜନଙ୍କୁ କୋରାପୁଟ ଜିଲ୍ଲାପାଳ, ବେଦଭୂଷଣଙ୍କୁ କନ୍ଧମାଳ ଜିଲ୍ଲାପାଳ ଭାବେ ନିଯୁକ୍ତି ମିଳିଛି। କୁଲକର୍ଣ୍ଣି ଆଶୁତୋଷ ସିଙ୍କୁ ରାୟଗଡା ଜିଲ୍ଲାପାଳ ଭାବେ ବଦଳି କରାଯାଇଥିବାବେଳେ ମଧୁମିତାଙ୍କୁ ଗଜପତି ଜିଲ୍ଲାପାଳ, ଚବନ କୁନାଲ ମୋତିରାମଙ୍କୁ ଝାରସୁଗୁଡା ଜିଲ୍ଲାପାଳ, ବିଭୂତି ଭୂଷଣ ନାୟକଙ୍କୁ ବୌଦ୍ଧ ଜିଲ୍ଲାପାଳ, ଧୀନା ଦସ୍ତଗାରଙ୍କୁ ରାଉରକେଲାର ଅତିରିକ୍ତ ଜିଲ୍ଲାପାଳ, ରେହେନ ଖତରୀଙ୍କୁ ସମ୍ବଲପୁର ମହାନଗର ନିଗମର କମିଶନର, ରିନା ପ୍ରଧାନଙ୍କୁ କେନ୍ଦୁଝର ଡିଏଫଏମର ମୁଖ୍ୟ କାର୍ଯ୍ୟନିର୍ବାହୀ, କିରନଦୀପ୍ କୌର ସାହତାଙ୍କୁ କଟକ ମହାନଗର ନିଗମ କମିଶନର, ନୃପରାଜ ସାହୁଙ୍କୁ ସୋନପୁର ଜିଲ୍ଲାପାଳ ଓ ଅମ୍ବର କୁମାର ଦାସଙ୍କୁ ଯାଜପୁରର ଜିଲ୍ଲାପାଳ ଭାବେ ବଦଳି କରାଯାଇଛି।

## ମାଲକାନଗିରିରେ...

ଜଣା ପଡିଛି । ଫଳରେ ପୋଲିସ ଡ୍ରାଇଭର ସମେତ ମୋଟ ୪ ଜଣ ଅଭିଯୁକ୍ତଙ୍କୁ ଗିରଫ କରିବାରେ ସକ୍ଷମ ହୋଇଛି । ପୀଡିତା ନାବାଳକକୁ ଡାକ୍ତର ମାଇନା ପରେ ସ୍ଥାନୀୟ ଶକ୍ତି ସଦନ ଆଶ୍ରୟସ୍ଥଳୀରେ ରଖାଯାଇଛି । ବର୍ତ୍ତମାନ ପୀଡ଼ିତର ସ୍ୱାସ୍ଥ୍ୟ ଅବସ୍ଥା ସ୍ଥିର ରହିଛି । ସୁସ୍ଥ ହେଲା ପରେ ପରିବାରଙ୍କୁ ହସ୍ତାନ୍ତର କରାଯିବ ବୋଲି ପୋଲିସ କହିଛି । ପୀଡିତା ନାବାଳିକାର ମା'ଙ୍କ ଅଭିଯୋଗ ଆଧାରରେ ପୋଲିସ ଆଇପିସି ଓ ପୋକ୍ସୋ ଆଇନରେ ମାମଲା ରୁଜୁ କରିଛି । ଏହି ଘଟଣା ପ୍ରଘଟ ହେବା ପରେ ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲ ଓ କଂଗ୍ରେସର କର୍ମକର୍ତ୍ତାମାନେ ପହଞ୍ଚି ଥାନା ନିକଟରେ ବିଭିନ୍ନ ନାରାବାଜି କରିଥିବା ବେଳେ ପୂର୍ବତନ ବିଧାୟକ ମାନସ ମାଡକାମୀ ଏବଂ ବିଜେଡ଼ିର କର୍ମକର୍ତ୍ତା ମାନେ ଦୋଷୀ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ଦୃଢ ଦାବି କରିଛନ୍ତି । ବର୍ତ୍ତମାନ ରାଜନୈତିକ ମହଲରେ ଏହି ଦୁଷ୍କର୍ମ ଘଟଣାକୁ ନେଇ ଚାପା ଉତ୍ତେଜନା ପ୍ରକାଶ ପାଇଛି ।

## ଉଦ୍‌ବେଗ...

ରାଜ୍ୟରେ ମହିଳାମାନଙ୍କ ଉପରେ ବୃଦ୍ଧି ପାଉଥିବା ଅପରାଧକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି। ଯାଜପୁର ଧର୍ଷଣ, ଜଗତସିଂହପୁର ଗଣଧର୍ଷଣ, ମାଲକାନଗିରିରେ ଗଣଧର୍ଷଣ ଓ ପୁରୀରେ ମହିଳାଙ୍କ ପ୍ରତି ହୋଇଥିବା ଅସଦାଚରଣକୁ ନେଇ ଅଭୀର ଚିନ୍ତା ପ୍ରକଟ କରିଛନ୍ତି। ସେ ଉଲ୍ଲେଖ କରିଛନ୍ତି ଯେ ଉଭୟ ସହର, ଗାଁ ଓ ରାସ୍ତାରେ ଦିନ ଦ୍ୱିପ୍ରହରେ ଓ ରାତିରେ ମହିଳାମାନେ ଅସୁରକ୍ଷିତ ମଣୁଛନ୍ତି। ସ୍କୁଲ, କଲେଜକୁ ଯାଉଥିବା ଛାତ୍ରୀମାନେ ନିଜକୁ ସୁରକ୍ଷିତ ମଣୁନାହାନ୍ତି। ପ୍ରତ୍ୟେକ ଦିନ ସେମାନେ ଏଭଳି ବିପଦକୁ ଅନୁଭବ କରୁଛନ୍ତି। ଆଇନକୁ କଡାକଡି ଭାବେ କାର୍ଯ୍ୟକାରୀ କରାଯାଉନଥିବାରୁ ଏଭଳି ଘଟୁଛି। ଏହାଛଡା ଆହୁରି ଚିନ୍ତାର କାରଣ ହେଉଛି ଯେ ଗତମାସନରେ ଆମେରିକା ସରକାର ତା'ର ପର୍ଯ୍ୟଟକଙ୍କ ପାଇଁ ଏକ ମାର୍ଗଦର୍ଶିକା ଜାରି କରି ଭାରତର ୬ ରାଜ୍ୟ ମଧ୍ୟରେ ଓଡ଼ିଶାକୁ ମହିଳାମାନଙ୍କ ପାଇଁ ଅସୁରକ୍ଷିତ ବୋଲି ଦର୍ଶାଇଥିଲା। ଯେଉଁ ରାଜ୍ୟ ମାଓ ସମସ୍ୟାକୁ ହ୍ରାସ କରିପାରିଥିଲା ଏବେ ଏଠାରେ ମହିଳାଙ୍କ ଉପରେ ଅପରାଧ ବୃଦ୍ଧି ପାଇବାରେ ଲାଗିଛି। ପ୍ରକୃତ ସମସ୍ୟାକୁ ଅଣଦେଖା କରାଯାଉଛି। ତୁରନ୍ତ ଏ ଘଟଣାରେ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ରାଜନୈତିକ ନେତୃବୃନ୍ଦ ମଧ୍ୟ ଏଥିପ୍ରତି ସଚେତନ ହୁଅନ୍ତୁ। ସ୍ଥାନୀୟ ଦଳୀୟ ନେତାମାନେ ଥାନାରେ ଅଯଥା ହସ୍ତକ୍ଷେପ କରିବାରୁ ସମଗ୍ର ରାଜ୍ୟରେ ହିଂସା ବଢୁଛି ବୋଲି ସେ ଉଲ୍ଲେଖ କରିଛନ୍ତି। ବିଜେଡି ଏହା ଉପରେ ପ୍ରତିବାଦ ଜାରି ରଖିବ ବୋଲି ସେ କହିଛନ୍ତି।

## ପୁରୀରେ...

ଚେନ ଛଡ଼ାଇ ନେବା ସହ ମନିପର୍ସ ନେଇ ଯାଇଥିଲେ । ଏହାସହ ତିନି ଜଣ ଭଉଣୀଙ୍କୁ ଟଣାଓଟରା କରି ଅସଦାଚରଣ କରିଥିଲେ । ସେମାନଙ୍କ ମଧ୍ୟରେ ଜଣେ ନାବାଳିକା ପରିବାର ଲୋକଙ୍କୁ ଫୋନ ଯୋଗେ ଜଣାଇବା ପରେ ପରିବାର ଲୋକେ ଆସି ସେମାନଙ୍କୁ ଉଦ୍ଧାର କରିଥିଲେ । ତେବେ ପରିବାର ଲୋକ ଓ ଗାଁ ଲୋକେ ଆସିବା ପରେ ସେମାନଙ୍କ ମଧ୍ୟରୁ ଦୁଇ ଯୁବକ ଆଖପାଖ ଅଞ୍ଚଳରେ ବୁଲାବୁଲି କରୁଥିବା ବେଳେ ଯୁବତୀମାନେ ସେମାନଙ୍କୁ ଚିହ୍ନଟ କରି ପରିବାର ଲୋକଙ୍କୁ ଜଣାଇଥିଲେ । ଦୁଇ ଜଣ ଯୁବକଙ୍କୁ ପରିବାର ଲୋକ ଧରି ପୁରୀ ସଦର ଥାନା ପୋଲିସକୁ ହସ୍ତାନ୍ତର କରିଥିଲେ । ତେବେ ଅନ୍ୟ ଚାରି ଜଣ ଯୁବକଙ୍କୁ ପୋଲିସ ଧରିବା ପାଇଁ ଉଦ୍ୟମ ଆରମ୍ଭ କରିଥିବା ପୁରୀ ସଦର ଥାନା ପକ୍ଷରୁ ସୂଚନା ମିଳିଛି । ଅସଦାଚରଣ ଅଭିଯୋଗ ଆଣିଥିବା ଯୁବତୀଙ୍କ ବାପା କହିଛନ୍ତି, 'ଗତକାଲି ସନ୍ଧ୍ୟା ବେଳେ ଏହି ଘଟଣା ଘଟିଛି । ଏହି ଘଟଣା ପରେ ଆମେ ଭୟଭୀତ ହୋଇପଡିଛୁ । ରାସ୍ତା ଅନ୍ଧାର ରହୁ ଥିବାରୁ ଓ ପୋଲିସ ପେଟ୍ରୋଲିଂଗ କରୁ ନ ଥିବାରୁ ଅସାମାଜିକମାନେ ରାସ୍ତାରେ ବସି ନିଶା ସେବନ କରୁଛନ୍ତି । ନିଶା ସେବନ କରି ଲୁଟ ପାଟ କରିବା ସହ ମହିଳାଙ୍କୁ ଅସଦାଚରଣ କରୁଛନ୍ତି । ଏଠାରେ ନିକଟରେ ସମଙ୍ଗ ବସ ପାର୍କିଂ ରହିଛି । ହେଲେ ରାସ୍ତାରେ ଆଲୋକ ବ୍ୟବସ୍ଥା ନାହିଁ । ଏହାର ଫାଇଦା ଉଠାଇ ନିଶାଖୋର ମାନେ ବିଭିନ୍ନ ଅପରାଧ ଘଟାଉଛନ୍ତି ।'ପୁରୀ ଏସପି ପିନାକ ମିଶ୍ର କହିଛନ୍ତି, 'ଗତକାଲି(ସୋମବାର) ସଦର ଥାନାରେ ଏକ ଅଭିଯୋଗ ହୋଇଥିଲା । ଜଣେ ବ୍ୟକ୍ତି ଅଭିଯୋଗ କରିଥିଲେ । ତାଙ୍କର ତିନି ଝିଅ ଶ୍ରୀମନ୍ଦିରରୁ ଫେରିବା ବେଳେ କିଛି ଯୁବକ ସେମାନଙ୍କ ବାଟ ଓଗାଳି ଥିଲେ । ଟଣାଟଣି କରିଥିଲେ । ଏହି ସଂକ୍ରାନ୍ତରେ ଦୁଇ ଜଣ ଧରାପଡିଛନ୍ତି । ସଦର ଥାନାରେ ଏକ କେସ ରୁଜୁ ହୋଇଛି । ପୋଲିସ ଦୁଇ ଜଣଙ୍କୁ ଅଟକ ରଖିଛି । ଏହି ଘଟଣାରେ ବାକି ଆଉ ଦୁଇ ରୁ ତିନି ଜଣ ଅଛନ୍ତି । ପ୍ରତ୍ୟକ୍ଷଦର୍ଶୀଙ୍କୁ ଆମେ ପଚରାଉଚରା କରୁଛୁ । ସେମାନଙ୍କୁ ଖୁବ ଶୀଘ୍ର ଗିରଫ କରାଯିବ କୋର୍ଟ ଚାଲାଣ କରାଯିବ । ଅଟକ ଥିବା ଦୁଇ ଯୁବକ ବ୍ରହ୍ମଗିରି ଅଞ୍ଚଳର । ସେମାନେ ବି ଶ୍ରୀମନ୍ଦିର ଆସିଥିଲେ ବୁଲିବାକୁ । ମାମଲାଟିକୁ ଗୁରୁତ୍ୱର ସହ ନେଇଛୁ ।

## ୪୮ ଘଣ୍ଟାରେ...

ସମ୍ବଲପୁର, କନ୍ଧମାଳ, ରାୟଗଡ଼ା ଆଦି ଜିଲ୍ଲାରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହୋଇପାରେ ।

ପାଣିପାଗ ବିଜ୍ଞାନୀ ସରତ ଚନ୍ଦ୍ର ସାହୁ କହିଛନ୍ତି, ଉତ୍ତର ପଶ୍ଚିମ ବଙ୍ଗୋପସାଗରରେ ଲଘୁଚାପ ସୃଷ୍ଟି ହେବା କାରଣରୁ ଓଡ଼ିଶାରେ ବୁଧବାର ରାତିରୁ ବର୍ଷା ହେବାର ସମ୍ଭାବନା ଅଛି । ଗୁରୁବାର ରାତି କିମ୍ବା ଶୁକ୍ରବାର ସକାଳେ ଏହା ଅଧିକ ଘନୀଭୁତ ହୋଇ ଉତ୍ତର ପଶ୍ଚିମ ଆଡ଼କୁ ଗତି କରି ଝାଡଖଣ୍ଡ ଓ ଉତ୍ତର ଛତିଶଗଡ଼ ମୁହାଁ ହେବ ।

ଏହାର ପ୍ରଭାବରେ ଗୁରୁବାର ରାତିରୁ ୨୬ ତାରିଖ ଅପରାହ୍ନ ପର୍ଯ୍ୟନ୍ତ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ଅଧିକ ମାତ୍ରାରେ ବର୍ଷା ହେବାର ସମ୍ଭାବନା ରହିଛି । ଆସନ୍ତା ୨୪ ଏବଂ ୨୫ ତାରିଖରେ ଅନୁଗୁଳ, ବଲାଙ୍ଗୀର, ବାଲେଶ୍ୱର, ବୌଦ୍ଧ, କଟକ, ଢ଼େଙ୍କାନାଳ, ଜଗତସିଂହପୁର, ଯାଜପୁର, କଳାହାଣ୍ଡି, କନ୍ଧମାଳ, କେନ୍ଦୁଝର, କେନ୍ଦ୍ରପଡ଼ା, ଖୋର୍ଦ୍ଧା, ମୟୁରଭଞ୍ଜ, ନୟାଗଡ଼ ଏବଂ ସୁବର୍ଣ୍ଣପୁର ଜିଲ୍ଲାଗୁଡ଼ିକରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ସେହିପରି ୨୫ ଏବଂ ୨୬ ତାରିଖରେ ବରଗଡ଼, ବୌଦ୍ଧ, ଦେବଗଡ଼, ଝାରସୁଗୁଡ଼ା, ସମ୍ବଲପୁର ଏବଂ ସୁନ୍ଦରଗଡ଼ ଜିଲ୍ଲାରେ ଅଧିକ ମାତ୍ରାରେ ବର୍ଷା ହୋଇପାରେ । ରାଜ୍ୟର ଅନ୍ୟ ଜିଲ୍ଲାଗୁଡ଼ିକରେ ଏହି ସମୟ ଭିତରେ ମଧ୍ୟମରୁ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି ବୋଲି ଶ୍ରୀ ସାହୁ କୁହାଯାଇଛି ।

# ଯୁବ ଇଞ୍ଜିନିୟରଙ୍କ ଦ୍ୱାରା ବିଦ୍ୟୁତ୍ ବଣ୍ଟନ ପ୍ରଯୁକ୍ତି କେନ୍ଦ୍ରର ପରିଚାଳନା



ଭୁବନେଶ୍ୱର (ସବ୍ୟୁ) : ଦକ୍ଷ ଶକ୍ତି ପ୍ରଫେସନାଲ୍ କ୍ଷେତ୍ର ଭାବେ ଓଡ଼ିଶାର ଅଭ୍ୟୁଦୟର ଏକ ଶକ୍ତିଶାଳୀ ପ୍ରମାଣ ଭାବେ ଅଧିକାଂଶ ମହିଳାଙ୍କ ସମେତ ୫୦ରୁ ଅଧିକ ଇଞ୍ଜିନିୟର ଭାରତର ପ୍ରଥମ ରାଜ୍ୟବ୍ୟାପୀ ବିଦ୍ୟୁତ୍ ବଂଟନ ପ୍ରଯୁକ୍ତି କେନ୍ଦ୍ର (ପିଡିଟିସି)ର ପରିଚାଳନାକରୁଛନ୍ତି । ବାସ୍ତବ ସମୟ ନିରୀକ୍ଷଣ, ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣ ଓ ସାରା ରାଜ୍ୟରେ ଉନ୍ନତ ମାନର ବିଦ୍ୟୁତ୍ ପରିଚାଳନାକୁ ସୁନିଶ୍ଚିତ କରିବା ପାଇଁ ଏହି କେନ୍ଦ୍ର ତିନିଟି ସିଫଟରେ ୨୪ ଘଣ୍ଟା କାର୍ଯ୍ୟ କରୁଛି । ଭୁବନେଶ୍ୱର ଭଳି ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ଥିବା ଏହି ପିଡିଟିସି ହେଉଛି ପ୍ରଥମ ଧରଣର ଡିଜିଟାଲ ନର୍ଭ ସେଂଟର ଯାହା ସ୍କାଡା,ଜିଆଇଏସ୍, ଏଡିଏମ୍‌ଏସ୍ ଓ୍ୟୁଟିଲିଟି ଡାଟା ଷ୍ଟ୍ରିମ୍ ଆନାଲିଟିକ୍ସ ଭଳି ଅତ୍ୟାଧୁନିକ ଗ୍ରିଡ୍ ନିୟନ୍ତ୍ରଣ ବ୍ୟବସ୍ଥାକୁ ସମନ୍ୱିତ କରୁଛି । ଏହିକେନ୍ଦ୍ର ସାରା ଓଡ଼ିଶାରେ ଥିବା ୨୫୦ରୁ ଅଧିକ ସ୍କାଡା ସମନ୍ୱିତ ପ୍ରାଥମିକ ସବ୍‌ଷ୍ଟେସନର ସିଧାସଳଖ ନିରୀକ୍ଷଣ କରୁଛି, ଯାହା ଏହାକୁଭାରତର ବିଦ୍ୟୁତ୍ ବଂଟନ କ୍ଷେତ୍ରର ଅନ୍ୟତମ ସମୃଦ୍ଧ ନିୟନ୍ତ୍ରଣ କେନ୍ଦ୍ରରେ ପରିଣତ କରିଛି । ଏହା କେବଳ ଟିପିସିଓଡିଏଲ୍ ପାଇଁମୁଖ୍ୟ ନିୟନ୍ତ୍ରଣ କେନ୍ଦ୍ର (ଏମ୍‌ସିସି) ଭାବେ କାମ କରୁଥିବା ବେଳେ ସମଗ୍ର ଅଂଚଳରେ ନିରବଚ୍ଛିନ୍ନ ପରିଚାଳନା ଓ ବ୍ୟବସାୟ ନିରନ୍ତରତାକୁ ସୁନିଶ୍ଚିତ କରିବା ପାଇଁ ରିମୋଟ୍ ଅଟୋମେସନ୍ ପ୍ରଯୁକ୍ତିକୁ ସମନ୍ୱିତ କରି ଏହା ଟାଟା ପାଓ୍ୱାର୍‌ର ନେତୃତ୍ୱାଧୀନ ଓଡ଼ିଶାର ଡିସ୍କମ୍ ଯଥା ଟିପିଏସ୍‌ଓଡିଏଲ୍ ରେ ୧୫୧ଟି, ଟିପିଡବ୍ଲ୍ୟୁଓଡିଏଲ୍ ରେ ୨୨୫ଟି ଓ ଟିପିଏନ୍‌ଓଡିଏଲ୍‌ର ୧୫୦ଟି ସ୍ଥାନର୍ଯୋକ୍‌ଅପ୍ ନିୟନ୍ତ୍ରଣ କେନ୍ଦ୍ର (ବିସିସି) ଭାବେ କାର୍ଯ୍ୟ କରୁଛି । ଟାଟା ପାଓ୍ୱାର ପକ୍ଷରୁ ଭିତ୍ତିଭୂମିର ଆଧୁନିକୀକରଣ ଏବଂ ଡିଜିଟାଲ୍ ନେତୃତ୍ୱ ମାଧ୍ୟମରେ ଓଡିଶାର ବିଦ୍ୟୁତ୍ କ୍ଷେତ୍ରରେ ରୂପାନ୍ତରଣଆଣିବା ସହିତ ପିଡିଟିସି ଏହି ପ୍ରଗତିର ପ୍ରତୀକ ଭାବରେ ଠିଆ ହୋଇଛି ।

**AFFIDAVIT**

I, Abhyarthana Mohanty, D/o- Nilachandan Mohanty, Resident of Plot No. LIG-141, Baramunda Housing Board Colony, P.O.- Baramunda, Bhubaneswar, Odisha declare by this affidavit No.-64, dated-07.07.2025. State that in LIC policy bond No. 586027603, my name is inadvertently mentioned as Khusi Mohanty instead of Abhyarthana Mohanty. Hence Khusi Mohanty and Abhyarthana Mohanty is one and same person.

**AFFIDAVIT**

By virtue of an affidavit sworn before the Executive Magistrate Dhamnagar, I Sk. Babu@Sk Sarafuddin, S/o- Sk Rapho @ Sk Rafiuddin, Vill- Mustafapur, Po- Dobal, Ps- Dhamnagar, Dist- Bhadrak declare that I have a LIC Policy bearing Pol. No. 587955723 where my name is Sk Babu. But in my SBI Bank Pass Book, Account No. 40653494066, Adhar card and Voter ID card my name is Sk Sarafuddin. That Sk Babu and Sk Sarafuddin son of SK Rapho @ Sk Rafiuddin is same & one person.

Sd/- Sk Babu @ Sk Sarafuddin

**OFFICE OF THE DHENKANAL MUNICIPAL COUNCIL, DHENKANAL**

C-719

**E-Procurement Notice**

**Tender Call Notice No. 2692/DKLMPLTY/Date.19.07.2025**

| | | |
|---|---|---|
| 1. | Name of the Work | : Individual Civil Construction work Published the www.tenderodisha.gov.in website. |
| 2. | No of works put to tender | : 7 Nos. individual works |
| 3. | Estimated cost | : Rs. 8.74 Lakhs to Rs. 23.13 Lakhs. |
| 4. | Period of completion | : 90 Days. |
| 5. | Date and time of availability | : From 11.00 hours of Dt. 21.07.2025 to 17.00 of Dt. 30.07.2025 of bid document in the portal. |
| 6. | Last date/Time for receipt of bids | : 17.00 hours of Dt. 30.07.2025 |
| 7. | Date and time of opening of bid | : 11.00 hours of Dt. 31.07.2025 |
| 8. | Name and address of the Officer Inviting Bid | : Executive Officer, Dhenkanal Municipality. |

Further details can be seen from the e-procurement portal **https://tenderorissa.gov.in**

OIPR : 13146/11/0040/2526

Sd/- Executive Officer
Dhenkanal Municipality

**IN THE COURT OF THE ADJ-CUM-SPECIAL JUDGE VIGILANCE, KALAHANDI, AT- BHAWANIPATNA**
**R.F.A No 03/09 of 2022-23**
**Arising out Judgement dated-31/01/2022 & Decree dated- 7/02/2022 In T.S No.- 126/60/1997-2006 of the Court of Civil Judge (J.D.), Bhawanipatna**

Sudhir Kumar Naik ..........................................Appellant

Vrs

(1) Dusmanta Kumar Naik ..........................................Respondents
(2) Rabin Chandra Agrawal, aged about 64 years,
(3) Paban Kumar Agrawal, aged about 56 years
(4) Ranju Agrawal, aged about 49 years, Respondent No 2 to 4 are residents of Village- Jaunliapati, Choudhury Bazar, P.O/P.S/Munsifi/ Dist. Cuttack. By Occupation- Business.
(5) Mina Kumar Modi, aged about 69 years, resident of Balubazar, P.O./P.S/Munsifi/ Dist. Cuttack: By Occupation- House Wife. All are sons and daughter of Late Ratnalal Agrawal
(7) Minati Agrawal, aged about 61 years, W/o. Satyanarayan Agrawal, D/o. Late Ratanlal Agrawal, resident of village Jholasahi, P.O.Cuttack, P.S/Munsifi/Dist. Cuttack. By Occupation- House Wife

**NOTICE TO RESPONDENT NO.-2 TO 5 & NO.-7**
**(UNDER ORDER- V Rule- 20 of C.P.C)**

Whereas Sudhir Kumar Naik (Defendant No.- 9) has preferred this appeal by challenging the judgement dt. 31.01.2022 and decree dt. 07.02.2022 passed in T.S No- 126/60/1997-2006 by the court of Civil Judge (J.D.), Bhawanipatna
and

Whereas you are the respondent in the said appeal ( defendant No.- 2 to 5 & No- 7 ) in T.S No.- 126/60/1997-2006 of the court of Civil Judge (J.D.), Bhawanipatna. Your presence is highly necessary for hearing of the appeal,
and

Whereas you all are avoiding the receipt of summonses issued by this court, by this newspaper publication you all are directed to appear in person or through your advocate, before this court on dated 30.7.2025 at 10.30 AM to present your stand in the appeal, failing which the appeal will be heard in accordance with law, in your absence.
Give under my hand & the seal of this court on this the 25th day of June, 2025.

Sd/- (Sri B.N Nanda)
ADJ-CUM-SPECIAL JUDGE,
VIGILANCE, KALAHANDI, BHAWANIPATNA

**VIKRAM DEV UNIVERSITY**
**JEYPORE, DIST: KORAPUT, ODISHA-764001**
**No. 1752/VDU/25 DATE : 21.07.2025**
**QUOTATION CALL NOTICE**

**CAD-1210 :** Sealed quotations are invited from the registered firms'authorized book sellers for supply of Books of different Subjects Departments to be purchased out of the Government Grant for Rs. 15,00,000/- so as to reach in the office of the undersigned by 5.00 P.M. on or before 31.07.2025 by Registered Post/Speed Post only for consideration. Quotations received after the due date will not be entertained. The quotation will be opened in the office of the undersigned at 11.00 A.M. on 01.08.2025. The firms/ book selleres should quote the Percentage of Discount to be given on the printed price/MRP of each book i.e. on the Text Book/ Reference Book (Odia & English) /Foreign Publishers Books of P.G and U.G Courses/ Indian Publishers Books (Odia & English)/ Govt. Publishing Books as per latest syllabus and edition separately in the prescribed format. Further, they should enclose their GST/ IT clearance/ authorized book seller certificates with their quotation. The undersigned reserves the right to cancel any or all quotations without assigning any reason there of. Concerned book sellers should visit our University Website www.vikramdevuniversity.ac.in to see the details of the quotation call Notice and prescribed Formats.

**FORMAT FOR QUOTATION OF RATE**

| Sl.No. | Particulars of Books | Indian Publishers | | Foreign Publishers |
|---|---|---|---|---|
| | | Odia | English | |
| 01 | Text Books | | | |
| 02 | Reference Book | | | |
| 03 | Government Books | | | |

OIPR : 11133/11/0009/2526

Sd/- Registrar
V.Dev University, Jeypore

**ODISHA MINING CORPORATION LIMITED**
OMC House, Bhubaneswar-751001, Odisha
CIN : U13100OR1956SGC000313, www.omc.ltd.in

OMC | ODISHA NEW OPPORTUNITIES | Mining Happiness

**NIT NO : 04/OMC/CIVIL DIVISION, BHUBANESWAR/2025**

**CAD-1221 :** Tender for the following work is invited offline through OMC website.

| Sl. No. | Name of the work | Estimated cost (In lakh) | Time period of the work (in month) | Class of Contractor | EMD Offline (In Rupees) | Cost of Bid document (Rs.) |
|---|---|---|---|---|---|---|
| 1. | Renovation and Painting to Quarter No 3R-1 at OMC Colony-II, Unit-9 Bhubaneswar | 4.15 | 02 (Two) | D & C | 4150/-` | 2000/- +18% GST |

1. Available of Bid document in OMC website from dt. 23.07.2025 to 01.08.2025 up to 5.00 PM.
2. Last date of offline submission of tender is dt. 01.08.2025 up to 5.00 PM in the office of DGM (Civil), OMC House, Bhubaneswar.
3. Date of opening of Technical Bid is dt. 02.08.2025 at 11.00 AM.

All other details can be seen from Bid document available at OMC website **https://omcltd.in**

Odisha Mining Croporation Ltd. reserves the right to reject any or all tenders without assigning any reason thereof.

OIPR : 30005/11/0227/2526

Sd/-
DGM (Civil)

**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, RAYAGADA**

O-444

**Email ID-ccerwcrayagada@gmail.com**

Letter No. 1459 — Date : 15.07.2025

**e-Procurement Notice for Periodical Renewal work of 5 Year Post DLP PMGSY Roads for financial year 2024-25 under Incentive grant**

1. Name of the Work : Periodical Renewal work of 5 Year Post DLP PMGSY Roads for financial year 2024-25 under incentive grant (14 Nos Packages)
2. Class of Contractor : "B", "A" & "Special" class of (Odisha PWD) or relevant class of other licensing authority.
3. Estimated Cost : Varies from Rs. 109.31 Lakhs to rs. 706.03 Lakhs (Approximately)
4. Details projects as per Annexure attached. :

| Procurement Officer | Bid Identification No. | Availability of Tender on-line for bidding | | Last Date & Time of seeking tender clarification | Date & Time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Rayagada | NCB-13/ RWCRGDA/ 2025-26 | Dt. 23.07.2025 at 11.00 A.M. | Dt.12.08.2025 up to 5.00 P.M. | Dt. 11.08.2025 up to 5.00 P.M. | Dt. 13.08.2025 at 11.00 A.M. | Will be intimated later |

5. The details of works can be seen from the website **www.pmgsytenders.gov.in**
6. Any Corrigendum / Addendum will be displayed in the above e-tender website.

OIPR : 25196/11/0022/2526

Sd/- Chief Construction Engineer,
Rural Works Circle, Rayagada

**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍‌ନମ୍ବର**

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସ ରାଓ-୯୪୩୯୫୬୬୭୨୨, ମାଲକାନଗିରି-କେଶବ ନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିଓ୍ୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ- ୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧, ଢ଼େଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୮ ।

# ବିଡି, ସିନେ ଓ ଖଣି ଶ୍ରମିକ ପିଲାଙ୍କ ପାଇଁ ବାର୍ଷିକ ଛାତ୍ର ବୃତ୍ତି ଯୋଜନାରେ ଆବେଦନ ଆହ୍ୱାନ

ଭୁବନେଶ୍ୱର (ସବ୍ୟୁ): ବିଡି, ସିନେମା ଖଣି (କୋଇଲାକୁ ଛାଡି) ଶ୍ରମିକମାନଙ୍କର ପିଲାଙ୍କ ପାଠପଢ଼ା ନିମନ୍ତେ କେନ୍ଦ୍ର ଶ୍ରମ ଓ ନିଯୋଜନ ମନ୍ତ୍ରଣାଳୟ ପକ୍ଷରୁ ପ୍ରାକ୍ ମାଟ୍ରିକ୍ ଏବଂ ମାଟ୍ରିକ୍ ପରବର୍ତ୍ତି ଛାତ୍ରବୃତ୍ତି ପ୍ରଦାନ ନିମନ୍ତେ ଆବେଦନ ଆହ୍ୱାନ କରାଯାଇଛି। ଏହି ବୃତ୍ତି ପାଇବା ଲାଗି ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ଆଗ୍ରହୀ ଏବଂ ଯୋଗ୍ୟ ପ୍ରାର୍ଥୀମାନେ ଆସନ୍ତା ୩୧ ଅଗଷ୍ଟ ସୁଧା ଆବେଦନ କରିପାରିବେ। ଏକାଦଶରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କ ପାଇଁ ଆବେଦନର ଶେଷ ତାରିଖ ୩୧ ଅକ୍ଟୋବର ରଖାଯାଇଛି।୨୦୨୫-୨୬ ଶିକ୍ଷାବର୍ଷ ନିମନ୍ତେ ଶ୍ରମିକଙ୍କ ପିଲାମାନେ http://scholarships.gov.im ପୋର୍ଟାଲରେ ଆବେଦନ କରିପାରିବେ। ବିଡି ଶ୍ରମିକ, ଲୁହାପଥର ଖଣି, ମାଙ୍ଗାନିଜ୍ ଓ କ୍ରୋମଖଣି, ଚୂନପଥର ଖଣି, ଡେଲୋପାଇଟ୍ ଖଣି, ମିକା ଖଣି ଓ ସିନେଶ୍ରମିକଙ୍କ ପିଲାମାନେ ଏହି ବୃତ୍ତି ଯୋଜନାରେ ବାର୍ଷିକ ୧ହଜାରରୁ ୨୫ହଜାର ଟଙ୍କା ପର୍ଯ୍ୟନ୍ତ ସହାୟତାରାଶୀ ପାଇପାରିବେ। ଶ୍ରମିକିମାନେ ଅତି କମ୍‌ରେ ୬ମାସ ଏହି ବୃତ୍ତିରେ ନିୟୋଜିତ ରହିଥିବା ଆବଶ୍ୟକ। ଠିକା/ଘର ଖଟା ଶ୍ରମିକମାନେ ମଧ ଏହାର ଲାଭ ପାଇପାରିବେ। ମାସିକ ୧୦ହଜାର ଟଙ୍କାରୁ କମ୍ ରୋଜଗାର କରୁଥିବା ସିନେଶ୍ରମିକ ଏବଂ ଆୟନିର୍ବିଶେଷରେ ବିଭିନ୍ନ କୌଶଳ ବର୍ଗରେ ନିୟୋଜିତ ଖଣି ଶ୍ରମିକଙ୍କ ପିଲାମାନେ ଏ ବୃତ୍ତି ସୁବିଧା ପାଇପାରିବେ। ଗୋଟିଏ ଥରରେ ପରବର୍ତ୍ତି ଶ୍ରେଣୀକୁ ଉର୍ତ୍ତିର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀଙ୍କୁ ଏହି ବୃତ୍ତି ମିଳିବ। ନିୟୋଗିତ ପାଠ୍ୟକ୍ରମରେ ନାମ ଲେଖାଇଥିବା ଛାତ୍ରଛାତ୍ରୀ ଏହି ବୃତ୍ତି ପାଇପାରିବେ । ଡାକ୍ତରୀ, ଇଞ୍ଜିନିୟରିଂ, କୃଷି ଅଧ୍ୟୟନ ସମେତ ସାଧାରଣ ଓ ବୈଷୟିକ ଶିକ୍ଷା ହାସଲ କରୁଥିବା ଛାତ୍ରଛାତ୍ରୀଙ୍କୁ ଏହି ବୃତ୍ତି ମିଳିବ। ଛାତ୍ର ବୃତ୍ତି ସଂପର୍କରେ ଅଧିକ ସହାୟତା ପାଇଁ ବିଡ଼ି ଓ ଖଣି ଶ୍ରମିକମାନେ ନିକଟସ୍ଥ ସ୍ୱାସ୍ଥ୍ୟ କେନ୍ଦ୍ରରେ ଯୋଗାଯୋଗ କରିପାରିବେ। ଏହାଛଡା ଭୁବନେଶ୍ୱର ଆଇଆରସି ଭିଲେଜ୍ ପ୍ଲଟ୍ ନଂ ଏନ୍-୭/୬ ଓ ୭ ସ୍ଥିତ କଲ୍ୟାଣ କମିଶନରଙ୍କ କାର୍ଯ୍ୟାଳୟ, କେନ୍ଦୁଝର ଜିଲ୍ଲା ବଡବିଲ୍ ସ୍ଥିତ ଉପକଲ୍ୟାଣ କମିଶନରଙ୍କ କାର୍ଯ୍ୟାଳୟ, ରାଉରକେଲା ସେକ୍ଟର-୪, ୨ କ୍ୱାଟର୍ସ ନଂ ବି/୧୪ରେ ଥିବା କଲ୍ୟାଣ ପ୍ରଶାସକଙ୍କ କାର୍ଯ୍ୟାଳୟରେ ସହାୟତା ପାଇଁ ଯୋଗାଯୋଗ କରାଯାଇପାରିବ।

## ରାସ୍ତାରେ ଯୁବତୀଙ୍କୁ ଅସଦାଚରଣ ଅଭିଯୁକ୍ତକୁ ଲୋକେ ଧରି ପୋଲିସରେ ଦେଲେ

ଭୁବନେଶ୍ୱର, (ସବ୍ୟୁ) : ରାସ୍ତାରେ ଜଣେ ଯୁବତୀଙ୍କୁ ଅସଦାଚରଣ କରୁଥିବା ଅଭିଯୁକ୍ତକୁ ଲୋକେ ଧରି ପୋଲିସ ଜିମା ଦେଇଛନ୍ତି । ଲୋକେ ପୋଲିସ ଜିମା ଦେବା ପରେ ପୀଡିତା ଯୁବତୀ କ୍ୟାପିଟାଲ ଥାନାରେ ଏତଲା ଦେଇଛନ୍ତି ।

କ୍ୟାପିଟାଲ ଥାନା ନିକଟ ରାସ୍ତାରେ କୌଣସି କାରଣରୁ ଜଣେ ଯୁବତୀକୁ ଜଣେ ଯୁବକ ଟଣାଓଟରା କରି ପେଲାଠେଲା କରୁଥିବା ଲୋକେ ଦେଖିଥିଲେ । ଯୁବକଙ୍କୁ ଏ ସମ୍ପର୍କରେ ପଚାରିବାରୁ ସେ ଲୋକଙ୍କୁ ଦୁର୍ବ୍ୟବହାର କରିଥିଲା । ଯାହା ଫଳରେ ଲୋକମାନେ ତାକୁ ମାଡ ମାରି କାବୁ କରିବା ସହ ପୋଲିସ ଜିମା ଦେଲେ । ଯୁବତୀଙ୍କ କହିବା ଅନୁଯାୟୀ ସେ ତାଙ୍କୁ ଅସଦାଚରଣ କରୁଥିଲା ।

ଅଭିଯୁକ୍ତ ଥାନାରେ ପହଞ୍ଚିବା ପରେ ପୀଡିତା ଯୁବତୀ କ୍ୟାପିଟାଲ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି ।

## ୫ ମେଗାୱାଟ ଡିସି ସୌର ଶକ୍ତି ପ୍ରକଳ୍ପ ସ୍ଥାପନ କରିବ ଏକ୍ସଜାରୋ ଟାଇଲ୍ସ

ଭୁବନେଶ୍ୱର, (ସବ୍ୟୁ): ଗୁଜୁରାଟର ଇଦରର ଗୋରୋଲଠାରେ ଭାରତର ଅନ୍ୟତମ ଅଗ୍ରଣୀ ଭିଟ୍ରିଫାଇଡ୍ ଏବଂ ଚମକଦାର ଟାଇଲ୍ସ ଉତ୍ପାଦନକାରୀ ଏକ୍ସଜାରୋ ଟାଇଲ୍ସ ଲିମିଟେଡ୍ ଗର୍ବର ସହ ଏକ ୫ ମେଗାୱାଟ ଡିସି ସୌର ଶକ୍ତି ପ୍ରକଳ୍ପ ସ୍ଥାପନ କରିବାକୁ ଘୋଷଣା କରିଛି। ଏହି ପଦକ୍ଷେପ ସ୍ଥାୟୀତା, ପରିଚାଳନା ଦକ୍ଷତା ଏବଂ ଦାୟିତ୍ୱପୂର୍ଣ୍ଣ ଉତ୍ପାଦନ ପ୍ରତି ଏକ୍ସଜାରୋର ପ୍ରତିବଦ୍ଧତାକୁ ସୁଦୃଢ଼ କରେ । ୨୫ ବର୍ଷ ୪ ମାସ ପାଇଁ ଲିଜ୍ ଜମିରେ ସ୍ଥାପିତ ଏହି ସୌର ପ୍ରକଳ୍ପ ଗୁଜରାଟର ତାଲୋଦଠାରେ ଥିବା କମ୍ପାନିର ଉତ୍ପାଦନ ୟୁନିଟ୍ ପାଇଁ କ୍ୟାପ୍ଟିଭ୍ ବ୍ୟବହାର ପାଇଁ ସମର୍ପିତ। ଏହି ପ୍ଲାଟରେ ଏବେ ବାର୍ଷିକ ପ୍ରାୟ ୨୧ ନିୟୁତ ବିଦ୍ୟୁତ୍ ୟୁନିଟ୍ ବ୍ୟବହାର ହେଉଛି। ସୌର ଶକ୍ତି ବର୍ତ୍ତମାନ କାର୍ଯ୍ୟକୁ ସମର୍ଥନ କରୁଥିବାରୁ କମ୍ପାନି ବାର୍ଷିକ ପ୍ରାୟ ୫.୬୭ କୋଟି ଟଙ୍କା ସଂଚୟ କରିବ ବୋଲି ଆଶା କରୁଛି, ଯାହା ଦ୍ୱାରା ୟୁନିଟ୍‌ରେ ଶକ୍ତି ଖର୍ଚ୍ଚରେ ୩୦% ହ୍ରାସ ଘଟିବ। ଏକ୍ସଜାରୋ ଟାଇଲ୍ସ ଲିମିଟେଡର ପରିଚାଳନା ନିର୍ଦ୍ଦେଶକ ମୁକେଶ କୁମାର ବି ପଟେଲ କହିଛନ୍ତି ଯେ ସୌର ପ୍ରକଳ୍ପ ଆମର ବ୍ୟବସାୟିକ କାର୍ଯ୍ୟକୁ ବିଶ୍ୱସ୍ତରୀୟ ସ୍ଥାୟୀତା ଲକ୍ଷ୍ୟ ସହିତ ଯୋଡ଼ିବା ଦିଗରେ ଏକ ପ୍ରମୁଖ ପଦକ୍ଷେପ । ଏହା କେବଳ ଆମର ଖର୍ଚ୍ଚ ଦକ୍ଷତାକୁ ସୁଦୃଢ଼ କରେ ନାହିଁ ବରଂ ସ୍ୱଚ୍ଛ ଶକ୍ତି ଏବଂ ପରିବେଶ ଦାୟିତ୍ୱ ପ୍ରତି ଆମର ପ୍ରତିବଦ୍ଧତାକୁ ମଧ ଦର୍ଶାଏ'।

# ଜ୍ୟୋତି କଳା ପରିଷଦର ବାର୍ଷିକ ଉତ୍ସବ

ଭୁବନେଶ୍ୱର (ସବ୍ୟୁ): ଜ୍ୟୋତି କଳା ପରିଷଦର ଦ୍ୱାଦଶ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି । ଜୟଦେବଭବନ ଠାରେ ଆୟୋଜିତ ହୋଇଥିବା ପ୍ରାୟ ୬୦ ରୁ ଉର୍ଦ୍ଧ୍ୱ କଳାକାରମାନଙ୍କୁ ମହୋତ୍ସବର ମୁଖ୍ୟ ଅତିଥି ଦେବ ପ୍ରସାଦ ଦାସ, ସ୍ୱତନ୍ତ୍ର ସଚିବ ସଂସ୍କୃତି ବିଭାଗ



ସାମଲ ଯୋଗଦେଇ କହିଲେ ଯେ ଅନୁଷ୍ଠାନର ତାତ୍ପର୍ଯ୍ୟ କେତେ ତାହା ନାମରୁ ହିଁ ଜଣାପଡେ । ସବୁ ସଙ୍ଗୀତର ମୂଳ ଆଧାର ବେଦ। ଦୀର୍ଘ ୧୨ ବର୍ଷ ଧରି ଏହି ପ୍ରତିଭା ସୃଷ୍ଟି କରି ଚାଲିଛି । ଏହି ମହୋତ୍ସବର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଓଡ଼ିଶାର କଳା, ସାହିତ୍ୟ, ସଂସ୍କୃତି ଓ ପରମ୍ପରାକୁ ବଜାୟ ରଖିବା । ମହୋତ୍ସବରେ ଓଡିଶାର କଳା ଓ ସଂସ୍କୃତି ଉପରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ମହୋତ୍ସବ ଦ୍ୱାରା ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ଓ ପରମ୍ପରାକୁ ଆଗକୁ ନେଇ ଯିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ବକ୍ତାମାନେ ମତ ପୋଷଣ କରିଥିଲେ । ଜ୍ୟୋତି କଳା ପରିଷଦର ସମ୍ପାଦିକା ଜ୍ୟୋତିରେଖା ମହାନ୍ତି, ସଭାପତି ସ୍ମୃତିରେଖା ସାମଲ, ଉପଦେଷ୍ଟା ଆନନ୍ଦ କୁମାର ସାମଲଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମ ଆଗାମୀ ଦିନରେ ସାରା ଓଡିଶାକୁ ପ୍ରସାରିତ କରିବ ବୋଲି କର୍ମ କର୍ତ୍ତାମାନେ ଗଣମାଧ୍ୟମକୁ ସୂଚନା ଦେଇଥିଲେ ।

ଏହି ଭବ୍ୟ ସମାରୋହରେ ଜ୍ୟୋତି କଳା ପରିଷଦର କଳାକାର ମାନେ ନୃତ୍ୟ ପରିବେଷଣ କରିଛନ୍ତି। ଏଥିରେ ଓଡିଶୀ, ସମ୍ବଲପୁରୀ, ଗୋଟିପୁଅ ଓ ପାଇକ ନୃତ୍ୟର ବିଶିଷ୍ଟ ପ୍ରଦର୍ଶନ ହୋଇଥିଲା । ଏହି ପ୍ରତିଯୋଗିତାରେ ଅନେକ କୁନି କୁନି କଳାକାରମାନେ ଅଂଶଗ୍ରହଣ କରିଥିଲେ । ସବୁ ବିଭାଗରେ ଶ୍ରେଷ୍ଠ ପ୍ରଦର୍ଶନ କରିବାକୁ ସମର୍ଥ ସମ୍ବର୍ଦ୍ଧିତ କରିଥିଲେ । ଓଡିଶୀ, ସମ୍ବଲପୁରୀ, ଗୋଟିପୁଅ ଓ ପାଇକ ନୃତ୍ୟରେ ଜୟଦେବ ଭବନର ମଞ୍ଚ ବେଶ ଆକର୍ଷଣୀୟ ଥିଲା ।

ବିଶିଷ୍ଟ ଅତିଥି ଓ ସାଂସ୍କୃତିକ ବ୍ୟକ୍ତିତ୍ୱମାନେ ଏଥିରେ ଅଂଶଗ୍ରହଣ କରିଥିଲେ । ମହୋତ୍ସବର - ସମ୍ମାନୀୟ ଅତିଥି ଭାବେ ପ୍ରାକ୍ତନ ସୂଚନା ଓ ଲୋକ ସମ୍ପର୍କ ବିଭାଗର ନିର୍ଦ୍ଦେଶକ ସରୋଜ କୁମାର

# ଶାନ୍ତନୁ କୁମାର ଆଚାର୍ଯ୍ୟ ଫାଉଣ୍ଡେସନ ଟ୍ରଷ୍ଟର ୧୦ମ ଅଧିବେଶନ

ଭୁବନେଶ୍ୱର (ସବ୍ୟୁ): ପ୍ରଫେସର ଶାନ୍ତନୁ କୁମାର ଆଚାର୍ଯ୍ୟ ଫାଉଣ୍ଡେସନ ଟ୍ରଷ୍ଟ ତରଫରୁ ଅୟୋଜିତ ଦଶମ ଅଧିବେଶନ ସ୍ଥାନୀୟ ଗୀତଗୋବିନ୍ଦ ସଦନ ଠାରେ ଅନୁଷ୍ଠିତ ହୋଇଯାଇଛି। ଟ୍ରଷ୍ଟ ର ପ୍ରତିଷ୍ଠାତା ପ୍ରଫେସର ଶାନ୍ତନୁ କୁମାର ଆଚାର୍ଯ୍ୟ ନରକିନ୍ନର ର ଲେଖାକୀୟ ଯାତ୍ରା , ଉପନ୍ୟାସ ପଛର କଥା ଭାବବିହ୍ୱଳ ଭାବରେ କହିଥିଲେ। ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଫେସର ନଟବର ଶତପଥୀ ବକ୍ତବ୍ୟ ରେ କହିଥିଲେ,ଶାନ୍ତନୁ ବାବୁ ଯାହା କହନ୍ତି ତାହା ଅସ୍ତିତ୍ୱବାଦୀଙ୍କର ମାନସ୍ତାତ୍ତ୍ୱିକ ବିଚାର। ନରକିନ୍ନରର ୬୩ ବର୍ଷ ର ଯାତ୍ରା କିଛି କମ ନୁହେଁ। ୬୩ ବର୍ଷ ପରେ ଏ ବହିର ଆଲୋଚନା ନିଶ୍ଚୟ ବହିର ଚମତ୍କାରିତାର ଓ ପାଠକୀୟତାର ଏକ ଅପୂର୍ବ ବିଷୟ। ନରକିନ୍ନର ର ସମୀକ୍ଷା କରି ପ୍ରଫେସର ଶତପଥୀ କହିଥିଲେଏହା ସର୍ବକାଳୀନ ମହାନ ଉପନ୍ୟାସ।

୧୯୬୨ ମସିହାରେ ଯେତେବେଳେ ଶାନ୍ତନୁ ଆଚାର୍ଯ୍ୟ ଙ୍କୁ ମାତ୍ର୨୬ ବର୍ଷ ହୋଇଥିଲା, ସେତେବେଳେ ଏଇ ଉପନ୍ୟାସ ଲେଖିଥିଲେ। ମୁଖ୍ୟ ବକ୍ତା ଭାବେ ଯୋଗଦେଇ ପ୍ରଫେସର ଶରତ ଚନ୍ଦ୍ର ଶତପଥୀ ର ଇଂରାଜୀ ଅନୁବାଦ ର ସମୀକ୍ଷା କରି ଏହା ଏକ ଅଦ୍ୱିତୀୟ ପୁସ୍ତକ ଯାହା ଏକ ଭିନ୍ନ ଧରଣର ଚମତ୍କାର ଉପନ୍ୟାସ। ଏହି ଉପନ୍ୟାସ ର ଅନୁବାଦ ଖୁବ ସୁନ୍ଦର ହୋଇଛି ଯାହା ଦେଶରେ ବିଦେଶରେ ଖୁବ ଆଦୃତ ହେବ ସନ୍ଦେହ ନାହିଁ। ଟ୍ରଷ୍ଟ ର ସଭାପତି କାଦମ୍ବିନୀ ର ସମ୍ପାଦିକା ଡ଼.ଇତି



ସାମନ୍ତ ସଭାପତିତ୍ୱ କରିଥିଲେ। ପକ୍ଷୀଘର ପ୍ରକାଶନୀ ମୁଖ୍ୟ ବନୋଜ ତ୍ରିପାଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଟ୍ରଷ୍ଟ ର ସମ୍ପାଦିକା ବିଶିଷ୍ଟ ଅଭିନେତ୍ରୀ ପ୍ରତିଭା ପଣ୍ଡା ଶେଷ କଥା କହିଥିଲେ ଓ ଧନ୍ୟବାଦ ଅର୍ପଣ କରିଥିଲେ।

# ସାମ୍ବାଦିକ ଅଜିତ ମଲ୍ଲିକଙ୍କ ଶେଷ କୃତ୍ୟ ସଂପନ୍ନ

ପୁରୀ (ସବ୍ୟୁ): ସୋମବାର ରାତିରେ କୋଣାର୍କର ବରିଷ୍ଠ ତଥା ଜଣାଶୁଣା ସାମ୍ବାଦିକ ଅଜିତ ମଲ୍ଲିକଙ୍କ ଅକାଳ ବିୟୋଗ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୫୦ ବର୍ଷ ବୟସ ହୋଇ ଥିଲା। ତାଙ୍କର ଏକ ନାବାଳିକା କନ୍ୟା ଓ ଛୋଟ ପୁତ୍ର ସନ୍ତାନ ଅଛନ୍ତି । ଅଜିତଙ୍କ ଅକାଳ ବିୟୋଗ କୋଣାର୍କ ଅଂଚଳରେ ଗଭୀର ଶୋକର ଛାୟା ଖେଳି ଯାଇଛି । ମଙ୍ଗଳବାର ଅପରାହ୍ନରେ ପୁରୀ ସ୍ୱର୍ଗଦ୍ୱାରରେ ଶେଷ କୃତ୍ୟ ସଂପନ୍ନ ହୋଇଛି । ଅଜିତଙ୍କ ପୁତୁରା ନିରଞ୍ଜନ ମଲ୍ଲିକ ମୁଖାଗ୍ନି ଦେଇ ଥିଲେ । ଅଜିତ ସୋମବାର ରାତିରେ କୋଣାର୍କ ଭଗବତୀ ମନ୍ଦିର ନିକଟରେ ଥିବା ତାଙ୍କ କାର୍ଯ୍ୟାଳୟରେ ବସି ଥିବା ବେଳେ ହଠାତ୍ ଟଳି ପଡ଼ି ଥିଲେ। ଚିକିତ୍ସା ପାଇଁ ତାଙ୍କୁ ତୁରନ୍ତ ଗୋପ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇ ଥିଲା। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ମଙ୍ଗଳବାର ଅପରାହ୍ନରେ ଚାରିଛକ ସ୍ଥିତ ସ୍ୱାସ୍ଥ୍ୟ କେନ୍ଦ୍ରରେ ତାଙ୍କର ଶବ ବ୍ୟବଚ୍ଛେଦ କରା ଯାଇ ଥିଲା। ପରେ ଅଜିତଙ୍କ ଶବକୁ ଶେଷ ଦର୍ଶନ ପାଇଁ ତାଙ୍କ କୋଣାର୍କ ଘରକୁ ନିଆ ଯାଇ ଥିଲା। ସେଠାରେ କୋଣାର୍କ ବହୁ ଗଣମାଧ୍ୟମ ପ୍ରତିନିଧି, ବିଭିନ୍ନ ସଙ୍ଗଠନ ଓ ବ୍ୟକ୍ତି ବିଶେଷ ତାଙ୍କ ମର ଶରୀରର ଶେଷ ଦର୍ଶନ କରି ଥିଲେ। ସେଠାରୁ ତାଙ୍କ ଶବକୁ ଅନ୍ତିମ ସଂସ୍କାର ପାଇଁ ପୁରୀ ସ୍ୱର୍ଗ ଦ୍ୱାରକୁ ଅଣା ଯାଇ ଥିଲା। ଉପନିର୍ଦ୍ଦେଶକ ତଥା ଜିଲ୍ଲା ସୁଚନା ଲୋକ ସମ୍ପର୍କ ବିଭାଗ ଅଧିକାରୀ ସନ୍ତୋଷ କୁମାର ସେଠୀ, ବରିଷ୍ଠ ସାମ୍ବାଦିକ ବିଶ୍ୱଜିତ୍ ପଟ୍ଟନାୟକ ପ୍ରମୁଖ ସ୍ୱର୍ଗଦ୍ୱାରରେ ଉପସ୍ଥିତ ରହି ପୁଷ୍ପ ଗୁଚ୍ଛ ପ୍ରଦାନ ପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୁରୀ ସ୍ୱର୍ଗଦ୍ୱାରରେ କୋଣାର୍କର ସାମ୍ବାଦିକ ବିଚିତ୍ର ଓଝା, ଅବନୀ ଭୂଷଣ ବାରିକ ପ୍ରତାପ କାଣ୍ଡି, ପ୍ରକାଶ କାଣ୍ଡୀ ପ୍ରଦୀପ୍ତ ଚାନ୍ଦ, ରାମକୃଷ୍ଣ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ଜିଲ୍ଲାର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ସମୀକ୍ଷା ବୈଠକ

ପୁରୀ (ସବ୍ୟୁ): ସୋମବାର ପୂର୍ବାହ୍ନରେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ପୁରୀ ଜିଲ୍ଲାର ସମସ୍ତ ବ୍ଲକରେ କାର୍ଯ୍ୟକାରି ହେଉଥିବା ବିଭିନ୍ନ ଉନ୍ନୟନ ମୂଳକ ଯୋଜନାର ମାସିକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ଜିଲ୍ଲାପାଳ ଚଞ୍ଚଳ ରାଣାଙ୍କ ଅଧ୍ୟକ୍ଷତା କରି ଥିଲେ। ବୈଠକରେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ପ୍ରିୟରଞ୍ଜନ ପୃଷ୍ଟି, ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ରାଜୀବ ବେହେରା, ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ(ବୈଷୟିକ) ତଥା ଜିଲ୍ଲାରେ କାର୍ଯ୍ୟରତ ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀମାନେ ଯୋଗ ଦେଇଥିଲେ। ଏହି ବୈଠକରେ ପଞ୍ଚଦଶ କେନ୍ଦ୍ରୀୟ ଅର୍ଥ କମିଶନ, ପଞ୍ଚମ ରାଜ୍ୟ ଅର୍ଥ କମିଶନ, ଅଙ୍ଗନୱାଡି କେନ୍ଦ୍ର ନିର୍ମାଣ, ଅତିରିକ୍ତ ଶ୍ରେଣୀ ଗୃହ ନିର୍ମାଣ, ମିଶନ ଶକ୍ତି ଗୃହ ନିର୍ମାଣ, ମିଶନ ଶକ୍ତି ଜିପିଏଲଏଫ ଗୃହ ନିର୍ମାଣ, ମିଶନ ଶକ୍ତି ଖୁଚୁରା ଦୋକାନ ଗୃହ ନିର୍ମାଣ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ସମବାୟ ବିଭାଗ ଦ୍ୱାରା ଚିହ୍ନିତ ପିଏସି ଗୃହ ନିର୍ମାଣ, ଅନ୍ତୋଦୟ ଗୃହ ଯୋଜନା, ବିକଶିତ ଗାଁ ବିକଶିତ ଓଡିଶା ଯୋଜନା, ମନରେଗା ଯୋଜନା, ସ୍ୱଚ୍ଛ ଭାରତ ମିଶନ ଯୋଜନା, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ଗୁଡିକ ର ମାସିକ ସମୀକ୍ଷା ହୋଇଥିଲା। ଜିଲ୍ଲାପାଳ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ଗୁଡିକ ର ସମୟପୋଯୋଗୀ ସମାପ୍ତ କରିବା ନିମନ୍ତେ ଉପସ୍ଥିତ ଥିବା ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇ ଥିଲେ। ଜିଲ୍ଲା ରେ କାର୍ଯ୍ୟକାରୀ ହେଉଥିବା ଅସମ୍ପୂର୍ଣ୍ଣ ଅଙ୍ଗନବାଡି କେନ୍ଦ୍ର ଗୁଡିକୁ ଯଥା ଶୀଘ୍ର ସମ୍ପୁର୍ଣ୍ଣ କରିବାକୁ, ଆବଶ୍ୟକ ସ୍ଥଳେ ଅତିରିକ୍ତ ଅର୍ଥ ମଞ୍ଜୁର କରିବାକୁ ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଯେଉଁ ପ୍ରକଳ୍ପ ଗୁଡିକର କାର୍ଯ୍ୟ ଆବଶ୍ୟକ ଜମି ଚିହ୍ନଟ ହୋଇପାରୁ ନଥିବା କାରଣରୁ ଆରମ୍ଭ ହୋଇପାରୁନାହିଁ ତାହାର ଏକ ସମ୍ପୂର୍ଣ୍ଣ ତାଲିକା ପ୍ରସ୍ତୁତ କରିବାକୁ ତଥା ସମ୍ପୃକ୍ତ ତହସିଲଦାର ମାନଙ୍କ ସହ ବୈଠକ କରି ସେ ସବୁର ଜାଗା ସମ୍ବନ୍ଧୀୟ ସମସ୍ୟା ଗୁଡ଼ିକର ତୁରନ୍ତ ସମାଧାନ କରିବାକୁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅନ୍ତୋଦୟ ଗୃହ ଯୋଜନା ରେ ଚିହ୍ନଟ ସମସ୍ତ ହିତାଧିକାରୀମାନଙ୍କୁ ଆବଶ୍ୟକୀୟ କିସ୍ତି ତଥା ପାଇଖାନା ଗୃହ, ଜଳଯୋଗାଣ, ବିଦ୍ୟୁତ୍ ଯୋଗାଣ, ୯୦ ଗୋଟି ଶ୍ରମ ଦିବସ ତୁରନ୍ତ ପ୍ରଦାନ କରିବାକୁ ଗୃହରେ ଉପସ୍ଥିତ ଥିବା ସମସ୍ତ ଅଧିକାରୀ ମାନଙ୍କୁ ତାଗିଦ କରିଥିଲେ।

# ନାରୀ ନ୍ୟାୟ ଆନ୍ଦୋଳନ ଭଣ୍ଡୁର କରିପାରିବେନି ସରକାର : ଅରବିନ୍ଦ

ଭୁବନେଶ୍ୱର,(ସବ୍ୟୁ): ବର୍ଷକ ମଧ୍ୟରେ ନାରୀ ନିର୍ଯାତନା ବିଗତ ସରକାରର ରେକର୍ଡକୁ ଟପିଥିବା ବେଳେ ବର୍ତ୍ତମାନର ସରକାରଙ୍କ ଅମାନବୀୟ ବ୍ୟବହାରକୁ ନେଇ ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ସାମ୍ବାଦିକ ସମ୍ମିଳନୀ ଆୟୋଜିତ ହୋଇଥିଲା ।

କାର୍ଯ୍ୟକ୍ରମରେ ପିସିସି ପ୍ରଚାର ମିଡ଼ିଆ, ପ୍ରସାର ଏବଂ ସୂଚନା ଅଧ୍ୟକ୍ଷ ଅରବିନ୍ଦ ଦାସ କଂଗ୍ରେସ ଦଳର ଅଭିମତ ଉପସ୍ଥାପନା କରିବା ସହ ସରକାରଙ୍କ ଲଜ୍ଜାଜନକ ଉଦାସୀନତାକୁ କଟୁ ସମାଲୋଚନା କରିଥିଲେ । ଅଧ୍ୟକ୍ଷ ଶ୍ରୀ ଦାସଙ୍କ ସହିତ ମୁଖପାତ୍ର ଡକଫର ମନୀଷା ଦାସ ପଟ୍ଟନାୟକ ଓ ଜୟଶ୍ରୀ ପାତ୍ର ବାଲେଶ୍ୱର ଛାତ୍ରୀଙ୍କ ଆତ୍ମାହୁତି ଘଟଣାରେ ସରକାରଙ୍କ ଦ୍ୱାରା ନିଯୁକ୍ତ କରାଯାଇଥିବା କ୍ରାଇମବ୍ରାଞ୍ଚ ତଦନ୍ତ ଅଧିକାରୀଙ୍କ ପୂର୍ବର ଏକ ବର୍ବରତାପୂର୍ଣ୍ଣ କାରନାମାର ଭିଡିଓ ଗଣମାଧ୍ୟମକୁ ପ୍ରଦର୍ଶନ କରି ସରକାରଙ୍କ ଦୋମୁହାଁ ନୀତି ବିରୁଦ୍ଧରେ କଡା ସମାଲୋଚନା କରିଥିଲେ । ଅଧ୍ୟକ୍ଷ ଶ୍ରୀ ଦାସ ଅହେତୁକ ବୃଦ୍ଧି ପାଉଥିବା ନାରୀ ନିର୍ଯାତନାକୁ ନେଇ ପ୍ରଶ୍ନବାଣ କରିଛନ୍ତି ।

ସମସ୍ତ ଘଟଣାରେ କୌଣସି ଆଗୁଆ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ



କରି ଘଟଣା ଘଟିଲା ପରେ କେବଳ ପୋଷ୍ଟମର୍ଟମ କାମ ଚାଲିଛି । ସୌମ୍ୟାଶ୍ରୀ ଆତ୍ମାହୁତି ମାମଲାର କ୍ରାଇମବ୍ରାଞ୍ଚ ତଦନ୍ତଭାର ଏପରି ଜଣେ ଅଧିକାରୀଙ୍କୁ ନ୍ୟସ୍ତ କରାଯାଇଛି, ଯାହାଙ୍କ ନୈତିକତା ଉପରେ ଆଜି ପ୍ରଶ୍ନ ଉଠିଲାଣି । ଏପଟେ ବଳଙ୍ଗା ନାବାଳିକା ପୋଡି ଘଟଣାର ଅଭିଯୁକ୍ତ ମାନଙ୍କୁ ଗିରଫ କରିବାକୁ ଆଉ କେତେ ଘଣ୍ଟା କିମ୍ବା ଦିନ ଲାଗିବ ସରକାର ଜବାବ ଦେବେ କି ବୋଲି ପ୍ରଶ୍ନ ପଚାରିଛି ପିସିସି ।

ଆମେ ସମସ୍ତ ଓଡିଶାବାସୀଙ୍କୁ ଆସନ୍ତା ୨୪ତାରିଖକୁ ଶ୍ରଦ୍ଧାଞ୍ଜଳି ଦିବସରୂପେ ପାଳନ କରିବା ପାଇଁ ନିବେଦନ କରୁଛୁ । ସେ ଦିନ ସକାଳ ୯ଟାରେ ରାଜ୍ୟବ୍ୟାପୀ ବିଶେଷକରି ଶିକ୍ଷାନୁଷ୍ଠାନ ମାନଙ୍କରେ ଗୋଟିଏ ମିନିଟ ନୀରବ ପ୍ରାର୍ଥନା କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ ସହ ନାରୀ ନିର୍ଯାତନା ବିରୋଧରେ ନୀରବ ପ୍ରତିବାଦ କରାଯିବ । ଅଧ୍ୟକ୍ଷ ଶ୍ରୀ ଦାସ ସରକାରଙ୍କ ଅଭିମୁଖ୍ୟକୁ କଟୁ ସମାଲୋଚନା କରି କହିଲେ ଯେ କଂଗ୍ରେସ ଛାତ୍ର ସଭାପତି ଉଦିତ ପ୍ରଧାନଙ୍କୁ ଗିରଫ କରିବା ପରେ ତୁରନ୍ତ ଦଳରୁ ନିଲମ୍ବନ କରିବା ସହ ତଦନ୍ତରେ ଦଳ ସହଯୋଗର ହାତ ବଢ଼ାଇଛି । ପୁଲିସ ଗିରଫଦାରୀର ବିରୋଧ କରିନୁ । କିନ୍ତୁ ଚାରି ମାସ ତଳେ ଘଟିଥିବା ତଥାକଥିତ ଘଟଣାକୁ ନେଇ ହଠାତ ଗିରଫ କରି କଂଗ୍ରେସ ନାରୀ ନ୍ୟାୟ ଆନ୍ଦୋଳନକୁ କଦାପି ଭଣ୍ଡୁର କରିଦେଇ ପାରିବେ ନାହିଁ । ବିଧିବଦ୍ଧ ତଦନ୍ତ ପରେ ଉଦିତ ପ୍ରଧାନ ନିର୍ଦ୍ଦୋଷ ସାବ୍ୟସ୍ତ ହେଲେ ତାଙ୍କୁ ନିଶ୍ଚୟ ପୁଣି ଦଳରେ ଗ୍ରହଣ କରାଯିବ ବୋଲି ଶ୍ରୀ ଦାସ ପ୍ରକାଶ କରିଛନ୍ତି ।

ମୁଖପାତ୍ର ଡକଫର ମନୀଷା କହିଲେ, ଉକ୍ତ ଘଟଣା ପାଇଁ କଂଗ୍ରେସ ଏକ ଗୃହ କମିଟି ଗଠନ ପ୍ରସ୍ତାବ ଦେଇଥିଲୁ କିନ୍ତୁ ସରକାର ଆମ ପ୍ରସ୍ତାବକୁ ତାସଲ୍ୟ କରି ଉଡେଇଦେବା ସହ ଆମର ୧୪ ଜଣ ବିଧାୟକଙ୍କୁ ନିଲମ୍ବନ କରି ଦେଇଥିଲେ । ସେତେବେଳେ ଯଦି ସରକାର ଆମ ପ୍ରସ୍ତାବକୁ ଗୁରୁତ୍ୱର ସହ ନେଇଥାନ୍ତେ ତେବେ ଆଜି ନାରୀ ନିର୍ଯାତନାରେ ଓଡିଶା ରେକର୍ଡ ଭାଙ୍ଗୁ ନ ଥାନ୍ତା । ଅନ୍ୟମାନଙ୍କ ମଧ୍ୟରେ ମୁଖପାତ୍ର ଜୟଶ୍ରୀ ଉପସ୍ଥିତ ଥିଲେ।

## ବଳାତ୍କାର ମାମଲା ଉଦିତଙ୍କ ସହଯୋଗୀ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ବଳାତ୍କାର ମାମଲାରେ ଗିରଫ ହୋଇଥିବା ପୂର୍ବତନ ଛାତ୍ର କଂଗ୍ରେସ ସଭାପତି ଉଦିତ ପ୍ରଧାନଙ୍କ ସହଯୋଗୀ ଆୟୁଷ୍ମାନ ସାହୁଙ୍କୁ ଗିରଫ କରିଛି ମଞ୍ଚେଶ୍ୱର ଥାନା ପୋଲିସ । ଉଦିତ ନିର୍ଦ୍ଦୋଷ ବୋଲି ଆୟୁଷ୍ମାନ ସୋମବାର ଏକ ଭିଡିଓ ଜାରି କରିଥିବା ପୋଲିସ କହିଛି ।

ଚନ୍ଦକା ଅଞ୍ଚଳର ଜଣେ ୧୯ ବର୍ଷିୟା ଛାତ୍ରୀଙ୍କୁ ଉଦିତ ମଞ୍ଚେଶ୍ୱର ଥାନା ଅଞ୍ଚଳରେ ବଳାତ୍କାର କରିଥିବା ଅଭିଯୋଗ ହୋଇଥିଲା । ତାଙ୍କ ସହ ଆୟୁଷ୍ମାନ ଥିବା ପୀଡ଼ିତା ତାଙ୍କ ବୟାନରେ କହିଥିଲେ । ପୋଲିସ ଦ୍ୱିତୀୟ ଅଭିଯୁକ୍ତ ଭାବେ ଆୟୁଷ୍ମାନଙ୍କୁ ଗିରଫ କରିଥିଲେ ମଧ ତଦନ୍ତ ଜାରି ରହିଥିବା ସୂଚନା ମିଳିଛି ।

# ଭାରତରେ ଟଚ୍‌ପଏଣ୍ଟ ସଂଖ୍ୟା ୩୦୦ ଅତିକ୍ରମ କଲା ସ୍କୋଡା ଅଟୋ

ଭୁବନେଶ୍ୱର, (ସବ୍ୟୁ): ସ୍କୋଡା ଅଟୋ ଭାରତରେ ଏହାର ୨୫ ବର୍ଷ ଏବଂ ବିଶ୍ୱରେ ୧୩୦ ବର୍ଷର ଇତିହାସ ଉତ୍ସବ ପାଳନ କରୁଛି । ଏହି ମାସର ଆରମ୍ଭରେ କମ୍ପାନି ୨୦୨୫ର ଏଚ୍୧ରେ ଏହାର ସର୍ବୋଚ୍ଚ ଅର୍ଦ୍ଧ-ବାର୍ଷିକ ବିକ୍ରୟ ହାସଲ କରିଛି । ଆଉ ଏକ ଉପଲବ୍ଧି ହେଉଛି କମ୍ପାନି ଏବେ ୧୭୨ଟି ଭାରତୀୟ ସହରରେ ଗ୍ରାହକଙ୍କୁ ସେବା ପ୍ରଦାନ କରୁଥିବା ୩୦୦ଟି ଟଚ୍‌ପଏଣ୍ଟ ଅତିକ୍ରମ କରିଛି । ଏକ ଅତୁଳନୀୟ ଗ୍ରାହକ ଅନୁଭୂତି ପ୍ରଦାନ କରିବା ସ୍କୋଡା ଅଟୋର ଭାରତ ବୃଦ୍ଧି ରଣନୀତିର କେନ୍ଦ୍ରବିନ୍ଦୁ ଅଟେ । ଦ୍ରୁତ ନେଟୱର୍କ ସମ୍ପ୍ରସାରଣ ଏହାକୁ ପ୍ରତିଫଳିତ କରୁଥିବା ବେଳେ କମ୍ପାନି ସମଗ୍ର ଭାରତରେ ଏକ ଦୃଢ ଧାରା ସୃଷ୍ଟି କରୁଛି । ଏହି ଉପଲବ୍ଧି ଉପରେ ମନ୍ତବ୍ୟ ଦେଇ ସ୍କୋଡା ଅଟୋ ଇଣ୍ଡିଆର ବ୍ରାଣ୍ଡ ଡାଇରେକ୍ଟର ଆଶିଷ ଗୁପ୍ତା କହିଛନ୍ତି ଯେ, "ଆମର ବର୍ଦ୍ଧିତ ନେଟୱର୍କ ଗ୍ରାହକମାନଙ୍କ ପାଇଁ ଆମର ଉତ୍ପାଦ ପରିସରକୁ ଅଧିକ ସୁଲଭ କରିବା ସହିତ ସମଗ୍ର ଦେଶରେ ସ୍ଥିର ଗୁଣବତା ସହ



ଏକ ସ୍ମାର୍ଟ, ଦ୍ରୁତ ସେବା ସକ୍ଷମ କରୁଛି । 'ଏକାଠି ବଢ଼ିବା ଏବଂ ଗ୍ରାହକଙ୍କ ନିକଟତର ହେବା' ଉପରେ ଗୁରୁତ୍ୱ ଦେଇ ଆମର ସମ୍ପ୍ରସାରଣର ଏକ ବଡ଼ ଅଂଶ ସ୍କୋଡା ଅଟୋର ଦୀର୍ଘମିଆଦୀ ଡିଲର୍ ସହଯୋଗୀମାନଙ୍କ ମାଧ୍ୟମରେ କରାଯାଇଛି । ଏଥି ସହିତ ଗ୍ରାହକ-କେନ୍ଦ୍ରିତତାର ପ୍ରମାଣିତ ରେକର୍ଡ ଥିବା ନୂତନ ସହଯୋଗୀଙ୍କୁ ମଧ ଯୋଡ଼ାଯାଇଛି । ଏହି ସମ୍ପ୍ରସାରଣ ଭାରତରେ ସ୍କୋଡା ଅଟୋର ଇତିହାସକୁ ଦୃଢ଼ କରିବା ଏବଂ ସୁରକ୍ଷା, ମୂଲ୍ୟ, ଏବଂ ଏକ ବାସ୍ତବ ଫଳପ୍ରଦ ମାଲିକାନା ଅନୁଭୂତିର ପ୍ରତିଶ୍ରୁତି ପୂରଣ କରିବା ଦିଗରେ ଏକ ପଦକ୍ଷେପ ।

# ମୌସୁମୀରେ ଟିପିସିଓଡିଏଲ୍‌ର ସୁରକ୍ଷା ସତର୍କତା

ଭୁବନେଶ୍ୱର(ସବ୍ୟୁ): ଟିପି ସେଂଟ୍ରାଲ୍ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିସିଓଡିଏଲ୍) ପକ୍ଷରୁ ମୌସୁମୀ ଋତୁ ଲାଗି ପ୍ରସ୍ତୁତ ରହିବା ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି । ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣ ବଜାୟ ରଖିବା ଏବଂ ବର୍ଷା ଋତୁରେ ସମସ୍ତ ଗ୍ରାହକ ଓ ଅଂଶୀଦାରମାନଙ୍କ ପାଇଁ ସୁରକ୍ଷା ସୁନିଶ୍ଚିତ କରିବାକୁ ଏହି ସୁରକ୍ଷା ପଦକ୍ଷେପଗୁଡ଼ିକ ପ୍ରସ୍ତୁତ କରାଯାଇଛି ।ମୌସୁମୀ ଋତୁରେ ପାଣି ଜମିବା, ବଜ୍ରପାତ ଓ ବିଦ୍ୟୁତ୍ ଯୋଗାଣରେ ଅସ୍ଥିରତା ଭଳି ଆହ୍ୱାନ ଦେଖାଦେଇଥାଏ । ଏଭଳି ପରିସ୍ଥିତି ବିଦ୍ୟୁତ ଜନିତ ଦୁର୍ଘଟଣାଗୁଡ଼ିକୁ ଏଡ଼ାଇବା ପାଇଁ ସଚେତନତା ଓ ପ୍ରତିଷେଧମୂଳକ ପଦକ୍ଷେପ ଆବଶ୍ୟକ । ନିଜକୁ, ନିଜ ପରିବାର ଓ ସଂପତ୍ତିର ସୁରକ୍ଷା ପାଇଁ ସୁରକ୍ଷିତ ଅଭ୍ୟାସ ଗ୍ରହଣ କରିବାକୁ ଟିପିସିଓଡିଏଲ୍ ପକ୍ଷରୁ ସମସ୍ତ ଗ୍ରାହକଙ୍କୁ ଆହ୍ୱାନ ଦିଆଯାଇଛି ।

ଏହି ଅବସରରେ ଟିପିସିଓଡିଏଲର ସିଇଓ ଅରଭିନ୍ଦ୍ ସିଂହ କହିଛନ୍ତି ଯେ, ବିଶେଷ କରି ମୌସୁମୀ ଋତୁରେ ପାଣିପାଗ ସ୍ଥିତି ଯୋଗୁଁ ବିପଦ ଆଶଙ୍କା ବୃଦ୍ଧି ପାଉଥିବାରୁ ଟିପିସିଓଡିଏଲରେ ଆମେ ସୁରକ୍ଷାକୁ ସର୍ବାଧିକ ପ୍ରାଥମିକତା ଦେଉଛୁ । ଗ୍ରାହକମାନେ ଜରୁରୀକାଳୀନ ସ୍ଥିତି, ବିଦ୍ୟୁତ ବିଭ୍ରାଟ ଏବଂ ଯେକୌଣସି ପ୍ରକାରର ବିଦ୍ୟୁତ ସମ୍ପର୍କିତ ବିପଦ ବିଷୟରେ ୨୪ ଘଂଟିଆ ଦେୟମୁକ୍ତ ନମ୍ବର: ୧୮୦୦-୩୪୫-୭୧୨୨ ଏବଂ ଆଣ୍ଡ୍ରଏଡ୍ ଓ ଆଇଓଏସ୍ ପ୍ଲାଟଫର୍ମରେ ଉପଲବ୍ଧ ଥିବା ମିତ୍ର ଆପ୍ ଜରିଆରେ ସୂଚନା ଦେଇପାରିବେ ।

# ୟୁକୋ ବ୍ୟାଙ୍କର ପ୍ରଥମ ତ୍ରୈମାସରେ ୬୦୭ କୋଟି ଟଙ୍କାର ନେଟ୍ ଲାଭ

ଭୁବନେଶ୍ୱର, (ସବ୍ୟୁ) : ରାଷ୍ଟ୍ରାୟତ୍ତ ୟୁକୋ ବ୍ୟାଙ୍କର ପ୍ରଥମ ତ୍ରୈମାସିକ ଆର୍ଥିକ ଫଳାଫଳ ପ୍ରକାଶ ପାଇଛି। ବ୍ୟାଙ୍କ ଜୁନ୍ ମାସ ଶେଷ ସୁଦ୍ଧା, ପ୍ରଥମ ତ୍ରୈମାସରେ ଶତକଡା ୧୦.୧୬ ପ୍ରତିଶତ ଅଭିବୃଦ୍ଧି ହାର ହାସଲ କରି ୬୦୭ କୋଟି ଟଙ୍କାର ନେଟ୍ ଲାଭ ସଂଗ୍ରହ କରିପାରିଛି ଯାହା ପୂର୍ବ ବର୍ଷ ଏହି ସମୟରେ ୫୫୧ କୋଟି ଟଙ୍କା ରହିଥିଲା। ବ୍ୟାଙ୍କର ସକଳ ଅଗ୍ରୀମରେ ଶତକଡା୧୬.୪୮ ପ୍ରତିଶତ ବୃଦ୍ଧି ଘଟି ୨,୨୫,୧୦୧ କୋଟିରେ ପହଞ୍ଚିଛି। ଜୁନ୍ ମାସ ଶେଷ ସୁଦ୍ଧା ବ୍ୟାଙ୍କର ସମୁଦାୟ ବ୍ୟବସାୟିକ ଅଭିବୃଦ୍ଧିରେ ଶତକଡା ୧୩.୫୧ ପ୍ରତିଶତ ବୃଦ୍ଧି ଘଟି ୫,୨୩,୭୩୬ କୋଟିରେ ପହଞ୍ଚିଛି। ବ୍ୟାଙ୍କର ନେଟ୍ ସୁଧ ଆୟରେ ଶତକଡା ୬.୬୧ ପ୍ରତିଶତ ବୃଦ୍ଧି ଘଟି ୨,୪୦୩ କୋଟିରେ ପହଞ୍ଚିଛି। ପ୍ରଥମ ତ୍ରୈମାସିକ ସୁଦ୍ଧା ବ୍ୟାଙ୍କର ନେଟ୍ ସୁଧ ମାର୍ଜିନ



ଶତକଡା ୨.୯୬ ପ୍ରତିଶତ ବୃଦ୍ଧି ପାଇଥିବା ସହ ପୁଞ୍ଜି ସ୍ୱଚ୍ଛଳତା ହାର (ସିଆର୍‌ଏଆର୍) ଶତକଡା ୧୮.୩୯ ପ୍ରତିଶତ ବୃଦ୍ଧି ପାଇଛି। ବ୍ୟାଙ୍କର ପ୍ରୋଭିଜନ୍ କଭରେଜ ରେସିଓ (ପିସିଆର୍) ଶତକଡା ୯୬.୮୮ ପ୍ରତିଶତରେ ପହଞ୍ଚିଛି। ବ୍ୟାଙ୍କର ପରିଚାଳନାଗତ ଲାଭ ଶତକଡା ୧୮.୨୪ ପ୍ରତିଶତ ଅଭିବୃଦ୍ଧି ହାରରେ ୧,୫୬୨ କୋଟିରେ ପହଞ୍ଚିଛି। ବ୍ୟାଙ୍କର ଗ୍ରସ୍ ଏନ୍‌ପିଏ ୬୯ ବିପିଏସ୍ ହ୍ରାସ ପାଇ ଶତକଡା ୨.୬୩ ପ୍ରତିଶତରେ ପହଞ୍ଚିଛି। ବ୍ୟାଙ୍କର ନେଟ୍ ଏନ୍‌ପିଏ ୩୩ ବିପିଏସ୍ ହ୍ରାସ ପାଇ ଶତକଡା ୦.୪୫ ପ୍ରତିଶତରେ ପହଞ୍ଚିଛି। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଚଳିତ ବର୍ଷ ଜୁନ୍ ମାସ ଶେଷ ସୁଦ୍ଧା ୟୁକୋ ବ୍ୟାଙ୍କର ୩,୩୦୫ଟି ଘରୋଇ ଶାଖା ରହିଥିବା ବେଳେ ହଂକଂଗ୍ ଓ ସିଙ୍ଗାପୁରରେ ୨ଟି ଶାଖା ରହିଛି ଏବଂ ଇରାନ୍‌ରେ ଗୋଟିଏ ପ୍ରତିନିଧି କାର୍ଯ୍ୟାଳୟ ରହିଛି। ବ୍ୟାଙ୍କର ୨,୫୭୫ ଟି ଏଟିଏମ୍ ଓ ୧୦,୯୨୦ ଟି ବିସି ପଏଣ୍ଟ ରହିଛି।

# ରାଜରାସ୍ତାକୁ ଓହ୍ଲାଇଲେ ପିଓକେ ପୋଲିସ



ଇସଲାମାବାଦ: ସାଧାରଣ ଲୋକଙ୍କ ପରେ ଏବେ ପାକ୍ ଅଧିକୃତ କଶ୍ମୀର (ପିଓକେ)ର ପୁଲିସ କର୍ମଚାରୀମାନେ ସରକାରଙ୍କ ବିରୋଧରେ ମୋର୍ଚ୍ଚା ଖୋଲିଛନ୍ତି । ରାଜଧାନୀ ମୁଜାଫରାବାଦରେ, ୟୁନିଫର୍ମ ପିନ୍ଧି ଶହ ଶହ ପୁଲିସ କର୍ମଚାରୀ ବ୍ୟାନର ଏବଂ ପୋଷ୍ଟର ଧରି ରାସ୍ତାକୁ ବାହାରି ଆସି ଅନିର୍ଦ୍ଦିଷ୍ଟ କାଳ ପାଇଁ ଧର୍ମଘଟ କରିଛନ୍ତି । ସେମାନେ ଡ୍ୟୁଟିକୁ ଫେରିବାକୁ ସ୍ପଷ୍ଟ ଭାବରେ ମନା କରିଦେଇଛନ୍ତି ।

'ଜମିଅତ-ଏ-ପୁଲିସ୍ କଶ୍ମୀର' ବ୍ୟାନର ତଳେ ଧର୍ମଘଟରେ କରୁଥିବା ପୁଲିସ ଏବଂ ଅଧିକାରୀମାନେ ଅଭିଯୋଗ କରିଛନ୍ତି ଯେ, ପାକିସ୍ତାନ ସରକାର ଦୀର୍ଘ ସମୟ ଧରି ସେମାନଙ୍କୁ ଅଣଦେଖା କରିଆସୁଛନ୍ତି । ସେମାନେ ଦଶନ୍ଧି ଧରି ଭେଦଭାବ, ଆର୍ଥିକ ଶୋଷଣ ଏବଂ ପ୍ରଶାସନିକ ଅବହେଳା ବିରୁଦ୍ଧରେ ସ୍ୱର ଉଠାଇ ଆସିଛନ୍ତି ଏବଂ ଡ୍ୟୁଟିକୁ ଫେରିବା ପାଇଁ ସରକାରଙ୍କ ନିକଟରେ ୧୨ ଦଫା ଦାବି ରଖିଛନ୍ତ ।ପିଓକେର କଶ୍ମୀରବାସୀଙ୍କ ପ୍ରତି ପକ୍ଷପାତପୂର୍ଣ୍ଣ ମନୋଭାବ ପ୍ରଦର୍ଶନ କରାଯାଉଥିବା ନେଇ ୨୧ ଜୁଲାଇରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ଧର୍ମଘଟ କରୁଥିବା ପାକ୍ ଅଧିକୃତ କଶ୍ମୀରର ପୁଲିସ ଅଧିକାରୀ ଏବଂ ଜବାନମାନେ ଗମ୍ଭୀର ଅଭିଯୋଗ ଆଣିଛନ୍ତି । ସେମାନେ କହିଛନ୍ତି ଯେ, ପାକିସ୍ତାନ ସରକାର ପିଓକେର କଶ୍ମୀରବାସୀଙ୍କ ପ୍ରତି ପକ୍ଷପାତପୂର୍ଣ୍ଣ ମନୋଭାବ ପୋଷଣ କରୁଛିଛ ଅଭିଯୋଗ ହେଉଛି ଯେ, କର୍ତ୍ତବ୍ୟ ସମୟରେ ପ୍ରାଣ ହରାଇଥିବା ପୁଲିସ କର୍ମଚାରୀଙ୍କ ସଞ୍ଚୟ ଟଙ୍କା ମଧ ସେମାନଙ୍କ ପରିବାରକୁ ହସ୍ତାନ୍ତର କରାଯାଉ ନାହିଁ । ସେହି ଟଙ୍କାକୁ ସରକାର ଫ୍ରିଜ୍ କରି ଦେଉଛନ୍ତି ।ଏହା ସହିତ ଗତ ୫୦ ବର୍ଷ ଧରି ମୃତ ପୁଲିସ କର୍ମଚାରୀଙ୍କ ପରିବାରକୁ ଦିଆଯାଉଥିବା ପେନସନରେ ମଧ କୌଣସି ବୃଦ୍ଧି କରାଯାଇ ନାହିଁ ।

ପୁଲିସ କର୍ମଚାରୀମାନେ କହିଛନ୍ତି ଯେ, ପାକିସ୍ତାନର ପଞ୍ଜାବ ପ୍ରଦେଶରେ ଏପରି ପରିସ୍ଥିତି ନାହ । ସେଠାରେ, ମୃତ ପୁଲିସ କର୍ମଚାରୀଙ୍କ ପରିବାରକୁ ପ୍ରତି ମାସରେ ଉପଯୁକ୍ତ ପେନସନ ମିଳିଥାଏ ଏବଂ ସେମାନଙ୍କର ସମ୍ପୂର୍ଣ୍ଣ ଜମା ଟଙ୍କା ମଧ ପରିବାର ସଦସ୍ୟଙ୍କୁ ହସ୍ତାନ୍ତର କରାଯାଇଥାଏ । ମାତ୍ର ପିଓକେରେ, ନା ଆର୍ଥିକ ସାହାଯ୍ୟ ଦିଆଯାଏ ନା ସମ୍ମାନଜନକ ବ୍ୟବହାର କରାଯାଇଥାଏ ବୋଲି ପୁଲିସମାନେ ଅଭିଯୋଗ କରିଛନ୍ତି ।

ପୁଲିସ କର୍ମଚାରୀଙ୍କ ପରିବାର ସଦସ୍ୟଙ୍କ ପ୍ରତି ପକ୍ଷପାତପୂର୍ଣ୍ଣ ମନୋଭାବ ପ୍ରଦର୍ଶନ କରାଯାଉଥିବା ସେମାନେ ଅଭିଯୋଗ କରିଛନ୍ତି । ସେମାନେ କହିଛନ୍ତି ଯେ, ଅଞ୍ଚଳରେ ଅନେକ ବଡ଼ ସରକାରୀ ହସ୍ପିଟାଲ ଅଛି, କିନ୍ତୁ ଏହି ସୁବିଧାର ଲାଭ କେବଳ ସେନା ଅଧିକାରୀ ଏବଂ ସେମାନଙ୍କ ପରିବାରକୁ ଦିଆଯାଉଛି । ପୁଲିସ ଏବଂ ସେମାନଙ୍କ ପରିବାର ପ୍ରତି ଏକ ପକ୍ଷପାତପୂର୍ଣ୍ଣ ମନୋଭାବ ଗ୍ରହଣ କରାଯାଉଛି । ଅନିର୍ଦ୍ଦିଷ୍ଟ କାଳ ପାଇଁ ଧର୍ମଘଟରେ ବସିଥିବା ପୁଲିସ ଅଧିକାରୀମାନେ ଦାବି କରିଛନ୍ତି ଯେ, ସେମାନଙ୍କୁ ଏବଂ ସେମାନଙ୍କ ପରିବାରକୁ ମଧ ସେନା ପରି ସମାନ ଚିକିତ୍ସା ସୁବିଧା ଦିଆଯାଉ । ଏହା ସହିତ, ଯଦି କାହାକୁ ବାହାରେ ଚିକିତ୍ସା କରିବାକୁ ପଡ଼େ, ତେବେ ତାଙ୍କ ଖର୍ଚ୍ଚକୁ କୌଣସି ବାଧା ବିନା ଫେରସ୍ତ କରାଯିବା ଉଚିତ ବୋଲି ସେମାନ ଦାବି କରିଛନ୍ତି ।ପାକ୍ ଅଧିକୃତ କାଶ୍ମୀର (ପିଓକେ) ରେ ଭେଦଭାବ ଅଭିଯୋଗ ନେଇ ପାକିସ୍ତାନ ସରକାରଙ୍କ ବିରୋଧରେ ସମ୍ପ୍ରତି ପ୍ରତିବାଦ ତୀବ୍ର ହୋଇଛି । ଏଠାରେ ପୁଲିସ କର୍ମଚାରୀମାନଙ୍କ ପରି ରାଜସ୍ୱ ବିଭାଗର କର୍ମଚାରୀମାନେ ମଧ ସେମାନଙ୍କର ଅସନ୍ତୋଷ ପ୍ରକାଶ କରିଛନ୍ତି । ରାଜସ୍ୱ ବିଭାଗ କର୍ମଚାରୀମାନେ ୨୭ ଜୁଲାଇ ପର୍ଯ୍ୟନ୍ତ କଳାପଟି ପିନ୍ଧି କାମ କରୁଛନ୍ତି । ସେମାନେ କହିଛନ୍ତି ଯେ, ଯଦି ସେମାନଙ୍କୁ ପାକିସ୍ତାନର ଅନ୍ୟ ଅଞ୍ଚଳ ପରି ସମାନ ଅଧିକାର ଦିଆ ନ ଯାଏ, ତେବେ ସେମାନେ ୨୭ ଜୁଲାଇରୁ ପ୍ରତିଦିନ ତିନି ଘଣ୍ଟା କାମ ବନ୍ଦ କରିଦେବେ ଏବଂ ୩ ଅଗଷ୍ଟରୁ ସମ୍ପୂର୍ଣ୍ଣ ଧର୍ମଘଟ କରିବେ ।

# ବୟସ ୯୨ : ଛାଡୁନି କ୍ଷମତା ଲୋଭ

ୟାଓୟୁଣ୍ଡେ: କାମେରୁନର ୯୨ ବର୍ଷୀୟ ରାଷ୍ଟ୍ରପତି ପୁଣି ଥରେ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ଘୋଷଣା କରିଛନ୍ତି ।କେନ୍ଦ୍ରୀୟ ଆଫ୍ରିକୀୟ ଦେଶ କାମେରୁନର ରାଷ୍ଟ୍ରପତି ପଲ ବିୟ ଅକ୍ଟୋବର ୨୦୨୫ରେ ଅନୁଷ୍ଠିତ ହେବାକୁ ଥିବା ରାଷ୍ଟ୍ରପତି ନିର୍ବାଚନରେ ନିଜର ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି । ପଲ ବିୟା ବିଶ୍ୱର ସବୁଠାରୁ ବୟସ୍କ ଏବଂ ସବୁଠାରୁ ଦୀର୍ଘ ସମୟ ଧରି କ୍ଷମତାରେ ଥିବା



ରାଷ୍ଟ୍ରମୁଖ୍ୟମାନଙ୍କ ମଧ୍ୟରୁ ଜଣେ । ସେ ଗତ ୪୩ ବର୍ଷ ଧରି କାମେରୁନର ରାଷ୍ଟ୍ରପତି ଅଛନ୍ତି ଏବଂ ବର୍ତ୍ତମାନ ତାଙ୍କ ବୟସ ୯୨ ବର୍ଷ । ଏବେ ସେ ୧୦୦ ବର୍ଷ ବୟସ ପର୍ଯ୍ୟନ୍ତ କ୍ଷମତାରେ ରହିବାକୁ ଚାହାନ୍ତି । ପଲ୍ ବିୟା ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସ ରେ ପୋଷ୍ଟ କରି ତାଙ୍କର ପ୍ରାର୍ଥୀତ୍ୱ ଘୋଷଣା କରିଛନ୍ତି । ତେବେ ୪୩ ବର୍ଷର ଦୀର୍ଘ ଶାସନ ପରେ, ଦେଶରେ ତାଙ୍କ ବିରୁଦ୍ଧରେ ପ୍ରତିବାଦର ସ୍ୱର ଜୋରଦାର ହେବାରେ ଲାଗିଛି । ଅନେକ ବିରୋଧୀ ନେତା ଏବଂ ସାମାଜିକ କର୍ମୀ କାମେରୁନର ବିକାଶ ଏବଂ ଗଣତନ୍ତ୍ରରେ ତାଙ୍କୁ ସବୁଠାରୁ ବଡ଼ ପ୍ରତିବନ୍ଧକ ବୋଲି ବିବେଚନା କରୁଛନ୍ତି ।ତାଙ୍କ ପ୍ରାର୍ଥୀତ୍ୱ ଘୋଷଣା ପରେ, ବିଭିନ୍ନ ବିରୋଧୀ ଦଳ ମଧ୍ୟ ସେମାନଙ୍କର ପ୍ରାର୍ଥୀଙ୍କ ନାମ ଘୋଷଣା କରିଛନ୍ତି । ସେମାନଙ୍କ ମଧ୍ୟରେ ସବୁଠାରୁ ପ୍ରମୁଖ ନାମ ହେଉଛନ୍ତି କାମେରୁନ୍ ରେନୋଇସାନ୍ସ ମୁଭମେଣ୍ଟର ମ୍ୟୁରିସ୍ କାମଟୋ ।

# ବୋଇଂ ୭୮୭ ବିମାନର ଇନ୍ଧନ ସ୍ୱିଚ୍ ଯାଞ୍ଚ



ମୁମ୍ବାଇ: ଏୟାର ଇଣ୍ଡିଆ ଏହାର ଫ୍ଲିଟରେ ଥିବା ସମସ୍ତ ବୋଇଂ ୭୮୭ ଏବଂ ବୋଇଂ ୭୩୭ ବିମାନର ଫୁଏଲ କଣ୍ଟ୍ରୋଲ ସ୍ୱିଚ୍ (ଏଫସିଏସ)ର ଲକିଂ ସିଷ୍ଟମର ଯାଞ୍ଚ ସମାପ୍ତ କରିଛି । କମ୍ପାନି ପକ୍ଷରୁ ମଙ୍ଗଳବାର କୁହାଯାଇଛି ଯେ ଇନ୍ଧନ ନିୟନ୍ତ୍ରଣ ସ୍ୱିଚ ରେ କୌଣସି ସମସ୍ୟା ମିଳିନାହିଁ । ସୁରକ୍ଷା ଦୃଷ୍ଟିକୋଣରୁ ବିମାନଗୁଡ଼ିକର ଯାଞ୍ଚ କରିବାକୁ ବେସାମରିକ ବିମାନ ଚଳାଚଳ ନିର୍ଦ୍ଦେଶାଳୟ (ଡିଜିସିଏ) ନିର୍ଦ୍ଦେଶ ଜାରି କରିଥିଲା । ଡିଜିସିଏଙ୍କ ନିର୍ଦ୍ଦେଶ ଅନୁଯାୟୀ ତଦନ୍ତ କରାଯାଇଥିଲା ବୋଲି ଏୟାରଲାଇନ୍ସ କହିଛ । ଏୟାର ଇଣ୍ଡିଆ ଏକ ବିବୃତ୍ତିରେ କହିଛି, ଏୟାର ଇଣ୍ଡିଆ ଏହାର ଫ୍ଲିଟରେ ଥିବା ସମସ୍ତ ବୋଇଂ ୭୮୭ ଏବଂ ବୋଇଂ ୭୩୭ ବିମାନର ଫୁଏଲ କଣ୍ଟ୍ରୋଲ ସ୍ୱିଚ୍ (ଏଫସିଏସ) ର ଲକିଂ ସିଷ୍ଟମର ସତର୍କତାମୂଳକ ଯାଞ୍ଚ ସମାପ୍ତ କରିଛି । ଏଥିରେ କୌଣସି ସମସ୍ୟା ମିଳିନାହିଁ । ଗତ ମାସରେ ଅହମ୍ମଦାବାଦରେ ଏୟାର ଇଣ୍ଡିଆ ବୋଇଂ ଡ୍ରିମଲାଇନର ବିମାନ ଦୁର୍ଘଟଣା ପରେ ଏହି ଯାଞ୍ଚ ନିର୍ଦ୍ଦେଶ ଦିଆଯାଇଥିଲା, ଯେଉଁଥିରେ ୨୬୦ ଜଣ ଲୋକ ପ୍ରାଣ ହରାଇଥିଲେ । ଏହି ଦୁର୍ଘଟଣାର ପ୍ରାଥମିକ ତଦନ୍ତରୁ ଜଣାଯାଇଛି ଯେ ଉଡ଼ାଣ ବେଳେ ଏହାର ଇନ୍ଧନ ନିୟନ୍ତ୍ରଣ ସ୍ୱିଚ୍ ବନ୍ଦ ଥିଲା । ଏ ସଂପର୍କରେ ଜଣେ ପାଇଲଟ ଅନ୍ୟ ଜଣକୁ ପଚାରିଥିଲେ ବିସେ ଏ ଏପରି କରିନାହାନ୍ତି ବୋଲି କହିଥିଲେ ।

# ଜାତୀୟ ସମବାୟ ନୀତି ଉନ୍ମୋଚନ କରିବେ ଶାହ

ନୂଆଦିଲ୍ଲୀ: କେନ୍ଦ୍ର ସ୍ୱରାଷ୍ଟ୍ର ତଥା ସମବାୟ ମନ୍ତ୍ରୀ ଅମିତ ଶାହ ୨୦୨୫ ମସିହା ଜୁଲାଇ ୨୪ ତାରିଖରେ ନୂଆଦିଲ୍ଲୀର ଅଟଳ ଅକ୍ଷୟ ଉର୍ଜା ଭବନରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଜାତୀୟ ସମବାୟ ନୀତି ୨୦୨୫ ର ଘୋଷଣା କରିବେ । ଜାତୀୟ ସମବାୟ ନୀତିର ଡ୍ରାଫ୍ଟିଂ କମିଟିର ସଦସ୍ୟ, ସମସ୍ତ ଜାତୀୟ ସମବାୟ ସଂଘର ଅଧକ୍ଷ ଏବଂ ପରିଚାଳନା ନିର୍ଦ୍ଦେଶକ, ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀ, ଜାତୀୟ ସମବାୟ ବିକାଶ ନିଗମ (ଏନସିଡିସି), ଜାତୀୟ ସମବାୟ ତାଲିମ ପରିଷଦ (ଏନସିସିଟି) ଏବଂ ବୈକୁଣ୍ଠ ମେହେଟ୍ଟା ଜାତୀୟ ସମବାୟ ପରିଚାଳନା ପ୍ରତିଷ୍ଠାନ (ଭାମ୍ନିକମ୍) ର ବରିଷ୍ଠ ଅଧିକାରୀମାନେ ଏହି ଅବସରରେ ଉପସ୍ଥିତ ରହିବେ ।



ନୂତନ ସମବାୟ ନୀତି ୨୦୨୫-୪୫ ଆଗାମୀ ଦୁଇ ଦଶନ୍ଧି ପାଇଁ ଭାରତର ସମବାୟ ଆନ୍ଦୋଳନରେ ଏକ ମାଇଲଖୁଣ୍ଟ ପ୍ରମାଣିତ ହେବ । ପ୍ରଧାନମନ୍ତ୍ରୀ ।ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଏବଂ କେନ୍ଦ୍ର ସ୍ୱରାଷ୍ଟ୍ର ତଥା ସମବାୟ ମନ୍ତ୍ରୀ ଅମିତ ଶାହଙ୍କ ଦକ୍ଷ ମାର୍ଗଦର୍ଶନରେ, ନୂତନ ସମବାୟ ନୀତି ୨୦୨୫ ସମବାୟ କ୍ଷେତ୍ରକୁ ପୁନର୍ଜୀବିତ ଏବଂ ଆଧୁନିକୀକରଣ କରିବା ସହିତ ତୃଣମୂଳ ସ୍ତରରେ ଏକ ରୋଡମ୍ୟାପ୍ ସୃଷ୍ଟି କରି ସହଯୋଗ ମାଧ୍ୟମରେ ସମୃଦ୍ଧିର ଦୃଷ୍ଟିକୋଣକୁ ସାକାର କରିବାକୁ ଲକ୍ଷ୍ୟ ରଖିଛି । ୨୦୦୨ ମସିହା ପ୍ରାରମ୍ଭରେ, ଦେଶର ପ୍ରଥମ ଜାତୀୟ ସମବାୟ ନୀତି ଜାରି କରାଯାଇଥିଲା, ଯାହା ସମବାୟ ଅନୁଷ୍ଠାନଗୁଡ଼ିକର ଆର୍ଥିକ କାର୍ଯ୍ୟକଳାପର ଉନ୍ନତ ପରିଚାଳନା ପାଇଁ ଏକ ମୌଳିକ ଢାଞ୍ଚା ପ୍ରଦାନ କରିଥିଲା । ଗତ ୨୦ ବର୍ଷ ମଧ୍ୟରେ ଜଗତୀକରଣ ଏବଂ ବୈଷୟିକ ପ୍ରଗତି ଯୋଗୁଁ ସମାଜ, ଦେଶ ଏବଂ ବିଶ୍ୱରେ ଅନେକ ବଡ଼ ପରିବର୍ତ୍ତନ ଘଟିଛି । ଏହି ପରିବର୍ତ୍ତନଗୁଡ଼ିକୁ ଧ୍ୟାନରେ ରଖି, ଏକ ନୂତନ ନୀତି ପ୍ରସ୍ତୁତ କରିବା ଆବଶ୍ୟକ ହେଲା, ଯାହାଦ୍ୱାରା ବର୍ତ୍ତମାନର ଆର୍ଥିକ ପରିଦୃଶ୍ୟରେ ସମବାୟ ସଂସ୍ଥାଗୁଡ଼ିକୁ ଅଧିକ ସକ୍ରିୟ ଏବଂ ଉପଯୋଗୀ କରାଯାଇପାରିବ ଏବଂ ବିକଶିତ ଭାରତ ୨୦୪୭ ର ଲକ୍ଷ୍ୟ ହାସଲ କରିବାରେ ସମବାୟ କ୍ଷେତ୍ରର ଭୂମିକାକୁ ସୁଦୃଢ଼ କରାଯାଇପାରିବ । ଜାତୀୟ ସମବାୟ ନୀତିର ଉଦ୍ଦେଶ୍ୟ ହେଉଛି ସମବାୟ ସଂସ୍ଥାଗୁଡ଼ିକୁ ସମାବେଶୀ କରିବା, ସେଗୁଡ଼ିକୁ ପେସାଦାର ଭାବେ ପରିଚାଳନା କରିବା, ଭବିଷ୍ୟତ ପାଇଁ ସେଗୁଡ଼ିକୁ ପ୍ରସ୍ତୁତ କରିବା ଏବଂ ବିଶେଷ କରି ଗ୍ରାମୀଣ ଭାରତରେ ବ୍ୟାପକ ନିଯୁକ୍ତି ଏବଂ ଜୀବିକା ସୁଯୋଗ ସୃଷ୍ଟି କରିବାରେ ସକ୍ଷମ ହେବା ।

ପୂର୍ବତନ କେନ୍ଦ୍ର ମନ୍ତ୍ରୀ ସୁରେଶ ପ୍ରଭାକର ପ୍ରଭୁଙ୍କ ନେତୃତ୍ୱରେ ୪୮ ଜଣିଆ ଜାତୀୟ ସ୍ତରୀୟ କମିଟି ନୂତନ ଜାତୀୟ ସମବାୟ ନୀତି ପ୍ରସ୍ତୁତ କରିଛନ୍ତି । ଏହି କମିଟିରେ ଜାତୀୟ/ରାଜ୍ୟ ସମବାୟ ମହାସଂଘର ସଦସ୍ୟ, ସମସ୍ତ ସ୍ତରର ଏବଂ କ୍ଷେତ୍ରର ସମବାୟ ସମିତି, ସମ୍ପୃକ୍ତ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ମନ୍ତ୍ରଣାଳୟ/ବିଭାଗର ପ୍ରତିନିଧି ଏବଂ ଶିକ୍ଷାବିତମାନେ ସାମିଲ ଥିଲେ । ଏକ ଅଂଶଗ୍ରହଣକାରୀ ଏବଂ ସମାବେଶୀ ଆଭିମୁଖ୍ୟ ସୁନିଶ୍ଚିତ କରିବା ପାଇଁ କମିଟି ଅହମ୍ମଦାବାଦ, ବେଙ୍ଗାଲୁରୁ, ଗୁରୁଗ୍ରାମ ଏବଂ ପାଟନାରେ ୧୭ଟି ବୈଠକ ଏବଂ ୪ଟି ଆଞ୍ଚଳିକ କର୍ମଶାଳା ଆୟୋଜନ କରିଥିଲା । ଅଂଶୀଦାରମାନଙ୍କ ଠାରୁ ପ୍ରାପ୍ତ ୬୪୮ଟି ମୂଲ୍ୟବାନ ପରାମର୍ଶକୁ ଯତ୍ନର ସହ ମୂଲ୍ୟାଙ୍କନ କରାଯାଇଥିଲା ଏବଂ ନୂତନ ସମବାୟ ନୀତିରେ ଅନ୍ତର୍ଭୁକ୍ତ କରାଯାଇଥିଲା ।

# ମୁମ୍ବାଇ ଟ୍ରେନ ବିସ୍ଫୋରଣ : ନିର୍ଦ୍ଦୋଷ ରାୟକୁ ଚ୍ୟାଲେଞ୍ଜ



ମୁମ୍ବାଇ : ବହୁଚର୍ଚ୍ଚିତ ୨୦୦୬ ମସିହା ୭/୧୧ ମୁମ୍ବାଇ ଟ୍ରେନ ବିସ୍ଫୋରଣ ଘଟଣାରେ ମହାରାଷ୍ଟ୍ର ଆତଙ୍କବାଦ ନିରୋଧ ସ୍କ୍ୱାଡ ବା ଏଟିଏସ୍ ବଡ଼ ପଦକ୍ଷେପ ନେଇଛି ।ଏହି ଘଟଣାରେ ବମ୍ବେ ହାଇକୋର୍ଟ ସମସ୍ତ ୧୨ ଦୋଷୀଙ୍କୁ ସୋମବାର ନିର୍ଦ୍ଦୋଷରେ ଖଲାସ କରିଥିଲେ । ଏବେ ହାଇକୋର୍ଟଙ୍କ ନିର୍ଦ୍ଦୋଷ ରାୟକୁ ଏଟିଏସ୍ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଛି । ସୁପ୍ରିମକୋର୍ଟ ଆବେଦନର ଶୁଣାଣି ଜୁଲାଇ ୨୪ରେ କରିବେ ବୋଲି ରାଜି ହୋଇଛନ୍ତି ।ଏଟିଏସ କରିଥିବା ଆବେଦନର ଶୁଣାଣି ଗୁରୁବାର ପ୍ରଧାନ ବିଚାରପତି ଜଷ୍ଟିସ ବିଆର ଗବାଇ, ଜଷ୍ଟିସ କେ ବିନୋଦ ଚନ୍ଦ୍ରନ ଓ ଜଷ୍ଟିସ ଏନଭି ଅଞ୍ଜାରିଆଙ୍କ ଖଣ୍ଡପୀଠ କରିବେ । ମହାରାଷ୍ଟ୍ର ଏଟିଏସ୍ ପାଇଁ ସଲିସିଟର ଜେନେରାଲ ତୁଷାର ମେହେଟା ଏପରି ଆବେଦନ ସୁପ୍ରିମକୋର୍ଟରେ କରିଛନ୍ତି ।ଏଥିସହ ସେ ଜରୁରୀ ଶୁଣାଣି ପାଇଁ ନିବେଦନ କରିଥିଲେ । କୋର୍ଟ ତାଙ୍କୁ ଆବେଦନକୁ ଗ୍ରହଣ କରି ଗୁରୁବାର ମାମଲାର ଶୁଣାଣି ହେବ ବୋଲି ଦିନ ଧାର୍ଯ୍ୟ କରିଛନ୍ତି ।ସୋମବାର ବମ୍ବେ ହାଇକୋର୍ଟ ୨୦୦୯ ତଳ ଅଦାଲତ ଦେଇଥିବା ରାୟକୁ ଖାରଜ କରି ଦେଇଥିଲେ । ତଳ କୋର୍ଟ ୧୨ ଅଭିଯୁକ୍ତଙ୍କ ମଧ୍ୟରୁ ୫ ଜଣଙ୍କୁ ମୃତ୍ୟୁଦଣ୍ଡ ଓ ୭ ଜଣଙ୍କୁ ଆଜୀବନ ଜେଲଦଣ୍ଡରେ ଦଣ୍ଡିତ କରିଥିଲେ । କିନ୍ତୁ ଦୋଷୀ ସାବ୍ୟସ୍ତ ହୋଇଥିବା ସମସ୍ତ ୧୨ ଜଣଙ୍କୁ ବମ୍ବେ ହାଇକୋର୍ଟ ଦୋଷମୁକ୍ତ କରିଥିଲେ । ୨୦୦୬ ମୁମ୍ବାଇ ସମେତ ପୂରା ଦେଶକୁ ଦୋହଲାଇ ଦେଇଥିବା ଟ୍ରେନ ବିସ୍ଫୋରଣରେ ୧୮୯ ଜଣଙ୍କ ମୃତ୍ୟୁ ହୋଇଥିଲା ଓ ୮୦୦ରୁ ଅଧିକ ଲୋକ ଆହତ ହୋଇଥିଲେ । ବମ୍ବେ ହାଇକୋର୍ଟର ସ୍ୱତନ୍ତ୍ର ବେଞ୍ଚ ବିଚାରପତି ଜଷ୍ଟିସ ଅନୀଲ କିଲୋର ଓ ଜଷ୍ଟିସ ଶ୍ୟାମ ଚନ୍ଦକ ମାମଲାର ଶୁଣାଣି କରି ଏପରି ରାୟ ଦେଇଥିଲେ । ଉପଯୁକ୍ତ ପ୍ରମାଣ ଦେବାରେ ସରକାରୀ ଓକିଲ ବିଫଳ ହୋଇଛନ୍ତି । କେବଳ ସନ୍ଦେହ ଛଡ଼ା ସରକାରୀ ଓକିଲ କୌଣସି ପ୍ରକାରର ଠୋସ ପ୍ରମାଣ ଉପସ୍ଥାପନ କରି ପାରି ନାହାନ୍ତି । ମୁଖ୍ୟ ସାକ୍ଷୀମାନଙ୍କ ବୟାନ ବିଶ୍ୱାସଯୋଗ୍ୟ ନୁହେ । ସେମାନେ ଯେଉଁଭଳି ଭାବେ ଅଭିଯୁକ୍ତମାନଙ୍କୁ ପ୍ୟାରେଡ ଜରିଆରେ ଚିହ୍ନଟ କଲେ, ତା' ଉପରେ ଅନେକ ପ୍ରଶ୍ନବାଚୀ ରହିଛି । ସେହିପରି ସ୍ୱୀକାରୋକ୍ତି ଏଟିଏସ ଅଧିକାରୀଙ୍କ ଅତ୍ୟନ୍ତ ନିର୍ଯାତନା ବଳରେ ହାସଲ କରାଯାଇ ଯାଇଥିଲା ବୋଲି ବମ୍ବେ ହାଇକୋର୍ଟ ତାଙ୍କ ରାୟରେ କହିଥିଲେ ।

# ଆଧାର, ଭୋଟ ପରିଚୟପତ୍ର ବିଶ୍ୱାସଯୋଗ୍ୟ ତଥ୍ୟ ନୁହେଁ : ଇସିଆଇ

ନୂଆଦିଲ୍ଲୀ : ବିହାରରେ ଚାଲିଥଲବା ଭୋଟର ତାଲିକାର ସ୍ପେଶାଲ ଇଣ୍ଟେନସିଭ୍ ରିଭିଜନ୍ (ଏସଆଇଆର)ରେ ଭୋଟ ପରିଚୟପତ୍ର, ଆଧାର ଓ ରାସନକାର୍ଡ ବିଶ୍ୱାସଯୋଗ୍ୟ ତଥ୍ୟ ନୁହେଁ ବୋଲି ଭାରତୀୟ ନିର୍ବାଚନ କମିଶନ ଇସିଆଇ ପକ୍ଷରୁ ସୁପ୍ରିମକୋର୍ଟରେ ଉଲ୍ଲେଖ କରାଯାଇଛି। ସୁପ୍ରିମକୋର୍ଟରେ କମିଶନଙ୍କ ପକ୍ଷରୁ ଦାଖଲ କରାଯାଇଥଲବା ସତ୍ୟପାଠରେ ଦର୍ଶାଯାଇଛି ଯେ ଏସଆଇଆର ଜନପ୍ରତିନିଧଲ ଆଇନର ଧାରା ୨୧ (୨) ଅନୁଯାୟୀ କରାଯାଇଛି। ଭୋଟ ପରିଚୟପତ୍ର ବର୍ତ୍ତମାନ ଥିବା ଭୋଟର ତାଲିକାକୁ ନେଇ ପ୍ରଦାନ କରାଯାଇଛି। ଯାହାର ସଂଶୋଧନ ଏବେ କରାଯାଉଛି।

ଉପନିର୍ବାଚନ କମିଶନ ସଞ୍ଜୟ କୁମାର ଏହି ସତ୍ୟପାଠ ଦାଖଲ କରିଛନ୍ତି। ଏଥିରେ ସେ ଉଲ୍ଲେଖ କରିଛନ୍ତି ଯେ ଭୋଟର ତାଲିକାକୁ ସଂଶୋଧନ କରାଯାଉଥିବାରୁ ଭୋଟ୍ ପରିଚୟପତ୍ର ଏହି ସମସ୍ତ ବ୍ୟବସ୍ଥାରେ ଗ୍ରହଣୀୟ ହେଉନାହିଁ। ଭୋଟ ପରିଚୟପତ୍ର କେବଳ ତାଲିକାରେ ନାମ ଲେଖାଇବାକୁ ପ୍ରତିଫଳନ କରିଥାଏ। ସେହିଭଳି ଆଧାରକୁ ଭୋଟର ତାଲିକାରେ ନାମ ଚାଇବା ଲାଗି ଏକ ବୈଧ ପ୍ରମାଣପତ୍ର ନୁହେଁ। ଏହା ନାଗରିକ୍ୱକୁ ପ୍ରମାଣ ଦିଏନାହିଁ। ଏହା କେବଳ ଏକ ପରିଚୟ ଦେଇଥାଏ। ଧାରା ୯ ଅନୁଯାୟୀ ଆଧାର ବିଭିନ୍ନ ଆର୍ଥକ ରିହାତି ଓ ହିତାଧଲକାରୀ ଚିହ୍ନଟରେ ଗଣାଯାଉଛି। ଆଧାରକୁ ଅତିରିକ୍ତ ପ୍ରମାଣପତ୍ର ଭାବେ ନିଆଯାଇପାରେ। ଏହାକୁ ଅତିରିକ୍ତ ପ୍ରମାଣପତ୍ର ଭାବେ ଗ୍ରହଣ କଲେ ବି ଏହା ଯୋଗ୍ୟତାକୁ ସାବ୍ୟସ୍ତ କରିବ ନାହିଁ। ସେହିଭଳି ରାସନକାର୍ଡ ମଧ ଅନେକ ଜାଲ ଥଲବା ରିପୋର୍ଟ ଆସିଛି। ଯେଉଁ ୧୧ ଯୋଗ୍ୟ ପ୍ରମାଣପତ୍ର ଦାଖଲ ପାଇଁ ଦିଆଯାଇଛି ତାହା ଧାରା ୩୨୬ ଅନୁଯାୟୀ ପ୍ରସ୍ତୁତ କରାଯାଇଛି। ଇଆରଓ ବା ଏଇଆରଓ ଯୋଗ୍ୟତା ପାଇଁ ସମସ୍ତ ପ୍ରମାଣପତ୍ରକୁ ଯାଞ୍ଚ କରିବେ । ସତ୍ୟପାଠରେ ଉଲ୍ଲେଖ କରାଯାଇଛି ଯେ ଏହି ତଥ୍ୟଗୁଡ଼ିକୁ ଆଗରୁ ପରିଚୟ ପାଇଁ କମିଶନ ଗ୍ରହଣ କରୁଥଲଲେଛ ମାତ୍ର ଏସଆଇଆର ପ୍ରକ୍ରିୟାରେ ଆଧାର ନମ୍ବର ତାଲିକାଭୁକ୍ତ ପାଇଁ ଜଣେ ବ୍ୟକ୍ତି ଦେଇପାରିବ। ମାତ୍ର ଏହା ପରିଚୟ ପାଇଁ ବ୍ୟବହାର ହୋଇପାରିବ ନାହିଁ। ବିହାରରେ ନିୟମ ଅନୁଯାୟୀ ଏହା କରାଯାଉଛି। ଆସନ୍ତା ୨୮ରେ ଏହି ମାମଲାର ପୁଣି ଶୁଣାଣି ହେବ। ସୁପ୍ରିମକୋର୍ଟ ଜୁଲାଇ ୧୭ରେ କହିଥଲଲେ ଯେ ନାଗରିକ୍ୱ ପ୍ରମାଣ ଇଏସଆଇର କାର୍ଯ୍ୟ ନୁହେଁ। ଏହା କେନ୍ଦ୍ର ସରକାରଙ୍କର । ସୁପ୍ରିମକୋର୍ଟ ଇସିଆଇଙ୍କୁ ଆଧାର, ଭୋଟର ଓ ରାସନକାର୍ଡକୁ ଏସଆଇଆର ପ୍ରକ୍ରିୟାରେ ସାମିଲ କରିବାକୁ ପରାମର୍ଶ ଦେଇଥଲଲେ।

# କେନ୍ଦ୍ରୀୟ କର୍ମଚାରୀଙ୍କ ମହଙ୍ଗାଭତ୍ତା ବଢ଼ିବ

ନୂଆଦିଲ୍ଲୀ: ରକ୍ଷାବନ୍ଧନ ପୂର୍ବରୁ କେନ୍ଦ୍ର ସରକାର କେନ୍ଦ୍ରୀୟ କର୍ମଚାରୀମାନଙ୍କୁ ଏକ ବଡ଼ ଉପହାର ଦେଇପାରନ୍ତି । ସରକାର ସପ୍ତମ ବେତନ କମିସନ ଅନୁଯାୟୀ ଡିଏ ବୃଦ୍ଧି ଘୋଷଣା କରିପାରନ୍ତି । ସରକାର ଜୁଲାଇ ୨୦୨୫ ରେ କର୍ମଚାରୀମାନଙ୍କୁ ୩-୪ପ୍ରତିଶତ ମହଙ୍ଗା ଭତ୍ତା ଦେଇପାରନ୍ତି । ପୂର୍ବରୁ ମାର୍ଚ୍ଚ ମାସରେ ଡିଏ ୨ପ୍ରତିଶତ ବୃଦ୍ଧି କରାଯାଇଥିଲା, ଯାହା ପରେ ଏହା ୫୩ ପ୍ରତିଶତରୁ ୫୫ ପ୍ରତିଶତକୁ ବୃଦ୍ଧି ପାଇଥିଲା ।ମୁଦ୍ରାସ୍ଫୀତିକୁ ଆଖି ଆଗରେ ରଖି, ସରକାର କେନ୍ଦ୍ର ସରକାରୀ କର୍ମଚାରୀମାନଙ୍କୁ ବର୍ଷକୁ ଦୁଇଥର ମହଙ୍ଗା ଭତ୍ତା ଦିଅନ୍ତି । ପ୍ରଥମଟି ଜାନୁଆରି ୧ ରୁ ଏବଂ ଦ୍ୱିତୀୟଟି ଜୁଲାଇ ୧ ରୁ କାର୍ଯ୍ୟକାରୀ ହୁଏ ।ମାର୍ଚ୍ଚରେ ଘୋଷଣା ହୋଇଥିବା ଭତ୍ତା ଜାନୁଆରି ୧ ରୁ ଲାଗୁ ହେବ ବୋଲି ବିବେଚନା କରାଯାଇଥାଏ । ବର୍ତ୍ତମାନ ଘୋଷଣା ହେବାକୁ ଥିବା ଭତ୍ତା ୧ ଜୁଲାଇ ୨୦୨୫ରୁ କାର୍ଯ୍ୟକାରୀ ହେବ ବୋଲି ବିବେଚନା କରାଯାଉଛି । କେନ୍ଦ୍ର କର୍ମଚାରୀମାନଙ୍କୁ ସରକାର ଡିଏ ଏବଂ ପେନସନଭୋଗୀଙ୍କୁ ଡିଆର ପ୍ରଦାନ କରିଥାନ୍ତି ।

# ୬୨ ବର୍ଷ ପରେ ଅବସର ନେବ ମିଗ୍-୨୧

ନୂଆଦିଲ୍ଲୀ: ଭାରତୀୟ ବାୟୁସେନା ଦୀର୍ଘ ୬୨ ବର୍ଷ ପରେ ପ୍ରତିଷ୍ଠିତ ଲଢୁଆ ବିମାନ ମିଗ୍-୨୧କୁ ଅବସର ଦେବାକୁ ଯାଉଛି । ଶେଷ ଜେଟକୁ ସେପ୍ଟେମ୍ବର ୧୯ରେ ଚଣ୍ଡିଗଡ଼ ଏୟାରବେସ ୨୩ ସ୍କ୍ୱାଡ୍ରନ୍ (ପାନ୍ଥର୍ସ) ଦ୍ୱାରା ଏକ ଆନୁଷ୍ଠାନିକ ବିଦାୟ ଦିଆଯିବ ।ବାୟୁସେନାରେ ସାମିଲ ହୋଇଥିବା ମିଗ୍-୨୧ ୧୯୬୫ ଏବଂ ୧୯୭୧ ମସିହାରେ ଭାରତ-ପାକିସ୍ତାନ ଯୁଦ୍ଧ, ୧୯୯୯ ମସିହାରେ କାର୍ଗିଲ୍ ଯୁଦ୍ଧ, ୨୦୧୯ ମସିହାରେ ବାଲାକୋଟ ଆକ୍ରମଣ ଏବଂ ଅପରେସନ୍ ସିନ୍ଦୁରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ବହନ କରିଥିଲା ।ଭାରତୀୟ



ବାୟୁସେନାର ସବୁଠାରୁ ପୁରୁଣା ସୁପରସୋନିକ୍ ଲଢୁଆ ବିମାନ ମିଗ୍-୨୧ ଏବେ ଇତିହାସ ହେବାକୁ ଯାଉଛି । ସୂତ୍ର ଅନୁସାରେ ପ୍ରାୟ ୬୨ ବର୍ଷର ସେବା ପରେ ମିଗ୍-୨୧କୁ ୧୯ ସେପ୍ଟେମ୍ବର ୨୦୨୫ ରେ ଔପଚାରିକ ଭାବରେ ବିଦାୟ ଦିଆଯିବ । ଚଣ୍ଡିଗଡ଼ ଏୟାରବେସରେ ହେବାକୁ ଥିବା ଏହି ଖାସ୍ ସମାରୋହରେ ବାୟୁସେନାର ବରିଷ୍ଠ ଅଧିକାରୀ, ମିଗ୍-୨୧ ସହିତ ଜଡ଼ିତ ପାଇଲଟ୍ ଏବଂ ଅନେକ ପୂର୍ବତନ ଭେଟେରାନଙ୍କ ସାମିଲ ହେବାର ସମ୍ଭାବନା ଅଛି । ମିଗ୍-୨୧ ବାୟୁସେନାର ପ୍ରଥମ ସୁପରସୋନିକ୍ ଫାଇଟର ଜେଟ୍ ଥିଲା ଯିଏ ୧୯୬୦ ଏବଂ ୭୦ ଦଶକରେ ଭାରତକୁ ବୈଷୟିକ ବିକାଶ ଦେଇଥିଲା ।ଯେତେବେଳେ ଭାରତ ପାଖରେ ମିଗ୍-୨୧ର ୮୫୦ରୁ ଅଧିକ ବିମାନ ଥିଲା ସେଥିମଧ୍ୟରୁ ୬୦୦ରୁ ଅଧିକ ହିନ୍ଦୁସ୍ତାନ ଏରୋନୋଟିକ୍ସ ଲିମିଟେଡ୍ (ଓଅକ) ଭାରତରେ ହିଁ ତିଆରି କରିଥିଲା ।

# ମୃତ୍ୟୁଦଣ୍ଡରୁ ମୁକ୍ତି ପାଇବେ ନିମିଷା

କୋଚି : ୟେମେନରେମୃତ୍ୟୁଦଣ୍ଡ ଅପେକ୍ଷାରେ ଥିବା ଭାରତୀୟ ନର୍ସ ନିମିଷା ପ୍ରିୟାଙ୍କୁ ଖୁବ୍ ଶୀଘ୍ର ମୁକ୍ତ କରାଯାଇପାରେ । ଏହି ଦାବି କରିଛନ୍ତି ଡାକ୍ତର କେ ଏ ପଲ୍, ଯିଏ ଏହି ମାମଲାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛନ୍ତି । ସେ ଏହା ମଧ କହିଛନ୍ତି ଯେ ନିମିଷା ମୁକ୍ତି ପରେ ଖୁବ୍ ଶୀଘ୍ର ଭାରତ ଫେରି ଆସିବେ । ୟେମେନରେ ଏକ କ୍ଲିନିକ୍ ଚଳାଉଥିବା ଭାରତୀୟ ନର୍ସ ନିମିଷା ପ୍ରିୟାଙ୍କ ବିରୋଧରେ ତାଙ୍କ ନିଜ ସାଥୀ ଆବଦୋ ମହଦିଙ୍କୁ ହତ୍ୟା କରିବାର ଅଭିଯୋଗ ରହିଛ । ଏହି ମାମଲାରେ ନିମିଷାଙ୍କୁ ମୃତ୍ୟୁଦଣ୍ଡ ଦିଆଯାଇଥିଲା । ନର୍ସଙ୍କ



ପରିବାର ବ୍ଲଡମନି ( ଇସ୍ଲାମୀୟ ଦେଶରେ ପ୍ରଚଳିତ ଏକ ପ୍ରକାରର ଆର୍ଥିକ କ୍ଷତିପୂରଣ ବ୍ୟବସ୍ଥା) ପାଇଁ ପୀଡିତଙ୍କ ପରିବାର ସହିତ ଆଲୋଚନା କରିଥିଲେ । କିନ୍ତୁ ପୀଡିତଙ୍କ ପରିବାର ଏଥିପାଇଁ ପ୍ରସ୍ତୁତ ହୋଇ ନଥିଲେ । ଏହା ପରେ ନିମିଷାଙ୍କୁ ମୃତ୍ୟୁଦଣ୍ଡ ଦେବା ପାଇଁ ଜୁଲାଇ ୧୬ ତାରିଖ ସ୍ଥିର କରାଯାଇଥିଲା, କିନ୍ତୁ ଶେଷ ମୁହୂର୍ତ୍ତରେ ଏହାକୁ ସ୍ଥଗିତ ରଖାଯାଇଥିଲା । ମୃତ୍ୟୁଦଣ୍ଡ ସ୍ଥଗିତ ରଖିବା ପଛରେ ଭାରତ ସରକାରଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିଲା । ଗତ ସପ୍ତାହରେ ଭାରତର ବୈଦେଶିକ ମନ୍ତ୍ରାଳୟ ମଧ ଏହି ପ୍ରସଙ୍ଗରେ କହିଥିଲା ଯେ ଏହା ଏକ ସଂବେଦନଶୀଳ ପ୍ରସଙ୍ଗ । ଭାରତ ସରକାର ଏହି ସମସ୍ୟାର ଏକ ସମାଧାନ ପାଇଁ ଉଦ୍ୟମ କରୁଛନ୍ତି ଓ ୟେମେନ ସରକାରଙ୍କ ସହ ଯୋଗାଯୋଗରେ ଅଛନ୍ତି ।

# ଆଜିଠୁ ମାଞ୍ଚେଷ୍ଟର ଟେଷ୍ଟ




ମାଞ୍ଚେଷ୍ଟର, ୨୨।୭ (ଏଜେନ୍ସି) : ବୁଧବାର ଠାରୁ ମାଞ୍ଚେଷ୍ଟରର ଓଲ୍ଡ ଟ୍ରାଫୋର୍ଡରେ ଆଣ୍ଡରସନ୍ ତେନ୍ଦୁଲକର ଟ୍ରଫିର ଚତୁର୍ଥ ମ୍ୟାଚ୍ ଆରମ୍ଭ ହେବାକୁ ଯାଉଛି । ଗତ ଲର୍ଡ୍ସ ତୃତୀୟ ଟେଷ୍ଟରେ ଭାରତ ମାତ୍ର ୨୨ ରନ୍ ବ୍ୟବଧାନରେ ପରାଜିତ ହେବାରୁ ଶୁଭମନ୍ ଗିଲ୍ ନେତୃତ୍ୱାଧୀନ ଦଳ ଚାପରେ ରହିଛି । ଏହି ମ୍ୟାଚ ଜିତିପାରିଲେ ଟିମ୍ ଇଣ୍ଡିଆ ଶୃଙ୍ଖଳାରେ ତିଷ୍ଠି ରହିବ । ନଚେତ୍ ଆଗୁଆ ଶୃଙ୍ଖଳା ଆହଛଡା କରିବ । ତେଣୁ ମାଞ୍ଚେଷ୍ଟର ଟେଷ୍ଟ ଟିମ ଇଣ୍ଡିଆ ପାଇଁ କର ବା ମର ସ୍ଥିତି ଆଣିଛି । ଏହି ୫ ମ୍ୟାଚ ବିଶିଷ୍ଟ ଶୃଙ୍ଖଳାରେ ଏକାଧିକ ହଟଚମଟ ବିଶ୍ୱ ଟେଷ୍ଟ କ୍ରିକେଟ୍ ପ୍ରେମୀ ଦେଖିବାକୁ ପାଇଛନ୍ତି ।

ଶୃଙ୍ଖଳାର ପ୍ରଥମ ମ୍ୟାଚରେ ଇଂଲଣ୍ଡ ହେଡିଙ୍ଗଲେରେ ଭାରତକୁ ୫ ୱିକେଟରେ ହରାଇଥିଲା । ଏଜବଷ୍ଟନ ଦ୍ୱିତୀୟ ଟେଷ୍ଟରେ ଭାରତ ଜମାଣିଆ ବିଜୟ ଲାଭ କରି ଶୃଙ୍ଖଳାରୁ ୧-୧ କରିଥିଲା । ଲର୍ଡ୍ସ ଟେଷ୍ଟରେ ଇଂଲଣ୍ଡ ୨୨ ରନରେ ଜିତି ୨-୧ରେ ଶୃଙ୍ଖଳା ଆଗୁଆ ରହିଛି । ଟିମ୍ ଇଣ୍ଡିଆ ପାଇଁ ଆହତ ସମସ୍ୟା ସବୁଠୁ ବଡ ବାଧକ ସାଜିଛି । ମ୍ୟାଚ ଆରମ୍ଭ ହେବା ପୂର୍ବରୁ ଏକାଧିକ ଖେଳାଳି ଆହତ ଯୋଗୁଁ ଏହି ଶୃଙ୍ଖଳା ଖେଳିବେ ନାହିଁ । ନୀତିଶ କୁମାର ରେଡ୍ଡି, ଅର୍ଶଦୀପ ସିଂ, ଆକାଶ ଦୀପ ଓ ରିଷଭ ପନ୍ତଙ୍କ ଭଳି ତାରକା ଏହି ମ୍ୟାଚରେ ନଜର ଆସିବେ ନାହିଁ । ତେଣୁ ଭାରତର ଚୂଡ଼ାନ୍ତ ଏକାଦଶରେ ଏକାଧିକ ପରିବର୍ତ୍ତନ ହେବାର ସମ୍ଭାବନା ରହିଛି । ମାଞ୍ଚେଷ୍ଟର ଟେଷ୍ଟ ଭାରତୀୟ ସମୟ ଅପରାହ୍ନ ୩.୩୦ରେ ଆରମ୍ଭ ହେବ । ଏହି ଗୁରୁତ୍ୱପୂର୍ଣ୍ଣ ମ୍ୟାଚ ପାଇଁ ଇଂଲଣ୍ଡ ତାର ସମସ୍ତ ଚୂଡ଼ାନ୍ତ ଏକାଦଶ ଘୋଷଣାକ କରିସାରିଥିବା ବେଳେ ଭାରତୀୟ ଦଳରେ ଅନିଶ୍ଚିତତା ଜାରି ରହିଛି । କେବଳ ଗୋଟିଏ ପରିବର୍ତ୍ତନ ସୋଏବ ବଶିରଙ୍କ ସ୍ଥାନରେ ଲିୟାମ ଡାଓସନଙ୍କୁ ଚୂଡ଼ାନ୍ତ ଏକାଦଶରେ ସ୍ଥାନ ମିଳିଛି । ସମ୍ଭାବ୍ୟ ଭାରତୀୟ ଏକାଦଶ : ଯଶସ୍ୱୀ ଜୟସ୍ୱାଲ, ଲୋକେଶ ରାହୁଲ, ସାଇ ସୁଦର୍ଶନ, ଶୁଭମନ୍ ଗିଲ, ରିଷଭ ପନ୍ତ, ରବିନ୍ଦ୍ର ଜାଡେଜା, ୱାଶିଂଟନ ସୁନ୍ଦର, କୁଲଦୀପ ଯାଦବ/ଶାର୍ଦ୍ଦୁଲ ଠାକୁର, ମହମ୍ମଦ ସିରାଜ, ଯଶପ୍ରୀତ ବୁମରା, ଅଂଶୁଲ କାମ୍ବୋଜ ।

## ଚତୁର୍ଥ ଟେଷ୍ଟ : ଇଂଲଣ୍ଡର ଚୂଡ଼ାନ୍ତ ଏକାଦଶ ଘୋଷଣା

ମାଞ୍ଚେଷ୍ଟର, ୨୨।୭ (ଏଜେନ୍ସି) : ମାଞ୍ଚେଷ୍ଟରର ଓଲ୍ଡ ଟ୍ରାଫୋର୍ଡରେ ଭାରତ ଓ ଇଂଲଣ୍ଡ ମଧ୍ୟରେ ଚତୁର୍ଥ ଟେଷ୍ଟ ବୁଧବାର ଠାରୁ ଆରମ୍ଭ ହେବ । ଏହାର ଦିନକ ପୂର୍ବରୁ ଇଂଲଣ୍ଡ ଚୂଡ଼ାନ୍ତ ଏକାଦଶ ଘୋଷଣା କରିଛି । ଏହି ଚୂଡ଼ାନ୍ତ ଦଳରେ ଗୋଟିଏ ପରିବର୍ତ୍ତନ ହୋଇଛି । ତୃତୀୟ ଟେଷ୍ଟରେ ଆହତ ହୋଇଥିବା ସୋଏବ ବଶିର ଶୃଙ୍ଖଳାରୁ ବାଦ ପଡିଥିବା ବେଳେ ତାଙ୍କ ସ୍ଥାନରେ ଅଭିଜ୍ଞ ଅଲରାଉଣ୍ଡର ଲିୟାମ୍ ଡାଓସନଙ୍କୁ ଦଳରେ ସାମିଲ କରାଯାଇଛି । ଦୀର୍ଘ ୮ ବର୍ଷ ପରେ ସେ ଇଂଲଣ୍ଡ ଟେଷ୍ଟ ଦଳକୁ ଫେରିଛନ୍ତି । ଲର୍ଡ୍ସ ଟେଷ୍ଟକୁ ଇଂଲଣ୍ଡ ନାଟକୀୟ ଢଙ୍ଗରେ ୫ ୱିକେଟ୍‌ରେ ଜିତି ଆଣ୍ଡରସନ ତେନ୍ଦୁଲକର ଶୃଙ୍ଖଳାରେ ୨-୧ରେ ଆଗୁଆ ରହିଛି । ଚତୁର୍ଥ ଟେଷ୍ଟକୁ ଡ୍ର କିମ୍ବା ଜିତିବା ପାଇଁ ଭାରତ ଚେଷ୍ଟା କରିବ ନଚେତ୍ ଦଳ ହାତରୁ ଶୃଙ୍ଖଳା ଚାଲିଯିବ ।

ଡାଓସନ୍ କିଏ ?

୨୦୧୬ରେ ଡାଓସନ ଭାରତ ବିପକ୍ଷ ଚେନ୍ନାଇ ଟେଷ୍ଟରେ ଡେବ୍ୟୁ କରିଥିଲେ । ଏହି ମ୍ୟାଚରେ ନାଏର ୩୦୩ ରନର ଜମାଣିଆ ଇନିଂସ ଖେଳିଥିଲେ । ଏହି ମ୍ୟାଚରେ ଡାଓସନ୍ ନିଜର ପ୍ରଦର୍ଶନ ଦ୍ୱାରା ସମସ୍ତଙ୍କୁ ପ୍ରଭାବିତ କରିଥିଲେ । ସେ ପ୍ରଥମ ଇନିଂସରେ ୬୬ ରନ୍ କରିବା ସହ ୨ ୱିକେଟ୍ ନେଇଥିଲେ । ୨୦୧୭ ରେ ଦ.ଆଫ୍ରିକା ବିପକ୍ଷ ନଟିଙ୍ଗହାମ୍ ଟେଷ୍ଟରେ ଡାଓସନ ଶେଷ ଥର ପାଇଁ ନଜର ଆସିଥିଲେ । ବାମ ହାତୀ ସ୍ପିନର ଡାଓସନ୍ ୨୧୨ ଟି ପ୍ରଥମ ଶ୍ରେଣୀ ମ୍ୟାଚରେ ୧୦୭୩୧ ରନ୍ କରିବା ସହ ୩୭୧ ୱିକେଟ୍ ନେଇଥିଲେ । ୨୦୨୫ କାଉଣ୍ଟି ଚାମ୍ପିଅନସିପ୍ ଡିଭିଜନ୍ ୧ରେ ମଧ୍ୟ ଡାଓସନ୍ ଦମଦାର ପ୍ରଦର୍ଶନ କରିଛନ୍ତି । ସେ ୯ ଟି ମ୍ୟାଚରେ ୫୩୬ ରନ୍ କରିବା ସହ ୨୧ ଟି ୱିକେଟ୍ ନେଇଛନ୍ତି । ଚୂଡ଼ାନ୍ତ ଏକାଦଶରେ ଡାଓସନ ସାମିଲ ହେବା ଦଳକୁ ଆହୁରି ମଜଭୁତ କରିଛି ।

ଇଂଲଣ୍ଡ ଚୂଡ଼ାନ୍ତ ଏକାଦଶ : ଜ୍ୟାକ୍ କ୍ରାଓଲି, ବେନ୍ ଡକେଟ୍, ଓଲିପୋପ୍, ଜୋ ରୁଟ୍, ହ୍ୟାରି ବ୍ରୁକ୍, ବେନ୍ ଷ୍ଟୋକ୍ସ, ଜେମ୍ସ ସ୍ମିଥ୍, କ୍ରିଷ ୱକ୍ସ, ବ୍ରେଡନ କାର୍ସେ, ଜୋଫ୍ରା ଆର୍ଚର ଓ ଲିୟାମ୍ ଡାଓସନ ।

## ଭରସା ଥିଲେ ୱାଶିଂଟନଙ୍କୁ ୩ ନଂରେ ଖେଳାଅ : ଅଶ୍ୱିନ



ନୂଆଦିଲ୍ଲୀ, ୨୨।୭ (ଏଜେନ୍ସି) : ଟେଷ୍ଟ କ୍ରିକେଟରୁ ସନ୍ୟାସ ନେଇସାରିଥିବା ଭାରତୀୟ ଅଫ୍ ସ୍ପିନର ରବିଚନ୍ଦ୍ର ଅଶ୍ୱିନ ମାଞ୍ଚେଷ୍ଟର ଟେଷ୍ଟ ପୂର୍ବରୁ ନିଜର ମହତ୍ୱପୂର୍ଣ୍ଣ ପରାମର୍ଶ ଦେଇଛନ୍ତି । ସେ କହିଛନ୍ତି ଯଦି ୱାଶିଂଟନ ସୁନ୍ଦରଙ୍କ ବ୍ୟାଟିଙ୍ଗ ଉପରେ ଭରସା ଅଛି ତାହାହେଲେ ତାଙ୍କୁ କରୁଣ ନାଏରଙ୍କ ସ୍ଥାନରେ ୩ ନଂରେ ଖେଳାଯିବା ଉପରେ ବିଚାର କରିବା ଉଚିତ୍ । ମାଞ୍ଚେଷ୍ଟର ଟେଷ୍ଟ ପୂର୍ବରୁ ଭାରତୀୟ ଦଳ ଆହତ ଜନିତ ସମସ୍ୟା ଦେଇ ଗତି କରୁଛନ୍ତି । ଅଲରାଉଣ୍ଡର ନୀତିଶ କୁମାର ରେଡ୍ଡି ଶୃଙ୍ଖଳାରୁ ବାଦ ପଡିସାରିଛନ୍ତି । ଅର୍ଶଦୀପ ସିଂ ଆହତ କାରଣରୁ ଚତୁର୍ଥ ଟେଷ୍ଟ ଖେଳିବେ ନାହିଁ । ଏଜବଷ୍ଟନ ଟେଷ୍ଟର ହିରୋ ଆକାଶ ଦୀପ ଆହତ ଅଛନ୍ତି । ସେ ଚତୁର୍ଥ ଟେଷ୍ଟ ଖେଳିବା ନେଇ ଅନିଶ୍ଚିତତା ଲାଗି ରହିଛି । ଏମିତି ସମୟରେ ଅଶ୍ୱିନ କହିଛନ୍ତି ୱାଶିଂଟନ ସୁନ୍ଦର ନିଜ ବ୍ୟାଟିଙ୍ଗ ବଳରେ ଦଳ ପାଇଁ ବେଶ୍ ଉପଯୋଗୀ ସାବ୍ୟସ୍ତ ହୋଇପାରନ୍ତି ।ତେଣୁ ସେ ୩ ନଂ ସ୍ଥାନରେ ଦଳ ପାଇଁ ଉଚିତ ବିକଳ୍ପ ସାବ୍ୟସ୍ତ ହେବେ । କୁଲଦୀପ ଯାଦବଙ୍କ ପରି ୱିକେଟ୍ ଦଖଲ କରୁଥିବା ବୋଲରଙ୍କୁ ଚୂଡ଼ାନ୍ତ ଏକାଦଶରେ ସାମିଲ କରାଯିବା ଉଚିତ । ନୀତିଶ କୁମାର ରେଡ୍ଡି ବାଦ୍ ପଡିସାରିଛନ୍ତି । ତାଙ୍କ ସ୍ଥାନରେ ସାର୍ଦ୍ଦୁଲ ଠାକୁରଙ୍କୁ ଖେଳାଇବା ଉଚିତ ନାଁ କୌଣସି ବିଶେଷଜ୍ଞ ବ୍ୟାଟରଙ୍କୁ ସୁଯୋଗ ଦେବା ଉଚିତ ? ଏଥି ପାଇଁ ୱାଶିଂଟନ ସୁନ୍ଦରଙ୍କୁ ନଂ ୩ରେ ଖେଳାଇବାକୁ ଚାହୁଁଛି । ୱାଶିଂଟନ ଘରୋଇ କ୍ରିକେଟରେ ତାମିଲନାଡୁ ପାଇଁ ଟପ ଅର୍ଡରରେ ଖେଳିଛନ୍ତି । ତାଙ୍କର ବ୍ୟାଟର ଟେକ୍‌ନିକ୍ ମଧ୍ୟ ଭଲ । ଚାପର ମୁକାବିଲା ପାଇଁ ଦକ୍ଷତା ରହିଛି । ସୁନ୍ଦର ଏ ପର୍ଯ୍ୟନ୍ତ ୧୧ ଟି ଟେଷ୍ଟ ଖେଳି ୩୮ ହାରରେ ରନ୍ ସଂଗ୍ରହ କରିଛନ୍ତି ।

## କ୍ରୀଡାବିଲ୍ ଅଧୀନରେ ଆସିପାରେ ବିସିସିଆଇ




ନୂଆଦିଲ୍ଲୀ, ୨୨।୭ (ଏଜେନ୍ସି) : ସଂସଦ ମୌସୁମୀ ଅଧୀନରେ କେନ୍ଦ୍ର ସରକାର ଜାତୀୟ କ୍ରୀଡାବିଲ ଉପସ୍ଥାପନ କରିବାକୁ ଯାଉଛନ୍ତି । ଏହି ଜାତୀୟ କ୍ରୀଡାବିଲ୍ ଅଧୀନରେ ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ୍ ବୋଡ(ବିସିସିଆଇ) ଆସିପାରେ । କ୍ରୀଡା ମନ୍ତ୍ରାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଏହି ବିଲ୍‌ରେ ପ୍ରଶାସକଙ୍କ ପାଇଁ ବୟସ ସୀମା ୭୦ ରୁ ୭୫ ବର୍ଷକୁ ବୃଦ୍ଧି କରାଯିବ । ବର୍ତ୍ତମାନର ବିସିସିଆଇ ଅଧକ୍ଷ ଥିବା ରୋଜର ବିନି ୭୦ ବର୍ଷରେ ପଦାର୍ପଣ କରିଛନ୍ତି । ଅର୍ଥାତ୍ ସେ ବିସିସିଆଇର ନିର୍ଦ୍ଧାରିତ ବୟସସୀମାରେ ପହଞ୍ଚିସାରିଛନ୍ତି । ତେଣୁ ତାଙ୍କୁ ପଦ ଛାଡିବାକୁ କୁହାଯାଇପରେ । କ୍ରୀଡାବିଲ୍‌ର ଏହି ନିମୟରେ ପରିବର୍ତ୍ତନ କରାଯିବ । ଜାତୀୟ କ୍ରୀଡା ମହାସଂଘ ହିସାବରେ ବିସିସିଆଇ ଏହି ବିଲ୍ ପରିସର ଭିତରକୁ ଆସିପରେ ବୋଲି ସୂଚନା ମିଳିଛି । କାର୍ଯ୍ୟନିର୍ବାହୀ କମିଟିର ବୟସ ଏବଂ କାର୍ଯ୍ୟକାଳ ସମ୍ପର୍କିତ ଅନ୍ତର୍ଜାତୀୟ ଚାର୍ପଟର, ନିୟମ ଓ ଉପଆଇନ ପାଳନ ନକଲେ ନିର୍ବାଚନ ଲଢିବା କିମ୍ବା ନାମାଙ୍କନ ପାଇବା ପାଇଁ ଯୋଗୁଁ ହେବେ ନାହିଁ । ତାଙ୍କ ନାମାଙ୍କନ ତାରିଖରେ ବ୍ୟକ୍ତିଙ୍କ ବୟସ ୭୦ ରୁ ଅଧିକ ହୋଇନଥିବା ଆବଶ୍ୟକ ।

ଯଦି ଅନ୍ତର୍ଜାତୀୟ ଚାର୍ପଟର, ନିୟମ ଓ ଉପଆଇନ ଦ୍ୱାରା ଅନୁମତି ପ୍ରାପ୍ତ ହୁଏ ତେବେ ୭୦ ରୁ ୭୫ ବର୍ଷ ବୟସରେ ଯେକୌଣସି ନିର୍ବାଚନ ଲଢିବାରେ ଆବେଦନ କରିପାରିବେ । ଏପରି କ୍ଷେତ୍ରରେ ନିର୍ବାଚିତ ବ୍ୟକ୍ତି ପୂର୍ଣ୍ଣ କାର୍ଯ୍ୟକାଳ ପାଇଁ କାର୍ଯ୍ୟକରିବେ । ଏହାର ଅର୍ଥ ହେଉଛି ଯେତେବେଳେ ଏହି ବିଲ୍ ଅଗଷ୍ଟ ମାସରେ କାର୍ଯ୍ୟକାରୀ ହେବ ଏହି ବିନିଙ୍କୁ ବିସିସିଆଇ ସଭାପତି ଭାବେ ଫେରିବାକୁ ଅନୁମତି ଦେବ । ସେ ପୁନଃ ପଦବୀକୁ ଫେରି ୩ ବର୍ଷ ପାଇଁ କାର୍ଯ୍ୟ କରିପାରିବେ । ଏଥିରେ କିଛି ସର୍ତ୍ତ ରହିବ । ବିନିଙ୍କ କାର୍ଯ୍ୟକାଳ ଶେଷ ହେବା ପରେ ରାଜୀବ ଶୁକ୍ଳା ଏହି ପଦବୀ ସମ୍ଭାଳୀ ପାରନ୍ତି । କେନ୍ଦ୍ର ସରକାରଙ୍କ ଏହି ବିଲ୍ ବିନିଙ୍କୁ ପୁଣି ଥରେ ଏହି ସ୍ଥାନକୁ ଆଣିପାରେ ।

## ବନ୍ଧୁତ୍ୱପୂର୍ଣ୍ଣ ଫୁଟବଲ ବାଳକ ଦଳ ବିଜୟୀ

ରାଜକନିକା, ୨୨।୭(ସବ୍ୟୁ) : ରାଜକନିକା ଆଥେଲେଟିକ ଆସୋସିଏସନ ଆନୁକୂଲ୍ୟରେ ଏକ ବନ୍ଧୁତ୍ୱ ପୂର୍ଣ ଫୁଟବଲ ମ୍ୟାଚ କେନ୍ଦ୍ରାପଡ଼ା ଜିଲ୍ଲା ଚମ୍ପିୟାନ ୧୫ ବର୍ଷ ରୁ କମ ବାଳକ ରାଜକନିକା ଫୁଟବଲ ଦଳ ବନାମ ରାଜକନିକା ଆଥେଲେଟିକ ଆସୋସିଏସନ ର ଜୁନିଅର ଦଳ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି ଏଥିରେ ୧୫ ବର୍ଷ ରୁ କମ ବାଳକ ଦଳ ୨-୦ ଗୋଲରେ ବିଜୟ ଲାଭ କରିଥିଲା ଏହି ଖେଳରେ ମୁଖ୍ୟ ଅତିଥି ଭାବେ ଫାଓ ର କାଉନସିଲ ମେମ୍ବର ଭୋଳାନାଥ ମହାକୁଡ଼, ସମ୍ମାନିତ ଅତିଥି ଭାବେ ଅବସର ପ୍ରାପ୍ତ ପୋଲିସ ଏ.ଏସ ଆଇ ପର୍ଶୁରାମ ସାହୁ ଓ ସାମ୍ବାଦିକ ଅଜୟ କୁମାର ରାଉତ ପ୍ରମୁଖ ଯୋଗ ଦେଇ ଖେଳାଳୀ ମାନଙ୍କ ସହିତ ପରିଚିତ ହୋଇଥିଲେ ଏହି ଅବସରରେ ବାସୁଦେବ ବେହେରା, ଗୋଲକିହାରୀ ମଲ୍ଲିକ, ଅରୁଣ କୁମାର ବାରିକ, ଅକ୍ଷୟ କୁମାର ନାଥ, ଦେବେନ୍ଦ୍ର କୁମାର ନାୟକ, ରଙ୍ଗାଧର ବେହୁରା, ବିଜୟ କୁମାର ଭୂୟାଁ,ଶରତ ମଲ୍ଲିକ, ବ୍ରଜ କିଶୋର ନାୟକ, ପ୍ରହଲ୍ଲାଦ ଜେନା ପ୍ରମୁଖ ଉପସ୍ଥିତ ଥିଲେ ଶରତ ଜେନା, ଖେଳ ପରିଚାଳନା କରିଥିବା ବେଳେ ଅମର ଜେନା, ରୁଦ୍ର ପ୍ରତାପ ସେଠି , ରତନ ସେଠି ପ୍ରମୁଖ ତାଙ୍କୁ ସହଯୋଗ କରିଥିଲେ ସୋମ୍ୟ କାନ୍ତ ନାୟକ ଓ ବିଶ୍ୱ ରଞ୍ଜନ ପଢ଼ିଆରୀ ଧାରାବିବାରଣୀ କାର୍ଯ୍ୟ ସମ୍ପାଦନ କରିଥିଲେ ।

## ଓଡିଶାରେ ପ୍ରଥମ ଥର ମହିଳା ସାଇକ୍ଲିଂ ଲିଗ୍




ଭୁବନେଶ୍ୱର, ୨୨।୭ (ସବ୍ୟୁ) : ଓଡିଶା ସାଇକ୍ଲିଂ ଆସୋସିଏସନ୍ ତରଫରୁ ଗଞ୍ଜାମର ଗୋପାଳପୁରଠାରେ ଖେଲୋ ଇଣ୍ଡିଆ ମହିଳା ସାଇକ୍ଲିଂ ଲିଗ ଆୟୋଜିତ ହୋଇଛି । ଆୟୋଜକ ସମ୍ପାଦକ ପ୍ରଦ୍ୟୁମ୍ନ କୁମାର ବିଶୋଇ ଓ ରାଜ୍ୟ ସାଇକ୍ଲିଂ ସଂଘର ସମ୍ପାଦକ ପ୍ରଶନ୍ନ କୁମାର ରାଉତଙ୍କ ସଂଯୋଜନା ଓ ମୀନତି ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ପ୍ରତିଯୋଗିତାରେ ମୁଖ୍ୟ ଅତିଥି ଭାବେ ଓଡିଶା ବାଣିଜ୍ୟ ପରିବହନ ଇସ୍ପାତ ଓ ଖଣିଜ ମନ୍ତ୍ରୀ ବିଭୁତି ଭୂଷଣ ଜେନା ସମ୍ମାନିତ ଅତିଥି ଭାବେ ଗଞ୍ଜାମ ଜିଲ୍ଲା କ୍ରୀଡାସଂଘ ସମ୍ପାଦକ କାମେଶ୍ୱର ରାଓ ଯୋଗ ଦେଇ ଫ୍ଲାଗ୍ ଅଫ୍ କରିଥିଲେ ।

ଓଡିଶାର ବିଭିନ୍ନ ଜିଲ୍ଲାରୁ ୨ ଶହରୁ ଅଧିକ ମହିଳା ସାଇକ୍ଲିଷ୍ଟ ଓ୧୬ ଜଣ ଟେକ୍‌ନିକାଲ ଅଫିସିଆଲ ଏଥିରେ ଅଂଶଗ୍ରହଣ କରିଥିଲେ । ଆୟୋଜକ ସମସ୍ତ ଅଂଶଗ୍ରହଣକାରୀଙ୍କୁ ହେଲମେଣ୍ଟ ପ୍ରଦାନ କରିଥିଲେ । ସିନିୟର ୧୫ କିମି , ଜୁନିୟର ୧୦ କିମି, ୟୁଥ୍ ବର୍ଗରେ ୧୦ କିମି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ମହିଳା ସିନିୟର ବର୍ଗରେ ରେସିଂ ସାଇକେଲ ଓ ସାଧାରଣ ସାଇକେଲ୍‌ରେ ଉର୍ମିଳା ବେହେରା ଓ ଏ ରତ୍ନ ରାଓ ପ୍ରଥମ ସ୍ଥାନ ଅଧିକାର କରିଥିଲେ । ମହିଳା ଜୁନିୟର ବର୍ଗରେ ମନୀଷା ସାହୁ ପ୍ରଥମ ସ୍ଥାନ, ସବ୍‌ଜୁନିୟର ଓ ୟୁଥ୍ ବର୍ଗରେ ସସ୍ମିତା ପଣ୍ଡା ଓ ତପସ୍ୱିନୀ ପାଣିଗ୍ରାହୀ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି । ଓଡିଶା ସାଇକ୍ଲିଂ ସଂଘର ଉପସଭାପତି ନୃସିଂହ ଚରଣ ସାହୁ, ଯୁଗ୍ମ ସମ୍ପାଦକ ଗୋପୀନାଥ ପଣ୍ଡା, ରାମକୃଷ୍ଣ ଦାସ, ସମ୍ବିତ ମହାନ୍ତି, ଅପୂର୍ବ ରଞ୍ଜନ ବେହେରା, ମନୋରଞ୍ଜନ ବାରିକ, ଅନୀତା କୁମାରୀ ଓ ଅନ୍ୟ ସଦଶ୍ୟ ସହଯୋଗ କରିଥିଲେ । କୃତି ପ୍ରତିଯୋଗୀଙ୍କୁ ମେଡାଲ ଓ ସାର୍ଟିଫିକେଟ୍ ପ୍ରଦାନ କରାଯାଇଥିଲା ।

## ପୋଲିସ ଭଲିବଲ, ବାସ୍କେଟ୍‌ବଲ ପ୍ରତିଯୋଗିତା ଉଦ୍‌ଘାଟିତ



ଭୁବନେଶ୍ୱର,୨୨।୭ (ସବ୍ୟୁ) : କଟକସ୍ଥିତ ଓ.ଏସ.ଏ.ପି ଷଷ୍ଠ ବାଟାଲିୟନ ପରିସରରେ ୭୭ ତମ ରାଜ୍ୟ ପୋଲିସ ଭଲିବଲ ଏବଂ ବାସ୍କେଟବଲ ପ୍ରତିଯୋଗିତା-୨୦୨୫ ଆନୁଷ୍ଠାନିକ ଭାବେ ଉଦଘାଟିତ ହୋଇଯାଇଛି । ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ପୋଲିସ ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ସଶସ୍ତ୍ର) ଶ୍ରୀ ରାଜେଶ କୁମାର, ଆଇପିଏସ ଯୋଗ ଦେଇ ଭବ୍ୟ ପ୍ୟାରେଡରେ ଅଭିବାଦନ ଗ୍ରହଣ କରିବା ସହ ସମସ୍ତ ପ୍ରତିଯୋଗୀ ଓ କ୍ରୀଡା ପରିଚାଳକମାନଙ୍କୁ ଖେଳୁଆଡ ମନୋଭାବ ନେଇ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ । ଏହି ଅବସରରେ ଚାମ୍ପିୟନସିପ ଆୟୋଜନ ଓ ପରିଚାଳନା ନିମନ୍ତେ ସେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଶ୍ରୀ ଯୋଗେଶ ବାହାଦୁର ଖୁରାନିଆଙ୍କୁ ମଧ୍ୟ ଶ୍ରୀ ରାଜେଶ କୁମାର ଧନ୍ୟବାଦ ଜଣାଇଥିଲେ । ସେ ଆହୁରି ମଧ୍ୟ କହିଥିଲେ ଯେ, ଆମେରିକାର ବିର୍ମିଂହାମଠାରେ ଅନୁଷ୍ଠିତ ବିଶ୍ୱ ପୋଲିସ ଓ ଅଗ୍ନିଶମ କ୍ରୀଡା- ୨୦୨୫ରେ ଭାରତୀୟ ଦଳକୁ ପ୍ରତିନିଧିତ୍ୱ କରି ଓଡିଶା ପୁଲିସର ୭ ଜଣ କୃତି କ୍ରୀଡାବିତ ମାନେ ଅପୂର୍ବ କ୍ରିଡାନୈପୁଣ୍ୟ ପ୍ରଦର୍ଶନ କରି ଦେଶ, ରାଜ୍ୟ ତଥା ଓଡିଶା ପୁଲିସକୁ ଗୌରବାନ୍ୱିତ କରିଛନ୍ତି । ଭାରତୀୟ କ୍ରୀଡା ଇତିହାସରେ ଏକ ଗୌରବମୟ ଅଧ୍ୟାୟ ଲେଖି, ଓଡ଼ିଶା ପୋଲିସର ଖେଳାଳିମାନେ ବିଭିନ୍ନ ଆଥଲେଟିକ୍ସ ଏବଂ କରାଟେ ଇଭେଣ୍ଟରେ ବ୍ୟକ୍ତିଗତ ଭାବରେ ୧୩ ସ୍ୱର୍ଣ୍ଣ, ୩ ରୌପ୍ୟ ଏବଂ ୪ କାଂସ୍ୟ ସମେତ ୨୦ ପଦକ ହାସଲ କରିଛନ୍ତି । ଏହି ଅସାଧାରଣ ସଫଳତା ଦେଶ, ଓଡ଼ିଶା ରାଜ୍ୟ ଏବଂ ଓଡ଼ିଶା ପୋଲିସ ବାହିନୀ ପାଇଁ ଗୌରବ ଆଣିଛି ବୋଲି ଶ୍ରୀ ରାଜେଶ କୁମାର କହିଥିଲେ । ୨୦୨୫ ଜୁଲାଇ ୨୨ ରୁ ଜୁଲାଇ ୨୮ ତାରିଖ ପର୍ଯ୍ୟନ୍ତ ଷଷ୍ଠ ବାଟାଲିୟନର ବିଭିନ୍ନ ଗ୍ରାଉଣ୍ଡରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହେବ । ଏହି ଚମ୍ପିୟାନସିପରେ ସାରା ରାଜ୍ୟର ବିଭିନ୍ନ ଜିଲ୍ଲା ଏବଂ ବାଟାଲିୟନରୁ ୨୫ଟି ପୋଲିସ ଭଲିବଲ ଟିମ ଓ ୫ଟି ପୋଲିସ ବାସ୍କେଟବଲ ଟିମ ଅଂଶ ଗ୍ରହଣ କରିଥିବା ବେଳେ ସମୁଦାୟ ୪୨୯ ଜଣ ଖେଳାଳି ସାମିଲ ହୋଇଛନ୍ତି । ଷଷ୍ଠ ବାଟାଲିୟନ, କଟକ ବିଭିନ୍ନ ଗ୍ରାଉଣ୍ଡରେ ଏହି ଚମ୍ପିୟାନସିପର ସମସ୍ତ ମ୍ୟାଚ ଅନୁଷ୍ଠିତ ହେଉଛି । ବିଭିନ୍ନ ଜିଲ୍ଲା ଏବଂ ବାଟାଲିୟନ ସ୍ତରରେ ସମସ୍ତ ବସ୍କେଟ ବଲ ଓ ଭଲିବଲ ଖେଳାଳି ମାନେ ଆଜି ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରୁଛନ୍ତି । ଆଜିର ଏହି ଉଦଘାଟନି ସମାରୋହରେ ଆଇଜିପି ଶ୍ରୀ ଗଜଭିୟେ ସତୀଶ କୁମାର, ଏଆଇଜି (ମୁଖ୍ୟାଳୟ) ଶ୍ରୀ ତପନ ନାରାୟଣ ରଥ,ଷଷ୍ଠ ବାଟାଲିୟନ କମାଣ୍ଡାଣ୍ଟ ସୂର୍ଯ୍ୟ ନାରାୟଣ ମଲ୍ଲିକ, ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ଶ୍ରୀ ମାନ୍ଧାତା ସାଇ ପ୍ରମୁଖ ଆୟୋଜନ ଓ ପରିଚାଳନାରେ ସହଯୋଗ କରିଥିଲେ । ଏହି ସମାରୋହରେ ବରିଷ୍ଠ ପୋଲିସ ଅଧିକାରୀ, ସମସ୍ତ ଟିମର ଅଧିନାୟକ, ଖେଳାଳି ପ୍ରମୁଖ ଉପସ୍ଥିତ ଥିଲେ ।

## ମହିଳା ଫୁଟବଲ ପ୍ରଦର୍ଶନୀ ମ୍ୟାଚ : ତାରିଣୀ ଫୁଟବଲ ଏକାଡେମୀ ବିଜୟୀ

କେନ୍ଦୁଝର,(ସବ୍ୟୁ): କେନ୍ଦୁଝର ଜିଲ୍ଲା କ୍ରୀଡା ସଂସ୍ଥା ଆନୁକୂଲ୍ୟରେ ଅନୁଷ୍ଠିତ ୬୪ ତମ ସାହାଣୀ କପ ସିନିଅର ଆନ୍ତଃ ଜିଲ୍ଲା ପୁରୁଷ ଫୁଟବଲ ଟୁର୍ଣ୍ଣାମେଣ୍ଟର ମଙ୍ଗଳବାର ବିଶ୍ରାମ ଦିବସ ଅବସରରେ ଏକ ମହିଳା ପ୍ରଦର୍ଶନୀ ଫୁଟବଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି । ତାରିଣୀ ଫୁଟବଲ ଏକାଡେମୀ ଏବଂ ଜେଏସଡବ୍ଲୁ ଫାଉଣ୍ଡେସନ ମଧ୍ୟରେ ଅନୁଷ୍ଠିତ ଏକ ତୀବ୍ର ପ୍ରତିଦ୍ୱନ୍ଦୀତା ତଥା ସଂଘର୍ଷପୂର୍ଣ୍ଣ ଏହି ପ୍ରଦର୍ଶନୀ ଖେଳରେ କେନ୍ଦୁଝରର ତାରିଣୀ ଫୁଟବଲ ଏକାଡେମୀ ଜେଏସଡବ୍ଲୁ ଫାଉଣ୍ଡେସନ ବିପକ୍ଷରେ ୨-୧ ଗୋଲରେ ବିଜୟୀ ହୋଇଛି । ପ୍ରଥମାର୍ଦ୍ଧ ଖେଳରେ ୧-୦ ଗୋଲରେ ପଛୁଆ ରହିବା ପରେ ଦ୍ୱିତୀୟାର୍ଦ୍ଧ ଖେଳରେ ତାରିଣୀ ଫୁଟବଲ ଏକାଡେମୀ ପରସ୍ପର ମଧ୍ୟରେ ବୁଝାମଣା ରକ୍ଷାକରି ପ୍ରତିପକ୍ଷ ରକ୍ଷଣ ଭାଗକୁ ବ୍ୟତିବ୍ୟସ୍ତ କରିଦେଇଥିଲେ । ଦ୍ୱିତୀୟାର୍ଦ୍ଧର ୫୫ ମିନିଟରେ ତାରିଣୀ ଫୁଟବଲ ଏକାଡେମୀର ଏନ ରୋଜନି ଦଳ ପକ୍ଷରୁ ଗୋଲଟିକୁ ପରିଶୋଧ କରିଥିବା ବେଳେ ୬୨ତମ ମିନିଟରେ ଦଳ ପକ୍ଷରୁ ମିଡ଼ ଫିଲଡର ମଲ୍ଲୀ ମୁଣ୍ଡା ବିଜୟ ସୂଚକ ଗୋଲଟି ଦେଇଥିଲେ । ଖେଳ ଆରମ୍ଭ ହେବା ପୂର୍ବରୁ ମୁଖ୍ୟ ଅତିଥି ଜେଏସଡବ୍ଲୁ ଫାଉଣ୍ଡେସନର ସବିଲ କୁମାର ଝା ଏବଂ ଧରଣୀଧର ମହାବିଦ୍ୟାଳୟ ଅବସରପ୍ରାପ୍ତ ପ୍ରଫେସର ଡ ବନବିହାରୀ ମିଶ୍ରଙ୍କ ସହ ଖେଳାଳି ମାନଙ୍କୁ ପରିଚିତ କରାଇ ଦିଆ ଯାଇଥିଲା । ଏହି ଖେଳରେ ଜିଲ୍ଲା କ୍ରୀଡା ସଂସ୍ଥାର ଉପ ସଭାପତି ସୁରେଶ ଚନ୍ଦ୍ର ପଟ୍ଟନାୟକ,ସାଧାରଣ ସମ୍ପାଦକ ଡ. ଜନାର୍ଦ୍ଦନ ଦାଶ, ଯୁଗ୍ମ ସମ୍ପାଦକ ସଂଗ୍ରାମ ପଟ୍ଟନାୟକ, ରବୀନ୍ଦ୍ର ପାଢ଼ୀ, କୋଷାଧକ୍ଷ ସରୋଜ ରଣା, କାଉନସିଲ ସଦସ୍ୟ , ରାଜକୁମାର ମିଶ୍ର,ସୁରେଶ ଚନ୍ଦ୍ର ରଣା, ଗିରୀଶ ଚନ୍ଦ୍ର ହୋତା, ସନାତନ ବେହେରା , ଫାଓ ର ଯୁଗ୍ମ ସମ୍ପାଦକ ବିଶ୍ୱ ରଞ୍ଜନ ଘଡେଇ, ଚୟନକର୍ତ୍ତା କରୁଣାକର ବେହେରା, ବରିଷ୍ଠ ଆଇନଜୀବୀ ଚତୁର୍ଭୁଜ ହୋତା,ବୀରେନ୍ଦ୍ର ମହାନ୍ତ ଏବଂ ଜେଏସଡବ୍ଲୁ ଫାଉଣ୍ଡେସନର କୋଚ କୃଷ୍ଣ ଚନ୍ଦ୍ର ମହାନ୍ତ ପ୍ରମୁଖ ମଞ୍ଚାସିନ ହୋଇ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ ।ଆସନ୍ତାକାଲି ବୁଧବାର ଦିନ କେନ୍ଦୁଝର ଷ୍ଟାଡିୟମ ଠାରେ ୬୪ତମ ସାହାଣୀ କପ ସିନିଅର ଆନ୍ତଃ ଜିଲ୍ଲା ପୁରୁଷ ଫୁଟବଲ ଟୁର୍ନାମେଣ୍ଟର ଜୋନାଲ ଫାଇନାଲରେ ରାଉରକେଲା ଷ୍ଟିଲ ପ୍ଲାଣ୍ଟ ସୁନ୍ଦରଗଡ଼କୁ ଭେଟିବ ।

## କର୍ଣ୍ଣାଟକ ପକ୍ଷରୁ ଖେଳିବେ କରୁଣ



ବେଙ୍ଗାଲୁରୁ, ୨୨।୭ (ଏଜେନ୍ସି) : ଇଂଲଣ୍ଡ ଗସ୍ତରେ ଯାଇଥିବା ଭାରତୀୟ ଦଳର ବ୍ୟାଟର କରୁଣ ନାଏର ବିଦର୍ଭ ପରିବର୍ତ୍ତେ କର୍ଣ୍ଣାଟକ ପକ୍ଷରୁ ଘରୋଇ କ୍ରିକେଟ୍ ଖେଳିବେ । ବିଦର୍ଭ କ୍ରିକେଟ୍ ଆସୋସିଏସନ୍ ତାଙ୍କୁ ଏନଓସି ଦେଇଛି । ୩ ବର୍ଷ ହେବ ଘରୋଇ କର୍ଣ୍ଣାଟକ ଟିମ୍ ଛାଡି ନାଏର ବିଦର୍ଭ ପକ୍ଷରୁ ଖେଳୁଥିଲେ । ଗତ ରଣଜୀ ସିଜନରେ ସେ ୧୬ ଇନିଂସରେ ୮୬୩ ରନ୍ କରିଥିଲେ । ଘରୋଇ କ୍ରିକେଟ୍‌ରେ ଭଲ ପ୍ରଦର୍ଶନ କରିବା ଯୋଗୁଁ ଦୀର୍ଘ ଦିନ ପରେ ତାଙ୍କୁ ଜାତୀୟ ଦଳରେ ଖେଳିବାକୁ ସୁଯୋଗ ମିଳିଛି । ଅବଶ୍ୟ ସେ ଇଂଲଣ୍ଡ ବିପକ୍ଷ ଶୃଙ୍ଖଳାରେ ଭଲ ପ୍ରଦର୍ଶନ କରିପାରିନାହାଁନ୍ତି ।

ଅନ୍ତର୍ଜାତୀୟ ଟେଷ୍ଟ ପଦାର୍ପଣ ଶୃଙ୍ଖଳାରେ ତ୍ରିଶତକ ମାରି ନାଏର ଚର୍ଚ୍ଚାକୁ ଆସିଥିଲେ । ଏହାପରେ ତାଙ୍କ ବ୍ୟାଟ ନିରବୀ ଯାଇଥିଲା । ଜାତୀୟ ଦଳରୁ ବାଦ ପଡିବା ପରେ ସେ କର୍ଣ୍ଣାଟକ ପକ୍ଷରୁ ସୁଯୋଗ ପାଉନଥିଲେ । ଶେଷରେ ବିଦର୍ଭ ପକ୍ଷରୁ ଗତ ୩ ବର୍ଷ ହେବ ଖଳି ଆସୁଥିଲେ । ଏହା ତାଙ୍କୁ ସୁବର୍ଣ୍ଣ ସୁଯୋଗ ପ୍ରଦାନ କରିଥିଲେ ମଧ୍ୟ ଇଂଲଣ୍ଡ ଗସ୍ତରେ ସେ ସମ୍ପୂର୍ଣ୍ଣ ଭାବେ ନିରାଶ କରିଛନ୍ତି । ଏପରିକି ଚତୁର୍ଥ ଟେଷ୍ଟର ଚୂଡ଼ାନ୍ତ ଏକାଦଶରୁ ନାଏର ବାଦ ପଡିବା ନିଶ୍ଚିତ ବୋଲି କୁହାଯାଉଛି । ମାଞ୍ଚେଷ୍ଟର ଟେଷ୍ଟରେ ଯଦି ତାଙ୍କୁ ସୁଯୋଗ ମିଳେ ଏହା ତାଙ୍କ ପାଇଁ କରବା ମର ପରିସ୍ଥିତି ସୃଷ୍ଟି କରିବ ।

## ୫ ଜଣଙ୍କୁ ଶ୍ରେଷ୍ଠ କହିଲେ ଶାସ୍ତ୍ରୀ



ନୂଆଦିଲ୍ଲୀ, ୨୨।୭ (ଏଜେନ୍ସି) : ଟିମ୍ ଇଣ୍ଡିଆର ପୂର୍ବତନ କ୍ରିକେଟର ତଥା ଭାଷ୍ୟକାର ରବି ଶାସ୍ତ୍ରୀ ୫ ଜଣଙ୍କୁ ଭାରତର ମହାନ ଖେଳାଳି ବୋଲି କହିଛନ୍ତି । ଭାରତୀୟ କ୍ରିକେଟ୍ ୯୩ ବର୍ଷ ଇତିହାସରେ ସୁନିଲ ଗାଭାସ୍କର, କପିଲ ଦେବ, ସଚିନ ତେନ୍ଦୁଲକର, ଏମଏସ୍ ଧୋନୀ ଓ ବିରାଟ କୋହଲି ଭାରତୀୟ କ୍ରିକେଟର ମହାନ ଖେଳାଳି ବୋଲି ଶାସ୍ତ୍ରୀ କହିଛନ୍ତି । କପିଲ ଦେବ ଧୋନୀ ଭାରତକୁ ବିଶ୍ୱ କପ୍ ହାତେଇବାର ସୁଖଦ ଅନୁଭୂତି ଦେଇଛନ୍ତି । ଭାରତୀୟ ପ୍ରଶଂସକ ଏମାନଙ୍କ ଯୋଗୁଁ ଆଇସିସି ଟ୍ରଫି ଜିତିବାର ମଜା କଣ ଜାଣିଛନ୍ତି । ଗାଭାସ୍କର ତେନ୍ଦୁଲକର ଓ କୋହଲି ଅଧିନାୟକ ଅପେକ୍ଷା ସେମାନଙ୍କ ବ୍ୟାଟିଂ ବଳରେ ଭାରତର ମାନ ବଢାଇଛନ୍ତି । ଏ ୩ ଜଣଙ୍କ ପ୍ରଦର୍ଶନକୁ ମିଶାଇଲେ ବିଶ୍ୱର କୌଣସି ଦଳ ସେମାନଙ୍କ ସମକକ୍ଷ ହୋଇପାରିବେ ନାହିଁ । କ୍ରିକେଟ୍ ପ୍ରତି ସମର୍ପଣ ଯୋଗୁଁ ଏପରି ସମ୍ଭବ ହୋଇପାରିଛି । ୭୦ ରୁ ୮୦ ଦଶକରେ ଗାଭାସ୍କରଙ୍କ ବ୍ୟାଟିଂ, ୮୦ ଦଶକରେ କପିଲ ଦେବଙ୍କ ଅଲରାଉଣ୍ଡର ଦକ୍ଷତା ଭାରତୀୟ କ୍ରିକେଟକୁ ନୂଆ ଦିଗ ଦେଖାଇଥିଲା । ୯୦ ଦଶକରେ ସଚିନ ଏବଂ ୨୦୦୪ ମସିହା ପରଠୁ ଧୋନୀ ଓ କୋହଲି ଭାରତୀୟ କ୍ରିକେଟ ପ୍ରେମୀଙ୍କ ସ୍ୱପ୍ନ ପାଲଟି ଯାଇଥିଲେ ବୋଲି ଶାସ୍ତ୍ରୀ କହିଛନ୍ତି ।

ସୂଚନା
ସମୟ
BHIM
SCAN & PAY
ASHIRBAD PRAKASHAN PVT.LTD.
ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୬୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୬୪ରେ ଯୋଗାଯୋଗ କରନ୍ତୁ ।

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି